



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 176 | ଭାଗ ୩୩ | ସଂଖ୍ୟା ୧୭୬ Tuesday 16 September 2025 | Page 8 Rs. 5.00 ● ଭୁବନେଶ୍ୱର ମଙ୍ଗଳବାର ୧୬ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ସୁରକ୍ଷାକର୍ମୀଙ୍କୁ ବଡ଼ ସଫଳତା

## ୩ କୁଖ୍ୟାତ ମାଓବାଦୀ ନିହତ



### ମୁଣ୍ଡରେ ଥିଲା କୋଟିଏ ପୁରସ୍କାର

**ରାଞ୍ଚି,୧୫।୯:** ମାଓବିରୋଧୀ ଅଭିଯାନକୁ ଆଉ ଏକ ବଡ଼ ସଫଳତା ମିଳିଛି। ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୩ ଜଣ କୁଖ୍ୟାତ ମାଓବାଦୀ। ଗୁଇନ୍ଦା ବିଭାଗ ସୂଚନା ଆଧାରରେ ଝାଡ଼ଖଣ୍ଡର ହଜାରିବାଗ ଅନ୍ତର୍ଗତ କାରାଣ୍ଡି ଗାଁରେ ହୋଇଥିବା ସର୍ଚ୍ଚ ଅପରେସନ ଓ ପରେ ହୋଇଥିବା ଗୁଳି ବିନିମୟ ପରେ ଏପରି ସଫଳତା ମିଳିଛି। ନିହତ ମାଓବାଦୀଙ୍କ ମଧ୍ୟରେ ରହିଛି ସିପିଆଇ(ମାଓବାଦୀ)ର କେନ୍ଦ୍ରୀୟ କମିଟି ସଦସ୍ୟ ସହଦେବ ସୋରେନ ଓରଫ ପରବେଶ। ଏକାଧିକ ହିଂସକାଣ୍ଡ ଓ ହମଲାରେ ସାମିଲ ଥିବା ସହଦେବକୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ଦୀର୍ଘ ଦିନ ହେଲା ପ୍ରୟାସ ଚାଲିଥିଲା। ତା' ମୁଣ୍ଡ ଉପରେ ମଧ୍ୟ ୧ କୋଟିର ପୁରସ୍କାର ରାଶି ରହିଥିଲା। ଏବେ ସେ ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛି।

ବିହାର-ଝାଡ଼ଖଣ୍ଡ ସ୍ପେଶାଲ ଏରିଆ କମିଟି ସଦସ୍ୟ ରଘୁନାଥ ହେମ୍ବ୍ରମ ଓରଫ ଚଞ୍ଚଲର ଖେଳ ମଧ୍ୟ ଖତମ କରିଛନ୍ତି ସୁରକ୍ଷାକର୍ମୀ। ତା' ମୁଣ୍ଡ ଉପରେ ୨୫ ଲକ୍ଷର ପୁରସ୍କାର ରହିଥିଲା। ନିହତ ତୃତୀୟ ମାଓବାଦୀ ଜଣକ ହେଲେ ବୀରସେନ ଗାନଝୁ ଓରଫ ରାମଖେଲାୱନ। ସେ ଜୋନାଲ କମିଟି ସଦସ୍ୟ ଭାବେ କାମ କରୁଥିଲା ଓ ତା'କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ୧୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

ସୁରକ୍ଷାକର୍ମୀ ଏହି ୩ କୁଖ୍ୟାତ ମାଓବାଦୀଙ୍କ ମୃତଦେହକୁ ଜବତ କରିଛି। ଘଟଣା ସ୍ଥଳରୁ ଏକେ-୪୭ ରାଇଫଲ ସହ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ହଜାରିବାଗ ପୁଲିସ୍ ଓ ସିଆରପିଏଫ ୨୦୯ କୋବ୍ରା ବାଟାଲିୟନ ପକ୍ଷରୁ ଆରମ୍ଭ ହୋଇଥିବା ଏହି ସର୍ଚ୍ଚ ଅପରେସନ ଏବେ ➩ପୃଷ୍ଠା-୬

## ୧୨ ଜିଲ୍ଲାରେ ପଡ଼ିଲା ୨୭ ଶିଳ୍ପ ପ୍ରକଳ୍ପ ଭିତ୍ତି

- ୨୫ ହଜାର କୋଟି ନିବେଶ, ୫୨ ହଜାର ନିଯୁକ୍ତି
- ୧୫ ମାସରେ ୨୬୦ଟି ଶିଳ୍ପ ପ୍ରକଳ୍ପକୁ ମିଳିଛି ମଞ୍ଜୁରୀ: ମୁଖ୍ୟମନ୍ତ୍ରୀ
- ୫.୬ ଲକ୍ଷ କୋଟିର ନିବେଶ ଓ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା
- ଶିଳ୍ପପତିଙ୍କ ସହଯୋଗ ପାଇଁ ସରକାର ସର୍ବଦା ପ୍ରସ୍ତୁତ



**ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓୟୁଏଟିସ୍ଥିତ କନ୍‌ଭେନସନ ସେଣ୍ଟରଠାରେ ଶିଳ୍ପ ବିଭାଗ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ୧୨ଟି ଜିଲ୍ଲାରେ ସମୁଦାୟ ୨୭ଟି ଶିଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରି ଓଡ଼ିଶାର ଶିଳ୍ପ ଇତିହାସରେ ଆଉ ଏକ ସ୍ୱର୍ଣ୍ଣିମ ଇତିହାସରେ ଆଉ ଏକ ଅଧ୍ୟାୟ ଯୋଡିଛନ୍ତି। ସୂଚନାଯୋଗ୍ୟ ଯେ ୨୭ ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବାପାଇଁ ସମୁଦାୟ ୨୫ ହଜାର କୋଟି ଟଙ୍କାରୁ ଉର୍ଦ୍ଧ୍ୱ ପୁଞ୍ଜି ବିନିଯୋଗ କରାଯାଉଛି ଓ ଏହାଦ୍ୱାରା ୫୨ ହଜାରରୁ ଅଧିକ ଯୁବକ ଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହେବା ସୁନିଶ୍ଚିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ ଘୋଷଣା କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଯେତେବେଳେ ଓଡ଼ିଶାକୁ କିଛି ନିବେଶ ଆସୁଛି, ସେତେବେଳେ ଓଡ଼ିଶା ପ୍ରତି ଶିଳ୍ପ ଜଗତର ଭରସା ବୃଦ୍ଧି ପାଉଛି। ଶିଳ୍ପ ସ୍ଥାପନ ପାଇଁ ଓଡ଼ିଶା ସରକାରଙ୍କ ନୀତି ଓ ନିଷ୍ଠା ପ୍ରତି ନିବେଶକମାନଙ୍କ ଆସ୍ଥା ବୃଦ୍ଧି ପାଉଛି। ଓଡ଼ିଶାକୁ ପୂର୍ବ ଭାରତର ମାନୁଫାକ୍‌ଚରିଂ ହବ୍ କରିବା ପାଇଁ ଆମେ ବିଭିନ୍ନ ହାଇ ଭାଲ୍ୟୁ ପ୍ରଡକ୍ଟ ଉତ୍ପାଦନ ଦିଗରେ ନିବେଶକମାନଙ୍କୁ ଆକୃଷ୍ଟ କରୁଛୁ। ମାନୁଫାକ୍‌ଚରିଂ ଭାଲ୍ୟୁ ଚେନ୍‌ରେ ଆହୁରି ଉପରକୁ ଉଠି ସାରା ବିଶ୍ୱର ବଜାରରେ କମ୍ପିଟ୍ କରିପାରୁଥିବା ଭଳି ପ୍ରଡକ୍ଟ ନିର୍ମାଣ କରୁଛୁ। ଆମ ସରକାର ମାତ୍ର ୧୫ ମାସ ମଧ୍ୟରେ ୨୬୦ଟି ଶିଳ୍ପ ପ୍ରକଳ୍ପ ମଞ୍ଜୁର କରିଛନ୍ତି, ଯାହାଦ୍ୱାରା ୫.୬ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ଆସିବା ସହ ୩.୬ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଛି। ଏଥିସହ ୮୪ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହାଦ୍ୱାରା ଓଡ଼ିଶାରେ ୨ ଲକ୍ଷ କୋଟିରୁ ଅଧିକ ଟଙ୍କା ନିବେଶ ହୋଇଛି ଓ ୧ ଲକ୍ଷ ୬୪ ହଜାର ନିଯୁକ୍ତି ମିଳିଛି। ଓଡ଼ିଶାରେ ଶିଳ୍ପ ସ୍ଥାପନ ପାଇଁ ଉପଯୁକ୍ତ ନୀତି ସହ ପ୍ରତ୍ୟେକ କ୍ଷେତ୍ରକୁ ସ୍ୱତନ୍ତ୍ର ପ୍ରୋତ୍ସାହନ ଦିଆଯାଉଛି। ଶିଳ୍ପ ପ୍ରତିଷ୍ଠା ଯାତ୍ରାରେ ଶିଳ୍ପପତିମାନଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ସରକାର ସବୁବେଳେ ତତ୍ପର। କୌଣସି ସମସ୍ୟାରେ ବି ଶିଳ୍ପପତିମାନଙ୍କ ସମସ୍ୟା ଦୂର କରିବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

'ଏକ୍ ପେଡ ମା' କେ ନାମ୍-୨.୦' ଅଭିଯାନ ସଫଳ ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମସ୍ତ ଉଦ୍ୟୋଗୀ ତଥା ଶିଳ୍ପାନୁଷ୍ଠାନଗୁଡିକ ନିଜ ନିଜ ଅଞ୍ଚଳରେ ଯେତେ ଅଧିକ ସମ୍ଭବ ଚାରା ରୋପଣ କରନ୍ତୁ। ବିକାଶ ଓ ପରିବେଶ ପରସ୍ପରର ପରିପୂରକ ହୋଇ କାର୍ଯ୍ୟ କରିବା ଉଚିତ। ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀଙ୍କ ୭୫ତମ ଜନ୍ମଦିନରେ ତାଙ୍କୁ ପ୍ରତି ଉପହାର ➩ପୃଷ୍ଠା-୬

### ମୟୂରଭଞ୍ଜ ଜିଲ୍ଲାରେ କାର୍ଯ୍ୟକାରୀ ସରକାରୀ ଯୋଜନାର ସମୀକ୍ଷା କଲେ କେନ୍ଦ୍ରମନ୍ତ୍ରୀ

## ଶିଶୁଙ୍କୁ ସଠିକ୍ ପୋଷଣ ସହ ସ୍ୱାସ୍ଥ୍ୟ ଓ ଶିକ୍ଷା ଉପରେ ଗୁରୁତ୍ୱ

- ଦୁଇ ମନ୍ତ୍ରୀ, ଦୁଇ ସାଂସଦ ଓ ବିଧାୟକ ବି ଉପସ୍ଥିତ
- ଛାତ୍ରଛାତ୍ରୀ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ କାପାସିଟି ବିଲଡିଂ ନେଇ ଆଲୋଚନା
- ବାରିପଦାରେ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଶିଳାନ୍ୟାସ



ମୟୂରଭଞ୍ଜ ଜିଲ୍ଲାର ଅବଦାନ ଅତୁଳନୀୟ। ମୟୂରଭଞ୍ଜରେ ଅନେକ ଗୁଣାତ୍ମକ ଶିକ୍ଷାନୁଷ୍ଠାନ ଅଛି। ଏହି ଜିଲ୍ଲାର ବିକାଶ ନ ହେଲେ 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ'ର ସ୍ୱପ୍ନ ସମ୍ଭବ ହୋଇପାରିବ ନାହିଁ।

**ବାରିପଦା,୧୫।୮(ସଂଚାର ବ୍ୟୁରୋ):** ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ବାରିପଦାସ୍ଥିତ ସହିଦ ସ୍ମୃତି ଭବନରେ ଜିଲ୍ଲା ପ୍ରଶାସନିକ ଅଧିକାରୀଙ୍କ ସହ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି)ର କ୍ରିୟାନ୍ୱୟନ ସହ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ସରକାରୀ ଯୋଜନାର ଅଗ୍ରଗତି ବିଷୟରେ ସମୀକ୍ଷା କରିଛନ୍ତି।

ଉକ୍ତ ବୈଠକରେ ନବଜାତ ଶିଶୁମାନଙ୍କର ଉପଯୁକ୍ତ ପୋଷଣ ସହ ସେମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ଚର୍ଚ୍ଚା ହୋଇଛି। ଏହି ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜାତୀୟ ଶିକ୍ଷା ନୀତିର କ୍ରିୟାନ୍ୱୟନ ଉପରେ ଏକ ବିବରଣୀ ଉପସ୍ଥାପନ କରାଯାଇଥିଲା। ବୈଠକ ପରେ ଶ୍ରୀ ପ୍ରଧାନ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଓଡ଼ିଶାର ଶିକ୍ଷାକୁ ଆଗେଇ ନେବାରେ ବୈଠକରେ ନବଜାତ ଶିଶୁଙ୍କ ପୋଷଣ ଠାରୁ ଆରମ୍ଭ କରି ସେମାନେ ଦ୍ୱାଦଶ ଶ୍ରେଣୀରେ ପଢ଼ିବା ପର୍ଯ୍ୟନ୍ତ ସେମାନଙ୍କୁ କିପରି ଗୁଣାତ୍ମକ ଶିକ୍ଷା ମିଳିବ, ଦକ୍ଷତା ବୃଦ୍ଧି ହୋଇପାରିବ, ସ୍ୱାସ୍ଥ୍ୟ ଠିକ୍ ରହିବ, ତାହା ଉପରେ ଚର୍ଚ୍ଚା ଆଲୋଚନା ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିର ପରାମର୍ଶ ଅନୁସାରେ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ➩ପୃଷ୍ଠା-୬

## କଂଗ୍ରେସରେ ମାହୋଲ ଜୋର, ହେଲେ ଏକତା ଶୂନ




### ବରିଷ୍ଠ ନେତାଙ୍କୁ ବେଣୁଗୋପାଳଙ୍କ ନାଲି ଆଖି

**ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ):** ବିଜେଡି ମୁଖ୍ୟ ବିରୋଧୀ ଦଳ ହୋଇ ମଧ୍ୟ ରାଜନୈତିକ ମାହୋଲ ସୃଷ୍ଟି କରିପାରୁନି। ଏହାର ସୁଯୋଗ ନେଉଛି କଂଗ୍ରେସ। ଦଳର ବିଧାୟକମାନେ ସକ୍ରିୟ ହୋଇ ବିଭିନ୍ନ ସରକାର ବିରୋଧୀ କାର୍ଯ୍ୟକ୍ରମ ଜରିଆରେ ଏକ ମାହୋଲ ବନେଇପାରିଛନ୍ତି। ହେଲେ ଦଳରେ ବରିଷ୍ଠ ନେତାଙ୍କ ମଧ୍ୟରେ ନାହିଁ ଏକତା। ଏକଥା ଏଆଇସିସି ବି ଜାଣିସାରିଲାଣି।

ବରିଷ୍ଠ ନେତାଙ୍କ ମଧ୍ୟରେ ଏକତା ନଥିବାରୁ ଆଜି ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ ସମସ୍ତଙ୍କୁ ତାଗିଦ କରିଛନ୍ତି। ଖାଲି ମାହୋଲ ସୃଷ୍ଟି କରିଦେଲେ ଭୋଟ ହବନି। ନେତାଙ୍କ ମଧ୍ୟରେ ଏକତା ନ ରହିଲେ ମାହୋଲକୁ ଭୋଟରେ ପରିବର୍ତ୍ତନ କରାଯିବା ସମ୍ଭବପର ନୁହେଁ। ତେଣୁ ନେତାମାନେ ନିଜ ନିଜ ମଧ୍ୟରେ ଥିବା ମନୋମାଳିନ୍ୟ ଦୂର କରିବାକୁ ବେଣୁଗୋପାଳ ତାଗିଦ କରିଛନ୍ତି।

ନିର୍ବାଚନ ପୂର୍ବର କଂଗ୍ରେସ ଓ ପରର କଂଗ୍ରେସ ଭିତରେ ବହୁତ ଫରକ ଦେଖାଯାଉଛି। ନୂଆ ସଭାପତି ଦାୟିତ୍ୱ ନେବା ପରେ ବି ଦଳ କିଛିଟା ଆକ୍ଟିଭ ହୋଇଛି। କିନ୍ତୁ ଭକ୍ତ ଦାସ ବି ସବୁ ବାରିଷ୍ଠଙ୍କୁ ସାଙ୍ଗରେ ନେଇପାରିନାହାନ୍ତି। ଭକ୍ତଙ୍କ ସହ ବରିଷ୍ଠ ନେତାଙ୍କ ପଟୁନାହିଁ। ବରିଷ୍ଠମାନେ ଭିନ୍ନେ ହୋଇ ନିଜ ନିଜ ରଣନୀତିରେ ମାତିଛନ୍ତି। ରାଜ୍ୟକୁ ଏଆଇସିସି ନେତାମାନେ ଆସିଲେ ସବୁ ବରିଷ୍ଠ ନେତା କଂଗ୍ରେସ ଭବନରେ ଠୁଳ ହେଉଛନ୍ତି। ହେଲେ ଦଳର ଦୈନିକ କାର୍ଯ୍ୟକ୍ରମରେ ସେମାନେ ସାମିଲ ହେଉନାହାନ୍ତି। ସେପଟେ ଦଳୀୟ ମହଲରେ ହେଉଥିବା ଚର୍ଚ୍ଚା ଅନୁଯାୟୀ ବରିଷ୍ଠ ନେତାମାନେ ଭକ୍ତଙ୍କ ବିରୋଧରେ ଲବି କରିବାକୁ ଏକାଠି ହେଉଛନ୍ତି। ଏ ଭିତରେ କିଛି ବରିଷ୍ଠ ନେତା ଏକାଧିକ ଥର ଗୁପ୍ତ ବୈଠକ ବି କରିସାରିଲେଣି। ଏ ଖବର ଏଆଇସିସି ପାଖରେ ବି ପହଞ୍ଚିଛି, ଯେଉଁଥିପାଇଁ ବେଣୁଗୋପାଳ ସବୁ ବରିଷ୍ଠଙ୍କୁ ଚେତାଇ ଦେଇଛନ୍ତି। ବରିଷ୍ଠ ଏକାଠି ନ ହେଲେ କଂଗ୍ରେସର ୨୦୨୯ ସ୍ୱପ୍ନ ସାକାର ହୋଇପାରିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

### ବୋର୍ଡ ପରୀକ୍ଷା ପାଇଁ ସିବିଏସ୍‌ଇର ନୂଆ ନିୟମ

## ୭୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ




**ନୂଆଦିଲ୍ଲୀ,୧୫।୯:** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଆସନ୍ତାବର୍ଷ ହେବାକୁ ଥିବା ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷା ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ବେଳେ ଆଜି ଏହି ପରୀକ୍ଷାରେ ଉପନୀତ ହେବା ସକାଶେ ସମସ୍ତ ପରୀକ୍ଷାର୍ଥୀମାନଙ୍କୁ ୭ଟି ସର୍ତ୍ତ ପୂରଣ କରିବା ସକାଶେ ବାଧ୍ୟ ବୋଲି ସୂଚନା ଦିଆଯାଇଛି। ଏନେଇ ଏକ ବିଜ୍ଞପ୍ତି ଜାରି ହୋଇଥିବା ବେଳେ ଏ ସଂକ୍ରାନ୍ତ ସବିଶେଷ ଓ ନିର୍ଭୁଲ୍ ତଥ୍ୟ ତୁରନ୍ତ ଦାଖଲ କରିବା ସକାଶେ ବିଭିନ୍ନ ସ୍କୁଲ୍‌ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିରେ ପ୍ରମୁଖ ସର୍ତ୍ତ ଭାବେ ସର୍ବନିମ୍ନ ୭୫ ପ୍ରତିଶତ ଉପସ୍ଥାନକୁ ବାଧ୍ୟତାମୂଳକ କରାଯାଇଛି। ଏଥିସହ ଏହାକୁ ଆଭ୍ୟନ୍ତରୀଣ ଆସେସ୍‌ମେଣ୍ଟରେ ଆଟାଚ୍ କରାଯାଇଛି। ଅର୍ଥାତ୍ ଏହା କୌଣସି ଛାତ୍ରଛାତ୍ରୀଙ୍କ ପରୀକ୍ଷାଫଳ ପ୍ରକାଶ କ୍ଷେତ୍ରରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। ଆଜି ଜାରି ହୋଇଥିବା ନିର୍ଦ୍ଦେଶନାମାରେ କୁହାଯାଇଛି ଯେ ଆଭ୍ୟନ୍ତରୀଣ ଆସେସ୍‌ମେଣ୍ଟ୍ ଏଣିକି ନବମ ଓ ଦଶମକୁ ଗୋଟିଏ ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀକୁ ଗୋଟିଏ ଭାବେ ବିବେଚନା କରାଯିବ। ଏହାଛଡ଼ା ଅତିରିକ୍ତ ବିଷୟ ଚୟନ ନେଇ ମଧ୍ୟ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହୋଇଛି। ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ୫ଟି ବାଧ୍ୟତାମୂଳକ ବିଷୟ ସହ ୨ଟି ଅତିରିକ୍ତ ବିଷୟ ଚୟନ କରିପାରିବେ। କିନ୍ତୁ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଅତିରିକ୍ତ ବିଷୟ ଭାବେ କେବଳ ଗୋଟିଏ ଚୟନ କରାଯାଇପାରିବ। କିନ୍ତୁ ସେମାନଙ୍କୁ ଏହି ବିଷୟଗୁଡ଼ିକ ଦୁଇ ବର୍ଷ ପାଇଁ ପଢ଼ିବାକୁ ପଡ଼ିବ। ସେହିପରି ଯେଉଁ ସ୍କୁଲ୍‌ଗୁଡ଼ିକରେ ନିର୍ଦ୍ଦିଷ୍ଟ ବିଷୟ ପାଇଁ ପ୍ରଶିକ୍ଷିତ ଶିକ୍ଷକ ➩ପୃଷ୍ଠା-୬

### କଠୋର ହେଲା ପରିବହନ ବିଭାଗ

## ସାବାଡ଼ ହେବେ ରିଲ୍ସ ଓ ଭିଡିଓ କ୍ରିଏଟର୍

- ଗାଡ଼ି ଜବତ, ଡ୍ରାଇଭିଂ ଲାଇସେନ୍ସ ରଦ୍ଦ ଲାଗି ଆରଟିଓଙ୍କୁ ନିର୍ଦ୍ଦେଶ
- ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ଓ ମଦ୍ୟପାନ କରି ଗାଡ଼ିଚାଳନା ମନା
- କୋରାପୁଟ, ଖୋର୍ଦ୍ଧା, ଭୁବନେଶ୍ୱର, ପୁରୀରେ କାର୍ଯ୍ୟାନୁଷ୍ଠାନ



**କଟକ/ଭୁବନେଶ୍ୱର, ୧୫।୯(ସଂଚାର ବ୍ୟୁରୋ):** ବିପଦପୂର୍ଣ୍ଣ ଗାଡ଼ି ଚାଳନା ବିରୋଧରେ ହେବ କଠୋର କାର୍ଯ୍ୟାନୁଷ୍ଠାନ। ରିଲ୍ସ ବା ଭିଡିଓ କରିବା ନାଁରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ ଉପରେ ରଖାଯିବ ବିଶେଷ ନଜର। ରାସ୍ତାରେ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ବେପରୁଆ ଗାଡ଼ି ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ବିଭୂତି ଭୂଷଣ ଜେନା ନିର୍ଦ୍ଦେଶ ଦେଇଛନ୍ତି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀଙ୍କ ନେତୃତ୍ୱ ଓ ଓ ପରିବହନ ଆୟୁକ୍ତ ଅମିତାଭ ଠାକୁରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏଭଳି ଗାଡ଼ି ଚାଳକଙ୍କ ଉପରେ ନିୟନ୍ତ୍ରଣ ଆଣିବାକୁ ପଦକ୍ଷେପ ଗ୍ରହଣ କରାଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ ସମସ୍ତ ଆରଟିଓଙ୍କୁ ଏ ସଂପର୍କରେ ନିର୍ଦ୍ଦେଶ ପ୍ରଦାନ କରାଯାଇଛି।

ତ୍ୱରିତ ପଦକ୍ଷେପ ସ୍ୱରୂପ କୋରାପୁଟ ଜିଲ୍ଲା ଜୟପୁର ଉପକଣ୍ଠ ବାରିଣିପୁଟଠାରେ ଜାତୀୟ ରାଜପଥରେ ମାଲବାହୀ ଟ୍ରକ୍ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଦୋକାନ ଉପରେ ମାଡ଼ିଯିବା ଏବଂ ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟଣାରେ ମୋଟର ଯାନ ଆଇନ ଓ ଭାରତୀୟ ନ୍ୟାୟ ସଂହିତା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଚାଳକ ଜଣକ ନିଶା ସେବନ କରି ଗାଡ଼ି ଚଲାଉଥିବା ଜଣାପଡ଼ିଛି। ଗାଡ଼ିକୁ ଜବତ କରାଯାଇଥିବା ବେଳେ ପୋଲିସ ଡ୍ରାଇଭରଙ୍କୁ ଅଟକ ରଖିଛି। ସେହିଭଳି ଗାଡ଼ିର ପଞ୍ଜିକରଣ ସାର୍ଟିଫିକେଟ ଓ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ନିଲମ୍ବନ ପାଇଁ ପଦକ୍ଷେପ ନିଆଯାଇଛି। ସେହିଭଳି ଖୋର୍ଦ୍ଧା ଜିଲ୍ଲା ହଳଦିଆର ଏକ ବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଚଳନ୍ତା ଚାରିଚକିଆ ➩ପୃଷ୍ଠା-୬

### ସ୍ୱର୍ଗଦ୍ୱାରରେ ଜୀବନ୍ୟାସ !

## ଚେଇଁ ଉଠିଲେ ବୃଦ୍ଧା



**ପୁରୀ,୧୫।୯(ସଂଚାର ବ୍ୟୁରୋ):** ପୁରୀ ସ୍ୱର୍ଗଦ୍ୱାରରେ ଦାହ କରାଯିବା ଦ୍ୱାରା ଆତ୍ମାର ସ୍ୱର୍ଗପ୍ରାପ୍ତି ହୋଇଥାଏ ବୋଲି ବିଶ୍ୱାସ ରହିଛି। ତେଣୁ ନିଜର ପ୍ରିୟଜନଙ୍କୁ ହରାଇଥିବା ମଣିଷ ସବୁବେଳେ ସ୍ୱର୍ଗଦ୍ୱାରରେ ଦାହ କରିବା ଉପରେ ଗୁରୁତ୍ୱ ଦେଇଥାଏ। ତେବେ ଆଜି ଏଠାରେ ଏପରି ଏକ ଚମତ୍କାର ଘଟିଛି, ଯାହା ନିଶ୍ଚିତ ଭାବେ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଦେବ। କାରଣ ଯେଉଁଠି ଶବଦାହ କରାଯାଏ, ସେଠାରୁ ଆଜି ଜଣେ ବୃଦ୍ଧା ଜୀବନ୍ୟାସ ପାଇଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଯାହାକୁ ପରିବାର ଲୋକେ ହରାଇ ଦୁଃଖ ଓ ଶୋକରେ ଅଧୀର ହୋଇପଡ଼ିଥିଲେ ସେମାନେ ଏପରି ଚମତ୍କାର ଦେଖି ନିଜ ଆଖିକୁ ➩ପୃଷ୍ଠା-୬



### କାନ ଡେରିଆ

ହାରୁ ନେତା ଏବେ ବିଜେଡି
ମୁଖିଆ
ସବୁ ଯେ ପାଣ୍ଡୁ ଚାକର
ଚାଟୁକାରି ଏଠି ଚାଲିଛି ଚାଲିବ
ଦଳଟି ହେବ ବେକାର
ଏବେଠୁ ହୁଅ ତୟାର...
ଯାହା ହାତେ ଦଳ ସମର୍ପି
ଦେଇଛ
ସେଇ ତ ନୁହେଁ କାହାର ।

■ ଦେବାଶିଷ

### ସାର ଆନ୍ଦୋଳନରୁ ଦୂରେଇ ରହିଲେ ଚର୍ଚ୍ଚିତ ନେତା

## ଚଡ଼କି ଗଲାଣି ଶଙ୍ଖ, ଫାଟ ଜଳଜଳ



**ଭୁବନେଶ୍ୱର,୧୫।୯ (ସଂଚାର ବ୍ୟୁରୋ):** ୨୦୨୪ ନିର୍ବାଚନ ପରେ ଅଢ଼େଇ ଦଶନ୍ଧି ପୁରୁଣା ବିଜେଡି ଆଭ୍ୟନ୍ତରୀଣ କନ୍ଦଳରେ ପୂରାପୂରି ଚଡ଼ିକୀ ଗଲାଣି। ଅପେକ୍ଷା କେବେ ଖଣ୍ଡଖଣ୍ଡ ହୋଇଯିବ। କିଛି ନେତା ଅସନ୍ତୁଷ୍ଟ ହୋଇ ଦଳଠାରୁ ଦୂରେଇ ଗଲେଣି। ଆଉ କିଛି ନେତା ସତ କହିବାକୁ ଯାଇ ଦଳୀୟ ଶୃଙ୍ଖଳାର ଛାଟ ଖାଇଲେ। ଆଜି ଦଳ ତରଫରୁ ଆୟୋଜିତ ସାର ଆନ୍ଦୋଳନରେ ମଧ୍ୟ ଜଳ ଜଳ ହୋଇ ଦିଶିଥିଲା ଶଙ୍ଖରେ ସୃଷ୍ଟି ହୋଇଥିବା ଫାଟ।

ମୁଖ୍ୟ ବିରୋଧୀ ଦଳ ହୋଇ ମଧ୍ୟ ସେତେଟା ରାଜନୈତିକ ହଟଚମଟ କରିପାରୁନଥିବା ବିଜେଡି ଆଜି ବିରୋଧୀ ଦଳ ଉପନେତା ତଥା ବିଜେଡି ଚାଷୀ ସେଲ୍‌ର ଆବାହକ ପ୍ରସନ୍ନ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଏହି ଆନ୍ଦୋଳନର ଡାକରା ଦେଇଥିଲା। କିନ୍ତୁ ଏଥିରେ ଦଳର କିଛି ବରିଷ୍ଠ ନେତାଙ୍କୁ ଦେଖିବାକୁ ମିଳିନଥିଲା। କିଏ ନିର୍ବାଚନମଣ୍ଡଳୀରେ କାମ ଥିବା ଆଳ ଦେଖାଇ ଆନ୍ଦୋଳନରେ ସାମିଲ ହେଲେନି ତ ଆଉ କିଏ ଜାଣିଶୁଣି ନିଜକୁ ଦୂରେଇ ରଖିଲେ। ସେପଟେ ଚର୍ଚ୍ଚା ହେଉଛି ଯେ ବିଜେଡି ସମବାୟ ସେଲ୍‌ର ଆବାହକ ତଥା ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ ଏହି ଆନ୍ଦୋଳନକୁ ଡକା ହିଁ ଯାଇନାହିଁ। ସବୁଠୁ ବଡ଼ କଥା ହେଉଛି ଯେ ଏହି ଆନ୍ଦୋଳନରେ ଦଳର ମୁଖ୍ୟ କାର୍ପେଟଦାର ସାଜିଥିବା କ୍ରୀତଦାସ ଓରଫ ବବି ଦାସ ବି ସାମିଲ ହୋଇନଥିଲେ। ବିଜେଡିର ବରିଷ୍ଠ ବିଧାୟକ ଅରୁଣ ସାହୁ ବି ଏହି ଆନ୍ଦୋଳନରେ ନଥିଲେ। ପୂର୍ବତନ ବିଧାୟକ ତଥା ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା ଓ ବରିଷ୍ଠ ବିଧାୟିକା ପ୍ରମିଳା ମଲ୍ଲିକ ସ୍ୱାସ୍ଥ୍ୟଗତ କାରଣରୁ ଆନ୍ଦୋଳନରେ ସାମିଲ ହୋଇନଥିଲେ। ଏହାଛଡ଼ା ଜଟଣୀ ବିଧାୟକ ବିଭୁତି ବଳବନ୍ତରାୟ ବି ଆନ୍ଦୋଳନକୁ ଆସିନଥିଲେ।

ଏମିତିବି ଗତ କିଛି ମାସ ହେବ ସେ ବିଜେଡିର କୌଣସି ରାଜନୈତିକ କାର୍ଯ୍ୟକ୍ରମରେ ସାମିଲ ହେଉନାହାନ୍ତି। ଚର୍ଚ୍ଚା ହେଉଛି, ସେ କୁଆଡେ ଭିନ୍ନ ଏକ ରାଜନୈତିକ ଏଜେଣ୍ଡାରେ ଅଛନ୍ତି। ପୁରୀ ବିଧାୟକ ସୁନୀଲ ମହାନ୍ତି ଓ ସାଂସଦ ଶୁଭାଶିଷ ଖୁଣ୍ଟିଆଙ୍କ ମଧ୍ୟରେ ଥିବା ବିବାଦ ବି ଆଜି ସ୍ପଷ୍ଟ ବାରି ହୋଇ ପଡ଼ିଥିଲା। ଶୁଭାଶିଷଙ୍କୁ ପ୍ରାଧାନ୍ୟ ମିଳୁଥିବାରୁ ସେ ସଭାକୁ ଶେଷ ମୁହୂର୍ତ୍ତରେ ଆସିଲେ, କିନ୍ତୁ ରାଜଭବନ ଗଲେନି।

ପୂର୍ବରୁ ଲୋକସେବା ଭବନ ଘେରାଉ କାର୍ଯ୍ୟକ୍ରମରେ ମଧ୍ୟ ଦଳୀୟ ଫାଟ ଦିଶିଥିଲା। ସେ ସମୟରେ ରାଜା ସ୍ୱାଇଁ ଓ ସୌଭିକ ବିଶ୍ୱାଳ ଭିନ୍ନ ଗୋଠ ହୋଇ ବୁଲୁଥିଲେ। ରାଜନୈତିକ ସମୀକ୍ଷକଙ୍କ ଆକଳନ କହୁଛି, ବିଭିନ୍ନ କାରଣ ବିଶେଷକରି ନେତାଙ୍କ ପ୍ରତ୍ୟକ୍ଷ ସମ୍ପୃକ୍ତି ରହୁନଥିବାରୁ ଦଳରେ ଏଭଳି ବିଶୃଙ୍ଖଳା ଦେଖାଦେଉଛି।

ଆଉ ଏହାର ତୁରନ୍ତ ସମାଧାନ କରାନଗଲେ କିମ୍ବା ନେତାମାନଙ୍କ ମଧ୍ୟରେ ଥିବା ପାରସ୍ପରିକ ମନାନ୍ତର ଦୂର ନହେଲେ, ଏବେ ଚଡ଼କି ଥିବା ଶଙ୍ଖ ଆଗକୁ ଖଣ୍ଡବିଖଣ୍ଡ ହୋଇଯିବ। ଆଉ ଏହାଦ୍ୱାରା ଭବିଷ୍ୟତରେ ଦଳର ସ୍ଥାୟିତ୍ୱ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

● ତେଜିଲା କ୍ରିକେଟ ବିବାଦ

## ମ୍ୟାଚ ରେଫରିଙ୍କ ଇସ୍ତଫା ମାଗିଲା ପିସିବି

**ନୂଆଦିଲ୍ଲୀ,୧୫।୯:** 'ଅପରେଶନ ସିନ୍ଦୂର' ପରେ ଏସିଆ କପ କ୍ରିକେଟରେ ଭାରତଠାରୁ ପାକିସ୍ତାନର ଲଜ୍ଜାଜନକ ପରାଜୟ ବରଣ କରିଥିଲା। ଏଥିସହ କୌଣସି ଭାରତୀୟ ଖେଳାଳି ପାକ୍ ଖେଳାଳିଙ୍କ ସହ ହାତ ନ ମିଳାଇବା ଘଟଣାକୁ ନେଇ ରାଜନୈତିକ ବିବାଦ ଆରମ୍ଭ ହୋଇଛି। ଟସ୍ ପଡ଼ିବା ପରେ ଓ ମ୍ୟାଚ ଶେଷ ହେବା ପରେ ଭାରତୀୟ ଖେଳାଳିମାନେ ପାକ୍ ଖେଳାଳିଙ୍କ ସହ ହାତ ନ ମିଳାଇ ପଡ଼ିଆରୁ ଫେରିଆସିବା ପାକିସ୍ତାନକୁ ବାଧିଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ତଥା ଏସିଆ କ୍ରିକେଟ କାଉନ୍‌ସିଲ ସଭାପତି ମୋହସିନ ନକ୍‌ଭି ମ୍ୟାଚ ରେଫରି ଆଣ୍ଡି ପିକ୍ରଫ୍ଟଙ୍କ ଉପରେ ସବୁ ଦୋଷ ଦେଇଛନ୍ତି। ସେ ପାକ୍ କ୍ୟାପଟେନଙ୍କୁ ହାତ ନ ମିଳାଇବା ଲାଗି କହିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ସେ ➩ପୃଷ୍ଠା-୬

## ଜାଲରେ ଫସିଥିବା କୁମ୍ଭୀର ଉଦ୍ଧାର



**ମହାକାଳପଡ଼ା,୧୫।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଜମ୍ବୁ ପଞ୍ଚାୟତ ବେଣାକନ୍ଦା ଗ୍ରାମର ତପନ କୁମାର ପଣ୍ଡା ଙ୍କ ବାଡ଼ି ରେ ଦିଆଯାଇଥିବା ଜାଲରେ ଏକ ୩ ଫୁଟ ଲମ୍ବର ଏକ କୁମ୍ଭୀର ଫସିଥିବା ସକାଳୁ ଦେଖିବାକୁ ମିଳିଥିଲା। ନିକଟସ୍ଥ ନଦୀରୁ ପାଖାପାଖି ଦେଢ଼ କିଲୋମିଟର ଦୂର ରୁ କୁମ୍ଭୀର ଟି ଉଠି ଆସିଥିବା ଅନୁମାନ କରାଯାଉଛି। ଏହି ଘଟଣା ଜାଣିବା ପରେ ତପନ କୁମାର ପଣ୍ଡା ବନବିଭାଗକୁ ଖବର ଦେଇଥିଲେ। ବନବିଭାଗ ତରଫରୁ କୁମ୍ଭୀର ଟିକୁ ଉଦ୍ଧାର କରାଯାଇଥିବା ଜଣା ପଡ଼ିଛି।

## ଖାଲଖମାରେ ଭର୍ତ୍ତି କେନ୍ଦ୍ରାପଡ଼ା-ଅଙ୍ଗୁଲାଇ ରାସ୍ତା

### ଯାତାୟତରେ ବାଧା ଉପୁଜିଛି



**ମାର୍ଶାଘାଇ,୧୫।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ହସ୍ପିଟାଲ ଏବଂ ମାର୍ଶାଘାଇକୁ ସଂଯୋଗ କରୁଥିବା ମୁଖ୍ୟରାସ୍ତା ଏବେ ସମସ୍ୟା ସୃଷ୍ଟି ହୋଇଛି। ଏହି ରାସ୍ତାର ଥିବା ଅଙ୍ଗୁଲାଇଠାରେ ଖାଲଖମା ସୃଷ୍ଟି ହେବାରୁ ପ୍ରତ୍ୟେକ ଦିନ ଦୁର୍ଘଟଣା ଘଟୁଛି। ଅଙ୍ଗୁଲାଇ ଠାରୁ ଏକ କିଲୋମିଟର ଦୂରତା ମଧରେ ଅନେକ ସ୍ଥାନରେ ବଡ଼ ବଡ଼ ଖାଲ ହୋଇଛି। ଫଳରେ ବାଇକ ଆରୋହୀଙ୍କ ଠାରୁ ଆରମ୍ଭ କରି ଆମ୍ବୁଲାନ୍ସ ଏବଂ ଯାତ୍ରୀବାହୀ ବସଗୁଡ଼ିକ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାୟ କୋଡିଏଟି ଯାତ୍ରୀବାହି ବସ ମହାକାଳପଡ଼ା ବ୍ଲକ ଅଂଚଳ ଏବଂ ମାର୍ଶାଘାଇ ବସ ଷ୍ଟାଣ୍ଡରୁ ଯାତାୟତ କରୁଛି। କେନ୍ଦ୍ରାପଡ଼ା ସହରର ସ୍କୁଲ ଗୁଡିକୁ ଛାତ୍ରଛାତ୍ରୀମାନଙ୍କୁ ନେଇ ସ୍କୁଲଗାଡି ଗୁଡ଼ିକ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଖାଲଖମାକୁ ମରାମତି କରିବାକୁ ଅଙ୍ଗୁଲାଇ କଂଗ୍ରେସ ପକ୍ଷରୁ ପ୍ରଭାସ ଦାସ, ଅଶୋକ ଦାସ,ସଂଗ୍ରାମ ବିଶ୍ୱାଳ, ଅଜୟ ରଥ ପ୍ରମୁଖ ଦାବୀ କରିଛନ୍ତି।

## ମହିଳାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ



**ମାର୍ଶାଘାଇ,୧୫।୯(ସଂଚାର ବ୍ୟୁରୋ):** ମାର୍ଶାଘାଇ ଥାନା ଅନ୍ତର୍ଗତ ମଣିକୁଣ୍ଡା ଗ୍ରାମର ଜଣେ ମହିଳା କୁ ବଳାତ୍କାର ହୋଇଥିବା ଅଭିଯୋଗ ହୋଇଛି। ଏହି ବଳାତ୍କାର ଘଟଣାରେ ନିଜ ଦିଅର ସୁବାଷ ବେହେରା ବଳତ୍କାର ଉଦ୍ୟମ କରିବା ଅଭିଯୋଗ କରିଛନ୍ତି ମହିଳା ଜଣଙ୍କ ମାର୍ଶାଘାଇ ଥାନାରେ। ଅଭିଯୋଗ ଅନୁଯାୟୀ ଘରେ କେହି ନଥିବା ଓ ବିଦ୍ୟୁତ ନଥିବାର ସୁଯୋଗ ନେଇ ତାଙ୍କ ଦିଅର ବଳତ୍କାର ଉଦ୍ୟମ କରିଥିଲେ ମହିଳା ଜଣଙ୍କ ଚିତ୍କାର କରିବାରୁ ତାଙ୍କ ପୁତୁରା ପହଞ୍ଚି ଯିବାରୁ ଘଟଣାସ୍ଥଳରୁ ଦିଅର ମହିଳା ଛାଡ଼ି କେଉଁ ଆଡେ ପଳାଇଥିଲେ। ତାହାକୁ ନେଇ ମାର୍ଶାଘାଇ ଥାନାରେ ଅଭିଯୋଗ କରିଛନ୍ତି ମହିଳା ଜଣଙ୍କ। ଅଭିଯୋଗ ପାଇବା ପରେ ଥାନା କେସ ନଂ-୨୮୧/୨୫ ମକଦ୍ଦମା ରୁଜୁ କରି ତଦନ୍ତ ଜାରି ରହିଛି।

## ଆଇନରୁ ଉର୍ଦ୍ଧ୍ୱରେ କାମ କରୁଛି ଜିଲ୍ଲା ଶିକ୍ଷା ବିଭାଗ

**କେନ୍ଦ୍ରାପଡ଼ା,୧୫।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସ୍ୱାଗତିକା ସ୍ୱାଇଁ ଚଳିତ ଶିକ୍ଷାବର୍ଷରେ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗର ନିୟମାନୁଯାୟୀ ଆୟକର ଫର୍ମ ୧୬ନମ୍ବରକୁ ଗ୍ରହଣ କରିବା ପାଇଁ ଜୁନ ମାସରୁ ସେପ୍ଟେମ୍ବର ମାସ ମଧରେ ଜିଲ୍ଲାର କୌଣସି ଗୋଟିଏ ହେଲେ ହାଇସ୍କୁଲର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କ ନିକଟକୁ ପଠାଇନାହାଁନ୍ତି। କିନ୍ତୁ ଚଳିତ ସେପ୍ଟେମ୍ବର ମାସର ନିୟମିତ ଦରମା ପ୍ରଦାନ କରିବା ବେଳେ ତାଙ୍କ ଅଧୀନରେ ଥିବା ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକଙ୍କ ନିକଟକୁ ପତ୍ର ସଂଖ୍ୟା - ୮୯୦/ଗ ତା ୧୩/୯/୨୦୨୫ ରିଖରେ ସେପ୍ଟେମ୍ବର ମାସର ନିୟମିତ ଦରମା ବିଲ୍‌ଫର୍ମ ସହିତ ଆୟକର ବିଭାଗର ୧୬ନମ୍ବର ଫର୍ମର ଅବିକଳ ନକଲ ସଂଲଗ୍ନ କରି ପଠାଇବାକୁ ଏକ ପତ୍ର ଲେଖିଛନ୍ତି। ଶିକ୍ଷା ବିଭାଗ ସଚିବ ବା ମାଧମିକ ଶିକ୍ଷା ନିର୍ଦ୍ଦେଶକ ଏଭଳି କୌଣସି ଆଦେଶନାମା ଜାରି କରି ନାହାନ୍ତି। କିନ୍ତୁ ନୂତନ ଭାବେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗ ଦେଇଥିବା ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ସ୍ୱାଇଁ ଶିକ୍ଷା ବିଭାଗର ନିୟମକୁ ଉଲ୍ଲଂଘନ କରି ଏଭଳି ପତ୍ର କାହା ବ୍ୟକ୍ତିଗତ ସ୍ୱାର୍ଥ ରକ୍ଷା ପାଇଁ କରିଛନ୍ତି ତାହା ସନ୍ଦେହ ସୃଷ୍ଟି କରିଛି। ଜିଲ୍ଲାର ବୁଦ୍ଧିଜୀବୀ ଓ ଶିକ୍ଷାବୀତମାନେ ଉକ୍ତ ପତ୍ର ଦେଖିବା ପରେ ସେମାନଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ବଳଦେବଜୀଉ ମନ୍ଦିରରେ ଲାଗିଲା ସିସିଟିଭି କ୍ୟାମେରା

**କେନ୍ଦ୍ରାପଡା,୧୫।୯(ସଂଚାର ବ୍ୟୁରୋ):** ଶ୍ରୀ ବଳଦେବଜୀଉ ମନ୍ଦିର ଓ ଯାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଦେବୋତର କମିଶନର, ଆରକ୍ଷୀ ଅଧିକ୍ଷକ, କେନ୍ଦ୍ରାପଡା ଏବଂ ଟ୍ରଷ୍ଟ ବୋର୍ଡର ନିଷ୍ପତିକ୍ରମେ ଦେବୋର ସଂସ୍ଥାର ନିଜସ୍ୱ ପାଣ୍ଠିରୁ ଶ୍ରୀ ବଳଦେବଜୀଉ ମନ୍ଦିରର ସିଂହଦ୍ୱାର, ବାଟ ଦେଉଳର ଭିତର ଓ ବାହାର ଅଂଶ ମନ୍ଦିର ଚର୍ତୁପାର୍ଶ୍ୱରେ, ବେଢ଼ା, ବାଇଶି ପାହାଚ ଉପର, ଜଗମୋହନ ଦେଉଳ, ଭଣ୍ଡାରଗୃହ ବାରଣ୍ଡା, ଝୁଲଣ ମଣ୍ଡପ ଓ ତହିଁର ବାରଣ୍ଡା, ସମସ୍ତ ଆନନ୍ଦ ବଜାର(ପ୍ରସାଦ ସେବନ ମଣ୍ଡପ),ମହାଲକ୍ଷ୍ମୀ ମନ୍ଦିର, ରୋହିଣୀ ମଣ୍ଡପ, ବିବହ ମଣ୍ଡପ ପରିସର, ଭୋଗ ଦୋକାନ ଇତ୍ୟାଦି ସ୍ଥାନରେ ୫୪ଗୋଟି ସିସିଟିଭି କ୍ୟାମେରା ଲଗାଯାଇଅଛି। ଶ୍ରୀଜୀଉଙ୍କ ନିତୀକାନ୍ତିର ପବିତ୍ରତା, ଧାର୍ମିକ ବ୍ୟବସ୍ଥା ଅନୁଯାଇ ଗର୍ଭଗୃହ ମନ୍ଦିର,ମଝିଦେଉଳ ଓ ରୋଷଘରରେ ସିସିଟିଭି କ୍ୟାମେରା ଖଞ୍ଜାଯାଇନାହିଁ। ଏହାର ସୁପାରିଚାଳନା ଓ ତଦାରଖ ପାଇଁ ଦେବୋତ୍ତର କାର୍ଯ୍ୟାଳୟରେ ସିସିଟିଭିର ସ୍କ୍ରିନ ରଖାଯାଇଛି।

# ବଢୁଛି ଚୋରା ମଦ ବ୍ୟବସାୟ

**● ପୁଲିସ ଓ ଅବକାରୀ ବିଭାଗ ନିରବ ● ଅସହ୍ୟ କଲାଣି ମଦ୍ୟପଙ୍କ ଦୌରାତ୍ମ୍ୟ**

**ଡେରାବିଶ,୧୫।୯ (ସଂଚାର ବ୍ୟୁରୋ):** ପାର୍ବଣ ଋତୁ ଆରମ୍ଭ ହୋଇଯାଇଛି। ଚାରିଆଡ଼େ ଗହଳି ଚହଳି ଜମିଲାଣି, ପାର୍ବଣ ପାଇଁ ଦୋକାନ ବଜାରରେ ଭିଡ ବଢ଼ିଲାଣି। ରାସ୍ତା ଘାଟରେ ଅସମ୍ଭାଳ ପରିସ୍ଥିତି ସୃଷ୍ଟି ହେଲାଣି ଓ ବାହାରେ ଥିବା ଯୁବକମାନେ ପାର୍ବଣ ସମୟରେ ଗାଁକୁ ଆସିବାକୁ ସଜ ବାଜ ହେଲେଣି। ଏଭଳି ସ୍ଥିତିରେ ଗାଁ ଗଣ୍ଡାରେ ଜମୁଥିବା ମଦ୍ୟପଙ୍କ ଆଡ୍ଡା ଜନସାଧାରଣଙ୍କୁ ଅତିଷ୍ଠ କରି ପକାଇଲାଣି। ଆଗକୁ ପାର୍ବଣ ଉତ୍ସବ ଥିବାବେଳେ ଚୋରି, ଡକାୟତି, ରାହାଜାନି ଭଳି ଘଟଣା ଘଟିବା ନିଶ୍ଚିତ। ଏମିତି ମଧ କିଛି ମାସ ହେବ ଅଞ୍ଚଳରୁ ବିଭିନ୍ନ ମନ୍ଦିରରୁ ମଧ ଚୋରି ହେଉଛି। କିନ୍ତୁ ଲୁଟେରାଙ୍କୁ ଧରିବାରେ ପୁଲିସ ବିଫଳ।

ଡେରାବିଶ ଅଂଚଳରେ ଚୋରା ମଦ ବ୍ୟବାସୟୀଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଚାଲିଛି। ଏମିତିକି ଦିନ ଦିପହରରେ ଖୁଲମଖୁଲା ବାଇକରେ ଦେଶୀ ଓ ବିଦେଶୀ ମଦ ବିଭିନ ଗାଁରେ ଚୋରା ମଦ ବ୍ୟବସାୟୀଙ୍କ ନିକଟକୁ ଚାଲଣ ହଉଛି। ଯାହାକି ଅବକାରୀ ବିଭାଗ ଆଖିରେ ଧୂଳି ଦେଇ ଡେରାବିଶି ଅଂଚଳର ବିଭିନ୍ନ ଗାଁକୁ ମଦ ଯୋଗାଉଛନ୍ତି। ତେବେ ସକାଳୁ ଦୋକାନ ସଟର ଖୋଲାହୋଇ ମଦ ଦିଆଯାଉଛି। ସରକାରୀ ଦୋକାନରେ ସକାଳ ୯ ଘଟିକା ସମୟ ହେଲେ ମଦ୍ୟପଙ୍କ ଭିଡ ଲାଗୁଛି। ମଦଦୋକାନୀ ବିଭାଗରୁ ଆଣୁଥିବା ଟାର୍ଗେଟକୁ ପୂରଣ କରିବାକୁ ବାଇକ ଓ ସ୍କୁଟି ମାଧମରେ ଗାଁ ଗଣ୍ଡାରେ ଲୋକ ନିଯୁକ୍ତି କରିଛନ୍ତି।

ପ୍ରତି ଗାଁ ମାନଙ୍କରେ ହାତ ପାହାନ୍ତାରେ ମଦ ମିଳୁଥିବାରୁ ବିଶେଷକରି ଯୁବପିଢ଼ି ଓ ଛାତ୍ର ମଦ ନିଶାର ଶିକାର ହଉଥିବାର ଦେଖିବାକୁ ମିଳିଛି। ବିଭିନ ଗ୍ରାମରେ ସାଧାରଣ ଲୋକେ ମଦ୍ୟପଙ୍କ ଆକ୍ରୋଶର ଶିକାର ହଉଛନ୍ତି। ବିଶେଷ କରି ସନ୍ଧ୍ୟା ପରେ ମଦ୍ୟପଙ୍କ ଯୋଗୁ ଅସାମାଜିକ କାର୍ଯ୍ୟକଳାପ ବଢୁଥିବାର ଦେଖୁବାକୁ ମିଳୁଛି। ଏନେଇ ବାରମ୍ବାର ଅଭିଯୋଗ ହେଲେ ଅବକାରୀ ବିଭାଗ ଲୋକ ଦେଖାଣିଆ କେମିତି କଉଠି ମଦ ଜବତ କରି ଶୋଇପଡ଼ନ୍ତି। କିନ୍ତୁ ଚୋରାମଦ ଖୁଲମ ଖୁଲା ଗ୍ରାମାଞ୍ଚଳକୁ ଚାଲାଣ ହଉଥିବାବେଳେ ଅବକାରୀ ବିଭାଗ ଓ ପୁଲିସ ପ୍ରଶାସନ ସବୁ ଜାଣି ଅଜଣା ପାଲଟି ଯାଉଛି। ଏହା ଦ୍ୱାରା ବେପାରୀ ମାଲାମାଲ ହଉଥିବାବେଳେ ମାସିକ ବଟି ନେଇ ନିରବ ବସିଥିବା ପ୍ରଶାସନ ରାଜକୋଷକୁ ଟଙ୍କାଟିଏ ଦେଉନଥିବା ବୁଦ୍ଧିଜୀବୀ ଅଭିଯୋଗ ଆଣିଛନ୍ତି। ତେଣୁ ଅବକାରୀ ଓ ପୁଲିସ ପ୍ରଶାସନ ବେଆଇନ ମଦକାରବାର ଉପରେ



ଅଙ୍କୁଶ ଲଗାଇବା ସହିତ ଚୋରା ମଦ ବେପାରୀଙ୍କୁ ଧରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଅଛି।

## ପୂର୍ତ୍ତ ବିଭାଗର କାର୍ଯ୍ୟରେ ହରିଲୁଟ ମସୁଧା

**ଯନ୍ତ୍ରୀ ଓ ଠିକାଦାର ମାଲେମାଲ**

**ସାଧାରଣ ଲୋକେ ବେହାଲ**



**ଆଳି,୧୫।୯ (ସଂଚାର ବ୍ୟୁରୋ):** ଆଳି ପୂର୍ତ୍ତ ବିଭାଗରେ ଦିବା ଆଲୋକରେ ଚାଲିଛି ହରିଲୁଟ। କାର୍ଯ୍ୟ କମ୍, ବେଶୀ ଠିକାଦାର ପୋଷଣରେ ଚାଲିଛି ଆଳି ପୂର୍ତ୍ତ ବିଭାଗ। ସବୁ ନୀତି ଓ ନୈତିକତାକୁ ଜଳାଞ୍ଜଳି ଦେଇ ନିର୍ମାଣ କାର୍ଯ୍ୟରେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧରେ ମଧୁଚନ୍ଦ୍ରିକାରେ ମାଲାମାଲ ହୋଉଥିବା ବେଳେ ସାଧାରଣ ଲୋକ ବେହାଲ। ଯାହାର ଉଦାହରଣ କଟକ ଚାନ୍ଦବାଲି ମୁଖ୍ୟ ରାସ୍ତାର ଅନେକ ସ୍ଥାନରେ ପିଚୁ ଉଠିଯାଇ ଖାଲଖମାରେ ଭର୍ତ୍ତି ହୋଇ ଯାଇଥିଲା ବେଳେ ଆଳି ଥାନା ନିକଟରେ ରାସ୍ତାର ଅବସ୍ଥା ଶୋଚନୀୟ ଥିବା ବେଳେ ମରାମତି କାର୍ଯ୍ୟ ନେଇଥିବା ଠିକାଦାର ଅଖା ବସ୍ତାରେ ପିଚୁ ଗୋଳା ବିଜୁରୀ ଆଣି ଛିଞ୍ଚିଦେଇ ପଳାଇ ଯାଇଛି। କିନ୍ତୁ ରାସ୍ତା ଅବସ୍ଥା ପୂର୍ବରୁ ଯାହା ଥିଲା ଏବେ ମଧ ସେହିଭଳି ରହିଛି।

ଏଠାରେ ପ୍ରଶ୍ନ ଉଠୁଛି ରାସ୍ତା ମରାମତି ପୂର୍ତ୍ତ ବିଭାଗ ପକ୍ଷରୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ଏହି ଅର୍ଥକୁ ଠିକାଦାର ଓ ଯନ୍ତ୍ରୀ ମିଳିମିଶି ହରିଲୁଟ କରୁଛନ୍ତି। ଏହି ମରାମତି ସମୟରେ ବିଭାଗ ପକ୍ଷରୁ ମଧ କେହି ଉପସ୍ଥିତ ରହୁ ନାହାନ୍ତି। ଯାହାଫଳରେ ଠିକାଦାର ମନଇଛା ଯେନେତେନେ ପ୍ରକାର କାମ ସାରିଦେଇ ମରାମତି ଅର୍ଥ ହରିଲୁଟ କରିବାରେ ବ୍ୟସ୍ତ। ଅନ୍ୟପଟେ ଯାହାର ଉଦାହରଣ ଆଳି-ମହୁ ରାସ୍ତା। ଏହି ରାସ୍ତା କାର୍ଯ୍ୟ ଶେଷ ହେବାର ଅବଧି ସରି ଯାଇଥିବା ବେଳେ ରାସ୍ତା କାର୍ଯ୍ୟ କିନ୍ତୁ ଅଧ ପନ୍ତରିଆ ଅବସ୍ଥାରେ ରହିଛି। ଆଳକଣା ଓ ପୋଡ଼ାମରାଇ ଗ୍ରାମ ମଧ ଦେଇ ଯାଇଥିବା ଏହି ରାସ୍ତାଟି ଖାଲଖମା ହୋଇଥିବାରୁ ଏହାକୁ ଏବେ ମରାମତି କରାଯାଉଛି। ଗ୍ରାମ ମଧରେ ଯାଇଥିବା କଂକ୍ରିଟ ରାସ୍ତାରେ ଥିବା ଖାଲରେ କଂକ୍ରିଟ ମସଲା ପୁରାଇ ରାସ୍ତା ସହିତ ସମତଳ ନକରି ମନଇଛା କାର୍ଯ୍ୟ କରାଯାଇଛି। ଏ ନେଇ ପୂର୍ତ୍ତ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳି ପାରିନି।

## ମା'ଭଗବତୀଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ



**ସାଲେପୁର,୧୫।୯ (ସଂଚାର ବ୍ୟୁରୋ):** ଗତକାଲିଠାରୁ ପାର୍ବଣ ଋତୁ ଆରମ୍ଭ ହୋଇଥିବାବେଳେ ମା'ଭଗବତୀଙ୍କ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଘଟ ସ୍ଥାପନ, ସୂର୍ଯ୍ୟପୂଜା, ସ୍ୱତନ୍ତ୍ର ଭୋଗଲାଗି କରାଯାଇଥିଲା। ଗତକାଲିଠାରୁ ଆରମ୍ଭ ହୋଇଥିବା ମା'ଭଗବତୀଙ୍କ ଷୋଡ଼ଶ ଉପଚାର ପୂଜାର ପ୍ରଥମ ଦିନରେ ମା'ଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିଲା। ସାଲେପୁର ବ୍ଲକ ଅନ୍ତର୍ଗତ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ମାଳିକା ପ୍ରସିଦ୍ଧ ଚିତ୍ରୋତ୍ପଳା ଗୁପ୍ତଗଙ୍ଗା ବଟେଶ୍ୱର ଗ୍ରାମରେ ମା'ଭଗବତୀଙ୍କର ଷୋଡ଼ଶ ଉପଚାର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ପ୍ରଥମ ଦିନରେ ମା'ଙ୍କର ସୁନାବେଶ ଅନୁଷ୍ଠିତ ହୋଇଥିବାବେଳେ ଆଜି ଦ୍ୱିତୀୟ ଦିନରେ ମା'ଙ୍କର ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇ ମା'ଭଗବତୀଙ୍କୁ ଭୁବନେଶ୍ୱରୀ ବେଶ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମା'ଙ୍କୁ ଦହିପଖାଳ, କାକରା ଆଦି ଭୋଗ ଲାଗି କରାଯାଇଥିବାବେଳେ ମା'ଙ୍କ ଭୁବନେଶ୍ୱରୀ ବେଶ ଦେଖିବାପାଇଁ ଶ୍ରଦ୍ଧାଳୁଙ୍କ ନାହିଁନଥିବା ଭିଡ଼ ଜମିଥିଲା।

## ମନ୍ଦିର ଜମି ହଡ଼ପକୁ ନେଇ ଅନଶନ

**ଡେରାବିଶ,୧୫।୯(ସଂଚାର ବ୍ୟୁରୋ):** ଡେରାବିଶର ଆରାଧ ଦେବତା ଶ୍ରୀଶ୍ରୀ ଦଧିବାମନଜୀଉଙ୍କ ମନ୍ଦିର ସମ୍ପତ୍ତି ଜମି ହଡପ ଘଟଣାକୁ ନେଇ ଏଅଞ୍ଚଳରେ ଉତ୍ତେଜନା ସୃଷ୍ଟି ହୋଇଛି। ଏହି ଘଟଣାରେ ତହସିଲ ସ୍ତରରୁ ଆରମ୍ଭ କରି ଦୁର୍ନୀତି ଅଭିଯୋଗ ଉଠିଥିବାରୁ ସ୍ଥାନୀୟ ଲୋକଙ୍କ ମନରେ କଡା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।




### ତହସିଲଦାରଙ୍କୁ ନିଲମ୍ବନ ଦାବି

ଆଜି ପ୍ରାୟ ୧୧ଟା ସମୟରେ ଡେରାବିଶ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଜନସାଧାରଣ ଆମରଣ ଅନଶନ ଆରମ୍ଭ କରିଛନ୍ତି' ଅନଶନକାରୀ ମାନଙ୍କ ସ୍ପଷ୍ଟ ଦାବି, ବର୍ତ୍ତମାନର ତହସିଲଦାର ତଥା ସବ୍-ରେଜିଷ୍ଟର ସରୋଜକାନ୍ତ ନାୟକଙ୍କୁ ଦୁର୍ନୀତି ଓ ଜମି ହଡପ ମାମଲାରେ ତୁରନ୍ତ ନୀଲମ୍ବିତ କରାଯିବା ଉଚିତ। ଅନଶନକାରୀମାନେ ଅଭିଯୋଗ କରିଛନ୍ତି ଯେ, ମନ୍ଦିର ସମ୍ପତ୍ତିକୁ ସୁରକ୍ଷା କରିବା ପରିବର୍ତ୍ତେ ତହସିଲ ପ୍ରଶାସନ ଅନୀତିରେ ଜଡିତ ହୋଇଥିବାରୁ ଏହି ଅବସ୍ଥା ସୃଷ୍ଟି ହୋଇଛି। ସେମାନଙ୍କ କହିବା ଅନୁସାରେ, ଦେବତାଙ୍କ ଜମିରେ ପ୍ରଭାବଶାଳୀମାନେ ଅବୈଧ ହସ୍ତକ୍ଷେପ କରୁଥିବାକୁ ପ୍ରଶାସନ ଆଡକୁଣିଆ ହୋଇ ସାହାଯ୍ୟ କରୁଛି। ଏହି ଅନଶନକୁ ନେଇ ଡେରାବିଶ ତହସିଲ କାର୍ଯ୍ୟାଳୟ ପରିସରରେ ଉତ୍ତେଜନାକର ପରିସ୍ଥିତି ଦେଖା ଦେଇଛି। ଅନଶନକାରୀ ମାନେ ସତର୍କ କରିଛନ୍ତି ଯେ, ଯଦି ତହସିଲଦାରଙ୍କୁ ଶୀଘ୍ର ନୀଲମ୍ବିତ କରାନଯାଏ ତେବେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ।

**ଛାତ୍ରୀଙ୍କୁ ଶିକ୍ଷକଙ୍କ ଅସଦାଚରଣ ଅଭିଯୋଗ**

## କାର୍ଯ୍ୟାନୁଷ୍ଠାନ କେବେ ?

**ସାଲେପୁର,୧୫।୯ (ସଂଚାର ବ୍ୟୁରୋ):** ସପ୍ତମ ଶ୍ରେଣୀ ଛାତ୍ରୀକୁ ଶିକ୍ଷକଙ୍କ ଅସଦାଚରଣ କରିଥିବା ଅଭିଯୋଗର ତଦନ୍ତ ଆରମ୍ଭ କରିଛନ୍ତି ସାଲେପୁର ବ୍ଲକ ମଣ୍ଡଳ ଶିକ୍ଷାଧିକାରୀ। ତଦନ୍ତ ପରେ ଶିକ୍ଷକଙ୍କ ବିରୁଦ୍ଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମଣ୍ଡଳ ଶିକ୍ଷାଅଧିକାରିଣୀ ପ୍ରକାଶ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ସାଲେପୁର ଶିକ୍ଷାମଣ୍ଡଳ ଅନ୍ତର୍ଗତ ବଣହରା ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରଞ୍ଜନ ବେହେରା କିଛି ଦିନ ହେବ ବିଦ୍ୟାଳୟରେ ଅଧୟନରତ କିଛି ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ପ୍ରତି ଅଧୟନ ସମୟରେ ଶରୀରର ବିଭିନ୍ନ ସ୍ଥାନରେ ହାତ ମାରିବା ସହିତ ସ୍ୱାମୀ ଓ ସ୍ତ୍ରୀ ସହିତ କିପରି ସମ୍ପର୍କ ରଖାଯାଏ ଓ କିପରି ମହିଳାଙ୍କ ସହିତ ଗୁପ୍ତ ସମ୍ପର୍କ ରଖାଯାଏ, ସେ ସମ୍ପର୍କରେ କହି ଛାତ୍ରୀଙ୍କୁ ମାନସିକ ନିର୍ଯ୍ୟାତନା ଦେଇଚାଲିଥିଲେ। ଏହାନେଇ ବିଦ୍ୟାଳୟରେ ଉତ୍ତେଜନା ପ୍ରକାଶ ପାଇବାରୁ ପୁଲିସ ମଧ ଘଟଣା ସ୍ଥଳରେ ପହଞ୍ଚି ଅଭିଭାବକମାନଙ୍କୁ ବୁଝାସୁଝା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ସ୍ଥାନୀୟ ଅଭିଭାବକମାନେ ବିଜ୍ଞାନ ଶିକ୍ଷକ ରଞ୍ଜନ ବେହେରାଙ୍କ କଳାକାରନାମା ସମ୍ପର୍କରେ ସାଲେପୁର ମଣ୍ଡଳ ଶିକ୍ଷାଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ।

**● ହରିଶ୍ଚନ୍ଦ୍ର ଟଙ୍କା ଅନିୟମିତତା ଘଟଣା!**

## ପୂର୍ବତନ ଜିଆରଏସ ଓ ଏଡିଇଓଙ୍କୁ ଦୋଷ

**ମହାକାଳପଡ଼ା,୧୫।୯(ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଅଧୀନ ଅଳାଇଲୋ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଳାଇଲୋ ଗ୍ରାମର ବୈଦେହୀ ସେଠୀଙ୍କ ଦେହାନ୍ତ ପରେ ପୁଅ ମନୋରଞ୍ଜନ ସେଠୀ ଓ ସ୍ୱାମୀ ଧଡି ସେଠୀ ହରିଶ୍ଚନ୍ଦ୍ର ସହାୟତା ପାଇଁ ପୃଥକ ପୃଥକ ଆବେଦନ କରାଯାଇଥିବା ସରକାରୀ ସୂଚନାରେ ଦେଖିବାକୁ ମିଳିଥିଲା। ସେହିପରି ପ୍ରେମଲତା ସେଠୀଙ୍କ ନାମରେ ହରିଶ୍ଚନ୍ଦ୍ର ସହାୟତା ପାଇଁ ସ୍ୱାମୀ ଭଗବାନ ସେଠୀ ଓ ବୋହୂ କୁନି ସେଠୀ ମଧ ଆବେଦନକାରୀ ବୋଲି ଜଣାପଡିଥିଲା। ଏନେଇ ଗତକାଲି 'ସଂଚାର'ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶ ପରେ ମହାକାଳପଡ଼ା ବିଡ଼ିଓ ସୌମ୍ୟଶ୍ରୀ ପାଣିଗ୍ରାହୀ ଏହାର ସ୍ପଷ୍ଟୀକରଣ ରଖିଛନ୍ତି। ସେ କହିଛନ୍ତି ଯେ ହିତାଧିକାରୀଙ୍କ ନାମରେ କେବଳ ଥରେ ଲେଖାଏଁ ସହାୟତା ମିଳିଛି। ସହାୟତା ପ୍ରଦାନରେ କୌଣସି ଅନିୟମିତତା ହୋଇନାହିଁ। ଭୁଲ୍ ବଶତଃ ଏହା ଏଣ୍ଟ୍ରି ହୋଇ ଯାଇଛି। ଅତିରିକ୍ତ ଗୃହୀତ ଅର୍ଥରାଶିକୁ ତୁରନ୍ତ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠି ଆକାଉଣ୍ଟକୁ ଫେରସ୍ତ କରିବା ସହିତ ଦ୍ୱନ୍ଦ୍ୱାତ୍ମକ ତଥ୍ୟ ପୋର୍ଟାଲ୍‌ରୁ ହଟାଇବା ପାଇଁ ପତ୍ରାଚାର କରିବାକୁ ସେ ପଞ୍ଚାୟତର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଏ ଘଟଣାରେ ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ଦାସ ୧୧ ତାରିଖରେ ଏକ ଚିଠି ମହାକାଳପଡ଼ା ବିଡ଼ିଓଙ୍କୁ ଜଣାଇଛନ୍ତି ଯେ ପ୍ରେମଲତା ସେଠୀ ଓ ବୈଦେହୀ ସେଠୀଙ୍କ ନାମରେ ହରିଶ୍ଚନ୍ଦ୍ର ସହାୟତା ପାଇଁ ୨ ଥର ଅନଲାଇନ୍ ରେ ପୂର୍ବତନ ଜିଆରଏସ ଓ ବର୍ତ୍ତମାନର ଏଡିଇଓ (ଗରଦପୁର ବ୍ଲକରେ କାର୍ଯ୍ୟରତ) ଗଣେଶ୍ୱର ପାଗଳ ଆବେଦନ କରିଥିଲେ।

## ବିପଦସଂକୁଳ ଅବସ୍ଥାରେ ଟ୍ରାନ୍ସଫର୍ମର

**ଡେରାବିଶ,୧୫।୯(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକର ଥିବା ବାଘିଲୋ, ନରଣପୁର, ବାରବାଟିଆ ଓ ଆଖପାଖ ଅନ୍ୟାନ୍ୟ ଗ୍ରାମରେ ବିଦ୍ୟୁତ ଟ୍ରାନ୍ସଫର୍ମରଗୁଡ଼ିକ ବିପଦ ସଂକୁଳ ଅବସ୍ଥାରେ ରହିଥିବାରୁ ଗ୍ରାମବାସୀଙ୍କ ମଧରେ

**ସୁରକ୍ଷା ବାଡ଼ ଦାବି**

ଭୟଭୀତ ସୃଷ୍ଟି ହୋଇଛି। ଖୋଲାରେ ଥିବା ଏହି ଟ୍ରାନ୍ସଫରର୍ମର ଗୁଡ଼ିକ କେବେ ମଧ ବଡ଼ ଦୁର୍ଘଟଣାକୁ ଡାକିପାରେ ବୋଲି ଗ୍ରାମବାସୀଙ୍କ ଆଶଙ୍କା କରିଛନ୍ତି।

ସ୍ଥାନୀୟ ଲୋକେ କହିବା ଅନୁଯାୟୀ ବିଦ୍ୟୁତ ବିଭାଗ ଦୀର୍ଘଦିନ ଧରି ଏହି ସମସ୍ୟାକୁ ଅଣଦେଖା କରୁଛନ୍ତି। ଆମେ ପ୍ରତିଦିନ ବିଦ୍ୟୁତ ତାର ଓ ଟ୍ରାନ୍ସଫରମ୍‌ରୁ ସ୍ପାର୍କ



ଦେଖି ଭୟରେ ବଞ୍ଚୁଛୁ କେବେ କଣ ଅଘଟଣ ହେବାର ଭୟରେ ଗ୍ରାମବାସୀ ରାତିରେ ସେ ରାସ୍ତା ଦେଇ ଯିବାକୁ ଭୟ ମନେ କରୁଛନ୍ତି। ଗ୍ରାମବାସୀମାନେ ବିଦ୍ୟୁତ ବିଭାଗକୁ ଜଣାଇଥିଲେ ମଧ କୌଣସି ପଦକ୍ଷେପ ନିଆଯାଉନି। ଯାହାର ମୂଲ୍ୟ ଜୀବନ ଦେବାକୁ ପଡ଼ିପାରେ ବୋଲି ଆଶଙ୍କା କରାଯାଉଛି। ବର୍ଷା-ପବନ ବଢ଼ିଥିବାରୁ ବିପଦ ଆଶଙ୍କା ଆହୁରି ଭୟଙ୍କର ହୋଇପଡ଼ିଛି। ସେଇ ବାଟ ଦେଇ ସ୍କୁଲ ପିଲା କଲେଜ ପିଲା ବହୁ ଜନ ସାଧାରଣ ଲୋକ ଯିବା ଆସିବ କରିଥାନ୍ତି। ଏମିତିକି ବାହାରକୁ ବାହାରୁଥିବା ସମୟରେ ମଧ ଭୟରେ ରହିବାକୁ ପଡୁଛି।

ସ୍ଥାନୀୟ ଲୋକ ମାନେ ସାମୁହିକ ଭାବେ ବିଦ୍ୟୁତ ବିଭାଗକୁ ନିବେଦନ କରିଛନ୍ତି ଯେ, ଦୁର୍ଘଟଣା ଘଟିବା ପୂର୍ବରୁ ଏହି ଟ୍ରାନ୍ସଫରମ୍ ଗୁଡ଼ିକୁ ନୂଆରୁ ପ୍ରତିଷ୍ଠା କରାଯାଉ କିମ୍ବା ସୁରକ୍ଷାବାଡ଼ ବ୍ୟବସ୍ଥା କରାଯାଉ। ନଚେତ ବଡ଼ ଅଘଟଣ ନିଶ୍ଚିତ। ଏହାକୁ ନେଇ ବିଦ୍ୟୁତ ବିଭାଗର କୌଣସି ଅଧିକାରୀଙ୍କ ପ୍ରତିକ୍ରିୟା ମିଳିନାହିଁ।

## ବିଜେଡିର ବୁଥ୍ ଏଜେଣ୍ଟ ତାଲିମ୍ ଶିବିର



**ପଟ୍ଟାମୁଣ୍ଡାଇ,୧୫।୯(ସଂଚାର ବ୍ୟୁରୋ):** ସେପ୍ଟେମ୍ବର ମାସରୁ ସାରା ଦେଶରେ ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହେଉଥିବାରୁ ଭୋଟରମାନଙ୍କ ମତଦାନ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ପଟ୍ଟାମୁଣ୍ଡାଇ କଲେଜରୋଡ଼ସ୍ଥ ଡ଼ିଭାଇନ ପ୍ୟାଲେସରେ ଏକ ବୁଥ ସ୍ତରୀୟ ଏଜେଣ୍ଟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ରାଜନଗର ବିଧାୟକ ଧ୍ରୁବ ସାହୁ ଉଦଘାଟନ କରି ଚଳିତ ଭୋଟର ତାଲିକା ସଂଶୋଧନକୁ ନିର୍ଭୁଲ କରିବା ଦିଗରେ ବୁଥ ସ୍ତରୀୟ ଏଜେଣ୍ଟମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ଭୋଟର ତାଲିକା ପ୍ରସ୍ତୁତ ବେଳେ ନିର୍ବାଚନ ଆୟୋଗ ଧାର୍ଯ୍ୟ କରିଥିବା ୧୨ଟି ମାନଦଣ୍ଡ ମଧରୁ ଯେକୌଣସି ଗୋଟିଏ ପ୍ରମାଣପତ୍ର ଥିଲେ ନୂଆ ଭୋଟର ହୋଇପାରିବ ବୋଲି ପ୍ରକାଶ କରିଥିଲେ। ଏହି ତାଲିମ ଶିବିରରେ କେନ୍ଦ୍ରାପଡ଼ା ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭୋଳ, ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ଖଗେଶ୍ୱର ଲେଙ୍କା, ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜନଗର ବ୍ଲକ ଅଧକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ପୌରାଧକ୍ଷ ହେମନ୍ତ ସାହୁ, ନଗର ଯୁବ ବିଜେଡି ସଭାପତି ଅଶୋକ ଧଳଙ୍କ ସମେତ ୨୯୦ଟି ବୁଥର ନବନିଯୁକ୍ତ ଦଳୀୟ ଏଜେଣ୍ଟ ଯୋଗ ଦେଇଥିଲେ।

## ରାଜନୀତି ବିଜ୍ଞାନ ବିଭାଗର ପୁରାତନ ଛାତ୍ର ସମାବେଶ

**ରାଜନଗର,୧୫।୯(ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ରାଜନୀତି ବିଜ୍ଞାନ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ସମାବେଶ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରହିତରେ ଅନୁଷ୍ଠିତ ସମାବେଶରେ ରାଜନୀତି ବିଜ୍ଞାନ ବିଭାଗର ଅଧାପିକା ଡ଼ଃ ପ୍ରଣତି ନାୟକ, ଅଧାପକ ପ୍ରତାପ କୁମାର ସ୍ୱାଇଁ, ଆଲୋକ କୁମାର ବେହେରା ପ୍ରମୁଖ ଉପସ୍ଥିତ ରହି ପୁରାତନ ଛାତ୍ରଛାତ୍ରୀ ମାନଙ୍କୁ ସମାବେଶର ଆଭିମୁଖ୍ୟ ଏବଂ ଆଗାମୀ କାର୍ଯ୍ୟ ପନ୍ଥା ଉପରେ ଆଲୋଚନା କରିଥିଲେ। ପୁରାତନ ଛାତ୍ରଛାତ୍ରୀ ମାନେ ମହାବିଦ୍ୟାଳୟରେ ପଢ଼ିବା ବେଳେର ନିଜସ୍ୱ ଅନୁଭୂତି ସାଉଁଟି ଥିଲେ।ପୂର୍ବତନ ଛାତ୍ର ସମ୍ବିତ ସ୍ୱାଇଁ ପୁସ୍ତକ କିଣିବା ପାଇଁ ବିଭାଗୀୟ ପାଠାଗାରକୁ ୫୦୦୦ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରଛାତ୍ରୀମାନେ ସେମାନଙ୍କର ବିଭିନ୍ନ କାର୍ଯ୍ୟନିର୍ବାହୀ ଅଧିକାରୀ ଚୟନ କରିଥିଲେ। ସଭାପତି ଭାବେ ଅଧାପକ ବିଶ୍ୱ ସାରଥୀ ବଳ, ସାଧାରଣ ସମ୍ପାଦକ ଭାବେ ଅଧାପିକା ଅପରାଜିତା ଖଟୁଆ, କୋଷାଧକ୍ଷ ଭାବେ ଅଧାପକ ସମ୍ବିତ ରଂଜନ ସ୍ୱାଇଁଙ୍କୁ ମନୋନୀତ କରାଯାଇଥିଲା।




## ଖୁବ୍‌ଶୀଘ୍ର ସାଲେପୁରରେ ହେବ ଶିଳ୍ପ କାରଖାନା



**ସାଲେପୁର,୧୫।୯(ସଂଚାର ବ୍ୟୁରୋ):** ସାଲେପୁରରେ ଖୁବ୍ କମ୍ ଦିନ ମଧରେ ଏକ ଶିଳ୍ପକେନ୍ଦ୍ର ପ୍ରତିଷ୍ଠା ପାଇଁ ଆଜି କ୍ଷେତ୍ର ପରିଦର୍ଶନ କରାଯିବା ସହ ଜାଗା ଚିହ୍ନଟ ହୋଇଥିବା ଜଣାଯାଇଛି। ସାଲେପୁର ବ୍ଲକ ଅଞ୍ଚଳରେ ବହୁମାତ୍ରାରେ ସରକାରୀ ଜାଗା ରହିଅଛି। ପୂର୍ବରୁ ଯଦି ସରକାର ଚାହିଁଥାନ୍ତେ, ତେବେ ଏଠାରେ ଏକ ବଡ଼ଧରଣର ଶିଳ୍ପକେନ୍ଦ୍ର ସ୍ଥାପନ କରାଯାଇ କୃଷି ଓ ବେକାର ସମସ୍ୟା ଦୂର ହୋଇପାରିଥାନ୍ତା। କିନ୍ତୁ ଇଚ୍ଛାଶକ୍ତି ଅଭାବରୁ ଅଦ୍ୟାବଧି ସାଲେପୁରରେ ଭିତ୍ତିଭୂମି ଥାଇ ମଧ କୌଣସି ଶିଳ୍ପ କେନ୍ଦ୍ର ସ୍ଥାପନ କରାଯାଇନାହିଁ।

ଏବେ ସାଲେପୁର ବିଜେପି ନେତା ଅରିନ୍ଦମ ରାୟ ଘଟଣା ସମ୍ପର୍କରେ ଅବଗତ ହେଲାପରେ ସାଲେପୁରରେ ଏକ ଶିଳ୍ପ କାରଖାନା ସ୍ଥାପନ କରିବାପାଇଁ ବିଭାଗୀୟ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାପରେ ଆଜି ସାଲେପୁର ତହସିଲଦାର ଜୟନ୍ତ କୁମାର ଜୟସିଂହଙ୍କ ନେତୃତ୍ୱରେ ଏକ ଅଧିକାରୀ ଦଳ ବାରବୋଡ଼ିଆଠାରେ ପହଞ୍ଚି ମହାନଦୀ ପଠାରେ ଥିବା ପ୍ରାୟ ୧ଶହ ୨୦ଏକର ସରକାରୀ ଜମିକୁ ଚିହ୍ନଟ କରିବା ସହ ଏ ସମସ୍ତ ପ୍ରକାର ତଥ୍ୟ ଜିଲ୍ଲାପାଳଙ୍କୁ

**ଜାଗା ଚିହ୍ନଟ ପ୍ରକ୍ରିୟା ଆରମ୍ଭ**

ପ୍ରଦାନ କରିଛନ୍ତି। ସେହିପରି ଏହି ଅଞ୍ଚଳରେ ପ୍ରାୟ ୨ହଜାର ଏକର ଚାଷ ଜମି ମହାନଦୀରେ ଲୀନ ହୋଇଯାଇଥିବାବେଳେ ଏହି ଜମିକୁ ପୁନରୁଦ୍ଧାର କରିବା ପାଇଁ ଏଠାରେ ରିଂବନ୍ଧ ସ୍ଥାପନ କରିବା ପାଇଁ ଶ୍ରୀ ରାୟ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାଯାଇଛି। ଯଦି ଏଠାରେ କାରଖାନା ସ୍ଥାପନ କରାଯାଏ, ତେବେ ଆଗାମୀ ଦିନରେ ସାଲେପୁର ଅଞ୍ଚଳର ବହୁ ବେକାରୀ ସମସ୍ୟା ଦୂର ହେବା ସହ କୃଷିର ବିକାଶ ହୋଇପାରିବ ବୋଲି ବିଜେପି ନେତା ଅରିନ୍ଦମ ରାୟ ପ୍ରକାଶ କରିଛନ୍ତି।

# ଝୁମର କର୍ମଶାଳାରେ କେନ୍ଦ୍ରମନ୍ତ୍ରୀ



**ବାରିପଦା,୧୫।୯(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲାର ଲୋକଙ୍କ ଭିତରେ ସଂସ୍କୃତି ଭରି ରହିଛି। ଏଠାରେ ଜନଜାତି ସମୁଦାୟଙ୍କ ମଧ୍ୟରେ ଆଦୃତ ପାରମ୍ପରିକ ଲୋକଗୀତ 'ଝୁମର' ଲୋକ ଅସ୍ମିତା, ଲୋକ ଅଭିବ୍ୟକ୍ତିର ପ୍ରତୀକ। ଝୁମର ଏହି ଅଞ୍ଚଳର ସଭ୍ୟତା ଓ ସମ୍ପନ୍ନତାର ପ୍ରତିବିମ୍ବ ବୋଲି ସୋମବାର ବାରିପଦା ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଆୟୋଜିତ 'ଝୁମର କର୍ମଶାଳା'ରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। 'ଓଡ଼ିଶା ଝୁମର ଏକାଡେମୀ' ଓ 'ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ' ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଭାଷା ଭିତ୍ତିରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବା ଦିଗରେ ହୋଇଥିବା ଲଢେଇରେ ମୟୂରଭଞ୍ଜ ତଥା ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଅବଦାନ ଅତୁଳନୀୟ। ତାଙ୍କର ପୃଷ୍ଠପୋଷକତା କାରଣରୁ ଓଡ଼ିଆ ଭାଷା ସାହିତ୍ୟ ଋଦ୍ଧିମନ୍ତ ହୋଇଛି। କଟକ ଏସସିବି ମେଡିକାଲ କଲେଜ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ ପରି ଉନ୍ନତମାନର ଉଚ୍ଚ ଶିକ୍ଷାନୁଷ୍ଠାନ, ଓଡ଼ିଶାର ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରକୁ ବଡ଼ ଅବଦାନ। ମୟୂରଭଞ୍ଜ ନିଜର ଝାଳବୁହା ଅର୍ଥରେ ଜିଲ୍ଲାର ବିକାଶ ପାଇଁ ନୁହେଁ, ବରଂ ସମଗ୍ର ଓଡ଼ିଶାର ଭାଷା ଓ ସାହିତ୍ୟର ଉତ୍ଥାନ ପାଇଁ ଯୋଗଦାନ ଦେଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜକୁ ଗୌରବାନ୍ୱିତ କରିଛନ୍ତି। ଆମର ସମସ୍ତଙ୍କ ଦାୟିତ୍ୱ, ଏହି ଜିଲ୍ଲାର କଳା, ଐତିହ୍ୟ ଓ ଇତିହାସକୁ ଶ୍ରୀମନ୍ତ କରିବା। ସଂସ୍କୃତ ଶିକ୍ଷାକୁ ପ୍ରୋତ୍ସାହିତ କରିବାକୁ ହେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହନ୍ତ, ମୟୂରଭଞ୍ଜ ଜିଲ୍ଲାର ବିଧାୟକ ଓ ଓଡ଼ିଶା ଝୁମର ଏକାଡେମୀ ସଦସ୍ୟ ଉପସ୍ଥିତ ଥିଲେ।

# ଏକାଦଶ ନିଯୁକ୍ତି ମେଳାରେ ୧୬୮୬ ଜଣଙ୍କୁ ନିଯୁକ୍ତି



- ୧୫ ମାସରେ ୩୦ ହଜାର ଟପିଲା ସରକାରୀ ନିଯୁକ୍ତି
- ଜୁନ୍ ସୁଦ୍ଧା ଆହୁରି ୪୦ ହଜାର ପଦବୀ ପୂରଣ ହେବ
- ସଚ୍ଚୋଟତାକୁ କାର୍ଯ୍ୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ବନାନ୍ତୁ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ):** ସରକାରୀ ଚାକିରି କେବଳ ସୁରକ୍ଷିତ ଜୀବନଜୀବିକା ପ୍ରଦାନ କରିନଥାଏ, ଏହା ଜନସେବାର ଏକ ପ୍ରକୃଷ୍ଟ ଓ ପ୍ରଭାବୀ ମାଧ୍ୟମ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକାଦଶ ନିଯୁକ୍ତି ମେଳାରେ ନବନିଯୁକ୍ତ ଅଧିକାରୀମାନଙ୍କୁ ଉଦ୍‌ବୋଧନ ଦେଇ କହିଛନ୍ତି। ଆଜି ସ୍ଥାନୀୟ ଇଡ୍‌କୋ ପ୍ରଦର୍ଶନୀ ପଡିଆରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ୭ଟି ବିଭାଗ ଯଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗରେ ସର୍ବାଧିକ ୯୮୨, ଜଳ ସମ୍ପଦ ବିଭାଗରେ ୪୧୩, କୃଷି ଓ କୃଷକ ସଶକ୍ତିକରଣ ବିଭାଗରେ ୩୪, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ୧୩୬, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗରେ ୨୩, ଅର୍ଥ ବିଭାଗରେ ୬୧ ଓ ଆଇନ୍ ବିଭାଗରେ ୩୭ ଏହିଭଳି ମୋଟ ୧୬୮୬ ଜଣଙ୍କୁ ବିଭିନ୍ନ ବର୍ଗରେ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷର ଏହା ଦ୍ୱିତୀୟ ନିଯୁକ୍ତି ମେଳା ହୋଇଥିବା ବେଳେ ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ କହିଛନ୍ତି ଯେ ଆପଣମାନଙ୍କର କର୍ତ୍ତବ୍ୟ ହେଉଛି ସରକାରଙ୍କ ନୀତି ନିୟମର ମର୍ଯ୍ୟାଦାରେ ରହି ନିଜ କାର୍ଯ୍ୟ ସମ୍ପାଦନ କରିବା। ଦୁର୍ନୀତିରୁ ଊର୍ଦ୍ଧ୍ୱରେ ରହି ସମସ୍ତେ ଭଲ କାମ କରନ୍ତୁ, ସୁନାମ ଅର୍ଜନ କରନ୍ତୁ, ସଚ୍ଚୋଟତାକୁ କାର୍ଯ୍ୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ବନାନ୍ତୁ। ଏଥିରେ ଅସୀମିତ ଆତ୍ମସନ୍ତୋଷ ପାଇବେ ଓ ସାଧାରଣ ଗରିବ ଜନତାଙ୍କ ଆଶୀର୍ବାଦ ହେବ ଆପଣଙ୍କ ପାଇଁ ସବୁଠୁ ବଡ଼ ପୁଞ୍ଜି। ସାମ୍ପ୍ରତିକ ପରିସ୍ଥିତିରେ ଯୁବ ସମାଜ ପାଇଁ ସବୁଠାରୁ ବଡ ଆହ୍ୱାନ ରୋଜଗାର। ସେଥିପାଇଁ ମାତ୍ର ୧୫ ମାସ ମଧ୍ୟରେ ୧୧ଟି ନିଯୁକ୍ତି ମେଳା ଜରିଆରେ ସରକାରୀ କ୍ଷେତ୍ରରେ ସମୁଦାୟ ୩୦,୦୩୨ଟି ପଦବୀରେ ନିଯୁକ୍ତି ପ୍ରଦାନ କରାଯାଇଛି। କ୍ଷମତାକୁ ଆସିବାର ପ୍ରଥମ ଦୁଇ ବର୍ଷରେ ୬୫ ହଜାର ସରକାରୀ ପଦବୀ ପୂରଣ କରାଯିବାର ଲକ୍ଷ୍ୟ ରହିଥିଲା। ଆସନ୍ତା ଜୁନ୍ ଶେଷ ସୁଦ୍ଧା ଆହୁରି ୪୦ ହଜାର ସରକାରୀ ପଦବୀ ପୂରଣ ହେବ। ଏ ଦିଗରେ ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି, ମେରିଟ୍ ବେସିସ୍‌ରେ ଚୟନ କରାଯାଉଛି। ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ରାଜ୍ୟରେ ଯୁବ ବର୍ଗଙ୍କ ପାଇଁ ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଉଛି। ୧୫ ମାସ ମଧ୍ୟରେ ସରକାରଙ୍କ ପକ୍ଷରୁ ଉଭୟ ସରକାରୀ ଓ ବେସରକାରୀ କ୍ଷେତ୍ରରେ ୧ ଲକ୍ଷ ୭ ହଜାର ୯୨୬ ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

ସେହିପରି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ନବନିଯୁକ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ଆମ ସରକାର ଯାହା ପ୍ରତିଶ୍ରୁତି ଦିଅନ୍ତି, ତାହା ପୂରଣ କରିଥାନ୍ତି। ଆମର ଲକ୍ଷ୍ୟ ରହିଛି ୫ ବର୍ଷରେ ଦେଢ଼ ଲକ୍ଷ ନିଯୁକ୍ତି ପ୍ରଦାନ। ଆଜି ସୁଦ୍ଧା ୩୦ ହଜାରରୁ ଊର୍ଦ୍ଧ୍ୱ ନିଯୁକ୍ତି ପ୍ରଦାନ କରାଗଲାଣି। ଏହାଛଡ଼ା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓ ଇଲୋକ୍ଟ୍ରୋନିକସ୍ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ସ୍ୱାଗତ ଭାଷଣ ଦେଇ ଆମ ସରକାର ଆସିବା ପରେ ପ୍ରତିବଦ୍ଧତାର ସହ ଆମେ ବିଭିନ୍ନ ବିଭାଗରେ ଖାଲିଥିବା ପଦବୀଗୁଡିକ ପୂରଣ କରିବା ପାଇଁ ନିଯୁକ୍ତି ମେଳା ମାଧ୍ୟମରେ ଉଦ୍ୟମ ଜାରି ରଖିଛୁ ବୋଲି କହିଛନ୍ତି।

### ମହଙ୍ଗା ପଡ଼ିଲା ସୋସିଆଲ ମିଡିଆ ପୋଷ୍ଟ

## ଆଇନଜୀବୀଙ୍କ ଲାଇସେନ୍ସ ରଦ୍ଦ

**କଟକ, ୧୫।୯ (ସଂଚାର ବ୍ୟୁରୋ) :** ଜଣେ ଆଇନଜୀବୀଙ୍କ ପାଇଁ ନ୍ୟାୟିକ ଅଧିକାରୀଙ୍କ ବିରୁଦ୍ଧରେ ସୋସିଆଲ ମିଡିଆରେ ଅଶ୍ଳୀଳ ଭାଷା ସହିତ ଅପମାନଜନକ ପୋଷ୍ଟ ସେୟାର କରିବା ପଡ଼ିଲା ମହଙ୍ଗା। ଏଥିପାଇଁ ଓଡ଼ିଶା ରାଜ୍ୟ ବାର ପରିଷଦ ଆଇନଜୀବୀ ହେମନ୍ତ କୁମାର ନାୟକଙ୍କ ଲାଇସେନ୍ସକୁ ସ୍ଥଗିତ କରିଛି। ଓଡ଼ିଶା ରାଜ୍ୟ ବାର ପରିଷଦ ଦ୍ୱାରା ଜାରି ଏକ ଆଦେଶ ଅନୁଯାୟୀ, ଭଦ୍ରକର ଜଣେ ଆଇନଜୀବୀ ହେମନ୍ତ ନାୟକଙ୍କ ଲାଇସେନ୍ସକୁ ଆଡଭୋକେଟ୍ସ ଆଇନ ର ୟୁ/ଏସ୍-୩୫ (୩) (ସି) ଅନୁଯାୟୀ ଦୁଇ ବର୍ଷ ପାଇଁ ଓକିଲ ଭାବରେ ଅଭ୍ୟାସ କରିବାରୁ ନିଷେଧ କରାଯାଇଛି। ଓଡ଼ିଶା ରାଜ୍ୟ ବାର ପରିଷଦ ତାଙ୍କୁ ଅଶ୍ଳୀଳ ଏବଂ ଅପମାନଜନକ ଭାଷା ବ୍ୟବହାର କରିବା ଏବଂ ଏପରି ଅଶୋଭନୀୟ ଏବଂ ଆକ୍ଷେପ କାର୍ଯ୍ୟକଳାପରୁ ମଧ୍ୟ ନିଷେଧ କରିଛି। ହେମନ୍ତ ନାୟକ "ଗ୍ରାଣ୍ଟସ୍ କୁମାର ନାୟକ ଚାଣକ୍ୟ" ନାମକ ଏକ ଛଦ୍ମନାମ ସୋସିଆଲ ମିଡିଆ ଆକାଉଣ୍ଟ ବ୍ୟବହାର କରିଥିଲେ, ଯେଉଁଥିରେ ସେ ଭଦ୍ରକ ଜିଲ୍ଲା କୋର୍ଟର ବିଚାରପତିଙ୍କ ବିରୁଦ୍ଧରେ ଅପମାନଜନକ ଭାଷା ଏବଂ ଦୁର୍ନୀତିର ଅପ୍ରମାଣିତ ଅଭିଯୋଗ ସହିତ ଉତ୍ତେଜନାପୂର୍ଣ୍ଣ ପୋଷ୍ଟ କରୁଥିଲେ। "ସମସ୍ତଙ୍କ ସୂଚନା ପାଇଁ ଏହା ଅବଗତ/ସୂଚିତ କରାଯାଉଛି ଯେ ହେମନ୍ତ କୁମାର ନାୟକ, ନାମଲେଖା ନଂ-ଓ-୧୫୯/୧୯୯୮, ରାଜୁଆଲିବିନ୍ଧା, ପୋ-ରାସନ୍ଦନପୁର, ଭାୟା-ଅର୍ଣ୍ଣପୁର, ଜିଲ୍ଲା-ଭଦ୍ରକ, ଯିଏକି ୨୧.୦୨.୧୯୯୮ ରେ ନାମଲେଖା ନଂ-ଓ-୧୫୯/୧୯୯୮ ସହିତ ଓଡ଼ିଶା ରାଜ୍ୟ ବାର ପରିଷଦର ତାଲିକାରେ ପଞ୍ଜୀକୃତ ହୋଇଥିଲେ, ତାଙ୍କୁ ଓକିଲ ଆଇନର ଏସ୍/ଏସ୍-୩୫ (୩) (ସି) ଅନୁଯାୟୀ ରାୟ ତାରିଖରୁ ଦୁଇ ବର୍ଷ ପାଇଁ ଓକିଲ ଭାବରେ କାର୍ଯ୍ୟ କରିବାରୁ ନିଲମ୍ବିତ କରାଯାଇଛି।

## ବାର୍‌ହା ଫାଶରେ ପଡ଼ି ଯୁବକ ଗୁରୁତର

**ବଲାଙ୍ଗିର, ୧୫।୯ (ସଂଚାର ବ୍ୟୁରୋ):** ଗତ ରାତି ୧୦ଟା ସମୟରେ ନିଜ ଜମି ପଟେ ଶୌଚ ପାଇଁ ଯାଇଥିବା ବେଳେ ବାରହା ଫାଶରେ ପଡ଼ି ଜଣେ ଯୁବକ ଗୁରୁତର ଅବସ୍ଥାରେ ପଡ଼ିଛନ୍ତି। ସୂଚନା ଯୋଗ୍ୟ, ଖପ୍ରାଖୋଲ ବ୍ଲକ କପସିପାଲି ଗାଁ ନିକଟରେ ବାରହା ମାରିବା ପାଇଁ ବିଦ୍ୟୁତ ତାର ବିଛା ଯାଇଥିଲା। ରବିବାର ରାତିରେ ଗ୍ରାମର ଥବିର ପୁଞ୍ଜିଙ୍କ ପୁଅ ଡୋଲା ପୁଞ୍ଜି ସାଙ୍ଗମାନଙ୍କ ସହ ନିଜ ଜମି ପଟେ ଶୌଚ ପାଇଁ ଜାଇ ଇଲେକ୍ଟ୍ରି ତାର ବିଛା ଯାଇଥିବା ଫାସରେ ପଡ଼ି ଗୁରୁତର ଅବସ୍ଥାରେ ପାଟଣାଗଡ଼ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ଏପର୍ଯ୍ୟନ୍ତ ପୋଲିସ ପାଖରେ ଏନେଇ କୌଣସି ଅଭିଯୋଗ ହୋଇନଥିବା ସୂଚନା ମିଳିଛି।

# ସୁଭଦ୍ରାର ବର୍ଷ ପୂର୍ତ୍ତିରେ 'ଧନ୍ୟବାଦ ମୋଦି' ଉତ୍ସବ

- ସୂଚନା ଦେଲେ ଉପମୁଖ୍ୟମନ୍ତ୍ରୀ
- ସୁଭଦ୍ରା ଯାତ୍ରା ବଖାଣିବେ ହିତାଧିକାରୀ

**ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ):** ଆସନ୍ତା ୧୭ ତାରିଖରେ ସୁଭଦ୍ରା ଯୋଜନା ସଫଳ ଭାବେ ଏକ ବର୍ଷ ପୂରଣ କରିବ। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମଗ୍ର ରାଜ୍ୟରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିବା ନେଇ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉକ୍ତ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନ ଥିବା ବେଳେ ତାଙ୍କୁ କୃତଜ୍ଞତା ଜଣାଇବା ନିମନ୍ତେ ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟର ୩୩୮ଟି ସିଡିପିଓ ୟୁନିଟରେ 'ଧନ୍ୟବାଦ ମୋଦି' କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ହିତାଧିକାରୀମାନେ ସୁଭଦ୍ରା ଯାତ୍ରା ଓ ସଫଳତା କାହାଣୀ ମାଧ୍ୟମରେ ସୁଭଦ୍ରା ସେମାନଙ୍କ ଜୀବନରେ କିପରି ସକାରାତ୍ମକ ପରିବର୍ତ୍ତନ ଆଣିଛି, ସେନେଇ ସେମାନଙ୍କ ଅଭିଜ୍ଞତା ଉପସ୍ଥାପନ କରିବେ। ସେହିପରି ଅଙ୍ଗନବାଡି କେନ୍ଦ୍ର ସ୍ତରରେ ୧୭ ତାରିଖଠାରୁ ପୋଷଣ ମାସ ଆରମ୍ଭ ହେବା ସହ ସୁଭଦ୍ରାର ଏକ ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ ମିଳିତ ଭାବେ ପାଳନ କରାଯିବ। ଏଥିରେ ହିତାଧିକାରୀମାନେ ସୁଭଦ୍ରା ଯାତ୍ରାର ନିଜର ଅନୁଭବ ବାଣ୍ଟିବା ସହ ସୁଭଦ୍ରାର ଫାଇଦା ନେଇ ଆଲୋଚନା କରିବେ। ଏଥିସହ ସେମାନେ ପୋଷଣ ସଚେତନତା କାର୍ଯ୍ୟକ୍ରମରେ ମଧ୍ୟ ଯୋଗଦେବେ ବୋଲି ଶ୍ରୀମତୀ ପରିଡ଼ା କହିଛନ୍ତି।

ଆହୁରି ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଆୟୋଜିତ ସୁସ୍ଥ ନାରୀ, ସଶକ୍ତ ପରିବାର କାର୍ଯ୍ୟକ୍ରମରେ ସୁଭଦ୍ରା ଷ୍ଟଲ ମାଧ୍ୟମରେ ସୁଭଦ୍ରା ହେଲ୍ପ ଡେସ୍କ କର୍ମୀମାନେ ସୁଭଦ୍ରା ସମ୍ପର୍କରେ ସମସ୍ତ ତଥ୍ୟ ପ୍ରଦାନ କରିବା ସହ ସଚେତନତା ସୃଷ୍ଟି କରିବା ପାଇଁ ସୁଭଦ୍ରା ସମ୍ପର୍କିତ ପ୍ରଚାରପତ୍ର ବାଣ୍ଟିବେ। ସୁଭଦ୍ରାର ଉଲ୍ଲେଖନୀୟ ପ୍ରଭାବକୁ ସାମ୍ନାକୁ ଆଣି ସମଗ୍ର ରାଜ୍ୟରେ ସୁଭଦ୍ରା ସମ୍ପର୍କରେ ଅଧିକ ଜନ ସଚେତନତା ଓ ସହଭାଗିତାକୁ ପ୍ରୋତ୍ସାହନ ଦେବା ଉକ୍ତ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ପାଇଁ ରାଜ୍ୟସ୍ତରୀୟ କର୍ମଶାଳା

# ସ୍ୱଦେଶୀ ଅଭିଯାନକୁ ଘରେ ଘରେ ପହଞ୍ଚାଇବ ବିଜେପି




**ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ଆତ୍ମନିର୍ଭର କରିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି। ସ୍ୱଦେଶୀ ଉତ୍ପାଦ ବ୍ୟବହାର ଓ ସ୍ୱଦେଶୀ ଜୀବନ ମୂଲ୍ୟବୋଧକୁ ଗ୍ରହଣ କରିବା ଉପରେ ସେ ଗୁରୁତ୍ୱ ଦେଇଆସିଛନ୍ତି। ଏହି ବାର୍ତ୍ତା 'ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ' ଜରିଆରେ ଘରେ ଘରେ ପହଞ୍ଚିବ ବୋଲି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଅନୁଷ୍ଠିତ ଆତ୍ମନିର୍ଭର ଭାରତ ସଂକଳ୍ପ ଅଭିଯାନ ପାଇଁ ରାଜ୍ୟସ୍ତରୀୟ କର୍ମଶାଳାରେ ରାଜ୍ୟସଭା ସାଂସଦ ତଥା ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅରୁଣ ସିଂହ କହିଛନ୍ତି। ସେ କହିଛନ୍ତି ଯେ ସ୍ୱଦେଶୀ ଅଭିଯାନକୁ ଆନ୍ଦୋଳନରେ ପରିଣତ କରିବାକୁ ବିଜେପି ପ୍ରତିଶ୍ରୁତିବଦ୍ଧ। ବିଦେଶୀ ସାମଗ୍ରୀ ଛାଡ଼ି ଭାରତରେ ପ୍ରସ୍ତୁତ ସାମଗ୍ରୀ ଆପଣାଇବାକୁ ପ୍ରୋତ୍ସାହିତ କରାଯିବ। ଏଥିରେ ବିଭିନ୍ନ ସ୍ଥାନୀୟ ଶିଳ୍ପ ସଂସ୍ଥା, ବାଣିଜ୍ୟ ସଂଗଠନ, ବ୍ୟବସାୟ ଓ ସାମାଜିକ ସଂଗଠନ, ଧାର୍ମିକ, ଯୁବ ଓ ମହିଳା ସଂଗଠନ ଓ ପ୍ରଭାବଶାଳୀ ବ୍ୟକ୍ତିମାନଙ୍କୁ ସାମିଲ କରାଯିବ। ସବୁ ଜିଲ୍ଲାରେ ୧୫ରୁ ୨୦ଦିନିଆ ସଂକଳ୍ପ ରଥଯାତ୍ରା ମଧ୍ୟ କରାଯିବ। ବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଆତ୍ମନିର୍ଭର ଭାରତ ସଂକଳ୍ପ ଉପରେ ଆଲୋଚନାଚକ୍ର ଆୟୋଜନ କରାଯିବ। ସ୍ୱଦେଶୀ ଉତ୍ପାଦ କିଣିବାକୁ ଓ ଦୋକାନୀମାନଙ୍କୁ ସ୍ୱଦେଶୀ ଉତ୍ପାଦ ବିକ୍ରି କରିବାକୁ ପ୍ରୋତ୍ସାହିତ କରାଯିବ ବୋଲି ଶ୍ରୀ ସିଂହ କହିଛନ୍ତି।

ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ଆତ୍ମନିର୍ଭର ଭାରତ କରିବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ସ୍ୱପ୍ନ ଦେଖିଥିଲେ, ତାହା ଆନ୍ଦୋଳନରେ ପରିଣତ ହୋଇଛି। ଓଡ଼ିଶାରେ ଛୋଟରୁ ବଡ଼ ଉଦ୍ୟୋଗ ସୃଷ୍ଟି କରିବା ପାଇଁ ଆମ ସମସ୍ତଙ୍କୁ ପ୍ରୟାସ କରିବାକୁ ପଡ଼ିବ। ଏଠାରେ କୃଷିଠାରୁ ଆରମ୍ଭ କରି ଖଣି, ନଦୀ ପର୍ଯ୍ୟନ୍ତ ସବୁ ଭରପୁର ରହିଛି। ଏଠାରୁ ଲୋକେ ଦାଦନ ଖଟିବାକୁ ବାହାରକୁ ନ ଯାଇ ରାଜ୍ୟରେ କିପରି ଆତ୍ମନିର୍ଭରଶୀଳ ହୋଇପାରିବେ, ସେନେଇ ଆମ ସମସ୍ତଙ୍କୁ ଉଦ୍ୟମ କରିବାକୁ ପଡ଼ିବ। ଆଗାମୀ ୩ ମାସ ପର୍ଯ୍ୟନ୍ତ ଦଳର କାର୍ଯ୍ୟକର୍ତ୍ତାଙ୍କୁ କଠିନ ପରିଶ୍ରମ କରି ଓଡ଼ିଶାର ଘରେ ଘରେ ଏହି ବାର୍ତ୍ତା ପହଞ୍ଚାଇବାକୁ ଶ୍ରୀ ସାମଲ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରବି ନାରାୟଣ ନାଏକ, ସାଂସଦ ଅନନ୍ତ ନାୟକ, ସୁକାନ୍ତ ପାଣିଗ୍ରାହୀ, ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଶାରଦା ଶତପଥୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡି. ମୁରଲୀକ୍ରିଷ୍ଣା ଯୋଗଦେଇଥିବା ବେଳେ ଆତ୍ମନିର୍ଭର ଭାରତ ରାଜ୍ୟ ସଂଯୋଜିକା ସୁଜାତା ପାଢ଼ୀ ଧନ୍ୟବାଦ ଦେଇଥିଲେ।

## ବଢୁଛି ବାଲି ଚୋରି, କାର୍ଯ୍ୟାନୁଷ୍ଠାନ ପାଇଁ ସାଂସଦଙ୍କ ନିର୍ଦ୍ଦେଶ



**ଜଲେଶ୍ୱର,୧୫।୯(ସଂଚାର ବ୍ୟୁରୋ):** ରାଜ୍ୟରେ ଏବେ ବାଲି ଚୋରି ଅଣାୟତ୍ତ ସ୍ଥିତିରେ ପହଞ୍ଚିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ସାରା ରାଜ୍ୟରେ ବାଲି ଚୋରା ଚାଲାଣ ସୀମା ଟପିଥିବା ବେଳେ ପ୍ରତିଦିନ ରାଜ୍ୟର କୋଣ ଅନୁକୋଣରୁ ଏନେଇ ଅଭିଯୋଗମାନ ହସ୍ତଗତ ହେଉଛି। ଏହି କ୍ରମରେ ସୁବର୍ଣ୍ଣରେଖା ନଦୀରୁ ମଧ୍ୟ ବାଲି ଚୋରି ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। ତେବେ ଏହି ବେଆଇନ ବାଲି ଚୋରିକୁ ରୋକିବା ସହ ମାଫିଆମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସ୍ଥାନୀୟ ଏସପି ଓ ଜିଲ୍ଲାପାଳଙ୍କୁ ଆଜି ନିର୍ଦ୍ଦେଶ ଦେଇଛନ୍ତି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ଭୋଗରାଇର ସୁବର୍ଣ୍ଣରେଖା ନଦୀପଠାକୁ ନିଜେ ସାଂସଦ ଅଚାନକ ଗସ୍ତରେ ଯାଇ ସେଠାରେ ବାଲି ଚୋରା ଚାଲାଣ ହେଉଥିବା ଦେଖିବାକୁ ପାଇଥିଲେ। ଫଳତଃ ସେ ଅତିରିକ୍ତ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କୁ ଘଟଣାସ୍ଥଳରେ କଡ଼ା ତାଗିଦ କରିଥିଲେ। ଏଥିସହ ତୁରନ୍ତ ମାମଲା ରୁଜୁ କରିବାକୁ ସେମାନଙ୍କୁ ସାଂସଦ ଶ୍ରୀ ଷଡ଼ଙ୍ଗୀ ପରାମର୍ଶ ଦେଇଥିଲେ। ଚଳିତ ବର୍ଷ ସୁବର୍ଣ୍ଣରେଖା ନଦୀରେ ୬ ଥର ବନ୍ୟା ଆସିବା ପରେ ପାଖାପାଖି ଏକ କିମି ନଦୀବନ୍ଧ ଧୋଇଯାଇଛି। ଫଳରେ ନଈକୂଳିଆ ଗାଁଗୁଡ଼ିକ ଏବେ ବିପଦରେ ଅଛନ୍ତି। ତେଣୁ ଏହି ଚୋରା ଚାଲାଣ ରୋକିବା ଦିଗରେ ଠୋସ୍ ପଦକ୍ଷେପ ଉପରେ ସାଂସଦ ଶ୍ରୀ ଷଡ଼ଙ୍ଗୀ ଗୁରୁତ୍ୱାରୋପ କରିଛନ୍ତି।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଅଭିଯୋଗ ଶୁଣାଣି

**କଟକ,୧୫।୯(ସଂଚାର ବ୍ୟୁରୋ):** କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନଅଭିଯୋଗ ଶୁଣାଣିରେ ସମୁଦାୟ ୮୨ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୭୯ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୩ଟି ସାମୂହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୩ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଆଜିର ଏହି ଅଭିଯୋଗ ଶୁଣାଣି କାଳରେ ଉପଆୟୁକ୍ତ କମିଶନରେଟ୍ ପୁଲିସ୍, ଋଷିକେଶ ଖିଲାରୀ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ ଶିବ ଟପୋ, ଉପଜିଲ୍ଲାପାଳ କଟକ ସଦର ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଉପଆରକ୍ଷୀ ଅଧୀକ୍ଷକ ପ୍ରଦୀପ କୁମାର ସାହୁ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଡେପୁଟି କଲେକ୍ଟର (ଅଭିଯୋଗ ଶୁଣାଣି) ସୌମ୍ୟା ବିଶ୍ୱାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ୨୨ରେ ଟାଙ୍ଗୀ-ଚୌଦ୍ୱାର ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ।

## ସ୍ମରଣିକା 'ଉଦୟନ' ଉନ୍ମୋଚିତ



**ବାଲେଶ୍ୱର,୧୫।୯(ସଂଚାର ବ୍ୟୁରୋ):** ଚାନ୍ଦିପୁରସ୍ଥ ପ୍ରୁଫ୍‌ର ବୈଜ୍ଞାନିକ, ଶିକ୍ଷାବିତ୍, ଲେଖକ ତଥା ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସକ୍ରିୟ ସଦସ୍ୟ ସ୍ୱର୍ଗତଃ ଉଦୟ ଚନ୍ଦ୍ର ଦାସଙ୍କ ସ୍ମୃତିରେ ପ୍ରକାଶିତ ସ୍ମରଣିକା 'ଉଦୟନ'କୁ ବସ୍ତା ବିଧାୟିକା ତଥା 'ରେବତୀ' ସମ୍ପାଦିକା ସୁବାସିନୀ ଜେନା ସୁନହଟସ୍ଥିତ ବାସଭବନରେ ଆୟୋଜିତ ସ୍ମୃତିସଭାରେ ଉନ୍ମୋଚନ କରିଛନ୍ତି। ଲୋକସେବା ଭବନ ଇଣ୍ଡଷ୍ଟ୍ରି ବିଭାଗର ଅବସରପ୍ରାପ୍ତ ଉପବିଭାଗ ଅଧିକାରୀ ତଥା ପଣ୍ଡିତ ପ୍ରଫୁଲ୍ଲ ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସଭାକୁ ପୂର୍ବତଟ ରେଳପଥର ଅବସରପ୍ରାପ୍ତ ବରିଷ୍ଠ ଜନସମ୍ପର୍କ ଅଧିକାରୀ ତଥା ବିଶିଷ୍ଟ କବି ଓ ସ୍ତମ୍ଭକାର ନିରାକାର ଦାସ ସଂଯୋଜନା କରିଥିଲେ। ସମ୍ମାନିତ ଅତିଥି ଭାବେ ବାଲିଖଣ୍ଡ ମହାବିଦ୍ୟାଳୟର ଇତିହାସ ବିଭାଗ ପ୍ରଧ୍ୟାପକ ନୀରଦ କୁମାର ଜେନା, ପୂର୍ବତନ ସରପଞ୍ଚ ତଥା ସମାଜସେବୀ ଜୟନ୍ତ କୁମାର ମିଶ୍ର, ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ଶିକ୍ଷକ ସନାତନ ବେହେରା, ଶିକ୍ଷକ ନାରାୟଣ ମହାରଣା, ପୂର୍ବତନ ସରପଞ୍ଚ ଦାଶରଥି ମହାରଣା, ପ୍ରାକ୍ତନ ସରପଞ୍ଚ ଦୀପକ କୁମାର ଖିଲାର, ସମାଜସେବୀ ନଟବର ମହାନ୍ତି ଯୋଗଦେଇ ସ୍ୱର୍ଗତଃ ଦାସଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ସଭାକୁ ଅବସରପ୍ରାପ୍ତ ପୁଲିସ୍ ଅଧିକାରୀ ପ୍ରମୋଦ କୁମାର ଦାସ, ନୂଆଗାଁ ବ୍ଲକ ମଣ୍ଡଳ ମତ୍ସ୍ୟ ଅଧିକାରୀ ଡ. ସୁଧାଂଶୁ ଶେଖର ବେହେରା, ପ୍ରୁଫ୍‌ର ଅବସରପ୍ରାପ୍ତ କାରିଗର ଶ୍ରୀଧର ବିନ୍ଧାଣୀ, ସୋଆର ଆସୋସିଏଟ୍ ପ୍ରଫେସର ସୁଜ୍ୟୋତ୍ସ୍ନା ଜେନା, ଶିକ୍ଷୟିତ୍ରୀ ପୁଷ୍ପିତା ଦାସ, ଆଡଭୋକେଟ୍ ଉର୍ମିମାଳା ଦାସ, ଇଂ ତାପସ ରଞ୍ଜନ ଦାସ, ଅତିରିକ୍ତ ତହସିଲଦାର କମନ୍ଦନ ମାଝୀ, ଗାଳ୍ପିକା ଡ. ନିବେଦିତା ଦାସ, ଶିକ୍ଷୟିତ୍ରୀ ବନ୍ଦନା ପାଣି, ଗୀତାରାଣୀ ଦାସ, ଉମେଶ ଚନ୍ଦ୍ର ଦାସ, ପ୍ରଶାନ୍ତ କୁମାର ଦାସ, ସୁଲୋଚନା ସେନାପତି, ମାନସ ରଞ୍ଜନ ଦାସ ଓ ସୁଭଦ୍ରା ଦାସ ପରିଚାଳନା କରିଥିଲେ।

### ନିଶା ବେପାରୀଙ୍କ ଉପରେ ଅନୁଗୁଳ ପୁଲିସର ପ୍ରହାର

## ବ୍ରାଉନସୁଗର୍ ଜବତ, ୫ ଗିରଫ

**ଅନୁଗୁଳ,୧୫।୯(ସଂଚାର ବ୍ୟୁରୋ):** ନିଶା କାରବାର ଉପରେ ଅନୁଗୁଳ ପୁଲିସ ପକ୍ଷରୁ ପ୍ରହାର ଚାଲିଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲାରେ ଏହି ସ୍ପେଶାଲ୍ ଡ୍ରାଇଭ୍ ଜାରି ରହିଥିବା ବେଳେ ଅଦ୍ୟାବଧି ଏଥିରେ ୧୦୦ ଗ୍ରାମରୁ ଉର୍ଦ୍ଧ୍ୱ ବ୍ରାଉନସୁଗର୍ ଜବତ ହୋଇଛି। ଏହାଛଡ଼ା ନିଶା କାରବାର କରୁଥିବା ଅଭିଯୋଗରେ ୫ ଜଣଙ୍କୁ ଗିରଫ ମଧ୍ୟ କରାଯାଇସାରିଛି।ଏନେଇ ପୁଲିସ୍ ପକ୍ଷରୁ ଦିଆଯାଇଥିବା ସୂଚନାନୁଯାୟୀ, ଅନୁଗୁଳ ଜିଲ୍ଲାରେ ନିଶା କାରବାର ବନ୍ଦ ପାଇଁ ଗତ ୧ ତାରିଖରୁ ସ୍ପେଶାଲ୍ ଡ୍ରାଇଭ୍ ପ୍ରହାର ଚାଲିଛି। ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅନୁଗୁଳ ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଏହି ଅଭିଯାନରେ ଆଜି ଅମଲାପଡ଼ାରେ ଚଢ଼ାଉ କରାଯାଇଥିବା ବେଳେ ଏଥିରେ ୧୨ ଗ୍ରାମରୁ ଅଧିକ ବ୍ରାଉନସୁଗର ଜବତ ହୋଇଛି। ଏଥିସହ ତାଳଚେର ରାଣିପାର୍କ ଅଞ୍ଚଳରୁ ମଧ୍ୟ ୨୧ ଗ୍ରାମରୁ ଉର୍ଦ୍ଧ୍ୱ ବ୍ରାଉନସୁଗର ଜବତ ହୋଇଛି। ଜବତ ହୋଇଥିବା ବ୍ରାଉନ୍‌ସୁଗରର ଆନୁମାନିକ ମୂଲ୍ୟ ୪ ଲକ୍ଷ ହେବ। ଏଥିସହ ନିଶା କାରବାରରେ ସମ୍ପୃକ୍ତ ଥିବା ୫ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି ଏବଂ ଆଗକୁ ବି ଏଭଳି ଚଢ଼ାଉ ଜାରି ରହିବ ବୋଲି ଅନୁଗୁଳ ଏସଡିପିଓ କହିଛନ୍ତି।

### ବେଦାନ୍ତର ମେଗା ସ୍ୱାସ୍ଥ୍ୟ ଶିବିର

# ୨୦୦ରୁ ଉର୍ଦ୍ଧ୍ୱ ହିତାଧିକାରୀ ଉପକୃତ




**ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ):** ଦେଶର ସର୍ବବୃହତ ଆଲୁମିନିୟମ ଉତ୍ପାଦକାରୀ କମ୍ପାନୀ ବେଦାନ୍ତ ଆଲୁମିନିୟମ କଳାହାଣ୍ଡି ଜିଲ୍ଲା ସ୍ୱାସ୍ଥ୍ୟ ପ୍ରଶାସନ ଓ ବଲାଙ୍ଗୀର ସ୍ୱରାଜ ହସ୍ପିଟାଲର ମିଳିତ ସହଯୋଗରେ ଗୁଣପୁର ଗ୍ରାମରେ ଏକ ମାଗଣା ମଲ୍ଟିସ୍ପେଶାଲିଟି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରିଥିଲା। ଏହି ଶିବିରରେ ଥୁଆମୁଲ ରାମପୁର ଏବଂ କାଶୀପୁର ବ୍ଲକର ୨୬ଟି ଗ୍ରାମର ୨୦୦ରୁ ଅଧିକ ଲୋକ ଉପକୃତ ହୋଇଥିଲେ। ଶିବିରକୁ ବ୍ଲକ ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ପ୍ରଦୋଷ କୁମାର ପଣ୍ଡା ସ୍ଥାନୀୟ ସ୍ୱାସ୍ଥ୍ୟସେବା ବୃତ୍ତିଗତ ଓ ସମ୍ପ୍ରଦାୟ ପ୍ରତିନିଧିଙ୍କ ସହ ଉଦଘାଟନ କରିଥିଲେ। ଏହି ମେଗା ସ୍ୱାସ୍ଥ୍ୟ ଶିବିର ବିଷୟରେ ବେଦାନ୍ତ ଆଲୁମିନିୟମର ସିଇଓ ରାଜୀବ କୁମାର କହିଛନ୍ତି ଯେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇଁ ଉପଲବ୍ଧତା ସୁନିଶ୍ଚିତ କରିବା ଆମ ବିକାଶ ପ୍ରୟାସର ଏକ ମୂଳଦୁଆ। ସେ ଆହୁରି କହିଛନ୍ତି ଯେ ଇତିମଧ୍ୟରେ ବେଦାନ୍ତ ଆଲୁମିନିୟମ ରାୟଗଡା ଓ କଳାହାଣ୍ଡି ଜିଲ୍ଲାରେ ୩୫ରୁ ଅଧିକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରିସାରିଛି, ଯାହା ଅନୁନ୍ନତ ଅଞ୍ଚଳରେ ମାଗଣା ପରାମର୍ଶ, ଔଷଧ ଓ ନିଦାନ ସେବା ପ୍ରଦାନ କରୁଛି।

## ବଜ୍ରାଘାତରେ ଜଣେ ମୃତ, ଜଣେ ଗୁରୁତର

**ତିଲେଶ୍ୱର, ୧୫।୯ (ସଂଚାର ବ୍ୟୁରୋ):** ହରଭଙ୍ଗା ଥାନା ଧଳପୁର ପାୟତ ଧଳପୁର ଗ୍ରାମରେ ବଜ୍ରପାତରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛି। ମୃତକ ଜଣକ ହେଲେ ଗୋବିନ୍ଦ ମହାକୁଡ (୪୭) । ଗୁରୁତର ଜଣକ ହେଲେ ଟୁକୁନା ଦେହୁରି (୩୬) । ତାଙ୍କୁ ଆଠମଲ୍ଲିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଗୋବିନ୍ଦ ଏବଂ ଟୁକୁନା ନିଜ ଗାଇଗୋରୁଙ୍କୁ ନେଇ ନିକଟସ୍ଥ ଟିକିରାସାହି ପଡିଆକୁ ଚରାଇବାକୁ ଯାଇଥିଲେ । ସନ୍ଧ୍ୟାରେ ଘଡଘଡି ବିଜୁଳି ଆରମ୍ଭ ହୋଇଥିଲା । ଏହି ସମୟରେ ହଠାତ ବଜ୍ରପାତ ହେବାରୁ ଦୁଇଜଣଙ୍କୁ ଆଘାତ ଲାଗିଥିଲା । ଉଭୟେ ତଳେ ପଡିଯାଇଥିଲେ । ସ୍ଥାନୀୟ ଲୋକେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ଆଠମଲ୍ଲିକ ମେଡିକାଲକୁ ନେଇଥିଲେ । ସେଠାରେ ଗୋବିନ୍ଦଙ୍କ ମୃତ୍ୟୁ ହୋଇଥିବା ବେଳେ ଟୁକୁନାଙ୍କ ଅବସ୍ଥା ସଂଙ୍କଟାପନ୍ନ ରହିଛି।

### ପ୍ରତିଷ୍ଠା ଦିବସରେ ମନେ ପଡ଼ିଲେ ଇନ୍ଦିରା ଓ ନନ୍ଦିନୀ

# ମହିଳାଙ୍କୁ ସଂସଦ ଓ ବିଧାନସଭାରେ ପହଞ୍ଚାଇଛି କଂଗ୍ରେସ




**ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ):** ଆଜି କଂଗ୍ରେସ ଭବନରେ ଭାରତୀୟ ମହିଳା କଂଗ୍ରେସର ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ରାଜ୍ୟ ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଓ ମଧୁସ୍ମିତା ପଣ୍ଡାଙ୍କ ସଂଯୋଜନାରେ ଆୟୋଜିତ ସମାବେଶରେ ମୁଖ୍ୟ ଅତିଥି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି ଯେ ଭାରତରେ ନାରୀ ଶକ୍ତିର ସବୁଠୁ ବଡ଼ ପ୍ରତୀକ ଇନ୍ଦିରା ଗାନ୍ଧିଙ୍କ ରାଷ୍ଟ୍ର ନିର୍ମାଣ କାର୍ଯ୍ୟକ୍ରମ ଦେଶରେ ନାରୀ ସଶକ୍ତିକରଣର ସୂତ୍ରପାତ କରିଥିଲା। ଦେଶରେ ଜନସଂଖ୍ୟାର ୫୦ ପ୍ରତିଶତ ମହିଳା ହୋଇଥିବା ବେଳେ ନାରୀ ନ୍ୟାୟ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ରାଜ୍ୟର ୨୦ ହଜାର ମହିଳା ଘେରିପାରିଲେ ହିଁ ମହିଳା କଂଗ୍ରେସ ଗଠନର ପ୍ରକୃତ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି କହିଛନ୍ତି। ସେହିପରି ଏଆଇସିସି ଓଡିଶା ପ୍ରଭାରୀ ଅଜୟ କୁମାର ଲଲ୍ଲୁ 'ଲଡ଼କୀ ହୋ, ଲଡ୍ ଶକ୍ତି ହୋ' ସ୍ଲୋଗାନ ଦେଇ ଉପସ୍ଥିତ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ।

ପୂର୍ବତନ ଲୋକସଭା ସଦସ୍ୟା ସୁଶୀଳା ତିରିଆ ମହିଳା ବିଲ୍‌କୁ ଲାଗୁ କରି ମହିଳା ସଶକ୍ତିକରଣ ପାଇଁ ଆହ୍ୱାନ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ସରସ୍ୱତୀ ହେମ୍ବ୍ରମ ଦିବଂଗତ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଗାନ୍ଧିଙ୍କ ପ୍ରେରଣାରେ ରାଜନୀତିକୁ ଆସିବା ସହ ନନ୍ଦିନୀ ଶତପଥୀଙ୍କୁ ସହଯୋଗ କରିଥିବା କହିଥିଲେ। ମହିଳା କଂଗ୍ରେସର ଅନ୍ୟତମ ନେତ୍ରୀ ପ୍ରଣତି ମିଶ୍ର ସାଙ୍ଗଠନିକ କାର୍ଯ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ପିସିସି ଉପସଭାପତି ସସ୍ମିତା ବେହେରା ତୃଣମୂଳ ସ୍ତରରେ କାର୍ଯ୍ୟ କରି ଦଳକୁ ଶକ୍ତିଶାଳୀ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶ୍ରୀମତୀ ତିରିଆ ଓ ଶ୍ରୀମତୀ ହେମ୍ବ୍ରମଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ମଙ୍ଗଳବାର ୧୬ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Tuesday 15 September 2025, Bhubaneswar

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ରାଜ୍ୟରେ ସାରର ଅଭାବ କାହିଁକି?

ଖାଦ୍ୟ ସୁରକ୍ଷା ଓ କୃଷକଙ୍କ ଜୀବନଯାପନର ମୂଳଦୁଆରୀ ହେଉଛି ସାର। କିନ୍ତୁ ଭାରତରେ, ବିଶେଷକରି ଓଡ଼ିଶାରେ, ସାର ରାଜନୀତି ଏକ ବିବାଦୀୟ ବିଷୟ ହୋଇପଡ଼ିଛି। ୨୦୨୫ରେ ଏହାର ରାଜନୈତିକ ପରିପ୍ରେକ୍ଷ୍ୟ ଆହୁରି ଜଟିଳ ହୋଇଉଠିଛି। ଚୀନର ରପ୍ତାନି ହ୍ରାସ ଯୋଗୁଁ ସାର ଅଭାବ ଦେଖାଦେଇଛି, ଯାହା କୃଷକଙ୍କୁ ପ୍ରଭାବିତ କରୁଛି। କେନ୍ଦ୍ର ସରକାରର ସ୍ୱାବଲମ୍ବୀ ସାର ଉତ୍ପାଦନ ଆହ୍ୱାନ ସତ୍ତ୍ୱେ, ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଏହାକୁ ବାଧାପ୍ରାପ୍ତ କରୁଛି।

ଓଡ଼ିଶାରେ ସାର ରାଜନୀତି କେନ୍ଦ୍ର-ରାଜ୍ୟ ସମ୍ପର୍କର ଏକ ପ୍ରତିଫଳନ। ବିଜେଡ଼ି ନେତା ନବୀନ ପଟ୍ଟନାୟକ କେନ୍ଦ୍ରକୁ ଚିଠି ଲେଖି ସାର ସଙ୍କଟର ସମାଧାନ ଦାବି କରିଛନ୍ତି। ରାଜ୍ୟ ସରକାର ଖରିଫ୍ ୨୦୨୫ ପାଇଁ ସାର ଯୋଗାଣ ତ୍ୱରାନ୍ୱିତ କରିବା ସହ କଳାବଜାରି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। କେନ୍ଦ୍ରର ପୋଷ୍ଟଫେଟ୍ ଓ ପୋଟାସ୍ ସାର ଉପରେ ସବସିଡି ସଂଶୋଧନ ସତ୍ତ୍ୱେ, ରାଜ୍ୟରେ ଦାମ ବୃଦ୍ଧି ଓ ଅଭାବ ଜାରି ରହିଛି।

ଭାରତର ସାର ବଜାର ୨୦୨୪ରେ ୪୩.୫ ବିଲିୟନ୍ ଡଲାରରୁ ୨୦୩୩ ସୁଦ୍ଧା ୭୪ ବିଲିୟନ୍ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। କିନ୍ତୁ ଏହି ବୃଦ୍ଧିର ଲାଭ କୃଷକଙ୍କୁ ମିଳୁନାହିଁ। ରାଜନୈତିକ ଦଳଗୁଡ଼ିକ ସାରକୁ ନିର୍ବାଚନୀ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। କେନ୍ଦ୍ରର 'ଏକ ରାଷ୍ଟ୍ର ଏକ ସାର' ଯୋଜନା ଉଦ୍ଦେଶ୍ୟମୂଳକ ହୋଇଥିବା ସତ୍ତ୍ୱେ, ବାସ୍ତବରେ ଏହା କୃଷକଙ୍କ ସମସ୍ୟା ବଢ଼ାଇଛି।

ଓଡ଼ିଶାରେ କୃଷି ବଜେଟ୍ରେ ସାର ପାଇଁ ବ୍ୟବସ୍ଥା ରହିଛି, ଯେମିତିକି ୧୫୦ କୋଟି ଟଙ୍କାର କର୍ପସ୍ ଫଣ୍ଡ। ରାଜ୍ୟ ଚାରୋଟି କର୍ପୋରେସନ ସହ ଏମଓୟୁ କରିଛନ୍ତି । କିନ୍ତୁ କଳାବଜାରି ଓ



**ଭାରତର ସାର ବଜାର ୨୦୨୪ରେ ୪୩.୫ ବିଲିୟନ୍ ଡଲାରରୁ ୨୦୩୩ ସୁଦ୍ଧା ୭୪ ବିଲିୟନ୍ ଡଲାରକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। କିନ୍ତୁ ଏହି ବୃଦ୍ଧିର ଲାଭ କୃଷକଙ୍କୁ ମିଳୁନାହିଁ। ରାଜନୈତିକ ଦଳଗୁଡ଼ିକ ସାରକୁ ନିର୍ବାଚନୀ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। କେନ୍ଦ୍ରର 'ଏକ ରାଷ୍ଟ୍ର ଏକ ସାର' ଯୋଜନା ଉଦ୍ଦେଶ୍ୟମୂଳକ ହୋଇଥିବା ସତ୍ତ୍ୱେ, ବାସ୍ତବରେ ଏହା କୃଷକଙ୍କ ସମସ୍ୟା ବଢ଼ାଇଛି।**

ବିଳମ୍ବିତ ଯୋଗାଣ ଯୋଗୁଁ କୃଷକମାନେ ହନ୍ତସନ୍ତ ହେଉଛନ୍ତି। ରାଜନୀତିଜ୍ଞମାନେ ଏହାକୁ ନିର୍ବାଚନୀ ମୁଦ୍ଦା କରି କୃଷକଙ୍କ ଭୋଟ୍ ହାସଲ କରିବାକୁ ଚେଷ୍ଟା କରୁଛନ୍ତି, କିନ୍ତୁ ସ୍ଥାୟୀ ସମାଧାନ ଦେଉନାହାଁନ୍ତି। ସାର ରାଜନୀତିର ମୂଳ କାରଣ ହେଉଛି ଆମଦାନୀ ନିର୍ଭରତା। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱାବଲମ୍ବୀ ଆହ୍ୱାନ ଭଲ, କିନ୍ତୁ ଏହାର କାର୍ଯ୍ୟାନ୍ୱୟନ ଦୁର୍ବଳ। ନୂତନ ସାର ନିୟନ୍ତ୍ରଣ ଆଦେଶ ୨୦୨୫ ମାନକ ବଢ଼ାଇଛି, କିନ୍ତୁ ଉତ୍ପାଦନ ବୃଦ୍ଧି ନାହିଁ। ଓଡ଼ିଶାରେ କୃଷକମାନେ ଡିବିଟି ସିଷ୍ଟମ୍ର ଲାଭ ପାଉଛନ୍ତି, କିନ୍ତୁ ଏହାର ଅପବ୍ୟବହାର ରୋକିବା ଆବଶ୍ୟକ।

ସମାଧାନ ହେଉଛି ଜୈବିକ ସାରକୁ ପ୍ରୋତ୍ସାହନ ଦେବା, ସ୍ଥାନୀୟ ଉତ୍ପାଦନ ବଢ଼ାଇବା ଓ ବଣ୍ଟନ ପ୍ରଣାଳୀକୁ ପାରଦର୍ଶୀ କରିବା। ରାଜନୀତିକୁ କୃଷିରୁ ଦୂର ରଖି କୃଷକଙ୍କ ହିତକୁ ପ୍ରାଥମିକତା ଦେବା ଆବଶ୍ୟକ। ନହେଲେ, ସାର ରାଜନୀତି କୃଷକଙ୍କ ଭବିଷ୍ୟତକୁ ଅନ୍ଧକାରମୟ କରିବ।

# ଆକାଶଗଂଗା ଓ ବ୍ରହ୍ମାଣ୍ଡର ବିସ୍ମୟ ସମୟ ରହସ୍ୟ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଆମ ବ୍ରହ୍ମାଣ୍ଡ ପ୍ରଣାଳୀରେ ସମୟର ହିସାବ ଏକ ବିଶାଳ ଏବଂ ବିସ୍ମୟକର ଅଟେ। ଅର୍ଥାତ୍ ବ୍ରହ୍ମାଙ୍କର ଗୋଟିଏ ଦିନ ଯାହାକୁ କଳ୍ପ କୁହଯାଏ ତାହା ହଜାର ସଂଖ୍ୟାର ଚର୍ତୁଯୁଗ ତଥା ମହାଯୁଗ ସହିତ ସମାନ ଅଟେ ଏବଂ ତାଙ୍କ ରାତ୍ରିର ଅବଧି ମଧ ସେତିକି ଅଟେ। ଯେଉଁ ବିଜ୍ଞ ବ୍ୟକ୍ତି ଏହା ଜାଣନ୍ତି, ସେ ଦିବା ଓ ରାତିର ବାସ୍ତବିକ ସତ୍ୟତାକୁ ବୁଝିପାରନ୍ତି। ସେହିପରି ଦେବତାମାନଙ୍କର ଯଥା ଇନ୍ଦ୍ର, ବରୁଣ ଆଦିଙ୍କର ଗୋଟିଏ ଦିନ ପୃଥିବୀର ଗୋଟିଏ ବର୍ଷ ସହିତ ସମାନ। ହଜାର ମହାଯୁଗରେ ବ୍ରହ୍ମାଙ୍କର ଗୋଟିଏ ଦିନ ହୁଏ ଏବଂ ସେତିକି ବଡ଼ ବ୍ରହ୍ମାଙ୍କର ରାତ୍ରି। ବ୍ରହ୍ମାଙ୍କର ଆୟୁ ଶହେ ବର୍ଷ ଅଟେ, ଯାହା ପୃଥିବୀର ହିସାବରେ ୩୧୧ ଖର୍ବ ୪୦ ଅର୍ବ ବର୍ଷ। ବୈଦିକ ଗଣନା ଅନୁସାରେ କଳିଯୁଗ - ୪, ୩୨, ୦୦୦ବର୍ଷ, ଦ୍ୱାପର ଯୁଗ - ୮, ୬୪, ୦୦୦ବର୍ଷ, ତ୍ରେତାଯୁଗ - ୧୨, ୯୬,୦୦୦ ବର୍ଷ, ସତ୍ୟ ଯୁଗ - ୧୭, ୨୮, ୦୦୦ବର୍ଷ। ଏ ସବୁ ଯୁଗର ବର୍ଷ ମିଶି ଅର୍ଥାତ୍ ଏକତ୍ର ହୋଇ ଏକ ମହାଯୁଗ ହୁଏ ଯାହା ୪,୩୨୦, ୦୦୦ ବର୍ଷ ଅଟେ। ୧୦୦୦ ମହାଯୁଗ ବ୍ରହ୍ମାଙ୍କର ଗୋଟିଏ ଦିନ ବା ଏକ କଳ୍ପ ଯାହା ୪, ୩୨, ୦୦, ୦୦୦, ୦୦ ବର୍ଷ ଅଟେ। ସେତିକି ବଡ଼ ବ୍ରହ୍ମାଙ୍କର ରାତ୍ରି ମଧ। ବିଶ୍ୱ ବ୍ରହ୍ମାଣ୍ଡର ଅବଧି ବ୍ରହ୍ମାଙ୍କର ୧୦୦ବର୍ଷ ଆୟୁ ସହିତ ସମାନ, ଯାହା ୩୧୧ ଖର୍ବ ୪୦ ଅର୍ବ ବର୍ଷ ଅଟେ। ବ୍ରହ୍ମା ମଧ ଜଣେ ଜୀବାତ୍ମା ଅଟନ୍ତି, ଯିଏ ଭଗବାନଙ୍କ ପ୍ରତି ତାଙ୍କର କର୍ତ୍ତବ୍ୟ କରି ଏହି ପଦ ପ୍ରାପ୍ତ କରିଛନ୍ତି। ତେଣୁ ବ୍ରହ୍ମା ମଧ ଜନ୍ମମୃତ୍ୟୁର ଚକ୍ରର ଅନ୍ତର୍ଭୁକ୍ତ। କିନ୍ତୁ ସେ ଅତ୍ୟନ୍ତ ଉଚ୍ଚ ଆତ୍ମା ହୋଇଥିବାରୁ , ତାଙ୍କ ଜୀବନକାଳ ସମାପ୍ତ ହେବା ପୂର୍ବରୁ ସେ ଜନ୍ମମୃତ୍ୟୁ ଚକ୍ରରୁ ମୁକ୍ତ ହୋଇ ଭଗବାନଙ୍କ ଲୋକ ପ୍ରାପ୍ତ କରନ୍ତି। ବେଳେବେଳେ ବ୍ରହ୍ମା ପଦ ପାଇଁ କୌଣସି ଅଧିକାରୀ ଆତ୍ମା ନ ମିଳିଲେ, ଭଗବାନ ସ୍ୱୟଂ ବ୍ରହ୍ମା ହୋଇଯାଆନ୍ତି। ବ୍ରହ୍ମାଙ୍କର ଦିବସ ପ୍ରାରମ୍ଭରେ, ସମସ୍ତ ପ୍ରାଣୀ ଅପ୍ରକଟ ଅବସ୍ଥାରୁ ପ୍ରକଟ ହେବାକୁ ଆରମ୍ଭ କରନ୍ତି ଏବଂ ରାତ୍ରିର ଆଗମନରେ ସମସ୍ତ ଶରୀରଧାରୀ ପ୍ରାଣୀ ପୁନର୍ବାର ସେହି ଅପ୍ରକଟରେ ସମାହିତ ହୋଇଯାଆନ୍ତି। ବ୍ରହ୍ମାଣ୍ଡର ବିସ୍ମୟକର ଜାଗତିକ ଖେଳରେ, ସେଥିରେ ଥିବା ବିଭିନ୍ନ ଲୋକ ଏବଂ ସେମାନଙ୍କର ସୌରମଣ୍ଡଳ ସୃଷ୍ଟି, ସ୍ଥିତି ଓ ପ୍ରଳୟ ଚକ୍ର ମଧ ଦେଇ ବାରମ୍ବାର ଗତି କରିଥାଆନ୍ତି। ବ୍ରହ୍ମାଙ୍କର ଗୋଟିଏ ଦିନର ଶେଷରେ, ଯାହା ୪,୩୨,୦୦,୦୦,୦୦୦ ବର୍ଷର ଗୋଟିଏ କଳ୍ପ ଅଟେ, ମହଃ ଲୋକ ପର୍ଯ୍ୟନ୍ତ ସମସ୍ତ ସୌରମଣ୍ଡଳ ବିଲୋପ ହୋଇଯାଆନ୍ତି। ଏହାକୁ ନୈମିତ୍ତିକ ପ୍ରଳୟ ବା ଆଂଶିକ ପ୍ରଳୟ କୁହାଯାଏ। ଯେମିତି ଗୋଟିଏ ପିଲା ଦିନବେଳେ ଖେଳନାର କେତେ ଆକୃତି ଗଢ଼ିଥାଏ ଏବଂ ଶୋଇବା ପୂର୍ବରୁ ତାକୁ ଭାଙ୍ଗି ଦିଏ, ସେହିପରି ବ୍ରହ୍ମା ଜାଗ୍ରତ ହେଲେ ଏହି ବ୍ରହ୍ମାଣ୍ଡ ଓ ସମସ୍ତ ପ୍ରାଣୀ ସମୂହର ସୃଷ୍ଟି କରନ୍ତି ଏବଂ ଶୋଇବା ପୂର୍ବରୁ ସେସବୁକୁ ଲୋପ କରି ଦିଅନ୍ତି। ବ୍ରହ୍ମାଙ୍କର ୧୦୦ବର୍ଷ ଆୟୁ ଶେଷରେ ସମଗ୍ର ବିଶ୍ୱ ବ୍ରହ୍ମାଣ୍ଡର ବିଲୁପ୍ତି ଘଟିଥାଏ। ଏହି ସମୟରେ ସମସ୍ତ ମାୟିକ ଜଗତର ଅନ୍ତ ହୋଇଯାଏ। ଅର୍ଥାତ୍ ପଂଚ ମହାଭୂତ ପଂଚ ତନ୍ମାତ୍ରାରେ ଲୀନ ହୋଇଯାଏ, ପଂଚ ତନ୍ମାତ୍ର ଅହଂକାରରେ ଲୀନ ହୁଏ, ଅହଂକାର ମହାନରେ ଲୀନ ହୁଏ ଏବଂ ମହାନ ପ୍ରକୃତିରେ ଲୀନ ହୁଏ। ପ୍ରକୃତି ମାୟିକ ବା ମାୟା ଶକ୍ତିର ସୂକ୍ଷ୍ମ ରୂପ ଅଟେ। ମାୟା ନିଜର ମୌଳିକ ରୂପରେ, ପରବ୍ରହ୍ମ ମହାବିଷ୍ଣୁଙ୍କ ଶରୀରରେ ଅବସ୍ଥାନ କରେ। ଏହାକୁ ପ୍ରାକୃତ ପ୍ରଳୟ ବା ମହାପ୍ରଳୟ କୁହାଯାଏ। ପୁଣି ମହାବିଷ୍ଣୁ ଯେତେବେଳେ ସୃଷ୍ଟି କରିବାକୁ ଇଚ୍ଛା କରନ୍ତି, ସେ ପ୍ରକୃତି ରୂପରେ ଥିବା ମାୟିକ ଶକ୍ତି ପ୍ରତି ଦୃଷ୍ଟିପାତ କରନ୍ତି ଏବଂ ତାଙ୍କର ଦୃଷ୍ଟି ମାତ୍ରେ ଏହା ପୁଣି ପ୍ରକାଶିତ ହେବାରେ ଲାଗେ। ପ୍ରକୃତିରୁ ମହାନ ଉତ୍ପନ୍ନ ହୁଏ। ମହାନରୁ ଅହଂକାର, ଅହଂକାରରୁ ପଂଚ ତନ୍ମାତ୍ରା ଏବଂ ପଂଚ ତନ୍ମାତ୍ରାରୁ ପଂଚ ମହାଭୂତ ଉତ୍ପନ୍ନ ହୁଅନ୍ତି। ଏହିପରି ଭାବରେ ଅସଂଖ୍ୟ ବିଶ୍ୱର ସୃଷ୍ଟି ହୋଇଥାଏ। ଆଧୁନିକ ବୈଜ୍ଞାନିକ ମାନଙ୍କର ଆକଳନ ଅନୁସାରେ ଆକାଶଗଙ୍ଗାରେ ୧୦୦ ଅର୍ବ ତାରକା ଅଛନ୍ତି। ଆକାଶଗଙ୍ଗା ପରି ପ୍ରାୟ ୧୦୦ ଅର୍ବ ଛାୟାପଥ ସମଗ୍ର ବ୍ରହ୍ମାଣ୍ଡରେ ଅଛନ୍ତି। ବେଦ ଅନୁସାରେ ଆମର ଏହି ବ୍ରହ୍ମାଣ୍ଡ ପରି ବିଭିନ୍ନ ଆକାର ଓ ପ୍ରକାରର ଅସଂଖ୍ୟ ବ୍ରହ୍ମାଣ୍ଡ ରହିଛି। ମହାବିଷ୍ଣୁ ଯେତେବେଳେ ଶ୍ୱାସ ତ୍ୟାଗ କରନ୍ତି ଅସଂଖ୍ୟ ବ୍ରହ୍ମାଣ୍ଡ ତାଙ୍କର ଶରୀରର ପ୍ରତି ଲୋମ କୂପରୁ ନିର୍ଗତ ହୁଅନ୍ତି ଏବଂ ଯେତେବେଳେ ଶ୍ୱାସ ଗ୍ରହଣ କରନ୍ତି, ସମଗ୍ର ବ୍ରହ୍ମାଣ୍ଡ ପୁନର୍ବାର ତାଙ୍କ ମଧରେ ଲୀନ ହୋଇଯାଆନ୍ତି। ଏହିପରି ଭାବରେ ବ୍ରହ୍ମାଙ୍କର ୧୦୦ବର୍ଷ ଭଗବାନଙ୍କର ଗୋଟିଏ ନିଶ୍ୱାସ/ପ୍ରଶ୍ୱାସ ସହିତ ସମାନ। ପ୍ରତ୍ୟେକ ବ୍ରହ୍ମାଣ୍ଡରେ ଜଣେ ବ୍ରହ୍ମା, ଜଣେ ବିଷ୍ଣୁ ଏବଂ ଜଣେ ଶଙ୍କର ଅଛନ୍ତି। ସୁତରାଂ ଅନନ୍ତ ବ୍ରହ୍ମାଣ୍ଡରେ ଅନନ୍ତ ବ୍ରହ୍ମା, ବିଷ୍ଣୁ ଓ ଶଙ୍କର ଅଛନ୍ତି। ପ୍ରତ୍ୟେକ ବ୍ରହ୍ମାଣ୍ଡର ବିଷ୍ଣୁ ମହାବିଷ୍ଣୁଙ୍କର ସ୍ୱରୂପ ଅଟନ୍ତି।

**ଅରଙ୍ଗାବାଦ, ବରୀ, ଯାଜପୁର, ମୋବାଇଲ: ୮୨୪୯୫୦୨୭୭୬**

# ଅନ୍ତର୍ଜାତୀୟ ସ୍ତରରେ ଗଣତନ୍ତ୍ରର ସ୍ଥିତି



କିଶୋର ଚନ୍ଦ୍ର ବେହେରା

ସମାଜବାଦର ମଳିନତା ଓ ପୁଞ୍ଜିବାଦୀ ପରିବେଶର ଆହ୍ୱାନ କ୍ରମେ ମୁଣ୍ଡ ଟେକିଥିଲା ଗଣତନ୍ତ୍ର ଊନବିଂଶ ଶତାବ୍ଦୀରେ। ନିରଙ୍କୁଶ ରାଜତନ୍ତ୍ର ବିରୋଧରେ ସଂଗଠିତ ଜନମତରୁ ଗଣତନ୍ତ୍ରର ସୃଷ୍ଟି । ଜନଚେତନା ଓ ବୌଦ୍ଧିକ ଚେତନାର ମିଶ୍ରଣରୁ ଜନ୍ମନିଏ ଆଜିର ଗଣତାନ୍ତ୍ରିକ ଚିନ୍ତାଧାରା। ଗଣତନ୍ତ୍ର ଏକ ଲୋକପ୍ରିୟ ଶାସନ ବ୍ୟବସ୍ଥା , ଯାହା ସର୍ବଦା ଜନକଲ୍ୟାଣ ବା ଜନମଙ୍ଗଳ ଅଥବା ସମୂହ କଲ୍ୟାଣ ପାଇଁ ଚେଷ୍ଟା କରିଥାଏ। ଗଣତନ୍ତ୍ର ସମ୍ପର୍କରେ ଆମେରିକାର ପ୍ରାକ୍ତନ ରାଷ୍ଟ୍ରପତି ଆବ୍ରାହାମ ଲିଙ୍କନ ମତରେ " ଗଣତନ୍ତ୍ର ହେଉଛି ଲୋକଙ୍କର , ଲୋକମାନଙ୍କ ଦ୍ୱାରା ଓ ଲୋକମାନଙ୍କ ପାଇଁ ଏକ ଶାସନ"। ମାକସେଙ୍କ ମତରେ "ଗଣତନ୍ତ୍ର ହେଉଛି ଏକ ଜୀବନ ପ୍ରଣାଳୀ"। ଏହି ଶାସନ ବ୍ୟବସ୍ଥାରେ ଜନସାଧାରଣ ହିଁ ସର୍ବଶକ୍ତିମାନ ଓ ମାନବିକ ଜୀବନଶୈଳୀରେ ଯଥେଷ୍ଟ ପ୍ରଭାବ ପକାଇଥାଏ। ସମ୍ରାଟଙ୍କ ଅଖଣ୍ଡ ଆଧିପତ୍ୟକୁ ଜନସାଧାରଣ ଗ୍ରହଣ କରିବାକୁ ଅନିଚ୍ଛୁକ ହେବା ସହିତ ସେମାନଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପୃଥିବୀରେ ତିନିଟି ଜନବିପ୍ଳବ ଜନ୍ମ ନେଲା। ଇଂଲାଣ୍ଡର ୧୬୮୮ ମସିହାର ଗ୍ଲୋରିୟସ ବିପ୍ଳବ , ୧୭୭୬ ମସିହାର ଆମେରିକାର ସ୍ୱାଧୀନତା ସଂଗ୍ରାମ ଓ ୧୭୮୯ ମସିହାର ଫରାସୀ ବିପ୍ଳବ ବିଶ୍ୱ ଇତିହାସକୁ ଓଲଟ ପାଲଟ କରିଦେଇଥିଲା । ଅସୀମ ରାଜତନ୍ତ୍ର ସମାଧିରୁ ଜନ୍ମନେଲା ଗଣତନ୍ତ୍ର ଏବଂ ସୃଷ୍ଟି ହେଲା ସମାନାତା , ସ୍ୱତନ୍ତ୍ରତା ଓ ନ୍ୟାୟର ନୂତନ ସୂର୍ଯ୍ୟାଲୋକ। ସମୟ ବଦଳିବା ସହିତ ଗଣତାନ୍ତ୍ରିକ ମୌଳିକ ଚିନ୍ତାଧାରାରେ ମଧ ପରିବର୍ତ୍ତନ ଦେଖାଗଲାଣି ଓ ଜନସାଧାରଣଙ୍କ ଶାସନରେ ଅଂସଗ୍ରହଣର ଚେହେରା ଏବେ ବଦଳିଗଲାଣି। ଆଜିର ଗଣତନ୍ତ୍ର ଶାସନର ଚାବି କାଠି ରହିଛି କେତେକ ମୁଷ୍ଟିମେୟ ପ୍ରଭାବଶାଳି ବ୍ୟକ୍ତିଙ୍କ ହାତ ମୁଠାରେ। ସେମାନଙ୍କର ରାୟ ଓ ନିଷ୍ପତ୍ତି ହେଉଛି ଆଜିର ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାର ପ୍ରକୃତ ପରିଚୟ। ଗଣତନ୍ତ୍ରର ପରିବର୍ତ୍ତିତ ଚେହେରାକୁ ଦୃଷ୍ଟିରେ ରଖି କାର୍ଲ ଫ୍ରେଡରିକ ମତ ଦିଅନ୍ତି 'ପରିସ୍ଥିତି ଭିନ୍ନ ହେଲେ ଗଣତନ୍ତ୍ରର ଆଭିମୁଖ୍ୟ ଭିନ୍ନ ହୁଏ' ତେଣୁ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ଦୃଷ୍ଟିକୋଣରୁ ଗଣତନ୍ତ୍ରକୁ ବୁଝିଥାଆନ୍ତି।

ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ନାଗରିକଙ୍କ ମୌଳିକ ଅଧିକାରକୁ ଗୁରୁତ୍ୱ ଦିଏ। ଯେଉଁ ରାଷ୍ଟ୍ରରେ ଗଣତନ୍ତ୍ର ଶାସନ ଥାଏ ସେଠାରେ ଜନତା ସୁଖରେ ଥିବା ଧରାଯାଏ ଏବଂ ସେହି ଦେଶକୁ ଜନମଙ୍ଗଳ ରାଷ୍ଟ୍ର ରୂପେ ପରିଗଣିତ କରାଯାଏ। ଲୋକଙ୍କ ଉପରେ କୌଣସି ଚାପ କିମ୍ବା ପ୍ରତିବନ୍ଧତା ନଥାଏ। ଜନତା ସେମାନଙ୍କ ବିଚାର ଅନୁସାରେ ନିଷ୍ପତ୍ତି ନେଇ ପାରୁଥିବେ। ପୂରା ବିଶ୍ୱରେ ଗଣତନ୍ତ୍ରର ଆବଶ୍ୟକତାକୁ ପ୍ରୋତ୍ସାହିତ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏହି ବିଶେଷ ଦିନରେ ଗଣତାନ୍ତ୍ରିକ ସଚେତନତା ବୃଦ୍ଧି ପାଇଁ ବିଭିନ୍ନ ସ୍ଥାନରେ ବିତର୍କ, ଆଲୋଚନା ଏବଂ ସମ୍ମିଳନୀ ପରି କାର୍ଯ୍ୟକ୍ରମ ପଞ୍ଚାୟତ ସ୍ତରରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ ଆୟୋଜିତ ହୋଇଥାଏ। ସେପ୍ଟେମ୍ବର ୧୯୯୭ରେ ଆନ୍ତଃ ପାର୍ଲିଆମେଣ୍ଟାରୀ ୟୁନିୟନ ଦ୍ୱାରା ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତ ଉପରେ ଏକ ସାର୍ବଭୌମିକ ଘୋଷଣାନାମା ଗୃହୀତ ହେଲା। ପରବର୍ତ୍ତୀ ସମୟରେ ଅର୍ଥାତ ୨୦୦୭ ମସିହାରେ ପ୍ରଥମ ଥର ପାଇଁ ମିଳିତ ଜାତିସଂଘର ସାଧାରଣ ପରିଷଦରେ ପ୍ରତି ବର୍ଷ ସେପ୍ଟେମ୍ବର ମାସର ୧୫ ତାରିଖଟି ସମସ୍ତ ସଭ୍ୟ ରାଷ୍ଟ୍ରଙ୍କଦ୍ୱାରା ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ ରୂପେ ପାଳନ କରିବା ପାଇଁ ଏକ ସଂକଳ୍ପ ପାରିତ ହେଲା। ଏଥି ସହ ସଦସ୍ୟ ରାଷ୍ଟ୍ରଙ୍କୁ ଗଣତନ୍ତ୍ରର ମୌଳିକ ସିଦ୍ଧାନ୍ତ ବଜାୟ ରଖିବା ଦିଗରେ ବିଶ୍ୱ ସ୍ତରରେ ଏକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିନଟିକୁ ପାଳନ କରିବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ୧୯ତମ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସରେ ପ୍ରତିବର୍ଷ ଭଳି ଏବର୍ଷର ବାର୍ତ୍ତା ହେଉଛି "ଅସୁରକ୍ଷାର ଯୁଗରେ ଗଣତନ୍ତ୍ର ଏବଂ ଅନ୍ତର୍ଭୁକ୍ତି" । ଗଣତନ୍ତ୍ରର ମୂଳ ସିଦ୍ଧାନ୍ତ ବଜାୟ ରଖିବା ସହ ଏହି ବିଚାରକୁ ପ୍ରସାର କରାଇବା ଏହାର ଲକ୍ଷ୍ୟ। ମିଳିତ ଜାତିସଂଘ ସ୍ୱୀକାର କରେଯେ ଗଣତନ୍ତ୍ର ଏକ ଗନ୍ତବ୍ୟସ୍ଥାନ ନୁହେଁ , ବଂର ଏକ ନିରନ୍ତର ପ୍ରକ୍ରିୟା। ଏହାର ଆଦର୍ଶ ଆନ୍ତର୍ଜାତୀୟ ସଂପ୍ରଦାୟ, ଜାତୀୟ ଶାସକ ଦଳ, ନାଗରିକ ସମାଜ, ବ୍ୟକ୍ତିବିଶେଷଙ୍କ ସଂପୂର୍ଣ୍ଣ ଅଂଶ ଗ୍ରହଣ ଏବଂ ସମର୍ଥନ ଉପରେ ଆଧାରିତ।

ସମାନତା, ସ୍ୱାଧୀନତା, ନ୍ୟାୟ, ଅଧିକାର ଓ ଭାତୃତ୍ୱ ଗଣତନ୍ତ୍ରର ମାଇଲଖୁଣ୍ଟ ସଦୃଶ୍ୟ ଅଟେ। ବ୍ୟକ୍ତିର ବ୍ୟକ୍ତିତ୍ୱ ବିକାଶ କ୍ଷେତ୍ରରେ ଏହା ଅନେକ ସହାୟକ ହୁଏ। ବିଶ୍ୱରେ ଦୁଇ ପ୍ରକାରର ଗଣତନ୍ତ୍ର ପ୍ରଣାଳୀ ରହିଛି। ପ୍ରଥମ ହେଉଛି ସଂସଦୀୟ ପ୍ରଣାଳୀ ଏବଂ ଦ୍ୱିତୀୟଟି ହେଉଛି ରାଷ୍ଟ୍ରପତୀୟ ଶାସନ ପ୍ରଣାଳୀ। ଦୁଇଟି ପ୍ରଣାଳୀରେ ଜନତାଙ୍କ ମତାମତକୁ ଗୁରୁତ୍ୱ ଦିଆଯାଏ। ଭାରତ, ଅଷ୍ଟ୍ରେଲିଆ, କାନାଡା ଏବଂ ଇଂଲଣ୍ଡରେ ସଂସଦୀୟ ପ୍ରଣାଳୀ ପ୍ରଚଳିତ ହେଉଥିବା ବେଳେ ଆମେରିକା, ଚୀନ୍ ଓ ଦକ୍ଷିଣ ଆଫ୍ରିକା ଭଳି ରାଷ୍ଟ୍ରରେ ରାଷ୍ଟ୍ରପତିମୂଳକ ପ୍ରଣାଳୀ ଶାସନ ପ୍ରଚଳିତ। ଜି-୨୦ ଶିଖର ସମ୍ମିଳନୀ ରାଷ୍ଟ୍ରମୁଖ୍ୟମାନଙ୍କୁ ଏକ ପୁସ୍ତକ ଉପହାର ଦେଇଛନ୍ତି ଭାରତ ସରକାର। ଯେଉଁ ପୁସ୍ତକର ନାମ 'ଭାରତଃ ମଦର ଅଫ୍ ଡେମୋକ୍ରାସି' ରହିଛି। ଏହି ପୁସ୍ତକ ଜରିଆରେ ଭାରତ ଗଣତନ୍ତ୍ରର ଜନନୀ ବୋଲି ବିଶ୍ୱକୁ ଅବଗତ କରି ଦିଆଯାଇଛି। ପୁଣ୍ୟଭୂମି ଭାରତବର୍ଷ ସମଗ୍ର ପୃଥିବୀର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଗଣତନ୍ତ୍ର ଦିବସ ପାଳନ କରେ ପ୍ରତିବର୍ଷ ଜାନୁଆରୀ ୨୬ ତାରିଖରେ। ଅଷ୍ଟ୍ରେଲିଆ ୯ ଜୁଲାଇ, ବାଙ୍ଗଲାଦେଶ ୪ ନଭେମ୍ବର, କାନାଡ଼ା ୨୯ ମାର୍ଚ୍ଚ , ଜର୍ମାନୀ ୨୩ ମଇ, ପାକିସ୍ଥାନ ୧୦ ଏପ୍ରିଲ, ଥାଇଲାଣ୍ଡ ୧୦ ଡିସେମ୍ବର ଓ ଆମେରିକା ୧୭ ସେପ୍ଟେମ୍ବରରେ ପାଳନ କରିଥାନ୍ତି ସମ୍ବିଧାନ ଦିବସ। ଯେଉଁ ରାଷ୍ଟ୍ର ଗଣତନ୍ତ୍ର କ୍ଷେତ୍ରରେ ଯେତେ ସମୃଦ୍ଧ ସେ ଦେଶ ଓ ଜାତି ସେତିକି ପ୍ରଗତିଶୀଳ। ମତଦାନ ଦୃଷ୍ଟିରୁ ବିଚାର କରାଗଲେ ଆମ ଭାରତ ବର୍ଷରେ ପୁରୁଷ ଓ ମହିଳା ମାନଙ୍କ ମଧରେ ତାରତମ୍ୟ ନ ରଖି ଉଭୟଙ୍କ ବୟସ ସୀମାକୁ ୧୮ ବର୍ଷ ରଖାଯାଇଛି। ପରିଶେଷରେ ଅନ୍ତର୍ଜାତୀୟ ଗଣତନ୍ତ୍ର ଦିବସ କେବଳ ଉତ୍ସବ ନୁହେଁ ବରଂ କାର୍ଯ୍ୟ ପାଇଁ ଆହ୍ୱାନ। ଏହା ମାନବିକ ଅଧିକାରର ସୁରକ୍ଷା, ନାଗରିକ ସହଭାଗିତା, ସମଗ୍ର ବିଶ୍ୱରେ ଶାନ୍ତି ଏବଂ ସ୍ଥିରତା କରିବାରେ ସୁନିଶ୍ଚିତ କରିଥାଏ। ଏହି ଦିନ ଏକ ସ୍ମାରକ ପତ୍ର ଭାବରେ କାର୍ଯ୍ୟ କରେ ଗଣତନ୍ତ୍ର ଏକ ନିରନ୍ତର ପ୍ରକ୍ରିୟା ଏବଂ ଅଧିକ ଗଣତାନ୍ତ୍ରିକ ତଥା ଅନ୍ତର୍ଭୁକ୍ତ ଭବିଷ୍ୟତ ଗଠନ ପାଇଁ ପରବର୍ତ୍ତୀ ପିଢ଼ିକୁ ସଶକ୍ତ କରିବା ନିତ୍ୟାନ୍ତ ଆବଶ୍ୟକ।

**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିନ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**

# ଓଡ଼ିଶାରେ ରଙ୍ଗମଞ୍ଚ ଓ କଳାବିକାଶ କେନ୍ଦ୍ର



ନାଟ୍ୟସାରଥି ଅଭୟ କୁମାର ଦାସ

ଉତ୍କଳୀୟ ମଞ୍ଚର ପ୍ରାଚୀନତାର ନିଦର୍ଶନ ଆମେ ପାଇଥାଉ ଉଦୟଗିରିର ରାଣୀଗୁମ୍ଫାରେ ଥିବା ସମ୍ରାଟ ଖାରବେଳଙ୍କର ଏକ ଶିଳାଲିପି ଓ ଖୋଦିତ ଚିତ୍ରରୁ। ଖ୍ରୀଷ୍ଟିୟ ନବମ ଶତାବ୍ଦୀରୁ ଉତ୍କଳୀୟ ସଂସ୍କୃତ ରଙ୍ଗମଞ୍ଚ ବିକାଶର ନିଦର୍ଶନ ଆମେ ପାଇଥାଉ। ମୁରାରୀ ମିଶ୍ର ଅନର୍ଘ ରାଘବ ନାଟକ ଲେଖି ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ସମୟରେ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ତାହା ମଞ୍ଚସ୍ଥ କରିଥିଲେ। ଜାତିର କଳାସଂସ୍କୃତିର ପରିଚୟ ମିଳିଥାଏ ତାର ରଙ୍ଗମଞ୍ଚରୁ ସେଇଥିପାଇଁ କୁହାଯାଏ 'ଏ ନେସନ ଇଜି ନୋନ୍ ବାୟ ଇଟସ୍ ଥିଏଟର'। ନାଟ୍ୟ ଶାସ୍ତ୍ର ପ୍ରଣେତା ଭରତ ତିନି ପ୍ରକାର ମଞ୍ଚର ନିର୍ଦ୍ଦେଶ କରିଯାଇଛନ୍ତି। ସେଗୁଡ଼ିକ ହେଉଛି ବିକୃଷ୍ଟ, ଚର୍ତୁସ୍ର ଓ ତ୍ରସ୍ୟ। ଭାରତର ସର୍ବପ୍ରଥମ ରଙ୍ଗମଞ୍ଚ କଲିକତାରେ ୧୭୫୬ରେ ଗଢ଼ି ଉଠିଥିଲା। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସକୁ ତିନି ଭାଗରେ ବିଭକ୍ତ କରାଯାଇପାରେ। ତାହା ହେଉଛି ସ୍ଥାୟୀ, ଅସ୍ଥାୟୀ ଓ ସୌଖିନୀର ରଙ୍ଗମଞ୍ଚ। ଓଡ଼ିଶାରେ ରଙ୍ଗମଞ୍ଚର ଇତିହାସ ଖୋଜିଲେ ୧୮୭୨ ମସିହାରେ କଟକ ମିଶନ ସ୍କୁଲରେ ଇଂରାଜୀ ନାଟକ ଅଭିନୀତ ହୋଇଥିବା ନେଇ ଉତ୍କଳ ଦୀପିକାରେ ବର୍ଣ୍ଣନା ହୋଇଛି। ତେବେ ୧୮୭୫-୭୬ ବେଳକୁ ଏଠାରେ ଏକ ଅସ୍ଥାୟୀ ମଞ୍ଚ ଗଠନ ହେବା ପରେ କଟକ ମ୍ୟୁନିସିପାଲଟି ହତାରେ ସର୍ବପ୍ରଥମେ ୧୮୭୬-୭୭ ସମୟରେ ବମ୍ବେର ପାର୍ସି ରିପନ ଓ ସାଙ୍ଗଲୀ ଥିଏଟର୍ସ ନାଟକ ପ୍ରଦର୍ଶନ କରିଥିଲେ। ତେବେ ୧୮୮୩ ବେଳକୁ ଧରାବାର ହିନ୍ଦୀ ଥିଏଟର୍ସ କମ୍ପାନୀ କଟକରେ ଏକ ରଙ୍ଗଶାଳା ନିର୍ମାଣ କରି ନାଟକ ଅଭିନୟ କରାଇଥିଲେ। ୧୮୮୧ରେ କାଞ୍ଚି କାବେରୀ ଓ ୧୮୮୨ରେ ମହୀଦାସ ବଜାରର ହାରାଧାନ ଘୋଷଙ୍କ ବାସଗୃହରେ ମଞ୍ଚସ୍ଥ ହୋଇଥିଲା ନାଟକ 'ବନମାଳା'। ସେହିପରି ୧୮୮୩ରେ କାଳୀପଦ ବନ୍ଦୋପାଧ୍ୟାୟଙ୍କ ଗୃହରେ 'କଳିକାଳ', ୧୮୮୪ରେ ପୁରୀ ହିନ୍ଦୁ ଥିଏଟରରେ ମଞ୍ଚସ୍ଥ ହୋଇଥିଲା ନାଟକ 'ରାମାଭିଷେକ', ୧୮୮୫ରେ ଶ୍ରୀପଞ୍ଚମୀ ତିଥିରେ କଟକ ଜିଲ୍ଲାର କୋଠପଦା ଗ୍ରାମରେ ଏକ ସ୍ଥାୟୀ ମଞ୍ଚ ପ୍ରତିଷ୍ଠା ହୋଇ 'କାଞ୍ଚି କାବେରୀ' ପ୍ରଦର୍ଶିତ ହୋଇଥିଲା।

ବାରବାଟୀ କିଲ୍ଲା ଠାରେ ୧୮୭୭ରେ ନାଟକ 'ଇଂରାଜୀ', ୧୮୮୯ରେ କଟକର ରଘୁନାଥପୁର ଠାରେ ନାରାୟଣ ମିଶ୍ରଙ୍କ 'ସୀତା ବନବାସ' ପ୍ରଦର୍ଶିତ ହୋଇଥିଲା। ୧୮୮୯ରେ କଟକରେ ନାଟକ 'ପ୍ରହ୍ଲାଦ', ୧୮୮୭ରେ ମଧୁସୂଦନ ଦାସଙ୍କ ଘରେ ବଙ୍ଗଳା ନାଟକ 'ହରିଶ୍ଚନ୍ଦ୍ର' ଅଭିନୀତ ହୋଇଥିଲା। ୧୮୭୫ରେ କଳା ଓ ସାଧନାର କ୍ଷେତ୍ର ମାହାଙ୍ଗା ଠାରେ ଜଗମୋହନ ଲାଲା ରାଧାକାନ୍ତ ରଙ୍ଗମଞ୍ଚ ପ୍ରତିଷ୍ଠା କରି ଓଡ଼ିଆ ଓ ବଙ୍ଗାଳୀ ନାଟକ ଅଭିନୀତ କରାଉଥିଲେ। ତେବେ ୧୮୮୭ ବେଳକୁ ମଧୁସୂଦନ ଦାସଙ୍କ ଘରେ ସ୍ଥାୟୀ ମଞ୍ଚ ଓ କଟକର ପ୍ରଖ୍ୟାତ ଜମିଦାର ଲକ୍ଷ୍ମୀନାରାୟଣ ଚୌଧୁରୀଙ୍କ ନିଜ ଘରେ ନାଟକ ପାଇଁ ରଙ୍ଗମଞ୍ଚ ତିଆରି କରିଥିଲେ। କଟକର ବିନୋଦବିହାରୀରେ ୧୮୯୮ରେ 'ବୀଣାପାଣୀ ଥିଏଟର' ପ୍ରତିଷ୍ଠା ହୋଇଥିଲା। ଦକ୍ଷିଣ ଓଡ଼ିଶାର ପ୍ରଥମ ସ୍ଥାୟୀ ମଞ୍ଚ ୧୮୯୭ରେ ପ୍ରତିଷ୍ଠା ହୋଇଥିଲା ଏହାର ନାମ ଥିଲା 'ପଦ୍ମନାଭ ରଙ୍ଗାଳୟ' ସେହିପରି ପରବର୍ତ୍ତୀ ସମୟରେ ୧୯୧୦ ବେଳକୁ ଜମିଦାର କୁଞ୍ଜବିହାରୀ ଘୋଷଙ୍କ ଉଦ୍ୟମରେ ବାସନ୍ତୀ ରଙ୍ଗମଞ୍ଚ, କଟକର ବାଙ୍କା ବଜାରର ରଜନୀକାନ୍ତ ବିଶ୍ୱାଳଙ୍କ ଉଦ୍ୟମରେ ୧୯୧୩ରେ 'ଉଷା ପେଣ୍ଡାଲ' ଓ ପୁରୀ ଜିଲ୍ଲାର ବନମାଳି ପତିଙ୍କ ଉଦ୍ୟମରେ ୧୯୧୧ ମସିହାରେ ବଳଙ୍ଗା ଠାରେ ପ୍ରତିଷ୍ଠିତ ହୁଏ ଓଡ଼ିଶାର ପ୍ରଥମ ବ୍ୟବସାୟିକ ରଙ୍ଗମଞ୍ଚ 'ରାଧାକୃଷ୍ଣ ଥିଏଟର'। ସେହିପରି ୧୯୩୫ରେ ବ୍ରହ୍ମପୁରର ସାରଥି ସାହୁଙ୍କ ପ୍ରଚେଷ୍ଟାରେ 'ସାରଥି ଥିଏଟର' ୧୯୩୫ ମସିହାରେ ଗଢ଼ି ଉଠିଥିବାବେଳେ ସୋମନାଥ ଦାସଙ୍କ ପ୍ରଚେଷ୍ଟାରେ ୧୯୩୩ରେ 'ଅନ୍ନପୂର୍ଣ୍ଣା ନାଟ୍ୟମଣ୍ଡଳୀ' ଓ ୧୯୪୫ରେ କଟକରେ 'ଅନ୍ନପୂର୍ଣ୍ଣ ବି ଗ୍ରୁପ' ମଞ୍ଚ ତିଆରି ହୁଏ। ଏହି ଅନ୍ନପୂର୍ଣ୍ଣା ଥିଏଟରଟି ୧୯୩୯ରେ ବଙ୍ଗଳା ନାଟ୍ୟକାର ଜଳନ୍ଧର ଚଟ୍ଟୋପାଧ୍ୟାୟଙ୍କ ନାଟକ 'ପିତବ୍ଲୁଡ଼ି'ର ଓଡ଼ିଆ ଅନୁବାଦ ମଞ୍ଚସ୍ଥ କରିଥିଲେ।



୧୯୨୯ରେ କାଳୀଚରଣ ପଟ୍ଟନାୟକଙ୍କ 'ସାକ୍ଷୀଗୋପାଳ ନାଟ୍ୟ ସଂଘ', ୧୯୪୨ରେ କଟକ ମାଣିକଘୋଷ ବଜାରରେ 'ଭାରତୀୟ ଥିଏଟର', ୧୯୪୪ରେ 'ନ୍ୟୁ ଓଡ଼ିଶା ଥିଏଟର', ୧୯୪୧ରେ କଟକର ଧର୍ମଶାଳା ଠାରେ ଯୋଗୀନାଥ ପଣ୍ଡାଙ୍କ 'ଦୁର୍ଗାମଣି ଥିଏଟର', ୧୯୪୬ରେ ଜଗନ୍ନାଥ ମହାନ୍ତିଙ୍କ ପ୍ରଚେଷ୍ଟାରେ 'ଜଗନ୍ନାଥ ଥିଏଟର', ୧୯୪୭ରେ ବରଗଡ଼ର ଅପର୍ତ୍ତି ପାଣିଗ୍ରାହୀଙ୍କ ପ୍ରଚେଷ୍ଟାରେ 'ନାଟ୍ୟ ମନ୍ଦିର', ୧୯୨୩ରେ ରଣପୁରରେ 'ରଣପୁର ରଙ୍ଗମଞ୍ଚ' ସେହିପରି କଟକର ବଡ଼େଇସାହିରେ 'ସୌଖିନୀ ରଙ୍ଗମଞ୍ଚ' ଭାବେ ୧୯୧୯ ମସିହାରେ 'ବୀଣାପାଣି କ୍ଲବ', ୧୯୨୨ରେ କାଠଗଡ଼ା ସାହିର 'ଉମାକାନ୍ତ ସମିତି', ୧୯୨୬ରେ 'ଅମଲା କ୍ଲବ', ୧୯୨୪ରେ 'ଜୁନୟର ଆମେଚର କ୍ଲବ', ୧୯୨୮ରେ 'ପିତବ୍ଲ୍ୟୁଡି କ୍ଲବ' ପ୍ରମୁଖ। ତେବେ ୧୯୪୬-୪୭ ସମୟରେ କଟକରେ 'ରୂପଶ୍ରୀ ଥିଏଟର' ସୁରେନ୍ଦ୍ରନାଥ ଦାସଙ୍କ ପରିଚାଳନାରେ ଗଢ଼ି ଉଠିଥିଲା। ୧୯୫୩ ଅକ୍ଟୋବର ୧୬ ତାରିଖରେ ସେ ସମୟରେ ବେଶ ନାଁ କମେଇଥିବା ରଙ୍ଗମଞ୍ଚ ଭାବେ 'ଜନତା ରଙ୍ଗମଞ୍ଚ' ଗଢ଼ି ଉଠିଥିଲା। ସେହିପରି ୧୯୬୬ ଅପ୍ରେଲ ୧୮ ତାରିଖରେ 'କଳାଶ୍ରୀ ଥିଏଟର' ଗଢ଼ି ଉଠିଥିଲା। ଓଡ଼ିଶାର ସୌଖିନ ନାଟ୍ୟ ସଂସ୍ଥା ଗୁଡ଼ିକ ମଧ ନାଟକକୁ ବଞ୍ଚାଇ ରଖିବାକୁ ଉଦ୍ୟମ କରିଛନ୍ତି। ୧୯୬୪ରେ କଟକର 'ସୃଜନୀ', ୧୯୭୦ରେ ଭୁବନେଶ୍ୱରର 'ସଂକେତ', ୧୯୬୫ରେ ରାଉରକେଲାର 'ଲାଇଫ ଆଣ୍ଡ ରିଦିମ୍', ୧୯୬୮ର 'କଳିଙ୍ଗ କଳାପରିଷଦ' ଓ କଟକର 'ଫ୍ରେଣ୍ଡସ ୟୁନିୟନ ୟୁନାଇଟେଡ ଆର୍ଟିଷ୍ଟ' ପ୍ରମୁଖ। ଓଡ଼ିଆର ନାଟକ, ଲୋକନାଟକ ଆମ ଜନଜୀବନର ବାସ୍ତବ ଜୀବନ ଚିତ୍ର।

ହଜାର ବର୍ଷର ପ୍ରାଚୀନ ସହର କଟକରେ ନୃତ୍ୟ ସଙ୍ଗୀତର ପ୍ରମୁଖ ଅନୁଷ୍ଠାନଟି ହେଉଛି କଳାବିକାଶ କେନ୍ଦ୍ର। ଅନେକ ହୁଏତ ଜାଣିନଥିବେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଶାରେ ଭାରତୀୟ ନୃତ୍ୟ ସଙ୍ଗୀତକୁ କଳାପ୍ରେମୀଙ୍କ ନିକଟରେ ଆଦୃତ କରିବା ପାଇଁ ୧୯୫୨ ମସିହା ଅଗଷ୍ଟ ୧୦ ତାରିଖରେ ସର୍ବପ୍ରଥମେ ଓଡ଼ିଆ ବଜାରରେ ଗୋଟିଏ ଭଡ଼ା ଘରେ କଳାବିକାଶ କେନ୍ଦ୍ର ସ୍ଥାପିତ ହୋଇଥିଲା। ସେ ସମୟରେ ମାସିକ ଭଡ଼ା ଥିଲା ୨୫ଟଙ୍କା। ବିଧିବଦ୍ଧ ଭାବେ ଏହାର ପଞ୍ଜୀକରଣ ତଥା ସମ୍ବିଧାନ ତିଆରିର ପ୍ରସ୍ତୁତି କରିଥିଲେ ଗୋବିନ୍ଦ ଦାସ, ବାଙ୍କବିହାରୀ ଦାଶ, ଦେବୀ ପ୍ରସନ୍ନ ପଟ୍ଟନାୟକ ପ୍ରମୁଖ। ଦିନକୁ ଦିନ ସଙ୍ଗୀତ ଓ କଳାର ଆଦର କରୁଥିବା ପିଲାମାନଙ୍କ ସଂଖ୍ୟା ବଢ଼ି ଚାଲିବାରୁ ଏହା ରାଣୀହାଟର ଅନ୍ୟ ଏକ ଭଡ଼ା ଘରକୁ ସ୍ଥାନାନ୍ତରିତ ହେଲା ଏବଂ ଏହାର ମାସିକ ଭଡା ରହିଲା ୨୫୦ ଟଙ୍କା। ଦୁଇମହଲା ବିଶିଷ୍ଟ ଏହି କୋଠା ଘରେ କଳାବିକାଶ କେନ୍ଦ୍ରର ଶିକ୍ଷାଦାନ କାର୍ଯ୍ୟକ୍ରମ ପରିଚାଳିତ ହେଲା। କଳାବିକାଶ କେନ୍ଦ୍ରର ମୂଳ ସଂସ୍ଥାପକ ବାବୁଲାଲ ଯୋଶୀ ୧୯୫୭ ମସିହାରେ ମିଶନ ରୋଡ଼ର ୟୁନିୟନ କ୍ଲବ ସନ୍ନିକଟ ସେ ସମୟରେ ଜଙ୍ଗଲିଆ ଜମି ଭାବେ ପରିଚିତ ଚଉଦଗୁଣ୍ଠ ଯାଗାକୁ ମାତ୍ର ଚାରିଶହ ଟଙ୍କାର ବିନିମୟ ମୁଦ୍ରା ଦ୍ୱାରା ହସ୍ତଗତ ହୋଇଥିଲା। ତତ୍କାଳୀନ କଳାପ୍ରେମୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଏହି ସ୍ଥାନଟିକୁ ଲିଜ ସୂତ୍ରରେ ପ୍ରଦାନ କରିଥିଲେ। ସେ ସମୟରେ କଟକର ଜିଲ୍ଲାପାଳ ସର୍ଦ୍ଦାର ଅମର ସିଂହ। ୧୯୫୮ ଅଗଷ୍ଟ ୧୫ରେ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କ ନିଜସ୍ୱ ଲୋକାଲ ଡେଭଲପମେଣ୍ଟ ଫଣ୍ଡରୁ ଦଶ ହଜାର ଟଙ୍କା କଳାବିକାଶ କେନ୍ଦ୍ରର ଗୃହ ନିର୍ମାଣର ଶିଳାନ୍ୟାସ ପାଇଁ ପ୍ରଦାନ କରିଥିଲେ। ନ୍ୟାୟମୂର୍ତ୍ତି ହରିହର ମହାପାତ୍ରଙ୍କ ସହଯୋଗରେ ପ୍ରଖ୍ୟାତ ଡୁଗଲ କମ୍ପାନୀ ଚାରି ହଜାର ଟଙ୍କାର ଇଟା ସହଯୋଗ ସ୍ୱରୂପ ପ୍ରଦାନ କରିଥିଲେ। କଟକ କଳାବିକାଶ କେନ୍ଦ୍ରର ପ୍ରଥମ ସଭାପତି ଥିଲେ ଡକ୍ଟର ପ୍ରାଣକୃଷ୍ଣ ପରିଜା ଓ ପ୍ରଥମ ସମ୍ପାଦକ ଥିଲେ ବିଶ୍ୱନାଥ ରାଓ। ସେ ସମୟରେ ବର୍ତ୍ତମାନର ସୁବିଖ୍ୟାତ ନୃତ୍ୟଗୁରୁ ମାୟାଧର ରାଉତ ମାତ୍ର ପନ୍ଦର ଟଙ୍କା ଦରମା ବିନିମୟରେ ନୃତ୍ୟ ଶିକ୍ଷା ଦେଉଥିଲେ। କେଳୁଚରଣ ମହାପାତ୍ର ମଧ ମାସିକ କୋଡିଏ ଟଙ୍କା ଦରମାରେ ଶିକ୍ଷା ପ୍ରଦାନ କରୁଥିଲେ। ରାଖାଲ ଚନ୍ଦ୍ର ମହାନ୍ତି କେନ୍ଦ୍ରରେ ଅଧ୍ୟୟନ କରିବା ସଙ୍ଗେ ସଙ୍ଗେ ଶିକ୍ଷକ ହିସାବରେ ମଧ କର୍ତ୍ତବ୍ୟରତ ଥିଲେ। କେନ୍ଦ୍ରର ଅନ୍ୟତମ ଶିକ୍ଷକ ଭାବେ ବାଳକୃଷ୍ଣ ଦାଶ କାର୍ଯ୍ୟରତ ଥିଲେ। ସେ ସମୟରେ ଓଡ଼ିଶାର ଏକମାତ୍ର ଓ ପ୍ରମୁଖ ଅନୁଷ୍ଠାନ ଭାବେ କଳାବିକାଶ କେନ୍ଦ୍ର ଓଡ଼ିଶୀ ନୃତ୍ୟ ଓ ଗୀତର ବିଧିବଦ୍ଧ ଚାରିବର୍ଷିଆ ପାଠ୍ୟକ୍ରମ ତିଆରି କରିଥିଲା। ସର୍ବପ୍ରଥମେ ୧୯୫୩ରୁ ୧୯୫୪ ଶିକ୍ଷା ବର୍ଷରେ କବିଚନ୍ଦ୍ର ଡକ୍ଟର କାଳୀଚରଣ ପଟ୍ଟନାୟକ, ନୀଳମାଧବ ବୋଷ, ଦୟାନିଧି ଦାସ ଓ ଅନେକ ପ୍ରମୁଖ ଶିକ୍ଷା ଗୁରୁଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟ ଗୀତରେ ଚାରି ବର୍ଷିଆ ପାଠ୍ୟକ୍ରମ ପ୍ରବର୍ତ୍ତନ କରାଯାଇଥିଲା।

କଳାବିକାଶ କେନ୍ଦ୍ରର ସେ ସମୟର ବିଶେଷକରି ପ୍ରଥମ ପାଠ୍ୟକ୍ରମ ବ୍ୟାଚର କଥା ସମ୍ପର୍କରେ ଉଲ୍ଲେଖ କରୁଛୁ। ଆଜିର ପ୍ରସିଦ୍ଧ ସଙ୍ଗୀତ ସାଧକ ଭାବେ ସ୍ୱୀକୃତ ପାଇଥିବା ରାଖାଲ ଚନ୍ଦ୍ର ମହାନ୍ତି, ଭିକାରୀ ଚରଣ ବଳ, ଅର୍ଜ୍ଜୁନ ଚରଣ ସାମଲ, ରଘୁନାଥ ନନ୍ଦ, ଅକ୍ଷୟ ମହାନ୍ତି, ଡକ୍ଟର ମନୋରଞ୍ଜନ ପୃଷ୍ଟି, ନବୀନ ଚନ୍ଦ୍ର ପଟ୍ଟନାୟକ ଓ ଇନ୍ଦିରା ରାୟ ପ୍ରମୁଖ ହେଉଛନ୍ତି ପ୍ରମୁଖ ପାଠ୍ୟକ୍ରମର ଛାତ୍ରଛାତ୍ରୀ। ସେହିପରି କେନ୍ଦ୍ରର ପ୍ରଚେଷ୍ଟାରେ ମାୟାଧର ରାଉତଙ୍କୁ ଓ ନବଘନ ମିଶ୍ରଙ୍କୁ ତତ୍କାଳୀନ ମାନ୍ଦ୍ରାଜର କଳାକେନ୍ଦ୍ର ଓ ଲକ୍ଷ୍ନୌର ମରିସ କଲେଜକୁ ନୃତ୍ୟ ଓ ବେହେଲାରେ ଉଚ୍ଚଶିକ୍ଷା ପାଇଁ ପଠାଯାଇଥିଲା। ଶ୍ରୀମତୀ କୁମକୁମ ମହାନ୍ତି କଳାବିକାଶ କେନ୍ଦ୍ରର ଛାତ୍ରୀ। କଳାବିକାଶ କେନ୍ଦ୍ରରେ ଓଡ଼ିଶୀ ନୃତ୍ୟ, ଓଡ଼ିଶୀ କଣ୍ଠ ସଙ୍ଗୀତ, ହିନ୍ଦୁସ୍ତାନୀ ଶାସ୍ତ୍ରୀୟ କଣ୍ଠ ସଙ୍ଗୀତ, ଭାଓଲିନ, ଗୀତାର, ତବଲା, ସୁଗମ ସଙ୍ଗୀତ ପରି ସାତଟି ବିଭାଗ ରହିଛି। ସେହିପରି ୧୯୮୪ ମସିହାରୁ ଚାରି କଳା ଶିକ୍ଷା ନିମିତ୍ତ ଚମ୍ପକ ଲାଲ ମେହେଟ୍ଟା ଚାରୁ କଳା କେନ୍ଦ୍ର ସ୍ଥାପିତ ହୋଇଛି। ଏସବୁ ପାଠ୍ୟକ୍ରମର ସମୟ ସୀମା ହେଉଛି ଛଅ ବର୍ଷ।

ସ୍ୱାଧୀନତା ପାଇବା ପରେ ଓଡ଼ିଶୀ ନୃତ୍ୟ ସଙ୍ଗୀତର ହଜିଯାଇଥିବା ଗୌରବକୁ ପୁଣି ଫେରାଇ ଆଣି ଓଡ଼ିଶାର ସାଂସ୍କୃତିକ ପୁର୍ନଜାଗରଣର ଏକ ଉତ୍କୃଷ୍ଟ ଗବେଷଣା କେନ୍ଦ୍ର ହେଉଛି କଳାବିକାଶ କେନ୍ଦ୍ର। ଏଠାରେ କର୍ମଜୀବୀ ମହିଳାଙ୍କ ରହଣି ପାଇଁ ତୃପ୍ତିଘୋଷ କର୍ମଜୀବୀ ମହିଳା ନିବାସ ରହିଛି। କେନ୍ଦ୍ରର ନୃତ୍ୟରେ ବିଶେଷ ପାରଦର୍ଶିତା ଥିବା ଛାତ୍ରଛାତ୍ରୀଙ୍କ ପାଇଁ ଏକ ଉଚ୍ଚତର ତାଲିମ କାର୍ଯ୍ୟକ୍ରମ ଗ୍ରହଣ କେନ୍ଦ୍ର ରହିଛି ଏହି କେନ୍ଦ୍ର ତରଫରୁ ବିଭିନ୍ନ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଥାଏ। କଳାବିକାଶ କେନ୍ଦ୍ରରେ ଓଡ଼ିଶାର ପଲ୍ଲୀ ଅଞ୍ଚଳରେ ବ୍ୟବହୃତ ଓ ବିଶେଷ ପ୍ରକାର ବାଦ୍ୟ ଯନ୍ତ୍ର, ବେଶ ପୋଷକ ଅଳଙ୍କାର ଓ ଅନ୍ୟାନ୍ୟ ବୈଶିଷ୍ଟ୍ୟପୂର୍ଣ୍ଣ କଳା ସାମଗ୍ରୀର ଏକ ଛୋଟ ସଂଗ୍ରାହଳୟ ରହିଛି। କଳାବିକାଶ କେନ୍ଦ୍ର ଟ୍ରଷ୍ଟ ଅଧୀନରେ ଏକ ପରାମର୍ଶ ଦାତା କମିଟି ଦୈନନ୍ଦିନ ସମସ୍ତ କାର୍ଯ୍ୟ ପରିଚାଳନା କରିଥାଏ। କଳାବିକାଶ କେନ୍ଦ୍ରର ପ୍ରାଣ ପ୍ରତିଷ୍ଠାତା ବାବୁଲାଲ ଯୋଶୀଙ୍କ ସେପ୍ଟେମ୍ବର ୨୫, ୧୯୮୩ ମସିହାରେ ପରଲୋକ ହୋଇଥିଲା। ୧୯୧୮ ମଇ ୩୧ ତାରିଖରେ ଗୁଜୁରାଟର ମହୁଆରେ ଜନ୍ମ ନେଇଥିବା ଏହି କଳାପ୍ରେମୀ ବ୍ୟକ୍ତି ଜଣଙ୍କ ସର୍ବପ୍ରଥମେ ଓଡ଼ିଶାର ମୋହନ ଗୋସ୍ୱାମୀଙ୍କ ରାହାସ ଦଳ ଓ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଓଡ଼ିଶା ଥିଏଟରର ନାଟକ ଦେଖି ଆକୃଷ୍ଟ ହୁଅନ୍ତି ଓଡ଼ିଶାରେ ଏକ କଳା ପ୍ରତିଷ୍ଠାନ ଗଠନ କରିବା ପାଇଁ ତାଙ୍କରି ସତ୍ୟନିଷ୍ଠ ଓ ସଂକଳ୍ପପୂର୍ଣ୍ଣ ସାଧନା ପାଇଁ କଳାବିକାଶ କେନ୍ଦ୍ର ପ୍ରତିଷ୍ଠା ହୋଇପାରିଥିଲା। ତାଙ୍କ ସାଧନା ଏପରି ତୀବ୍ର ଥିଲା ଯେ ଯାହା ଏକ ଲେଖନୀ ଜଣାପଡ଼ିଛି ଏହି କଳାବିକାଶ କେନ୍ଦ୍ର ନିର୍ମାଣ ପାଇଁ ଅର୍ଥ ଓ ସମ୍ବଳର ଅଭାବ ଥିବାରୁ ସେ ଏକ ପ୍ରକାର ବଜ୍ର ଶପଥ ନେଇଥିଲେ ଯେ ଯେଉଁ ପର୍ଯ୍ୟନ୍ତ କେନ୍ଦ୍ରର ଗୃହ ନିର୍ମାଣ ନ ହୋଇଛି ସେ ପର୍ଯ୍ୟନ୍ତ ମୁଁ ଆଦୌ ଯୋତା ମାଡ଼ିବି ନାହିଁ କି ଗଦିରେ ଶୋଇବି ନାହିଁ ଏବଂ ପ୍ରତିଦିନ ଅନ୍ତତଃ ପକ୍ଷେ କେନ୍ଦ୍ରର ନିର୍ମାଣ ପାଇଁ ଶହେଟଙ୍କା ସହଯୋଗ ରାଶି ସଂଗ୍ରହ କରିବି। ଏହିପରି ଭାବରେ ସେ ସମର୍ପିତ ଭାବନା ନେଇ କଳାବିକାଶ କେନ୍ଦ୍ର ସ୍ଥାପନ କରିଥିଲେ। ପରବର୍ତ୍ତୀ ସମୟରେ ୧୯୬୧ ମସିହା ବେଳକୁ ରାଜସ୍ୱ ବିଭାଗର ସଚିବ ଥିବା ଏସ.କେ. ଘୋଷ ସହଯୋଗ ପ୍ରଦାନ କରି ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ସଦାଶିବ ତ୍ରିପାଠୀ ସରକାରୀ ଜାଗା ପାଇଁ ଲିଜ ସୂତ୍ର ନିମିତ୍ତ ସହଯୋଗ ରଖିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ତାଙ୍କ ପତ୍ନୀ ତୃପ୍ତୀ ଘୋଷ ଥିଲେ କଳାବିକାଶ କେନ୍ଦ୍ରର ଜଣେ ସଭ୍ୟା। କଳାବିକାଶ କେନ୍ଦ୍ର କେବଳ ଓଡ଼ିଶାର ନୃତ୍ୟ କଳା କେନ୍ଦ୍ରର ଏକ ପ୍ରମୁଖ କ୍ଷେତ୍ର ନହଁ ବରଂ ଏହା ବିଶ୍ୱର କଳା ଓ ଗୌରବ କୃତୀ କ୍ଷେତ୍ରର ଏକ ପ୍ରମୁଖ ଅନୁଷ୍ଠାନ।

**ଗୋତରା, ମାହାଙ୍ଗା, କଟକ, ମୋବାଇଲ୍: ୯୪୩୭୧୪୨୭୧୭**

### ୱାକଫ ଆଇନକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ

# ପୂରା ଆଇନ ଉପରେ ରୋକ ଲଗାଇବାକୁ ମନାକଲେ

ନୂଆଦିଲ୍ଲୀ,୧୫।୯ : ୱାକଫ ଆଇନକୁ ନେଇ ଆସିଛି ସୁପ୍ରିମକୋର୍ଟଙ୍କ ବଡ଼ ରାୟ। ପୂରା ଆଇନ ଉପରେ ରୋକ୍ ଲଗାଇବାକୁ ମନା କଲେ ସୁପ୍ରିମକୋର୍ଟ। ଆଇନ ବଳବତ୍ତର ରହିବ। ତେବେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରାବଧାନ ଉପରେ କଟକଣା ଲଗାଇଛନ୍ତି କୋର୍ଟ। ସର୍ବୋଚ୍ଚ ଅଦାଲତ ଆଇନର ୨ଟି ଧାରା ଉପରେ ସ୍ଥଗିତ ରଖିଛନ୍ତି। ୫ ବର୍ଷର ଆବଶ୍ୟକତାର ବ୍ୟବସ୍ଥାକୁ ନିଷିଦ୍ଧ କରିଛନ୍ତି। ଧାରା ୩୭୪କୁ ନିଷିଦ୍ଧ କରାଯାଇଛି। ରାଜସ୍ୱ ରେକର୍ଡ ସହିତ ଜଡିତ ଧାରା ନିଷିଦ୍ଧ କରାଯାଇଛି।

ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଭୂଷଣ ରାମକୃଷ୍ଣ ଗଭାଇ ଏବଂ ବିଚାରପତି ଅଗଷ୍ଟିନ ଜର୍ଜ ମସିହଙ୍କ ଦୁଇ ଜଣିଆ ଖଣ୍ଡପୀଠ ଅନ୍ତରୀଣ ଆଦେଶ ଦେଇଛନ୍ତି। ଏହି ମାମଲାରେ ସମଗ୍ର ଆଇନକୁ ସ୍ଥଗିତ ରଖିବାକୁ କୌଣସି ଯୁକ୍ତି ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଟ୍ରିବୁନାଲ ବିଚାରାଧୀନ ଥିବା ବିବାଦର ସମାଧାନ କରିପାରିବେନି ଜିଲ୍ଲାପାଳ। କେବଳ ଟ୍ରିବ୍ୟୁନାଲ ନିଷ୍ପତ୍ତି ନେବେ। ବିବାଦୀୟ ନଥିବା ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ ରହିବାକୁ ଅନୁମତି ଦେଇଛନ୍ତି ଖଣ୍ଡପୀଠ। କାର୍ଯ୍ୟନିର୍ବାହୀ କୌଣସି ବ୍ୟକ୍ତିଙ୍କ ଅଧିକାର ନିର୍ଣ୍ଣୟ କରିପାରିବେ ନାହିଁ। ଯେପର୍ଯ୍ୟନ୍ତ ନିଯୁକ୍ତ ଅଧିକାରୀଙ୍କ ତଦନ୍ତ ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନାହିଁ ଏବଂ ଯେପର୍ଯ୍ୟନ୍ତ ୱାକଫ ଟ୍ରିବ୍ୟୁନାଲ ଓ ହାଇକୋର୍ଟ ଦ୍ୱାରା ୱାକଫ ସମ୍ପତ୍ତିର ମାଲିକାନା ଉପରେ ନିଷ୍ପତ୍ତି ନିଆଯାଇନାହିଁ, ସେ ପର୍ଯ୍ୟନ୍ତ ୱାକଫକୁ ଏହାର ସମ୍ପତ୍ତିରୁ ବେଦଖଲ କରାଯାଇପାରିବ ନାହିଁ। ତେବେ ୱାକଫ ହେଉଛି, ସେହି ସମ୍ପତ୍ତି ଯାହା ଇସଲାମିକ ଆଇନ ଅନୁଯାୟୀ ଧାର୍ମିକ କିମ୍ବା ଦାନ ଉଦ୍ଦେଶ୍ୟରେ ଦିଆଯାଏ। ଥରେ କୌଣସି ସମ୍ପତ୍ତି ୱାକଫ ହୋଇଗଲେ, ଏହାକୁ ବିକ୍ରି କରାଯାଇପାରିବ ନାହିଁ କିମ୍ବା ଅନ୍ୟ କୌଣସି ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ ନାହିଁ।

### ବିହାରରେ ଏସ୍ଆଇଆର୍ ନେଇ ସୁପ୍ରିମକୋର୍ଟଙ୍କ ଚେତାବନୀ

# ଶୈଳୀରେ ତ୍ରୁଟି ଜଣାପଡ଼ିଲେ ରଦ୍ଦ କର



ନୂଆଦିଲ୍ଲୀ, ୧୫।୯: ବିଧାନସଭା ନିର୍ବାଚନ ପୂର୍ବରୁ ବିହାରରେ ଚାଲିଥିବା ଭୋଟର ତାଲିକା ସଂଶୋଧନ ବା ସ୍ପେଶାଲ ଇଣ୍ଟେନସିଭ ରିଭିଜନ(ଏସଆଇଆର) ପ୍ରସଙ୍ଗରେ ବଡ଼ ଚେତାବନୀ ଦେଇଛନ୍ତି ସୁପ୍ରିମକୋର୍ଟ। ଭାରତୀୟ ନିର୍ବାଚନ କମିଶନ ବିହାରରେ ଏସ୍ଆଇଆର ପାଇଁ ଆପଣାଇଥିବା ଶୈଳୀ ବା ବ୍ୟବସ୍ଥାରେ ଯଦି କୌଣସି ତ୍ରୁଟି ଜଣାପଡ଼ିବ, ତା'ହେଲେ ଏହାକୁ ସଂପୂର୍ଣ୍ଣ ଭାବେ ରଦ୍ଦ କରି ଦିଆଯିବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି।

ବିହାର ଏସ୍ଆଇଆରକୁ ବିରୋଧ କରି ହୋଇଥିବା ଆବେଦନର ଶୁଣାଣି ଜଷ୍ଟିସ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ ଜୟମଲୟ ବାଗଚୀଙ୍କ ଖଣ୍ଡପୀଠ କରୁଛନ୍ତି। ଶୁଣାଣି ବେଳେ ରଦ୍ଦର ଚେତାବନୀ ଦେଇଥିଲେ ହେଁ ଖଣ୍ଡପୀଠ ମାନିଛନ୍ତି ଯେ, ଭାରତୀୟ ନିର୍ବାଚନ କମିଶନ ଗୋଟିଏ ସାମ୍ବିଧାନିକ ସଂସ୍ଥା ହୋଇଥିବାରୁ ଏସ୍ଆଇଆର ବେଳେ ଆଇନର ପାଳନ କରିଥିବେ। ଯଦି ନିର୍ବାଚନ କମିଶନ କୌଣସି ବେଆଇନ କାର୍ଯ୍ୟଶୈଳୀ ଆପଣାଇଥିବେ ତା'ହେଲେ ଏସ୍ଆରଆର ପରେ ପ୍ରସ୍ତୁତ ଭୋଟର ତାଲିକାକୁ ସଂପୂର୍ଣ୍ଣ ଭାବେ ରଦ୍ଦ କରି ଦିଆଯିବ ବୋଲି ଖଣ୍ଡପୀଠ ମତ ରଖିଛନ୍ତି।

ବିହାର ଏସ୍ଆଇଆର ବୈଧତା ସମ୍ପର୍କରେ ଚୂଡ଼ାନ୍ତ ଯୁକ୍ତି ପାଇଁ ଅକ୍ଟୋବର ୭କୁ ଧାର୍ଯ୍ୟ କରିଛନ୍ତି ଖଣ୍ଡପୀଠ। ଏଥିସହ ଏବେ ଏହା ଉପରେ କୌଣସି ନିର୍ଦ୍ଦିଷ୍ଟ ଟିପ୍ପଣୀ କରିବାକୁ ମନା କରି ଦେଇଛନ୍ତି। ଏସ୍ଆଇଆରରେ ପ୍ରକ୍ରିୟାଗତ ତ୍ରୁଟି ଓ ପ୍ରାଧିକୃତ ବିସଙ୍ଗତି ଅଭିଯୋଗକୁ କୋର୍ଟ ବିଚାରକୁ ନେଇଥିଲେ। କିନ୍ତୁ ଏସ୍ଆଇଆର ପାଇଁ ନିର୍ବାଚନ କମିଶନ ନେଇଥିବା ପଦକ୍ଷେପରେ କୌଣସି ପ୍ରକାରର ପରିବର୍ତ୍ତନ କରିନାହାନ୍ତି।

ଶୁଣାଣି ବେଳେ ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ପୂରା ଦେଶରେ ଏସଆଇଆର ପାଇଁ ଓକିଲାତି କରିଥିଲେ। ଏଥିସହ ଆଧାରକୁ ଜଣଙ୍କର ବୟସଗତ ଓ ଆବାସିକ ପ୍ରମାଣପତ୍ର ଭାବେ ବିବେଚନା କରାଯାଇ ପାରିବ ନାହିଁ ବୋଲି କହିଥିଲେ। ଏହା ଶୁଣି ଜଷ୍ଟିସ ବାଗଚି ପ୍ରଶ୍ନ କରିଥିଲେ ଯେ, ନିର୍ବାଚନ ଆଇନରେ ଆଧାରକୁ ସ୍ୱୀକୃତି ମିଳିଛି କି ନାହିଁ? ଏହି ସମୟରେ ଉପାଧ୍ୟାୟ ସୁପ୍ରିମକୋର୍ଟ ଆଧାର ସମ୍ପର୍କରେ ପୂର୍ବରୁ ଦେଇଥିବା ନିର୍ଦ୍ଦେଶରେ ସଂଶୋଧନ ଦାବି କରିଥିଲେ।

ଅନ୍ୟତମ ବରିଷ୍ଠ ଆଇନଜୀବୀ ଗୋପାଲ ଶଙ୍କରନାରାୟଣ ବେଶ ଦୃଢ଼ ଭାବେ ଉପାଧ୍ୟାୟଙ୍କୁ କାଉଣ୍ଟର କରି ଜନପ୍ରତିନିଧି ଆଇନର ଧାରା ୨୩(୪)ରେ ଆଧାରକୁ ମତଦାତା ସୂଚୀରେ ବ୍ୟବହାର କରାଯିବାର ପ୍ରାବଧାନ ରହିଛି ବୋଲି କହିଛନ୍ତି। ଜଷ୍ଟିସ କାନ୍ତ କହିଛନ୍ତି ଯେ, ଭାରତୀୟ ନାଗରିକ ଓ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା ପାଇଁ ନିର୍ବାଚନ କମିଶନ ବେଶ ସକ୍ଷମ। ନିର୍ବାଚନ କମିଶନ ସବୁ ପ୍ରକାରର ଆଇନ ଜାଣିଛନ୍ତି। ଆଇନଜୀବୀ ଶଙ୍କରନାରାୟଣ ଓ ପ୍ରଶାନ୍ତ ଭୂଷଣ ସ୍ୱଚ୍ଛତା, ଆପତ୍ତି ସଂକ୍ରାନ୍ତ ତଥ୍ୟ ସାର୍ବଜନୀନ କରାଯିବା ପ୍ରକ୍ରିୟା ଉପରେ ଆଂଶିକ ରୋକ ଓ ସମ୍ଭାବ୍ୟ ଯୋଗ୍ୟ ଭୋଟରଙ୍କ ନାଁକୁ ବାଦ ଦିଆଯିବା ଘଟଣାକୁ ନେଇ ଶୁଣାଣି ବେଳେ ଚିନ୍ତା ପ୍ରକଟ କରିଥିଲେ।

ଏହା ଶୁଣିବା ପରେ ସମସ୍ତ ତଥ୍ୟ ଓ ଆପତ୍ତି ସଂକ୍ରାନ୍ତ ତଥ୍ୟକୁ ନିୟମିତ ସାର୍ବଜନୀନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେପ୍ଟେମ୍ବର ୧ରୁ ଆଉ ତଥ୍ୟ ସାର୍ବଜନୀନ ହେଉ ନଥିବା ଜଣାପଡ଼ିବା ପରେ ସୁପ୍ରିମକୋର୍ଟ ଏପରି କହିଛନ୍ତି। ଆସନ୍ତା ୭ ଓ ୮ ତାରିଖରେ ବିହାର ଏସଆଇଆରର ଚୂଡ଼ାନ୍ତ ଶୁଣାଣି ହେବାକୁ ଥିବାରୁ ସବୁ ପକ୍ଷଙ୍କୁ ପ୍ରସ୍ତୁତ ହୋଇ ଆସିବାକୁ ଖଣ୍ଡପୀଠ କହିଛନ୍ତି। ସେପ୍ଟେମ୍ବର ୮ ଶୁଣାଣି ବେଳେ ବିହାର ଏସ୍ଆଇଆରରେ ଆଧାରକୁ ୧୨ତମ ଦସ୍ତାବିଜ ଭାବେ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ କହିଥିଲେ।

# ପୁଣି ଅଧାରାସ୍ତାରେ ଝୁଲିଲା ମନୋରେଲ୍



### ଯାତ୍ରୀ ଭୟଭୀତ

ମୁମ୍ବାଇ,୧୫।୯ : ମହାରାଷ୍ଟ୍ରରେ ବର୍ଷା ଜନଜୀବନ ଅସ୍ତବ୍ୟସ୍ତ କରିଦେଇଛି। ରବିବାର ରାତିରେ ପ୍ରବଳ ବର୍ଷା ହୋଇ ମୁମ୍ବାଇର ବିଭିନ୍ନ ସ୍ଥାନରେ ପାଣି ଜମିଛି। ଏହାରି ମଧ୍ୟରେ ମୁମ୍ବାଇର ୱଡାଲା ଅଞ୍ଚଳରେ ଏକ ମନୋରେଲ ଠପ୍ ହୋଇଛି। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ମନୋରେଲ ଅଧାରାସ୍ତାରେ ଠପ୍ ହୋଇଯାଇଛି। ଏହି ଘଟଣା ପରେ ଯାତ୍ରୀ ଭୟଭୀତ ହୋଇପଡିଛନ୍ତି। ଘଟଣା ପରେ ଦମକଳ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଯାତ୍ରୀମାନଙ୍କୁ ଉଦ୍ଧାର ଜାରି ରଖିଛି। ଯେଉଁ ଯାତ୍ରୀ ମନୋରେଲରେ ଫସିଥିଲେ, ସେମାନଙ୍କୁ ବାହାର କରାଯାଇ ଅନ୍ୟ ଏକ ମନୋରେଲରେ ବସାଯାଇଛି। ମନୋରେଲ କର୍ପୋରେସନରେ ସପ୍ଲାଇରେ ତ୍ରୁଟି ଆସିଥିବା ଜଣାପଡିଥିଲା। ଯାହାପରେ ଯାଞ୍ଚ କରାଯାଉଛି। ଏମଏମଆରଡିଏର ଜନସଂପର୍କ ଅଧିକାରୀ କହିଛନ୍ତି, ୱାଡାଲାରେ ମନୋରେଲ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଫସିବା ଯୋଗୁଁ ୧୭ ଯାତ୍ରୀଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଏମାନଙ୍କୁ ଆଉ ଏକ ମନୋରେଲରେ ବସାଯାଇ ଗନ୍ତବ୍ୟ ସ୍ଥଳକୁ ପଠାଯାଇଛି । ଯାତ୍ରୀମାନଙ୍କୁ ସକାଳ ୭.୪୫ରୁ ସୁରକ୍ଷିତ ଭାବେ କଢାଯାଇଥିଲା।

ସୂଚନାଯୋଗ୍ୟ, ପ୍ରବଳ ବର୍ଷା ମଧ୍ୟରେ ମୁମ୍ବାଇରେ ଏକ ମନୋ ରେଲ୍ ଟ୍ରେନ୍ ଫସି ଯାଇଥିଲା। ଏଥିଯୋଗୁଁ ପ୍ରାୟ ୮ ଶହ ଯାତ୍ରୀ ୨ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଫସି ରହିଥିଲେ। ମନୋରେଲ୍ ଏକ ଉଚ୍ଚ ଟ୍ରାକରେ ଯାତ୍ରା କରୁଥିବା ବେଳେ ବିଦ୍ୟୁତ ସରବରାହ ବନ୍ଦ ହୋଇଯିବାରୁ ଏହା ହଠାତ ଠପ୍ ହୋଇଯାଇଥିଲା। ଟ୍ରେନ୍ଟି ସନ୍ଧ୍ୟା ପ୍ରାୟ ୬.୧୫ ସମୟରେ ଚେମ୍ବୁରରୁ ଭକ୍ତି ପାର୍କ ମଧ୍ୟରେ ଫସିଯାଇଥିଲା। ଟ୍ରେନରେ ଏସି ବନ୍ଦ ହୋଇଯିବାରୁ ସେମାନେ ଅଣନିଶ୍ୱାସୀ ହୋଇଯାଇଥିଲେ। ଯାତ୍ରୀମାନେ ମଧ ଝରକା କାଚ ଡେଇଁ ବାହାରିବାକୁ ଉଦ୍ୟମ କରୁଥିବା ଦେଖିବାକୁ ମିଳିଥିଲା।

## ସଡ଼କ ଦୁର୍ଘଟଣାରେ କେନ୍ଦ୍ର ଅର୍ଥ ମନ୍ତ୍ରାଳୟ ଉପସଚିବଙ୍କ ମୃତ୍ୟୁ



**ନୂଆଦିଲ୍ଲୀ, ୧୫।୯:** ସଡ଼କ ଦୁର୍ଘଟଣାରେ କେନ୍ଦ୍ର ଅର୍ଥ ମନ୍ତ୍ରାଳୟରର ଉପସଚିବ ନବଜୋତ ସିଂହଙ୍କ ମୃତ୍ୟୁ ହୋଇଛି। ଦିଲ୍ଲୀର ଧୌଲା କୁଆଁ ଅଞ୍ଚଳର ରିଙ୍ଗ ରୋଡରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସୂଚନା ଅନୁସାରେ, ଅର୍ଥ ମନ୍ତ୍ରାଳୟରର ଉପସଚିବ ନବଜୋତ ସିଂହ ତାଙ୍କ ପତ୍ନୀଙ୍କ ସହିତ ଏକ ବାଇକରେ ବଙ୍ଗଳା ସାହିବ ଗୁରୁଦ୍ୱାରରୁ ହରି ନଗରସ୍ଥିତ ଘରକୁ ଫେରୁଥିଲେ। ଧୌଲା କୁଆଁ ନିକଟରେ ତାଙ୍କ ବାଇକକୁ ଏକ ଦ୍ରୁତଗାମୀ ବିଏମ୍ଡବ୍ଲୁ କାର ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ, ବାଇକଟି ଡିଭାଇଡରରେ ପିଟି ହୋଇ ବାମପାର୍ଶ୍ୱରେ ଯାଉଥିବା ଏକ ବସ୍ ସହିତ ଧକ୍କା ହୋଇଥିଲା। ନବଜୋତ ଏବଂ ତାଙ୍କ ପତ୍ନୀ ଗୁରୁତର ଆହତ ହୋଇଥିଲେ। ଉଭୟଙ୍କୁ ତୁରନ୍ତ ଜିଟିବି ନଗରର ନ୍ୟୁଲାଇଫ୍ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ନବଜୋତଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପତ୍ନୀଙ୍କ ଅବସ୍ଥା ଗୁରୁତର ରହିଛି। ଅଭିଯୁକ୍ତ ମହିଳା ବିଏମ୍ଡବ୍ଲୁ ଡ୍ରାଇଭର ଏବଂ ତାଙ୍କ ସ୍ୱାମୀ ମଧ୍ୟ ଆହତ ହୋଇଛନ୍ତି ଏବଂ ସେମାନଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତ ଉପସଚିବ ନବଜୋତ ସିଂହଙ୍କ ପୁଅ ପ୍ରଶ୍ନ କରିଛନ୍ତି, ପାଖରେ ବହୁ ହସପିଟାଲ ଥିବା ବେଳେ ବାପାମାଙ୍କୁ ଚିକିତ୍ସା ପାଇଁ ୨୦ କିଲୋମିଟର ଦୂର ଏକ ଛୋଟ ନର୍ସିଂହୋମକୁ କାହିଁକି ନିଆଯାଇଥିଲା ?

## ସୁଶୀଳା କାର୍କି କ୍ୟାବିନେଟରେ ୩ ମନ୍ତ୍ରୀ ସାମିଲ



**କାଠମାଣ୍ଡୁ, ୧୫।୯:** ନେପାଳରେ ବିରୋଧ ପ୍ରଦର୍ଶନ ଓ ପ୍ରବଳ ହିଂସା ଏବଂ ପ୍ରଧାନମନ୍ତ୍ରୀ ପଦରୁ କେପି ଶର୍ମା ଓଲିଙ୍କ ଇସ୍ତଫା ପରେ, ଏବେ ଧୀରେ ଧୀରେ ଶାନ୍ତି ଆସୁଛି। ନେପାଳର ସୁପ୍ରିମକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ସୁଶୀଳା କାର୍କି ଦେଶର ନୂତନ ପ୍ରଧାନମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ନେପାଳରେ କାମଚଳା ସରକାର ଗଠନ ପରେ, ପ୍ରଧାନମନ୍ତ୍ରୀ ସୁଶୀଳା କାର୍କି ଆଜି ତାଙ୍କ କ୍ୟାବିନେଟରେ ତିନି ଜଣ ମନ୍ତ୍ରୀଙ୍କୁ ସାମିଲ କରିଛନ୍ତି। ସକାଳେ କୁଲମନ ଘିସିଂ, ଓମ ପ୍ରକାଶ ଆର୍ଯ୍ୟାଲ ଏବଂ ରାମେଶ୍ୱର ଖାନଲ ମନ୍ତ୍ରୀ ଭାବରେ ଶପଥ ନେଇଛନ୍ତି। ଆଜି ନେପାଳର ଅନ୍ତରୀଣ ମନ୍ତ୍ରିମଣ୍ଡଳ ବିସ୍ତାରିତ ହୋଇଥିଲା, ଯେଉଁଥିରେ ୩ ଜଣ ମନ୍ତ୍ରୀ ସାମିଲ ଥିଲେ। ରାଜଧାନୀ କାଠମାଣ୍ଡୁରେ ଥିବା ନେପାଳୀ ରାଷ୍ଟ୍ରପତି ଭବନ 'ଶୀତଳ ନିବାସ'ରେ କୁଲମାନ ଘିସିଂ, ଓମ ପ୍ରକାଶ ଆର୍ଯ୍ୟାଲ ଏବଂ ରାମେଶ୍ୱର ଖାନଲ ମନ୍ତ୍ରୀ ଭାବରେ ଶପଥ ନେଇଥିଲେ। କୁଲମାନ ଘିସିଂଙ୍କୁ ଶକ୍ତି, ନଗର ବିକାଶ ଏବଂ ଭୌତିକ ଭିତ୍ତିଭୂମି ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଛି। ଓମ ପ୍ରକାଶ ଆର୍ଯ୍ୟାଲ ଆଇନ ଏବଂ ଗୃହ ମନ୍ତ୍ରଣାଳୟର ଦାୟିତ୍ୱ ନେବେ ଏବଂ ରାମେଶ୍ୱର ଖାନଲ ଅର୍ଥ ମନ୍ତ୍ରଣାଳୟର ଦାୟିତ୍ୱ ନେବେ।

## ଭାରତ ଆସୁଛନ୍ତି ଆମେରିକାର ମୁଖ୍ୟ ବାର୍ତ୍ତାକାର ଟ୍ରେଡ୍ ଡିଲ୍ ଉପରେ ହୋଇପାରେ ଆଲୋଚନା

**ନୂଆଦିଲ୍ଲୀ, ୧୫।୯:** ଭାରତ ଓ ଆମେରିକା ମଧ୍ୟରେ ଖୁବଶୀଘ୍ର ଏକ ବୁଝାମଣା ସ୍ୱାକ୍ଷର ହୋଇପାରେ। ଭାରତକୁ ନେଇ ଟ୍ରମ୍ପଙ୍କ ଅଭିମୁଖ୍ୟ ନରମ ପଡ଼ିବା ପରେ, ଆମେରିକୀୟ ଅଧିକାରୀ ସୋମବାର ରାତିରେ ଭାରତ ଗସ୍ତରେ ଆସୁଛନ୍ତି। ତେବେ ଟାରିଫ୍ ବିବାଦ ଭିତରେ ଦୁଇ ଦେଶ ମଧ୍ୟରେ ଆଲୋଚନା କେତେ ଆଗକୁ ବଢ଼ିଛି ତାହା ସ୍ପଷ୍ଟ ହୋଇପାରି ନାହିଁ। ଭାରତ ପୂର୍ବରୁ ସ୍ପଷ୍ଟ କରିସାରିଛି ଯେ, ଦେଶର ଚାଷୀଙ୍କ ହିତ ସହ କୌଣସି ପ୍ରକାର ସାଲିସ୍ କରାଯିବ ନାହିଁ। ଅନ୍ୟପଟେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାତାର ଭାରତ ଓ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ସୁସମ୍ପର୍କ କଥା ଦୋହରାଉଛନ୍ତି। ହିନ୍ଦୁସ୍ତାନ ଟାଇମ୍ସ ରିପୋର୍ଟ ଅନୁସାରେ, ଜଣେ ଅଧିକାରୀ କହିଛନ୍ତି ଯେ, ଆମେରିକୀୟ ବାର୍ତ୍ତାକାର ଭାରତ ଗସ୍ତରେ ଆସୁଛନ୍ତି। ମଙ୍ଗଳବାର ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟିକ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି। ଗତ ଶୁକ୍ରବାର ସେ ଏକ୍ସରେ ଲେଖିଥିଲେ, "ପ୍ରତିନିଧି ସଭାର ସଦସ୍ୟ ଜେମ୍ସ ମୋୟଲାନଙ୍କୁ ଭାରତ-ଆମେରିକା ମଧ୍ୟରେ ବାଣିଜ୍ୟ ସହଭାଗୀତା ଓ ଉର୍ଜା ସହଯୋଗ ଉପରେ ସୂଚନା ଦେବାର ସୁଯୋଗ ମିଳିଛି ।"

## ଚେତାବନୀ ଦେଲା ନାସା: ପୃଥିବୀ ଆଡକୁ ମାଡି ଆସୁଛି କୁତୁବ ମିନାରଠାରୁ ବଡ ଧୂମକେତୁ



**ନୂଆଦିଲ୍ଲୀ, ୧୫।୯:** ନାସାର ନିୟର ଆର୍ଥ ଅବଜେକ୍ଟ ଷ୍ଟଡିଜ୍ ସେଣ୍ଟର (ସିଏନଇଓଏସ୍) ଓ ଜେପିଏଲ୍ ପକ୍ଷରୁ ୨୦୨୫ ଏଫଏ୨୨ ନାମକ ଏକ ବୃହତ ଧୂମକେତୁକୁ ନୀରିକ୍ଷଣ କରାଯାଉଛି, ଯାହା ସେପ୍ଟେମ୍ବର ୧୮, ୨୦୨୫ରେ ପୃଥିବୀ ନିକଟ ଦେଇ ଗତି କରିବ। ଚଳିତ ବର୍ଷ ହାୱାଇର ପାନ-ଷ୍ଟାର୍ସ ୨ ସର୍ଭେ ଦ୍ୱାରା ଆବିଷ୍କୃତ ଏହି ଗ୍ରହାଣୁର ଆକାର ୧୨୦ରୁ ୨୮୦ ମିଟର ମଧ୍ୟରେ, ଯାହା ଦିଲ୍ଲୀର କୁତୁବ ମିନାର (୭୩ ମିଟର)ଠାରୁ ପ୍ରାୟ ଦୁଇରୁ ଚାରି ଗୁଣ ବୃହତ। ଏହା ପୃଥିବୀଠାରୁ ପ୍ରାୟ ୮,୪୨,୦୦୦ କିଲୋମିଟର ଦୂରରେ ଅତିକ୍ରମ କରିବ, ଯାହା ଚନ୍ଦ୍ରମା ଦୂରତ୍ୱର ଦୁଇ ଗୁଣରୁ ଅଧିକ। ଆନ୍ତର୍ଜାତୀୟ ଗ୍ରହାଣୁ ଚେତାବନୀ ନେଟୱାର୍କ (ଆଇଏଡବ୍ଲ୍ୟୁଏନ୍) ଏହାର କକ୍ଷପଥ ଓ ଗଠନ ଅଧ୍ୟୟନ ପାଇଁ ରାଡାର ଓ ଶକ୍ତିଶାଳୀ ଟେଲିସ୍କୋପ ବ୍ୟବହାର କରିବ। ଯଦିଓ ଏହା ସମ୍ଭାବ୍ୟ ବିପଦଜନକ ଗ୍ରହାଣୁ ଭାବେ ଶ୍ରେଣୀବଦ୍ଧ, ବିଶେଷଜ୍ଞମାନେ ନିଶ୍ଚିତ କରିଛନ୍ତି ଯେ ଏଫଏ୨୨ ନିକଟ ଭବିଷ୍ୟତରେ ପୃଥିବୀ ସହ ଧକ୍କା ହେବ ନାହିଁ। ଏହାର ପରବର୍ତ୍ତୀ ନିକଟ ଅତିକ୍ରମଣ ଶତାବ୍ଦୀ ପରେ ହେବ, ଯାହା ମଧ୍ୟ ନିରାପଦ ଦୂରତ୍ୱରେ ରହିବ। ଏହାଦ୍ୱାରା ଭବିଷ୍ୟତ ପ୍ରଭାବ ମଡେଲିଂ ଓ ସମାନ ବସ୍ତୁ ବିଷୟରେ ଅଧ୍ୟୟନ ଉନ୍ନତ ହେବ।

## ଚୀନ୍ ସହ ରୁଷିଆ କରୁଛି ବାର୍ଟର ବ୍ୟବସାୟ



**ନୂଆଦିଲ୍ଲୀ, ୧୫।୯:** ପାଶ୍ଚାତ୍ୟ ଦେଶଗୁଡିକର କଟକଣା ଏଡ଼ାଇବା ପାଇଁ ରୁଷିଆ ୧୯୯୦ର ଦଶକ ପରେ ପ୍ରଥମ ଥର ବାର୍ଟର୍ ବ୍ୟବସାୟ(ଦ୍ରବ୍ୟ ବା ସାମଗ୍ରୀ ବଦଳରେ ସାମଗ୍ରୀ) ଉପାୟକୁ ପୁନର୍ଜୀବିତ କରିଛି। କମ୍ପାନୀଗୁଡ଼ିକ ଚାଇନାରୁ କାର ଆମଦାନୀ କରିବା ପାଇଁ ଏହି ଉପାୟ ଆପଣାଇଛନ୍ତି। ୨୦୨୨ରେ ୟୁକ୍ରେନ୍ ଯୁଦ୍ଧ ଓ ୨୦୧୪ରେ କ୍ରିମିଆ ଆକ୍ରମଣ ପାଇଁ ଆମେରିକା, ୟୁରୋପ ସମେତ ସମର୍ଥକମାନେ ୨୫,୦୦୦ରୁ ଅଧିକ କଟକଣା ଲଗାଇଛନ୍ତି, ଯାହା ରୁଷିଆ ୨.୨ ଟ୍ରିଲିୟନ ଡଲାର ଅର୍ଥନୀତିକୁ ଧ୍ୱଂସ କରିବାକୁ ଚେଷ୍ଟା କରୁଛି। ଚାଇନାରେ ରୁଷିଆ ବ୍ୟାଙ୍କରୁ ଟଙ୍କା ଗ୍ରହଣ ନ କରିବାରୁ ଏହି ବାର୍ଟର୍ ବ୍ୟବସାୟ ବଢୁଛି, ଯାହା ଟ୍ରେସ୍ କରିବା କଷ୍ଟକର। ୨୦୨୪ରେ ରୁଷିଆର ଅର୍ଥ ମନ୍ତ୍ରଣାଳୟ 'ବାର୍ଟର୍ ଗାଇଡ୍' ଜାରି କରିବା ପରେ ବ୍ୟବସାୟରେ କଟକଣା ଏଡ଼ାଇବାରେ ସାହାଯ୍ୟ କରିଛି। ରିପୋର୍ଟ ଅନୁଯାୟୀ ଏମିତି ୮ଟି କାରବାର ଚିହ୍ନଟ ହୋଇଛି, ଯାହାର ମୂଲ୍ୟ ଅଜଣା ରହିଛି କିନ୍ତୁ ବଢୁଥିବା ରୁଚି ଦେଖାଯାଉଛି। ରୁଷିଆ -ଏସିୟାନ୍ ଇଣ୍ଡଷ୍ଟ୍ରିୟାଲିଷ୍ଟ୍ଜ୍ର ସମ୍ପାଦକ ମାକ୍ସିମ୍ ସ୍ପାସ୍କି କହିଛନ୍ତି, ଏହା ଡଲାର ବାହ୍ୟକରଣ ଓ କଟକଣା କାରଣରୁ ହେଉଛି। ରୁଷିଆ କସ୍ଟମ୍ସ୍ ସର୍ଭିସ୍ କହିଛି, ବାର୍ଟର୍ କାରବାର ସାଧାରଣ ବ୍ୟବସାୟ ତୁଳନାରେ କମ୍, ଯଦିଓ ଜାନୁଆରି-ଜୁଲାଇରେ ରପ୍ତାନି ଏବଂ ଆମଦାନୀରେ ବ୍ୟବଧାନ $୭ ବିଲିୟନ୍ ରେ ପହଞ୍ଚିଛି।

# ସବୁ ଅନୁପ୍ରବେଶକାରୀ ବିଦା ହେବେ: ମୋଦୀ



ନୂଆଦିଲ୍ଲୀ, ୧୫।୯: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ବିହାର ଗସ୍ତ ସମୟରେ ଆରଜେଡି ଏବଂ କଂଗ୍ରେସ ଉପରେ କଡ଼ା ଆକ୍ରମଣ କରିଥିଲେ। ପୂର୍ଣ୍ଣିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ ଚେତାବନୀ ଦେଇ କହିଥିଲେ, "ଆରଜେଡି-କଂଗ୍ରେସ ଲୋକମାନେ, ମୋ କଥା କାନ ଦେଇ ଶୁଣ, ଯିଏ ଅନୁପ୍ରବେଶକାରୀ ତାକୁ ବାହାରକୁ ଯିବାକୁ ପଡିବ।"

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ଅନୁପ୍ରବେଶକୁ ରୋକିବା ଏନଡିଏର ଦୃଢ଼ ଦାୟିତ୍ୱ। ଅନୁପ୍ରବେଶକାରୀଙ୍କୁ ରକ୍ଷା କରୁଥିବା ନେତାମାନଙ୍କୁ ମୁଁ ଚ୍ୟାଲେଞ୍ଜ କରୁଛି, ଯେଉଁମାନେ ଅନୁପ୍ରବେଶକାରୀଙ୍କୁ ରକ୍ଷା କରିବାକୁ ଆଗକୁ ଆସିଛନ୍ତି, ଅନୁପ୍ରବେଶକାରୀଙ୍କୁ ରକ୍ଷା କରିବା ପାଇଁ ଯେତେ ପ୍ରୟାସ କଲେ ମଧ, ଆମେ ସେମାନଙ୍କୁ ହଟାଇବା ପାଇଁ କାମ କରିବୁ। ପ୍ରଧାନମନ୍ତ୍ରୀ ଆହୁରି କହିଛନ୍ତି, "ଯେଉଁମାନେ ଅନୁପ୍ରବେଶକାରୀଙ୍କ ଢାଲ ହୁଅନ୍ତି ସେମାନେ ଶୁଣିବା ଉଚିତ ଯେ, ଭାରତରେ ଭାରତୀୟ ଆଇନ ପ୍ରଚଳିତ ହେବ। ଅନୁପ୍ରବେଶକାରୀମାନେ ଯେପରି ଇଚ୍ଛା ତାହା କରିପାରିବେ ନାହିଁ। ଏହା ମୋଦୀଙ୍କ ଗ୍ୟାରେଣ୍ଟି। ଅନୁପ୍ରବେଶକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ଏବଂ ଦେଶ ମଧ ଏହାର ଭଲ ଫଳାଫଳ ଦେଖିବ।"

ନରେନ୍ଦ୍ର ମୋଦୀ କହିଛନ୍ତି ଯେ, ବିହାର ଏବଂ ଦେଶର ଲୋକମାନେ ଅନୁପ୍ରବେଶକାରୀଙ୍କ ସମର୍ଥନରେ ଆରଜେଡି ଏବଂ କଂଗ୍ରେସ ଦ୍ୱାରା ଉଠାଯାଉଥିବା ପ୍ରସଙ୍ଗର ଉପଯୁକ୍ତ ଜବାବ ଦେବାକୁ ଯାଉଛନ୍ତି। ସେ କହିଛନ୍ତି, "ବିଗତ ଦୁଇ ଦଶନ୍ଧି ଧରି ବିହାରରେ କଂଗ୍ରେସ ଏବଂ ଆରଜେଡି କ୍ଷମତା ବାହାରେ ଅଛନ୍ତି। ନିସନ୍ଦେହ, ଏଥିରେ ସବୁଠାରୁ ବଡ଼ ଭୂମିକା ହେଉଛି ମୋର ବିହାରର ମା' ଏବଂ ଭଉଣୀମାନଙ୍କର। ମୁଁ ବିହାରର ମା' ଏବଂ ଭଉଣୀମାନଙ୍କୁ ବିଶେଷ ସମ୍ମାନ ଜଣାଉଛି।" ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି, "କଂଗ୍ରେସ ଏବଂ ଆରଜେଡି କେବଳ ବିହାରର ସମ୍ମାନ ପାଇଁ ନୁହେଁ, ବରଂ ବିହାରର ପରିଚୟ ପାଇଁ ମଧ ବିପଦ ସୃଷ୍ଟି କରୁଛନ୍ତି। ଆଜି ସୀମାଞ୍ଚଳ ଏବଂ ପୂର୍ବ ଭାରତରେ ଅନୁପ୍ରବେଶକାରୀଙ୍କ ଯୋଗୁଁ ଏକ ବିରାଟ ଜନସଂଖ୍ୟାଗତ ସଙ୍କଟ ସୃଷ୍ଟି ହୋଇଛି। ବିହାର, ପଶ୍ଚିମବଙ୍ଗ, ଆସାମ ଭଳି ଅନେକ ରାଜ୍ୟର ଲୋକମାନେ ସେମାନଙ୍କର ଭଉଣୀ ଏବଂ ଝିଅଙ୍କ ସୁରକ୍ଷା ପାଇଁ ଚିନ୍ତିତ। ଭୋଟ ବ୍ୟାଙ୍କର ସ୍ୱାର୍ଥ ଦେଖନ୍ତୁ, କଂଗ୍ରେସ-ଆରଜେଡି ଏବଂ ସେମାନଙ୍କ ଲୋକମାନେ ଅନୁପ୍ରବେଶକାରୀଙ୍କ ପାଇଁ ଓକିଲାତି କରିବାରେ, ସେମାନଙ୍କୁ ବଞ୍ଚାଇବାରେ ବ୍ୟସ୍ତ ଏବଂ ନିର୍ଲଜ୍ଜ ଭାବରେ ଏହି ଲୋକମାନେ ବିଦେଶରୁ ଆସୁଥିବା ଅନୁପ୍ରବେଶକାରୀଙ୍କ ପାଇଁ ସ୍ଲୋଗାନ ଦେଉଛନ୍ତି, ପଦଯାତ୍ରା କରୁଛନ୍ତି।"

### ୟୁରୋପକୁ ରୁଷ୍ର ଚେତାବନୀ

# ଆମ ସଂପତ୍ତିକୁ ହଡ଼ପ କରିବାକୁ ଚେଷ୍ଟା କରନି



ନୂଆଦିଲ୍ଲୀ, ୧୫।୯: ରୁଷ୍ ଓ ୟୁକ୍ରେନ୍ ମଧ୍ୟରେ ଯୁଦ୍ଧ ଜାରି ରହିଛି। ଦୁଇ ଦେଶ ପ୍ରତିଦିନ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି। ଅନେକ ଧମକ ଚମକ ମଧ୍ୟରେ ବୋମା ମାଡ଼ ହେଉଛି। ଏହି ମଧ୍ୟରେ ରୁଷ୍ ସୋମବାର ୟୁରୋପୀୟ ଦେଶ ଗୁଡ଼ିକୁ କଡ଼ା ଚେତାବନୀ ଦେଇଛି। ରୁଷ୍ କହିଛି ଯେ, ସେ ସେହି ୟୁରୋପୀୟ ଦେଶ ବିରୋଧରେ କାର୍ଯ୍ୟାନୁଷ୍ଠାନ କରିବ, ଯିଏ ତା'ର ସଂପତ୍ତିକୁ ହଡ଼ପ କରିବାକୁ ଚେଷ୍ଟା କରିବ। ଉଲ୍ଲେଖନୀୟ ଯେ, ନିକଟରେ କିଛି ଖବର ଆସିଥିଲା , ଯେଉଁଥିରେ ଦାବି କରାଯାଇଛି ଯେ, ୟୁରୋପୀୟ ସଂଘ ୟୁକ୍ରେନ୍ର ସାହାଯ୍ୟ ପାଇଁ ଶହ ଶହ ବିଲିୟନ ଡଲାରର ଜବତ ରୁଷିଆ ସଂପତ୍ତିର ଲାଭ ଉଠାଇବାର ନୂଆ ଉପାୟ ତଲାସ କରୁଛି।

କହି ରଖୁଛୁ ଯେ, ରୁଷ୍ -ୟୁକ୍ରେନ୍ ଯୁଦ୍ଧ ଆରମ୍ଭ ହେବାର ତୁରନ୍ତ ପରେ ଆମେରିକା ଓ ଏହାର ସହଯୋଗୀମାନେ ରୁଷୀୟ କେନ୍ଦ୍ରୀୟ ବ୍ୟାଙ୍କ ଓ ଅର୍ଥ ମନ୍ତ୍ରଣାଳୟ ସହ ନେଣଦେଣ ଉପରେ ରୋକ୍ ଲଗେଇ ଦେଇଥିଲେ। ଏହି ସମୟରେ ୩୦୦-୩୫୦ ବିଲିୟନ ଡଲାରର ରୁଷୀୟ ସଂପତ୍ତିକୁ ୟୁରୋପୀୟ ଡିପୋଜିଟରେ ଜମା କରିଦିଆଗଲା, ଯେଉଁଥିରେ ଅଧିକାଂଶ ୟୁରୋପୀୟ, ଆମେରିକୀୟ ଓ ବ୍ରିଟିଶ୍ ସରକାରୀ ବଣ୍ଡ ସାମିଲ ଅଛି। ରୟଟର୍ସର ରିପୋର୍ଟ ଅନୁସାରେ, ୟୁରୋପୀୟ ଆୟୋଗର ଅଧକ୍ଷ ଉର୍ସୁଲା ଭନ୍ ଡେର୍ ଲେୟେନ ଚାହାନ୍ତି ଯେ, ୟୁରୋପୀୟ ସଂଘ , ୟୁରୋପରେ ଜମା ରୁଷୀୟ ସଂପତ୍ତି ସହ ଜଡ଼ିତ ନଗଦ ବାଲାନ୍ସ ବ୍ୟବହାର କରି ୟୁକ୍ରେନର ପ୍ରତିରକ୍ଷା ପାଇଁ ରୁଷ୍ ବିରୋଧରେ ଅର୍ଥ ପୋଷଣର ନୂଆ ଉପାୟ ଖୋଜନ୍ତୁ। ପୋଲିଟିକୋର ରିପୋର୍ଟ ମୁତାବିକ୍, ୟୁରୋପୀୟ ଆୟୋଗ ୟୁକ୍ରେନ ପାଇଁ କ୍ଷତିପୂର୍ତ୍ତି ଋଣର ଅର୍ଥପୋଷଣ ପାଇଁ ରୁଷ୍ ମାଲିକାନାରେ ଥିବା ପରିପକ୍ୱ ବଣ୍ଡେ ୟୁରୋପୀୟ କେନ୍ଦ୍ରୀୟ ବ୍ୟାଙ୍କ୍ରେ ଜମା ରୁଷୀୟ ନଗଦ ରାଶିର ବ୍ୟବହାର କରିବା ଉପରେ ବିଚାର କରୁଛନ୍ତି।

ଏହାକୁ ନେଇ ପୂର୍ବତନ ରୁଷିଆ ରାଷ୍ଟ୍ରପତି ଡିମିତ୍ରୀ ମେଦଭେଦେବ ଟେଲିଗ୍ରାମ୍ରେ ଲେଖିଛନ୍ତି ଯେ, ଯଦି ଏମିତି ହୁଏ ତ ରୁଷିଆ ଶତାବ୍ଦୀର ଶେଷ ସୁଦ୍ଧା ୟୁରୋପୀୟ ସଂଘର ଦେଶ, ବ୍ରୁସେଲ୍ସର ୟୁରୋପୀୟ ଅଧିକାରୀମାନେ ଓ ସେହି ଦେଶଗୁଡ଼ିକ ଉପରେ ଚାପ ପକାଇବ , ଯିଏ ତାର ସଂପତ୍ତି ହଡ଼ପ କରିବାକୁ ଚେଷ୍ଟା କରିବ।

ରୁଷ୍ର ସୁରକ୍ଷା ପରିଷଦର ଉପାଧକ୍ଷ ମେଦଭେଦେବ କହିଛନ୍ତି ଯେ, ରୁଷ୍ ୟୁରୋପୀୟ ଦେଶଗୁଡ଼ିକ ବିରୋଧରେ ଯେକୌଣସି ଉପାୟରେ ଅନ୍ତର୍ଜାତୀୟ ଓ ରାଷ୍ଟ୍ରୀୟ କୋର୍ଟରେ, ଏହାସହ କୋର୍ଟ ବାହାରେ ମଧ ମୋକଦମା ଚଳାଇବ। ରୁଷ୍ର କହିବାନୁସାରେ, ତାର ସଂପତ୍ତିର କୌଣସି ପ୍ରକାରରଜବତପାଶ୍ଚାତଦେଶଗୁଡ଼ିକଦ୍ୱାରାଚୋରିସହସମାନଏବଂଏଥିରେ ଆମେରିକା ଓ ୟୁରୋପୀୟ ବଣ୍ଡ ଓ ମୁଦ୍ରା ଉପରେ ବିଶ୍ୱାସକୁ ହ୍ରାସ କରିବ।

# ସେପ୍ଟେମ୍ବର ୧୮ରୁ ୨୫ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଟ୍ରାଫିକ୍ କଟକଣା

**ଭୁବନେଶ୍ୱର, ୧୫ା୯ (ସଂଚାର ବ୍ୟୁରୋ):** କମିଶନରେଟ୍ ପୋଲିସ ସେପ୍ଟେମ୍ବର ୧୮ ରୁ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଭୁବନେଶ୍ୱରର ପାଞ୍ଚଟି ରୁଟରେ ଯାନବାହାନ ଚଳାଚଳ ଉପରେ ପ୍ରତିବନ୍ଧକ ଲଗାଇଥିବା ସୂଚନା ମିଳିଛି। କମିଶନରେଟ୍ ପୋଲିସ ସୂଚନା ଅନୁଯାୟୀ, ଓଡ଼ିଶା ବିଧାନସଭାର ଆଗାମୀ ମୌସୁମୀ ଅଧିବେଶନକୁ ଦୃଷ୍ଟିରେ ରଖି ଟ୍ରାଫିକ୍ କଟକଣା ଲାଗୁ କରାଯାଇଛି। କାର୍ଯ୍ୟସୂଚୀ ଅନୁଯାୟୀ ମୌସୁମୀ ଅଧିବେଶନ ସେପ୍ଟେମ୍ବର ୧୮ ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୨୫ ପର୍ଯ୍ୟନ୍ତ ଚାଲିବ। ହାଉସିଂ ବୋର୍ଡ ଛକରୁ ରବୀନ୍ଦ୍ର ମଣ୍ଡପ ପାର୍ଶ୍ୱକୁ ଆସୁଥିବା ଯାନବାହାନଗୁଡ଼ିକୁ କେଶରୀ ଟକିଜ୍ ଛକରେ ଡାଇଭର୍ଟ କରାଯିବ। ଏଜି ଛକରୁ ପିଏମଜି ଆଡକୁ ଆସୁଥିବା ଯାନବାହାନଗୁଡ଼ିକୁ ଜୟଦେବ ଭବନରୁ ଡାହାଣ ମୋଡ଼ ନେଇ ଡାଇଭର୍ଟ କରାଯିବ ଏବଂ ଇନ୍ଦିରା ଗାନ୍ଧୀ ପାର୍କ ରାସ୍ତାରେ ଆଗକୁ ବଢ଼ିବ। ସେହିପରି, ମାଷ୍ଟର କ୍ୟାଣ୍ଟିନ୍ ପାର୍ଶ୍ୱରୁ ପିଏମଜି ଆଡକୁ ଆସୁଥିବା ସମସ୍ତ ଯାନବାହାନକୁ ଲୋୟର ପିଏମଜିରେ ସଂଲଗ୍ନ ଲେନ୍ ନିକଟରେ ଡାଇଭର୍ଟ କରାଯିବ। ୧୨୦ ଇନଫାଣ୍ଟ୍ରି ବାଟାଲିୟନ ଛକରୁ ଆସୁଥିବା ଯାନବାହାନଗୁଡ଼ିକୁ ରବୀନ୍ଦ୍ର ମଣ୍ଡପ ପାର୍ଶ୍ୱକୁ ଯିବାକୁ ଅନୁମତି ଦିଆଯିବ ନାହିଁ। ସେମାନଙ୍କୁ ପାୱାର ହାଉସ୍ ଛକ ଆଡକୁ ଡାଇଭର୍ଟ କରାଯିବ। ରାଜଭବନ ଛକରୁ ଏମ୍‌ଏଲଏ କଲୋନି ଏବଂ ରବୀନ୍ଦ୍ର ମଣ୍ଡପ ଆଡକୁ ଆସୁଥିବା ଯାନଗୁଡ଼ିକୁ ସାମ୍ବୀନଗର ଛକ ଆଡକୁ ଡାଇଭର୍ଟ କରାଯିବ। ଉପରୋକ୍ତ କଟକଣାଗୁଡ଼ିକ ଜରୁରୀକାଳୀନ ଯାନ (ପୁଲିସ୍, ଅଗ୍ନିଶମ ଏବଂ ଆମ୍ବୁଲାନ୍ସ) ଏବଂ ରାଜ୍ୟ ବିଧାନସଭା, ଲୋକସେବା ଭବନ ଏବଂ ଏହି ଅଞ୍ଚଳରେ ଅବସ୍ଥିତ ଅନ୍ୟାନ୍ୟ କାର୍ଯ୍ୟାଳୟ ସମେତ ସରକାରୀ କୋଠାକୁ ପ୍ରବେଶ କରିବାକୁ ଅନୁମୋଦିତ ଯାନଗୁଡ଼ିକ ପାଇଁ ପ୍ରଯୁଜ୍ୟ ହେବ ନାହିଁ ।

## ସାର ଚିନ୍ତା: ଦିଗପହଣ୍ଡି-ବ୍ରହ୍ମପୁର ରାସ୍ତା ଅବରୋଧ

ଗଞ୍ଜାମ, ୧୫ା୯ (ସଂଚାର ବ୍ୟୁରୋ): ସାର ମିଳୁନଥିବାରୁ ଦିଗପହଣ୍ଡି - ବ୍ରହ୍ମପୁର ରାସ୍ତାର ଗଣିଆନାଳ ଛକରେ ଅବରୋଧ କରିଛନ୍ତି ଚାଷୀ। ଗଞ୍ଜାମ ଜିଲା ସିଦ୍ଧେଶ୍ୱର ସେବା ସମବାୟ ସମିତିରେ ସାର ମିଳୁନଥିବାରୁ ଚାଷୀମାନେ ଗଣିଆନାଳ ଛକରେ ରାସ୍ତା ଅବରୋଧ କରିବା ଫଳରେ ଛକର ଉଭୟ ପାର୍ଶ୍ୱରେ ଶହଶହ ଯାନବାହାନ ଅଟକି ରହିଛି। ବ୍ରହ୍ମପୁରରୁ ଦିଗପହଣ୍ଡି ଓ ଦିଗପହଣ୍ଡିରୁ ବ୍ରହ୍ମପୁର ଯିବାକୁ ଯାତ୍ରୀମାନେ ଅଟକି ରହି ଅସୁବିଧା ପ୍ରକାଶ କରୁଛନ୍ତି। ଜିଲ୍ଲାର ବିଭିନ୍ନ ସ୍ଥାନରେ ଚାଷୀ ଏପର୍ଯ୍ୟନ୍ତ ସାର ପାଉନଥିବାରୁ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

## ପିକ୍‌ଅପ ଗାଡ଼ି ଧକ୍କାରେ ଥାନାଧିକାରୀ ଆହତ

**ଭଦ୍ରକ, ୧୫ା୯ (ସଂଚାର ବ୍ୟୁରୋ):** ର ଧାମନଗର ଅଞ୍ଚଳରେ ପ୍ରାୟ ୫୦ ଟି କବାଡିଆ ଦୋକାନ ବେଆଇନ ଭାବରେ ଖୋଲାଯାଇ ଖୋଲା ଚୋରା ବେପାର କରାଯାଉଛି। ହେଲେ ଏମାନଙ୍କ ପ୍ରତି କୌଣସି ଲଗାମ ନାହିଁ। ନିର୍ଭୟରେ ବେପାର କରୁଛନ୍ତି। ଏଗୁଡିକ ପୋଲିସ ଆଖିରେ ଧୂଳି ଦେଇ ଏପରି କାମ କରୁଛନ୍ତି। ଧାମନଗର ଅଞ୍ଚଳରୁ ଚୋରା କବାଡିଆ ସାମଗ୍ରୀକୁ ବାହାରକୁ ଚାଲାଣ କରୁଥିବା ବେଳେ ରବିବାର ରାତି ୧୨ ଟା ସମୟରେ ଧାମନଗର ଥାନା ଗାଡ଼ିକୁ ଥାନା ସମ୍ମୁଖରେ ଧକ୍କା ଦେବା ଫଳରେ ଥାନା ଅଧିକାରୀ ଗୁରୁତର ହୋଇଛନ୍ତି। ପ୍ରକାଶ ଥାଉକି, ରବିବାର ରାତିରେ ଓଡି ୨୨ ଡବ୍ଲ୍ୟୁ ୭୪୬୧(ଓଡି ୨୨ ଡବ୍ଲ୍ୟୁ ୭୪୬୧) କବାଡିଆ ବୋଝେଇ ପିକପ ଗାଡ଼ିଟି ଦ୍ରୁତ ଗତିରେ ଆସି ଧାମନଗର ଥାନା ଗାଡିକୁ ଧକ୍କା ଦେଇଥିଲା। ପ୍ରକାଶ ଥାଉକି, ଥାନା ଅଧିକାରୀ ରଞ୍ଜନ ସେଠୀ ରାତ୍ରିକାଳୀନ ପାଟ୍ରୋଲିଂ ସାରି ଥାନା ଭିତରକୁ ଥାନା ଗାଡ଼ିରେ ଯାଉଥିବା ବେଳେ ଉକ୍ତ ପିକଅପ ଗାଡ଼ିର ଡ୍ରାଇଭର ଭୟରେ କାଳେ ପୋଲିସ ଗାଡ଼ି କବାଡିଆ ଗାଡ଼ିକୁ ଧରିନେବ ସେ ଭୟରେ ଭାରସାମ୍ୟ ହରାଇ ପିକପ ଡ୍ରାଇଭର ପୋଲିସ ଗାଡ଼ିକୁ ଧକ୍କା ଦେଇଥିଲା। ତେବେ ଥାନା ଅଧିକାରୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକମାନେ ଥାନା ଅଧିକାରି ଓ ଡ୍ରାଇଭରଙ୍କୁ ଗାଡ଼ିରୁ ବାହାର କରିଥିଲେ। ତେବେ ପିକଅପ ଡ୍ରାଇଭର ଗାଡ଼ିଛାଡି ଦୌଡ଼ି ପଳାଇଥିଲା। ପୋଲିସ ପିକପ୍ ଗାଡ଼ିଟିକୁ ଜବତ କରିଛନ୍ତି।

## ନାବାଳିକା ଛାତ୍ରୀଙ୍କୁ ଅପହରଣ ଘଟଣାରେ ଯୁବକ ଗିରଫ

**ଖୋର୍ଦ୍ଧା, ୧୫ା୯ (ସଂଚାର ବ୍ୟୁରୋ):** ନାବାଳିକା ଛାତ୍ରୀଙ୍କୁ ଅପହରଣ ଘଟଣାରେ ବାଣପୁର ପୋଲିସ ଜଣଙ୍କୁ ଗିରଫ କରିଛି। ସୂଚନା ମୁତାବକ ଗତକାଲି ବାଣପୁର ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀ ଟ୍ୟୁସନ ପାଇଁ ଯାଉଥିବା ସମୟରେ କୁମାରାଙ୍ଗ ଛକ ନିକଟରେ ଏକ କାରରେ ଯୁବକ ଆସି ଉକ୍ତ ନାବାଳିକା ଛାତ୍ରୀଙ୍କୁ ଅପହରଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଖବର ପାଇ ବାଣପୁର ପୋଲିସ ତଦନ୍ତ ଆରମ୍ଭ କରିଥିଲା।ବିଭିନ୍ନ ସୂତ୍ରରୁ ସୁଚନା ପାଇବା ସହ ମୋବାଇଲ ଲୋକେସନ ଟ୍ରାକିଂ କରି ଶେଷରେ ଚାନ୍ଦପୁର ଅଞ୍ଚଳର ଏକ ଘରୁ ଉକ୍ତ ନାବାଳିକାଙ୍କୁ ଉଦ୍ଧାର କରିଥିଲା। ତେବେ ଅପହରଣ ପାଇଁ ବ୍ୟବହୃତ ଗାଡିର ପତା ମିଳିନଥିବା ବେଳେ ଉକ୍ତ ଘଟଣାରେ ଜଣଙ୍କୁ ଗିରଫ କରିଛି ପୋଲିସ। ଆଜି ଅଭିଯୁକ୍ତ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଜଣାପଡ଼ିଛି।

# ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚାରା ରୋପଣ

- ସୂର୍ଯ୍ୟୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚାରା ରୋପଣ
- ଚାରା ରୋପଣ ସହ ସେଲ୍‌ଫି ଅପଲୋଡ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ
- ସମସ୍ତଙ୍କ ଭାଗିଦାରୀରେ ଲକ୍ଷ୍ୟ ପୂରଣ ହେବ



**ଭୁବନେଶ୍ୱର,୧୫ା୯(ସଂଚାର ବ୍ୟୁରୋ):** ଆସନ୍ତା ୧୭ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୫ତମ ଜନ୍ମଦିନକୁ ସ୍ମରଣୀୟ କରିବା ସକାଶେ ରାଜ୍ୟ ସରକାର ୭୫ ଲକ୍ଷ ଗଛ ଲଗାଇବାକୁ ଘୋଷଣା କରିଛନ୍ତି। ଏଥିପାଇଁ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ଲୋକସେବା ଭବନରେ ଅନୁଷ୍ଠିତ ଏହି ବୈଠକରେ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବେସରକାରୀ ଅନୁଷ୍ଠାନ, ଛାତ୍ରଛାତ୍ରୀ, ମହିଳା ଓ ଯୁବବର୍ଗ ସମସ୍ତେ ଏହି ଅଭିଯାନରେ ସାମିଲ୍ ହେଲେ ବୃହତ ଲକ୍ଷ୍ୟ ପୂରଣ ହୋଇପାରିବ ବୋଲି କହିଛନ୍ତି। ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ ଜିଲ୍ଲାପାଳଙ୍କ ସହ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆଲୋଚନା କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ସକାଶେ ଜିଲ୍ଲାପାଳମାନେ ସମସ୍ତଙ୍କ ସହ ଯୋଗାଯୋଗ କରି ମନିଟରିଂ ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଉକ୍ତ ଦିନ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଚାରା ରୋପଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସମସ୍ତେ ଗଛ ଲଗାଇ ସେଲ୍‌ଫି ଉଠାନ୍ତୁ ଓ ମେରି ଲାଇଫ ପୋର୍ଟାଲ ଓ ଅନ୍ୟାନ୍ୟ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରେ ଅପ୍‌ଲୋଡ କରିବା ପାଇଁ ନିବେଦନ କରିଛନ୍ତି। ବିକାଶ ସହ ପରିବେଶର ସୁରକ୍ଷା ପାଇଁ ପ୍ରଧାନମନ୍ତ୍ରୀ ଗତବର୍ଷଠାରୁ 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ଆରମ୍ଭ କରିଛନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ବର୍ଷ ଓଡିଶା ଏହି କାର୍ଯ୍ୟକ୍ରମରେ ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଚଳିତ ବର୍ଷ ଏହି ଅଭିଯାନର ଦ୍ୱିତୀୟ ସଂସ୍କରଣରେ ଓଡିଶାରେ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଥିବା ବେଳେ, ଆଜି ସୁଦ୍ଧା ୪.୬୫ କୋଟି ଗଛ ଲଗାଯାଇ ସାରିଛି ବୋଲି ସେ କହିଥିଲେ। ତେବେ ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲଗାଇବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକତା ରହିଛି। ତେଣୁ ଏଥିରେ ସମସ୍ତ ବିଭାଗ ଏବଂ ସମସ୍ତ ବର୍ଗର ଲୋକ ସାମିଲ ହେବା ଆବଶ୍ୟକ ବୋଲି ସେ କହିଥିଲେ। ପରିବେଶ ଅନୁକୂଳ, ସ୍ଥାନୀୟ ବୃକ୍ଷ, ଫଳ ଓ ଫୁଲ ଗଛ ଲଗାଇବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉପସ୍ଥିତ ଥିବା ବେଳେ ଏହି କାର୍ଯ୍ୟକ୍ରମ ପାଇଁ ଜଙ୍ଗଲ ବିଭାଗ ୧୫ ଲକ୍ଷ, ପଞ୍ଚାୟତିରାଜ ବିଭାଗ ୩୪ ଲକ୍ଷ, ଶିଳ୍ପ ବିଭାଗ ୧୫ ଲକ୍ଷ, କୃଷି ବିଭାଗ ୨୩ ଲକ୍ଷ, ସେଣ୍ଟ୍ରାଲ ଆମ୍ଡ ପୋଲିସ ଫୋର୍ସେସ ୨.୨ ଲକ୍ଷ, ରାଜ୍ୟ ପୋଲିସ ୩ ଲକ୍ଷ ଓ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ମାନେ ୨ ଲକ୍ଷ ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି। ତେଣୁ ଏହି କାର୍ଯ୍ୟକ୍ରମରେ ୭୫ ଲକ୍ଷରୁ ଯଥେଷ୍ଟ ଅଧିକ ଗଛ ଲାଗିବାର ସମ୍ଭାବନା ରହିଥିବା ଜଣାପଡ଼ିଛି।

# ଛାତ୍ର ସଂସଦ ନିର୍ବାଚନ ନେଇ ସରକାର ଆଶାବାଦୀ: ମନ୍ତ୍ରୀ



**ଭୁବନେଶ୍ୱର,୧୫ା୯(ସଂଚାର ବ୍ୟୁରୋ):** ଛାତ୍ର ସଂସଦ ନିର୍ବାଚନ ନେଇ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ସକାରାତ୍ମକ ସଂକେତ ଦେଇଛନ୍ତି। ସେ କହିଛନ୍ତି ଯେ ରାଜ୍ୟ ସରକାର ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ନେଇ ଆଭିମୁଖ୍ୟ ସ୍ପଷ୍ଟ କରିସାରିଛନ୍ତି। ବର୍ତ୍ତମାନ ମଧ୍ୟ କଲେଜ ନିର୍ବାଚନ ନେଇ ସରକାର ସକାରାତ୍ମକ ଅଛନ୍ତି ବୋଲି ମନ୍ତ୍ରୀ ସୂରଜ କହିଛନ୍ତି। ତେବେ ଏହାକୁ ନେଇ ରାଜନୀତି ଜୋର ଧରିଲାଣି। ଅନ୍ୟପକ୍ଷରେ ଛାତ୍ର ସଂସଦ ନିର୍ବାଚନ ନେଇ ବିଜେଡି ସରକାରଙ୍କୁ ଟାର୍ଗେଟ କରିଛି। ସରକାର ଯୁ ବର୍ଷ ମାହିଁବାରେ ମାହିର ବୋଲି କିନ୍ତୁ ଛାତ୍ର ଜନତା ଦଳ ସଭାପତ୍ରୀ ଈପ୍ସିତା ସାହୁ କହିଛନ୍ତି। ସେ କହିଛନ୍ତି ଯେ ସରକାର ଆଭିମୁଖ୍ୟ ସର୍ଭେ କରି କ୍ୟାମ୍ପସରେ ସ୍ଥିତି ଭଲ ନ ଥିବା ଜାଣିସାରିଲେଣି। ବାଲେଶ୍ୱରର ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀଙ୍କ ଆତ୍ମାହୁତି ମାମଲାରେ ଏବିଭିପି ବ୍ୟାକ୍‌ଫୁଟ୍‌ରେ ରହିଛି। ଏଥିସହ ସରକାର ବି ଦି' ପାଦ ପଛରେ ଅଛନ୍ତି। ସାଧାରଣତଃ ପୂଜା ଛୁଟି ପୂର୍ବରୁ ଛାତ୍ର ସଂସଦ ନିର୍ବାଚନ ହୋଇଆସିଛି। କିନ୍ତୁ ଚଳିତ ଥର ପୂଜା ପରେ ବି ସରକାର ନିର୍ବାଚନ କରିପାରିବେ ନାହିଁ ବୋଲି ଈପ୍ସିତା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

# ପିଜିଟି ଶିକ୍ଷକଙ୍କ ଦକ୍ଷତା ବିକାଶ କର୍ମଶାଳା



**ଭୁବନେଶ୍ୱର,୧୫ା୯(ସଂଚାର ବ୍ୟୁରୋ):** ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧୀନ ବେସରକାରୀ ଅନୁଦାନପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ଇଂରାଜୀ ବିଷୟର ସ୍ନାତକୋତ୍ତର ବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ପାଇଁ ୫ ଦିନିଆ ଦକ୍ଷତା ବିକାଶ କର୍ମଶାଳା ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନଠାରେ ଆୟୋଜିତ ହେଉଛି। ଏଥିରେ ୫୦ ଜଣ ପିଜିଟି (ଇଂରାଜୀ) ଶିକ୍ଷକଶିକ୍ଷୟିତ୍ରୀ ଯୋଗ ଦେଇଛନ୍ତି। ଉଦଘାଟନୀ ଅଧିବେଶନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶିକ ସସ୍ମିତା ମାଳି, ଉପନିର୍ଦ୍ଦେଶକ ସିଏଚ୍ ବିଜୟଲକ୍ଷ୍ମୀ, ଉପନିର୍ଦ୍ଦେଶକ ଜିତେନ୍ଦ୍ର ନାୟକଙ୍କ ସହ ଅନ୍ୟତମ ଆୟୋଜକ ଅଜିମ୍ ପ୍ରେମଜୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅଧ୍ୟାପକ ପାର୍ଥ ସାରଥୀ ମିଶ୍ର ଓ ଜେନି ଆଲେକ୍ସ ଉପସ୍ଥିତ ଥିଲେ।

ଉଦଘାଟନୀ ଅଧିବେଶନରେ ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ କହିଛନ୍ତି ଯେ ଏଠାରୁ ତାଲିମ୍ ଗ୍ରହଣ କରି ଶିକ୍ଷକଶିକ୍ଷୟିତ୍ରୀମାନେ କଲେଜରେ ଶିକ୍ଷାଦାନ କ୍ଷେତ୍ରରେ ଆମ୍ବାସାଡର୍ ଭାବେ କାର୍ଯ୍ୟ କରିବେ। ଏନ୍‌ଇପି ଆଧାରରେ ସମଗ୍ର ବିଶ୍ୱରେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଏକ ଉଦାହରଣ କରିବା ପାଇଁ ଛାତ୍ରଛାତ୍ରୀମାନେ କ୍ଷେତ୍ରୀୟ ଅଭିଜ୍ଞତା ଆବଶ୍ୟକ କରନ୍ତି। ଏଥିନିମନ୍ତେ ଶିକ୍ଷକଶିକ୍ଷୟିତ୍ରୀମାନେ ପ୍ରଥମେ ଦକ୍ଷ ହେବା ଜରୁରୀ। ଏଥିସହ ଶିକ୍ଷାର ପ୍ରୟୋଗାତ୍ମକ ଦିଗ ପ୍ରତି ଧ୍ୟାନ ଦେବା ପାଇଁ ଶ୍ରୀମତୀ ନନ୍ଦ ପରାମର୍ଶ ଦେଇଛନ୍ତି।

ସେହିପରି ଶ୍ରମତୀ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ଦେବା ସହ ରାଜ୍ୟର ସମସ୍ତ ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ପର୍ଯ୍ୟାୟ କ୍ରମେ ସମୟାନୁସାରେ ତାଲିମ୍ ଦିଆଯିବ ବୋଲି କହିଛନ୍ତି। ଉପନିର୍ଦ୍ଦେଶକ ଶ୍ରୀମତୀ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମର ସଂଯୋଜନା କରିଥିବା ବେଳେ ଉପନିର୍ଦ୍ଦେଶକ ଶ୍ରୀ ନାୟକ ଧନ୍ୟବାଦ ଦେଇଛନ୍ତି। ଯୁଗ୍ମ ନିର୍ଦ୍ଦେଶିକ ଶ୍ରୀମତୀ ମାଳି କର୍ମଶାଳା ତଦାରଖ କରିଛନ୍ତି। ତାଲିମ୍ କାର୍ଯ୍ୟକ୍ରମରେ ପିଜିଟିମାନଙ୍କ ଦକ୍ଷତା ବିକାଶ ଉପରେ ପ୍ରାଧାନ୍ୟ ଦିଆଯିବ। ଶିକ୍ଷାଦାନ ଓ ମୂଲ୍ୟାଙ୍କନ ଅଭ୍ୟାସକୁ ସୁଦୃଢ଼ କରିବା ପାଇଁ ଏହା ଆୟୋଜିତ ହେଉଛି। ଏଥିରେ ଶିକ୍ଷାର୍ଥୀମାନେ ବିଭିନ୍ନ ଆହ୍ୱାନ, ଭାଷା ଶିକ୍ଷାଦାନର ଲକ୍ଷ୍ୟ ସମ୍ପର୍କରେ ଅବଗତ ହେବେ। ଏହାଛଡ଼ା ଜାତୀୟ ପାଠ୍ୟକ୍ରମ ରୂପରେଖ-୨୦୨୩ ଅନୁଯାୟୀ ମୂଲ୍ୟାଙ୍କନ ଅଭ୍ୟାସ ଉପରେ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି।

# ନିଖୋଜ ନାବାଳିକା ଛାତ୍ରୀ ମାସେ ପରେ ଉଦ୍ଧାର

**ଭଦ୍ରକ, ୧୫ା୯ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମନଗର ଥାନା ଭଗବାନପୁର ପଞ୍ଚାୟତ ଗୁଆପୋଖରି ଗ୍ରାମର ଜନୈକ ନାବାଳିକା ଛାତ୍ରୀ ଦୀର୍ଘ ଏକ ମାସ ହେଲା ନିଖୋଜ ଅପହୃତା ନାବାଳିକାକୁ ଧାମନଗର ପୋଲିସ ଧରିବାରେ ସଫଳ ହୋଇଛି। ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ରବିବାର ଧାମନଗର ପୋଲିସ ପକ୍ଷରୁ ଚଢ଼ଉ କରାଯାଇ ଅଭିଯୁକ୍ତ ଯୁବକ ସହ ନାବାଳିକା ଛାତ୍ରୀଙ୍କୁ ଉଦ୍ଧାର କରି ସୋମବାର ଧାମନଗର ଥାନାକୁ ଆଣିଛି। ପ୍ରକାଶ ଥାଉକି, ଧାମନଗର ଥାନା ଅନ୍ତର୍ଗତ ଭଗବାନପୁର ଅଞ୍ଚଳର ଜଣେ ନାବାଳିକା ଛାତ୍ରୀ ଗତ ଅଗଷ୍ଟ ୧୩ ତାରିଖ ଦିନ ବାରିକପୁର ନୟନମଣି କଲେଜ ଯାଇ ଆଉ ଘରକୁ ଫେରି ନଥିଲା। ପରିବାର ପକ୍ଷରୁ ଖୋଜାଖୋଜି ପରେ ଝିଅ ନିଖୋଜ ଥିବା ନେଇ ଧାମନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ଉକ୍ତ ଅଭିଯୋଗକୁ ଭିତି କରି ଥାନା କ୍ୟାସ ନଂ ୨୯୫/୨୫, ଦଫା ୧୩୭(୨), ୩(୫)ବିଏନଏସ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ସିଥିଳତା ନେଇ ପରିବାର ପକ୍ଷରୁ ଭଦ୍ରକ ଏସ.ପି ମନୋଜ କୁମାର ରାଉତଙ୍କୁ ଭେଟି ଅଭିଯୋଗ କରିଥିଲେ। ଏସ.ପି ଶ୍ରୀ ରାଉତ ଖୁବଶୀଘ୍ର ନାବାଳିକାକୁ ଉଦ୍ଧାର କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଧାମନଗର ପୋଲିସକୁ ଅଭିଯୁକ୍ତ ଧରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ଧାମନଗରର ଏସ ଆଇ ରଶ୍ମିତା ମଲିକ ଓ ଅନ୍ୟ ଷ୍ଟାଫଙ୍କ ସହକୌଣସି ସୂତ୍ରରୁ ଖବର ପାଇ ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରୁ ଗତ ରବିବାର ଦିନ ଅଭିଯୁକ୍ତସହ ନାବାଳିକାକୁ ଉଦ୍ଧାର କରି ଥାନାକୁ ଆଣିଥିଲେ। ସୂଚନା ଥାଉକି ଅଭିଯୁକ୍ତ ଯାଜପୁର ଜିଲ୍ଲା ବରୀ ଥାନା ଅନ୍ତର୍ଗତ ରତଳା ଗ୍ରାମର ବିଶ୍ୱଜିତ ଦାସ, ପିତା ଚନ୍ଦ୍ରକାନ୍ତ ବୋଲି ଜଣାପଡ଼ିଛି। ଉଭୟଙ୍କ ରଙ୍ଗ ନମ୍ବର୍ ରୁ ପ୍ରେମ ହୋଇଥିଲା ପରେ ଉଭୟ ଫେରାର ହୋଇ ଯାଇଥିଲେ। ତେବେ ନାବାଳିକା ଛାତ୍ରୀ ଫେରାର ସମୟରେ ସିନ୍ଦୂର ଓ ଶଙ୍ଖା ପିନ୍ଧି ଥିବାର ଦେଖିବାକୁ ମିଳିଥିଲା। ତେବେ ଉଭୟଙ୍କୁ ଡାକ୍ତରୀ ମାଇନା ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରି ରଞ୍ଜନ ସେଠୀ କହିଛନ୍ତି।

# ଗୋଟିଏ ଶ୍ରେଣୀଗୃହରେ ପଢୁଛନ୍ତି ୫ଟି ଶ୍ରେଣୀ ପିଲା



**ମୟୂରଭଞ୍ଜ,୧୫ା୯(ସଂଚାର ବ୍ୟୁରୋ):** କେଉଁଠି କାନ୍ଥ ଫାଟି ଆଁ କରିଛି ତ କେଉଁଠି ଛାତରୁ ଖସି ପଡ଼ିଲାଣି ପ୍ଲାଷ୍ଟର। ବର୍ଷା ଦିନ ହେଲେ ଛାତରୁ ଗଳୁଛି ପାଣି। ଫଳରେ ଗୋଟିଏ ଶ୍ରେଣୀ ଗୃହରେ ଚାଲିଛି ପାଞ୍ଚଟି ଶ୍ରେଣୀର ପିଲାଙ୍କ ପାଠପଢା। କେବଳ ସେତିକି ନୁହଁ, ରୋଷେଇ ଘର ମଧ୍ୟ ଭଙ୍ଗା ଦଦରା ଅବସ୍ଥାରେ ପଡ଼ିରହିଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ଏଭଳି ବିକଳ ଚିତ୍ର ଦେଖିବାକୁ ମିଳିଛି। ପଢିବା ପାଇଁ ଶ୍ରେଣୀ ଗୃହ ନାହିଁ। ତେଣୁ ଗୋଟିଏ ଶ୍ରେଣୀଗୃହରେ ପାଞ୍ଚଟି ଶ୍ରେଣୀର ପିଲା ପାଠ ପଢୁଛନ୍ତି। ଅଭିଭାବକଙ୍କ ଦାବି ପରେ ମଧ୍ୟ ନିର୍ମାଣ ହୋଇପାରୁନି ନୂତନ ଶ୍ରେଣୀଗୃହ।

ମୟୁରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ ଡଙ୍ଗାପାଣି ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏଭଳି ଚିତ୍ର। ୧୯୬୭ ମସିହାରେ ସ୍ଥାପିତ ଏହି ବିଦ୍ୟାଳୟ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ବିଦ୍ୟାଳୟରେ ରହିଛି ତିନୋଟି ଶ୍ରେଣୀଗୃହ, କିନ୍ତୁ ଦୁଇଟି ଶ୍ରେଣୀଗୃହ ବର୍ତ୍ତମାନ ସମ୍ପୂର୍ଣ୍ଣ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି। ତେବେ ନୂତନ ଶ୍ରେଣୀଗୃହ ଓ ରୋଷେଇ ଘରର ମରାମତି ପାଇଁ ଦାବି କରିଛନ୍ତି ଅଭିଭାବକ।

ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ ପାଠ ପଢୁଛନ୍ତି। ଏଥିପାଇଁ ନିୟୋଜିତ ଅଛନ୍ତି ଦୁଇଜଣ ଶିକ୍ଷକ। ପ୍ରଧାନ ଶିକ୍ଷକଙ୍କର କିଛି ସରକାରୀ କାମ ପଡିଲେ ଜଣେ ଶିକ୍ଷକରେ ଚାଲେ ପାଞ୍ଚଟି ଶ୍ରେଣୀର ପାଠପଢା। ଶିକ୍ଷକ ଓ ଅଭିଭାବକଙ୍କ ଅଭିଯୋଗ ପରେ ମଧ୍ୟ ସମାଧାନ ହୋଇପାରିନାହିଁ ଡଙ୍ଗାପାଣି ବିଦ୍ୟାଳୟର ସମସ୍ୟା। ତେବେ ଶିକ୍ଷା ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଗ୍ରାମବାସୀଙ୍କ ଦୀର୍ଘଦିନର ଦାବି କେବେ ଶୁଣିବେ ପ୍ରଶାସନ ଓ କେବେ ସମାଧାନ ହେବ ଡଙ୍ଗାପାଣି ବିଦ୍ୟାଳୟର ସମସ୍ୟା ତାହା ଦେଖିବାକୁ ବାକି ରହିଲା।

# ବ୍ରାଉନସୁଗର ସହ ଗଞ୍ଜେଇ ଜବତ, ୨ ଅଟକ

କୋରେଇ, ୧୫ା୯ (ସଂଚାର ବ୍ୟୁରୋ): ପାଣିକୋଇଲି ପୁଲିସ ଆଜି ଗଞ୍ଜେଇ ଓ ବ୍ରାଉନସୁଗର ଜବତ କରିବା ସହ ଦୁଇ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ପାଣିକୋଇଲି ଅଞ୍ଚଳରେ ଅବାଧ ନିଶା କାରବାର ଖବର ପାଇ ପୁଲିସ ଚଢ଼ଉ କରିଥିଲା। ପୁରୁଣା ଟୋଲ ଗେଟ ନିକଟରେ ଏକ ପାନ ଦୋକାନ ଓ ଅଟା ମିଲ ପାଖରୁ ଜଣଙ୍କୁ ଧରିବାରେ ସକ୍ଷମ ହୋଇଛି। ଅଟକ ଦୁଇ ଜଣ ପାଣିକୋଇଲି ଥାନା ଅନ୍ତର୍ଗତ ପାଣିକୋଇଲି ଗ୍ରାମର ରୁଟି ବେପାରି ଶିବ ସାହୁ ଓ ଗୋଲେଇପୁର ପଞ୍ଚାୟତ ଅନ୍ତର୍ଗତ ଖାନ୍ଦରାପୁର (ସିଂଗଡ଼ା) ଗ୍ରାମର ପାନ ଦେକାନୀ ରାଜୀବ ଦଳାଇ ବୋଲି ସୂଚନା ମିଳିଛି। ତଦନ୍ତରେ ବାଧା ଉପୁଜିବା ନେଇ ପୁଲିସ ସମସ୍ତ ତଥ୍ୟ ଦେଇନାହିଁ। ମଙ୍ଗଳବାର ଉଭୟଙ୍କୁ ଅଦାଲତ ଚାଲାଣ କରାଯିବା ସହ ସମସ୍ତ ତଥ୍ୟ ପୁଲିସ ଜଣାଇବ ବୋଲି ସୂଚନା ମିଳିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୩ କୁଖ୍ୟାତ...

ବି ଜାରି ରହିଥିବା ବରିଷ୍ଠ ଅଧିକାରର ସୂଚନା ଦେଇଛନ୍ତି। ଏହାପୂର୍ବରୁ ଗତକାଲି ମାନାଟୁ ଜଙ୍ଗଲରେ ହୋଇଥିବା ଏନକାଉଣ୍ଟରରେ ମୁକେଶ ଯାଦବ ନାମକ ଜଣେ ମାଓବାଦୀର ମୁଣ୍ଡ ଗଡ଼ିଥିଲା। ତା'କୁ ଧରିବା ପାଇଁ ୫ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରାଯାଇଥିଲା।

## ୧୨ ଜିଲ୍ଲାରେ...

ସ୍ୱରୂପ ଓଡ଼ିଶାବାସୀ ଦିନକରେ ୭୫ ଲକ୍ଷ ଗଛ ଲଗାଇବେ। ଏହି ଅଭିଯାନରେ ଶିଳ୍ପସଂସ୍ଥାମାନଙ୍କୁ ବି ସାମିଲ କରାଯିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଶିଳ୍ପପତିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଗଞ୍ଜାମ, ଖୋର୍ଦ୍ଧା, ଝାରସୁଗୁଡା, କୋରାପୁଟ ଓ ଅନୁଗୋଳଠାରେ ଆଭାସୀ ମାଧ୍ୟମରେ ଉକ୍ତ ଅଞ୍ଚଳରେ କାର୍ଯ୍ୟକାରୀ ହେବାକୁ ଥିବା ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।

ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ସୁଦକ୍ଷ ପ୍ରଶାସନିକ ବ୍ୟବସ୍ଥା ଏବଂ ଶିଳ୍ପ ଅନୁକୂଳ ପରିବେଶ ହିଁ ଆଜି ଓଡିଶାକୁ ଶିଳ୍ପ ସମୃଦ୍ଧ ଭାବେ ଏକ ପ୍ରମୁଖ ସମ୍ଭାବନାର ରାଜ୍ୟ ଭାବେ ଗଢି ତୋଳିବାରେ ସକ୍ଷମ ହୋଇଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଭରସା ଓ ବିଶ୍ୱାସ ଆଜି ରାଜ୍ୟର ସାମଗ୍ରିକ ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିରେ ଉପାଦେୟ ସାବ୍ୟସ୍ତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଅଭିଭାଷଣ ପ୍ରଦାନ କରିଥିବା ବେଳେ ଉନ୍ନୟନ କମିଶନର ଅନୁ ଗର୍ଗ ଓ ପ୍ରମୁଖ ଶିଳ୍ପପତିମାନେ ମଞ୍ଚାସୀନ ଥିଲେ। ଶିଳ୍ପ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଦକ୍ଷତା ବିକାଶ ବିଭାଗ କମିଶନର ତଥା ସଚିବ ଭୂପେନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଦେଇଥିଲେ।

## ଶିଶୁଙ୍କୁ...

କାପାସିଟି ବିଲଡିଂ ବଢାଇବା ଆବଶ୍ୟକ। ସାକ୍ଷରତା ହାର ବୃଦ୍ଧି କରିବା ସହ ସ୍କୁଲରୁ ଉଚ୍ଚ ଶିକ୍ଷା ପର୍ଯ୍ୟନ୍ତ ଶିକ୍ଷାର ଗୁଣାତ୍ମକ ମାନକୁ ବଢାଇବା ଦିଗରେ ଯୋଜନା କରାଯିବ ବୋଲି ସେ ମତପ୍ରକାଶ କରିଥିଲେ।

ଏହି ସମୀକ୍ଷା ବୈଠକରେ ଓଡ଼ିଶାର ସ୍କୁଲ ଓ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ଲୋକସଭା ସାଂସଦ ନବ ଚରଣ ମାଝୀ, ରାଜ୍ୟସଭା ସାଂସଦ ମମତା ମହନ୍ତ, ମୟୂରଭଞ୍ଜ ଜିଲ୍ଲାର ସମସ୍ତ ବିଧାୟକଙ୍କ ସହ ଜିଲ୍ଲାର ସମସ୍ତ ବିଭାଗର ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ପ୍ରକାଶଥାଉ କି, ମୟୂରଭଞ୍ଜ ଜିଲ୍ଲା ବାରିପଦା ଗସ୍ତ କାଳରେ ଶ୍ରୀ ପ୍ରଧାନ ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବାରିପଦାରେ 'ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ'ର ପ୍ରଶାସନିକ ଭବନ ଉଦଘାଟନ, ବାରିପଦା ଛଉ ପେଣ୍ଡାଲ ପ୍ରକଳ୍ପ ଓ ବାରିପଦାରେ ଜୁବୁଲି ପାର୍କ ଓ ଝିଞ୍ଜିରୀ ବନ୍ଧର ପୁନଃନବୀକରଣ ପ୍ରକଳ୍ପର ଶୁଭାରମ୍ଭ କରିଥିବା ବେଳେ ଅନେକ ସ୍ଥାନରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ୭୫ ପ୍ରତିଶତ...

ନଥିବେ, ସେଠାରେ ଉକ୍ତ ବିଷୟ ଛାତ୍ରଛାତ୍ରୀମାନଙ୍କୁ ଅତିରିକ୍ତ ବିଷୟ ଭାବେ ମନୋନୀତ କରିବାର ସୁଯୋଗ ଦିଆଯିବା ଉଚିତ। ଏହାଛଡ଼ା ଅତିରିକ୍ତ ବିଷୟଗୁଡ଼ିକୁ 'ଏସେନ୍‌ସିଆଲ୍ ରିପିଟ୍' କିମ୍ବା 'କମ୍ପାର୍ଟମେଣ୍ଟ' ଶ୍ରେଣୀଭୁକ୍ତ କରାଯିବ। ଆହୁରି ଅନେକ ସମୟରେ ଛାତ୍ରଛାତ୍ରୀମାନେ ଆଇନଗତ ନୋଟିସ୍ କିମ୍ବା କୋର୍ଟର ଆଶ୍ରୟ ନିଅନ୍ତି, ଯାହା ମାମଲାକୁ ଆହୁରି ଜଟିଳ କରିଥାଏ। ସଂଶୋଧନ ପାଇଁ ପଠାଯାଇଥିବା ଆବେଦନଗୁଡ଼ିକ ସମ୍ପୂର୍ଣ୍ଣ ସଠିକ୍ ଏବଂ ସମସ୍ତ ଆବଶ୍ୟକୀୟ କାଗଜପତ୍ର ସହିତ ପଠାଯିବା ଉଚିତ ବୋଲି ବୋର୍ଡ ଚେତାବନୀ ଦେଇଛି। ଅସମ୍ପୂର୍ଣ୍ଣ ଆବେଦନଗୁଡ଼ିକୁ ସିଧାସଳଖ ପ୍ରତ୍ୟାଖ୍ୟାନ କରାଯିବ। ସେହିପରି ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ବୋର୍ଡ ପରୀକ୍ଷାରେ ପ୍ରାଇଭେଟ୍ ପ୍ରାର୍ଥୀଙ୍କ ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ କରିଛି। ଅଫିସିଆଲ୍ ୱେବସାଇଟ୍‌ରେ ଅନଲାଇନରେ ଏଥିପାଇଁ ଆବେଦନ କରିବାକୁ ପଡିବ। ଏଥିପାଇଁ ଆସନ୍ତା ୩୦କୁ ଆବେଦନର ଶେଷ ତାରିଖ ରଖାଯାଇଛି। ଯଦି କୌଣସି ଛାତ୍ର ଏହି ସମୟ ମଧ୍ୟରେ ଆବେଦନ କରିପାରିବେ ନାହିଁ, ସେମାନେ ୩ରୁ ୧୧ ଅକ୍ଟୋବର ପର୍ଯ୍ୟନ୍ତ ବିଳମ୍ବ ଫି' ସହ ପଞ୍ଜୀକରଣ କରିପାରିବେ। ଏଥିପାଇଁ ସାଧାରଣ ଫି' ୩୨୦ ଟଙ୍କା ଏବଂ ବିଳମ୍ବିତ ଫି' ୨୦୦୦ ଟଙ୍କା ରହିଛି। ଏ ସଂକ୍ରାନ୍ତରେ ବୋର୍ଡ ପକ୍ଷରୁ କୁହାଯାଇଛି ଯେ ଯେଉଁ ଛାତ୍ରଛାତ୍ରୀମାନଙ୍କୁ ୨୦୨୫ ପରୀକ୍ଷାରେ ପୁନରାବୃତ୍ତି ଜରୁରୀ ବୋଲି ଘୋଷଣା କରାଯାଇଛି, ଯେଉଁମାନେ କମ୍ପାର୍ଟମେଣ୍ଟ ପାଇଛନ୍ତି କିମ୍ବା ଯେଉଁମାନେ ନିଜର ପ୍ରଦର୍ଶନକୁ ଉନ୍ନତ କରିବା ପାଇଁ ପରୀକ୍ଷା ଦେବାକୁ ଚାହୁଁଛନ୍ତି, ସେମାନେ ମଧ୍ୟ ପ୍ରାଇଭେଟ୍ ପ୍ରାର୍ଥୀ ଭାବେ ଆବେଦନ କରିପାରିବେ।

## ସାବାଡ଼...

ଗାଡ଼ିରେ ଡ୍ରାଇଭର ଷ୍ଟିଅରିଂ ଛାଡ଼ି ରିଲ୍ସ କରୁଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ସ୍ଥାନୀୟ ପୋଲିସ, ଜଗତସିଂହପୁର ଓ ଭୁବନେଶ୍ୱର-୧ ଆରଟିଓଙ୍କ ସହଯୋଗରେ ଗାଡ଼ିକୁ ଜବତ କରିଛନ୍ତି। ଜରିମାନା ସହ ଡ୍ରାଇଭିଂ ଲାଇସେନ୍ସ ଓ ପଞ୍ଜିକରଣ ସାର୍ଟିଫିକେଟ ନିଲମ୍ବନ ପାଇଁ ପଦକ୍ଷେପ ନେଇଛନ୍ତି।

ଭୁବନେଶ୍ୱରରେ ଏକ ବାଇକରେ ଯୁବକ-ଯୁବତୀଙ୍କ ବିପଦପୂର୍ଣ୍ଣ ଗାଡ଼ି ଚାଳନାର ଭିଡିଓ କିଛିଦିନ ତଳେ ଭାଇରାଲ ହୋଇଥିଲା। ଏହି ଘଟଣାରେ ମଧ୍ୟରେ ଭୁବନେଶ୍ୱର-୨ ଆରଟିଓ ଗାଡ଼ି ଅଟକ ରଖିଥିବା ବେଳେ ଜରିମାନା, ଲାଇସେନ୍ସ ନିଲମ୍ବନ ଭଳି ପଦକ୍ଷେପ ଗ୍ରହଣ କରିଛନ୍ତି। ଅନ୍ୟପକ୍ଷରେ, ପୁରୀରେ ମଧ୍ୟ ଏଭଳି ବିପଦପୂର୍ଣ୍ଣ ଗାଡ଼ି ଚାଳନା ଘଟଣାରେ ଆରଟିଓଙ୍କ ପକ୍ଷରୁ ମୋଟର ଯାନ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରି ଗାଡ଼ିକୁ ଅଟକ ରଖି ଜରିମାନା କରାଯାଇଛି।

କେବଳ ଉକ୍ତ ଗାଡ଼ି ଚାଳକ ନୁହେଁ, ଏହା ଅନ୍ୟ ସଡ଼କ ବ୍ୟବହାରକାରୀଙ୍କ ପାଇଁ ମଧ୍ୟ ବିପଦର କାରଣ ପାଲଟୁଛି। ନିୟମ ଉଲ୍ଲଙ୍ଘନର ଏଭଳି ଦୃଶ୍ୟ ଉପରେ ନିୟନ୍ତ୍ରଣ ପାଇଁ ସଡ଼କରେ ଏନଫୋର୍ସମେଣ୍ଟ ସହ ସୋସିଆଲ ମିଡିଆ ଉପରେ ମଧ୍ୟ ଏଭଳି ଘଟଣା ଉପରେ ଦୃଷ୍ଟି ରଖିବାକୁ ବାଣିଜ୍ୟ ଓ ପରିବହନ ବିଭାଗ ନିଷ୍ପତ୍ତି ନେଇଛି। ଉଭୟ ମୋଟର ଯାନ ଆଇନ ଓ ଭାରତୀୟ ନ୍ୟାୟ ସଂହିତାରେ ଏଭଳି କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରାବଧାନ ରହିଛି। ତେଣୁ ଏଭଳି ବିପଦପୂର୍ଣ୍ଣ ଗାଡ଼ି ଚାଳନାରୁ ଦୂରେଇ ରହିବାକୁ ସମସ୍ତଙ୍କୁ ଅନୁରୋଧ କରାଯାଉଛି।

## ସ୍ୱର୍ଗଦ୍ୱାରରେ...

ବି ବିଶ୍ୱାସ କରିପାରିନାହାନ୍ତି। କିନ୍ତୁ ସେମାନଙ୍କ ଖୁସି ଯେ ଶତଗୁଣିତ ହୋଇଛି, ଏହା କହିବା ବାହୁଲ୍ୟ ମାତ୍ର। ମିଳିଥିବା ସୂଚନାନୁସାରେ, ଗଞ୍ଜାମ ପୋଲସରା ଅଞ୍ଚଳର ପି. ଲକ୍ଷ୍ମୀ (୮୭) ଙ୍କୁ ଆଜି ସକାଳେ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ପାଇଁ ପରିବାର ଲୋକେ ଆଣିଥିଲେ। ତେବେ ସ୍ୱର୍ଗଦ୍ୱାରର କର୍ମଚାରୀମାନେ ମୃତକଙ୍କ ପରିବାରଙ୍କୁ ମେଡିକାଲ ରିପୋର୍ଟ ମାଗିଥିଲେ। କିନ୍ତୁ ପରିବାର ଲୋକେ ରିପୋର୍ଟ ଆଣି ନ ଥିବାରୁ ଶବଦାହ ସମ୍ଭବପର ହୋଇପାରିନଥିଲା। କିଛି ସମୟ ପରେ ସ୍ୱର୍ଗଦ୍ୱାର କର୍ମଚାରୀମାନେ ମୃତ ଲକ୍ଷ୍ମୀଙ୍କ ପାଖକୁ ଯାଇଥିଲେ। କିନ୍ତୁ ସେଠାରେ ସେମାନେ ଯାହା ଦେଖିଲେ, ତାହାକୁ ବିଶ୍ୱାସ କରିପାରିନଥିଲେ। କାରଣ ମୃତ ଲକ୍ଷ୍ମୀ ବଞ୍ଚିଥିବା ସେମାନେ ଦେଖିବାକୁ ପାଇଥିଲେ। ଏହା ଜାଣିବା ପରେ ପରିବାର ଲୋକେ ତାଙ୍କୁ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସେଠାରେ ତାଙ୍କର ଚିକିତ୍ସା ଚାଲିଥିବା ବେଳେ ଏପରି ଏକ ଖବର ସମଗ୍ର ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ପାଲଟିଛି। ଜଗା ଧାମକୁ ଆସି ଲକ୍ଷ୍ମୀ ଜୀବନ ପାଇଛନ୍ତି ବୋଲି ମଧ୍ୟ ଲୋକେ କୁହାକୁହି ହେଉଛନ୍ତି।

## ମ୍ୟାଚ...

ଏଥିଲାଗି ତୁରନ୍ତ ତାଙ୍କର ଇସ୍ତଫା ମାଗିଛି। ନହେଲେ ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନ ଓହରି ଆସିବ ବୋଲି ସେ କହିଛନ୍ତି। ଆଣ୍ଡି ପିକ୍ରଫ୍ଟ ଆଇସିସି କୋଡର ଉଲ୍ଲଂଘନ କରିଥିବାରୁ ତୁରନ୍ତ ତାଙ୍କୁ ବିଦା କରିବା ଲାଗି ସେ ଦାବି କରିଛନ୍ତି।

# ସଂରକ୍ଷଣ ଝାମେଲା, ଯନ୍ତ୍ରୀ ନିଯୁକ୍ତି ଓ ପଦୋନ୍ନତି ବ୍ୟାହତ

**ଭୁବନେଶ୍ୱର,୧୫ା୯:** ଚାକିରି କ୍ଷେତ୍ରରେ ଆସନ ସଂରକ୍ଷଣ ଘେନି ସରକାରୀ ସ୍ପଷ୍ଟୀକରଣରେ ବିଭ୍ରାନ୍ତି ଏବଂ ସଂରକ୍ଷିତ ବର୍ଗର ଯୋଗ୍ୟ ଓ ବରିଷ୍ଠ ପ୍ରାର୍ଥୀଙ୍କୁ ଅଣସଂରକ୍ଷିତ ଆସନରେ ନିଯୁକ୍ତି ଓ ପଦୋନ୍ନତି ମିଳିପାରିବା ନେଇ ଉଠିଥିବା ବିବାଦ ପରିପ୍ରେକ୍ଷୀରେ ପୂର୍ତ୍ତ ବିଭାଗରେ ହଜାରରୁ ଅଧିକ ଇଞ୍ଜିନିୟର ପଦବୀ ପୂରଣ ହୋଇପାରୁନାହିଁ। ଆଉ କେତେକ ବିଭାଗରେ ବି ଅନୁରୂପ ସମସ୍ୟା ଲାଗି ରହିଛି। ଗୋଟିଏ ପଟେ ସୀମିତ ସଂଖ୍ୟକ ସରକାରୀ ପଦପଦବୀ ସରକାର ପୂରଣ କରୁଥିବା ବେଳେ ଅନ୍ୟପଟେ ଚାକିରି ଆଶାୟୀମାନେ ବର୍ଷ ବର୍ଷ ଧରି ଅପେକ୍ଷା କରୁଥିବା ସ୍ଥଳେ ବିବାଦ ଯୋଗୁ ପଦବୀ ପୂରଣ ନ ହେବା ଚିନ୍ତାର କାରଣ ହୋଇଛି।

ସରକାରୀ ସୂଚନା ମୁତାବକ, ପୂର୍ତ୍ତ ବିଭାଗରେ ଖାଲି ଥିବା ୩୦୦ରୁ ଅଧିକ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ପଦବୀ ପୂରଣ ପାଇଁ ଗତବର୍ଷ ବିଭାଗୀୟ ପଦୋନ୍ନତି କମିଟି ବୈଠକ ବସିଥିଲା। ଏହି ବୈଠକରେ ସଂରକ୍ଷିତ ବର୍ଗର ବରିଷ୍ଠ ଓ ଯୋଗ୍ୟ ପ୍ରାର୍ଥୀମାନଙ୍କୁ ଅଣସଂରକ୍ଷିତ ଆସନକୁ ପଦୋନ୍ନତି ନଦେବା ପାଇଁ ନିଷ୍ପତ୍ତି ନିଆଯିବାରୁ ବୈଠକରେ ଉପସ୍ଥିତ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଭାଗର ପ୍ରତିନିଧି ଏଥିରେ ଅସନ୍ତୋଷ ବ୍ୟକ୍ତ କରି ଡିପିସି ପ୍ରୋସିଡିଂରେ ଦସ୍ତଖତ କରିନଥିଲେ। ପରେ ଏ ସଂକ୍ରାନ୍ତରେ ସରକାର ଆଇନ୍ ବିଭାଗର ମତ ଲୋଡ଼ିଥିଲେ। ବିଭିନ୍ନ ରାୟର ତର୍ଜମା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଏ ସଂକ୍ରାନ୍ତୀୟ ନୀତିଗତ ନିଷ୍ପତ୍ତି ଆଧାରରେ ଆଇନ୍ ବିଭାଗ ସ୍ପଷ୍ଟ ମତବ୍ୟକ୍ତ କରିଥିଲେ ଯେ ଅଣସଂରକ୍ଷିତ ଆସନକୁ କୌଣସି ବର୍ଗଙ୍କ ପାଇଁ ସଂରକ୍ଷିତ ନଥିବାରୁ ସଂରକ୍ଷିତ ବର୍ଗର ଯୋଗ୍ୟ ଓ ବରିଷ୍ଠ ପ୍ରାର୍ଥୀଙ୍କୁ ମଧ୍ୟ ଅଣସଂରକ୍ଷିତ ପ୍ରାର୍ଥୀଙ୍କ ସହ ଏହି ଆସନ ଲାଗି ବଛାଯାଇପାରିବ। ଏହି ଆଧାରରେ ପୁଣିଥରେ ଡିପିସି କରାଯାଇ ଆଇନ୍‌ଗତ ବ୍ୟବସ୍ଥା ମୁତାବକ ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତ କରାଯିବା ପରେ ୪ଜଣ ମହିଳା ଯନ୍ତ୍ରୀ ଏହା ବିରୋଧରେ ଆଇନ୍ ଅଦାଲତରେ ମାମଲା ରୁଜୁ କରିବା ପରେ ଡିପିସି ସୁପାରିସ କରିଥିବା ବ୍ୟକ୍ତିଙ୍କ ମଧ୍ୟରୁ କେବଳ ଯେଉଁମାନେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଅବସର ଗ୍ରହଣ କରୁଛନ୍ତି ସେହିମାନଙ୍କୁ ପଦୋନ୍ନତି ଦିଆଗଲା। ଫଳରେ ଉଭୟ ସଂରକ୍ଷିତ ଓ ଅଣସଂରକ୍ଷିତ ବର୍ଗର ପ୍ରାୟ ୩୦୦ ଏଇଇ ପଦବୀ ପଦୋନ୍ନତି ଭିତ୍ତିରେ ପୂରଣ ହୋଇପାରୁନାହିଁ। ଅନ୍ୟପକ୍ଷରେ ଏହି ପଦୋନ୍ନତି ବିବାଦ ଘେରରେ ରହୁଥିବାରୁ କନିଷ୍ଠ ଯନ୍ତ୍ରୀ ପଦବୀରୁ ଆଉ ପ୍ରାୟ ୩୦୦ ଯନ୍ତ୍ରୀ ସହକାରୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି ପାଇପାରୁ ନାହାନ୍ତି। ଏହି କନିଷ୍ଠ ଯନ୍ତ୍ରୀମାନେ ପଦୋନ୍ନତି ପାଇଥିଲେ ସେମାନଙ୍କ ପାଇଁ ଖାଲି ହେଉଥିବା ସ୍ଥାନରେ ନୂଆ ଯନ୍ତ୍ରୀଙ୍କୁ ନିଯୁକ୍ତି ମିଳିଥାନ୍ତା। ବିବାଦ ଯୋଗୁ ନୂଆ ନିଯୁକ୍ତି ହୋଇପାରୁ ନାହିଁ କିମ୍ବା ପଦୋନ୍ନତି ଦିଆଯାଇପାରୁ ନାହିଁ। ବିଭିନ୍ନ ପାହ୍ୟାରେ ପୂର୍ତ୍ତ ବିଭାଗରେ ଏଥିଯୋଗୁ ପ୍ରାୟ ହଜାରେ ଯନ୍ତ୍ରୀ ପଦବୀ ପୂରଣ ହୋଇପାରୁ ନଥିବାରୁ ନିର୍ମାଣ କାର୍ଯ୍ୟ ବ୍ୟାହତ ହେଉଛି।

ସମାନ ଅଭିଯୋଗ ଆଣି ଗୃହ ଓ ନଗର ଉନ୍ନୟନ ବିଭାଗରେ ପଦୋନ୍ନତି ସଂକ୍ରାନ୍ତୀୟ ମାମଲା ଚାଲିଥିଲେ ବି ସେଠାରେ କିନ୍ତୁ ଡିପିସି ସୁପାରିସ ମୁତାବକ ସମସ୍ତଙ୍କୁ ପଦୋନ୍ନତି ଦିଆଯାଇଛି। ଅଥଚ ପୂର୍ତ୍ତ ବିଭାଗରେ ଅନୁରୂପ ଭାବେ ପଦୋନ୍ନତି ମିଳୁନାହିଁ। ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ କହୁଛନ୍ତି ଯେ ଆଇନ୍‌ଗତ ବିବାଦ ସରିବା ପରେ ଏ ସଂକ୍ରାନ୍ତରେ ଯାହା ନିଷ୍ପତ୍ତି ନିଆଯିବ। ସମସ୍ୟାର ଗମ୍ଭୀରତାକୁ ଆଖି ଆଗରେ ରଖି ଖୋଦ୍ ଆଡଭୋକେଟ୍ ଜେନେରାଲ ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଯୁକ୍ତି ରଖିବାକୁ ଯାଉଛନ୍ତି। ମୋଟାମୋଟି ଭାବେ ଯନ୍ତ୍ରୀ ପଦୋନ୍ନତି ପ୍ରସଙ୍ଗକୁ କେନ୍ଦ୍ର କରି ପୂର୍ତ୍ତ ବିଭାଗରେ ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଏଥିଯୋଗୁ କେବଳ ସଂରକ୍ଷିତ ବର୍ଗର ବରିଷ୍ଠ ଯନ୍ତ୍ରୀ ନୁହନ୍ତି, ଅଣସଂରକ୍ଷିତ ବର୍ଗର ବରିଷ୍ଠ ଯନ୍ତ୍ରୀମାନେ ମଧ୍ୟ ପଦୋନ୍ନତି ସୁବିଧାରୁ ବଞ୍ଚିତ ହେଉଛନ୍ତି ଯାହାର ପ୍ରତ୍ୟକ୍ଷ ପ୍ରଭାବ ସିଧାସଳଖ ନିଯୁକ୍ତି ଉପରେ ବି ପଡୁଛି। (ତଥ୍ୟ)



# ସମ୍ ଲାଇଫ୍ ସାଇନ୍ସେସ୍‌ର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୫।୯ (ସଂଚାର ବ୍ୟୁରୋ):** ସୁମା ରିୟଲ୍ ମିଡିଆ ପ୍ରାଇଭେଟ ଲିମିଟେଡ ପ୍ରସ୍ତାବିତ ଔଷଧ ପ୍ରସ୍ତୁତକାରୀ ଏବଂ ଗବେଷଣା କେନ୍ଦ୍ର ସମ୍ ଲାଇଫ୍‌ସାଇନ୍ସେସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ। ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ପରିସରରେ ସୋମବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ରିମୋଟ ମୋଡରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଭୁବନେଶ୍ୱର ଉପକଣ୍ଠ ଗୋପାଳପାଟଣା ଶିଳାନ୍ୟାସଫଳକରେ ସ୍ଥାପିତ ହେବାକୁ ଯାଉଥିବା ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି।

ସମ୍ ଲାଇଫ୍‌ସାଇନ୍ସେସ୍ ସମେତ ରାଜ୍ୟର ୧୯ଟି ଜିଲ୍ଲାରେ ୨୭ଟି ବିଭିନ୍ନ ଶିଳ୍ପାନୁଷ୍ଠାନର ମୁଖ୍ୟମନ୍ତ୍ରୀ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ ଲାଇଫସାଇନ୍ସେସ୍ ପକ୍ଷରୁ ୨୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପୁଞ୍ଜି ନିବେଶରେ ଗୋପାଳପାଟଣା ଠାରେ ଏହି ଫାର୍ମା ପ୍ରକଳ୍ପ ଆରମ୍ଭ ହେବ। ଏହି ପ୍ରକଳ୍ପରେ ୧୨୮୦ ଜଣଙ୍କୁ ପ୍ରତ୍ୟକ୍ଷ ନିଯୁକ୍ତି ମିଳିବ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ଶିଳ୍ପ ମନ୍ତ୍ରୀ ଶ୍ରୀ ସମ୍ପଦ ଚରଣ ସ୍ୱାଇଁ, ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଉନ୍ନୟନ କମିଶନର ଶ୍ରୀମତି ଅନୁ ଗର୍ଗ ଏବଂ ଶିଳ୍ପ ସଚିବ ଶ୍ରୀ ହେମନ୍ତ ଶର୍ମାଙ୍କ ସହିତ ବିଭିନ୍ନ ଶିଳ୍ପକ୍ଷେତ୍ରର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଓଡ଼ିଶା କୃଷି ମହାବିଦ୍ୟାଳୟ ପରିସରରେ ତଥା ଗୋପାଳପାଟଣା ଠାରେ ସମ୍ ଲାଇଫସାଇନ୍ସେସ୍‌ର ବିଭିନ୍ନ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଏହି କମ୍ପାନୀ ଦ୍ୱାରା ପ୍ରସ୍ତୁତ ଉଚ୍ଚମାନର ତଥା ସ୍ୱଳ୍ପ ମୂଲ୍ୟର ବିଭିନ୍ନ ଔଷଧ ଓ ଟୀକା ଖୁବ୍ ଶୀଘ୍ର ବଜାରରେ ଉପଲବ୍ଧ ହେବ।

# ଭୂମିହୀନଙ୍କୁ ଜମି ପଟ୍ଟା ବଣ୍ଟନ କଲେ ରାଜସ୍ୱ ମନ୍ତ୍ରୀ



**ବ୍ରହ୍ମପୁର,୧୫।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଗସ୍ତରେ ଆସି ଗୋପାଳପୁର ନିର୍ବାଚନ ମଣ୍ଡଳୀର କନିସି ତହସିଲରେ ରାଜସ୍ୱ ବିଭାଗ ଦ୍ୱାରା ଆୟୋଜିତ ଭୂମିହୀନ ଜନସାଧାରଣଙ୍କୁ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଉପସ୍ଥିତ ଥିଲେ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ଜେନା। ଏହି କାର୍ଯ୍ୟକ୍ରମରେ ୧୮ ଗ୍ରାମକଣ୍ଟକ ପଟ୍ଟା ଦିଆଯାଉଛି ଏବଂ ଏବେ ପର୍ଯ୍ୟନ୍ତ ଏହି ଅଞ୍ଚଳରେ ୨୫୦୦ରୁ ଅଧିକ ଗ୍ରାମକଣ୍ଟକ ପଟ୍ଟା ପ୍ରଦାନ କରାଯାଇଛି। ଏହା ସହ ୮୩ ଜଣଙ୍କୁ ଉତ୍ତରାଧିକାରୀ ପରିବର୍ତ୍ତନ ପଟ୍ଟା ଏବଂ ବସୁନ୍ଧରା ଯୋଜନାରେ ୫ ଜଣଙ୍କୁ ଜମିପଟ୍ଟା ପ୍ରଦାନ କରାଯାଇଛି। ଲୋକଙ୍କ ସରକାରରେ ଓଡ଼ିଶା ରାଜ୍ୟରେ ଜଣେ ମଧ୍ୟ ଭୂମିହୀନ ରହିବେ ନାହିଁ ଏଥି ପ୍ରତି ଆମେ ପ୍ରତିଶ୍ରୁତି ବଦ୍ଧ ଓ ନିରନ୍ତର କାର୍ଯ୍ୟ କରୁଛୁ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ ପ୍ରକାଶ କରିଥିଲେ। ବ୍ରହ୍ମପୁର ଉପଜିଲ୍ଲାପାଳ ଅଭିନାଶ କୁମାରଙ୍କ ସମେତ ପଞ୍ଚାୟତ ପ୍ରତିନିଧି, ହିତାଧିକାରୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ।




# ମନ୍ତ୍ରୀ ନିଜ ପ୍ରତିଶ୍ରୁତି ପାଳନ କରିବେ ତ?

## ସମୟ ଗଡ଼ିଲା, ବିଜ୍ଞପ୍ତି ବାହାରିଲାନି

**ହିଞ୍ଜିଳିକାଟୁ,୧୫।୯ (ସଂଚାର ବ୍ୟୁରୋ):** ରାଜ୍ୟରେ ଗତବର୍ଷ ଜୁନ୍ ମାସରେ ଓଡ଼ିଶାରେ ବିଜେପି ସରକାର ଗଢ଼ାଯିବା ପରେ ଦୀର୍ଘଦିନ ଧରି ବନ୍ଦଥିବା ଛାତ୍ର ସଂସଦ ନିର୍ବାଚନ ନେଇ ଆଶା ସଞ୍ଚାର ହୋଇଥିଲା। ଖୋଦ ଉଚ୍ଚଶିକ୍ଷାମନ୍ତ୍ରୀ ମଧ୍ୟ ଏ ନେଇ ସଙ୍କେତ ଦେଇଥିଲେ। ଏହାପରେ ବିଭିନ୍ନ ଛାତ୍ର ସଂଗଠନଗୁଡ଼ିକ ଚଳଚଞ୍ଚଳ ହୋଇ ଉଠିଥିଲେ। ହେଲେ ଛାତ୍ରସଂସଦ ନିର୍ବାଚନ ନେଇ ଏବେ ଆଉ କୌଣସି ସୋର ଶବ୍ଦ ନାହିଁ। ତେବେ ଅନ୍ୟପକ୍ଷରେ ଛାତ୍ରୀ ଆତ୍ମାହୂତ ଓ ଅନ୍ୟାନ୍ୟ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ ଯେଉଁ ସରଗରମ ପରିସ୍ଥିତି ସୃଷ୍ଟି ହୋଇଛି ସେଥିରେ ଚଳିତବର୍ଷ ଛାତ୍ର ସଂସଦ ନିର୍ବାଚନ ଓଡ଼ିଶାରେ ହେବ କି ନାହିଁ ସେଯି ନେଇ ଏବେଠାରୁ କୌଣସି ପୂର୍ବାନୁମାନ କରିହେବ ନାହିଁ। ତେବେ ବର୍ତ୍ତମାନ ସୁଦ୍ଧା ଏ ନେଇ କୌଣସି ବିଜ୍ଞପ୍ତି ପ୍ରକାଶପାଇନଥିବା ବେଳେ ହିଞ୍ଜିଳିକାଟୁ ସ୍ୱୟଂ ଶାସିତ ବିଜ୍ଞାନ ମହାବିଦ୍ୟାଳୟରେ ନିର୍ବାଚନ ଲଢିବାପାଇଁ ଆଶାୟୀଥିବା ଛାତ୍ରଛାତ୍ରୀମାନେ ଦ୍ୱନ୍ଦରେ ଅଛନ୍ତି।

ସାଧାରଣତଃ ଦଶହରା ଛୁଟି ପୂର୍ବରୁ ରାଜ୍ୟରେ ଛାତ୍ର ସଂସଦ ନିର୍ବାଚନ ହୋଇଥାଏ। ମାତ୍ର ଏଥର ସେମିତି କିଛି ସଙ୍କେତ ମିଳୁନାହିଁ। ବର୍ତ୍ତମାନ ସମସ୍ତେ ଗୁମ୍‌ସୁମ୍ ରହିଥିବା ବେଳେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ଦ୍ୱନ୍ଦ୍ୱରେ ରହିଛନ୍ତି। ୨୦୧୭ ମସିହାରେ ଶେଷ ଥର ପାଇଁ ଛାତ୍ର ସଂସଦ ନିର୍ବାଚନ ଅନୁଷ୍ଠିତ ହୋଇଥିବା ବେଳେ ୨୦୧୮ରୁ କୋଭିଡ୍, ଆଇନ୍‌ଶୃଙ୍ଖଳା ପରିସ୍ଥିତି, ଶୈକ୍ଷିକ ବାତାବରଣର ଆଳ ଦେଖାଇ ପ୍ରାୟ ୭ବର୍ଷ ହେବ ରାଜ୍ୟର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ହୋଇନାହିଁ। ୭ ବର୍ଷ ପରେ କ୍ୟାମ୍ପସକୁ ରାଜନୀତି ଫେରିବ ବୋଲି ସମସ୍ତେ ଆଶା କରିଥିବା ବେଳେ କିନ୍ତୁ ଏବର୍ଷ ମଧ୍ୟ ନିରାଶ ହେବାକୁ ପଡିବ ବୋଲି ଅନୁମାନ କରାଯାଉଛି।

ଏବେ ପ୍ରଶ୍ନ ଉଠିଛି, ଏଥର ଛାତ୍ର ସଂସଦ ନିର୍ବାଚନ ହେବ ନା ନାହିଁ? ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ନିଜ ପ୍ରତିଶ୍ରୁତି ପାଳନ କରିବେ ତ? ନା ଗତବର୍ଷ ଭଳି ଏଥର ମଧ୍ୟ ରାଜ୍ୟ ସରକାର ନିର୍ବାଚନକୁ ଟାଳିଦେବେ ?

# ଆରପାରିରେ ସରପଞ୍ଚ କୁନି ସୌରା

**ବୋରିଗୁମ୍ମା,୧୫।୯ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲାର ଆଦିବାସୀ ମହିଳା ସରପଞ୍ଚ କୁନି ସୌରାଙ୍କ ଜୟପୁର ସ୍ଥିତ ଉଷା ନାମକ ଘରୋଇ ମେଡିକାଲରେ ରବିବାର ସନ୍ଧ୍ୟା ୫ଟା ସମୟରେ ପରଲୋକ ହୋଇଥିବାବେଳେ ଏଥିନେଇ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଜୟପୁରର ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳ ରାଜ୍ୟ ଉପସଭାପତି ରବି ନାରାୟଣ ନନ୍ଦ ସରପଞ୍ଚ ସୌରାଙ୍କ ବିୟୋଗରେ ଶୋକ ପ୍ରକାଶ କରି କହିଛନ୍ତି ଯେ କୋରାପୁଟ ଜିଲ୍ଲା ହେଉଛି ଆଦିବାସୀ ଅଧୁଷିତ ଅଞ୍ଚଳ । ସେ ଜଣେ ମହିଳା ଆଦିବାସୀ ସରପଞ୍ଚ ଭାବେ ନିର୍ବାଚିତ ହୋଇ କାଠରଗଡା ଅଞ୍ଚଳ ବାସୀଙ୍କ ପ୍ରତି କୁନି ସୌରାଙ୍କ ଅବଦାନ ଅତୁଳନୀୟ। ସେ ବିଜେଡି ସମର୍ଥିତ ହୋଇଥିବାବେଳେ ତାଙ୍କର ପାରମ୍ପରିକ କାର୍ଯ୍ୟ ଶୈଳୀ ଲୋକଙ୍କ ପ୍ରତି ବ୍ୟବହାର ଯୋଗୁଁ ବିଭିନ୍ନ ସଂସ୍ଥା ଅଞ୍ଚଳବାସୀ ପକ୍ଷରୁ ସମ୍ମାନିତ ହୋଇଥିଲେ। ତାଙ୍କର ଶୂନ୍ୟସ୍ଥାନ ପୂରଣ କରିବା ଅସମ୍ଭବ।

# ଭଡ଼ାଟିଆ ସଭାପତି: ବିନାଶ ପଥରେ ଯାଜପୁର ନଗର ବିଜେପି

**ଯାଜପୁର,୧୫।୯ (ସଂଚାର ବ୍ୟୁରୋ):** ଯାଜପୁର ବିଜେପିରେ ଏବେ 'ଭଡ଼ାଟିଆ ନେତୃତ୍ୱ'ର ଦୁର୍ଗନ୍ଧ ପ୍ରସାରିତ। ଭଦ୍ରକର ସ୍ଥାୟୀ ବାସିନ୍ଦା ତପନ ନାୟକଙ୍କୁ ଭଡ଼ାରେ ଆଣି ପୂର୍ବତନ ବିଜେପି ଜିଲ୍ଲା ଉପ-ସଭାପତି ସ୍ୱର୍ଗତ ଭାଗବତ ସାହୁଙ୍କ ଘରେ ରଖି ତାଙ୍କ ଠିକଣାରେ ଭୋଟର ତାଲିକା ଯୋଡି "କାଗଜୀ" ଯାଜପୁରିଆ କରାଗଲା। ପରେ ସେହି ଭରଷାରେ ସଭାପତି ପଦ ଦିଆଯାଇଥିଲା। କିନ୍ତୁ, ଦଳରେ ଭରଷା, ତାଙ୍କ ପାଇଁ ବିଜେଡିରେ ବ୍ୟବସାୟ ପାଲଟିଛି।

ପ୍ରତ୍ୟେକ ନିର୍ବାଚନରେ ବିଜେଡି ସହ 'ଗୁପ୍ତ ଚକ୍କର'- ଏହା ହେଉଛି ତପନଙ୍କର ସମ୍ପୂର୍ଣ୍ଣ ରାଜନୀତିକ 'ବାୟୋଡାଟା'। ଆଜି ବିଜେପି ସରକାର ଆସିଲା, ସେହି 'ପଦଲୋଭ' ପୁଣିଥରେ



ତାଙ୍କୁ ଆଗକୁ ଆଣିଦେଇଛି। ଅନ୍ୟପଟେ, ଦକ୍ଷ ସଂଗଠକ ସଞ୍ଜୟ ସିଂହ କାଉନସିଲର ଭାବେ ନିର୍ବାଚିତ, କର୍ମୀମାନଙ୍କର ଭରସାର ନାମ। କିନ୍ତୁ, 'ମଧ ବୟସ' ଥିବାରୁ ଦଳୀୟ ପଦରୁ ପଛକୁ ଟେକାଗଲେ। ଏହାର ଲାଭ ଭଡ଼ାଟିଆଙ୍କୁ ସଭାପତି କରି ବିଜେଡିଙ୍କୁ ଯାଜପୁର ବିଜେପିର ହାତରେ 'ରିମୋଟ କଣ୍ଟ୍ରୋଲ' ଦେଇଦିଆଗଲା। ସାଧାରଣରେ ପ୍ରଶ୍ନ ଉଠୁଛି ବିଜେପି "ଭଡ଼ାଟିଆ ନେତୃତ୍ୱ"ରେ କି ପରୀକ୍ଷା-ନିରୀକ୍ଷା କରୁଛି? କାହିଁକି କର୍ମୀଙ୍କୁ ଅଣଦେଖା କରି ବିଜେଡିର 'ଅଣଧୁଆ' ପ୍ରତିନିଧିଙ୍କୁ ସଭାପତି ପଦରେ ବସାଗଲା? ବିଜେପିର ସ୍ଥାନୀୟ କର୍ମୀମାନେ ଯଦି ନିରାଶ ଓ କ୍ଷୁବ୍ଧ, ତେବେ ଏହାର ଦାୟୀ କିଏ ?ଯାଜପୁରରେ ବିଜେପିରେ 'ଭଡ଼ାଟିଆ'ଙ୍କୁ ସଭାପତି କରି ବିଜେଡିଙ୍କୁ ମାଟିରୁ ନୁହେଁ, ମନରୁ ବାହାର କରିବାରେ ବିଜେପି ସଫଳ ହେବନି।

# ଗଞ୍ଜାମରେ ସାର ସଙ୍କଟ, ଦୁର୍ଦ୍ଦଶାରେ ଚାଷୀ

**ଛତ୍ରପୁର,୧୫।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ବ୍ଲକରେ ୟୁରିଆ ସାରର ଅଭାବ ଦିନକୁ ଦିନ ଗୁରୁତର ରୂପ ନେଉଛି। ରାଜ୍ୟ ସରକାର ପକ୍ଷରୁ ସାରର ପର୍ଯ୍ୟାପ୍ତ ମହଜୁଦ ରହିଥିବା ଦାବୀ କରାଯାଇଥିଲେ ମଧ, ଗଞ୍ଜାମ ବ୍ଲକ ସ୍ପଷ୍ଟ ଭିନ୍ନ ଚିତ୍ର ପଦର୍ଶନ କରୁଛି। ଚାଷୀଙ୍କୁ ଆବଶ୍ୟକ ସାର ଯୋଗାଇବାରରେ ସମ୍ପୂର୍ଣ୍ଣ ବିଫଳ ହୋଇପଡିଛି ପ୍ରଶାସନ। ବର୍ଷା ପାଣିପାଗ ଏ ବର୍ଷ ଧାନ ଚାଷ ପାଇଁ ଅନୁକୂଳ ହେଲେ ମଧ, ସାର ଅଭାବରୁ ଧାନ ଉତ୍ପାଦନରେ ସିଧାସଳଖ ପ୍ରଭାବ ପଡିବାର ଆଶଙ୍କା ରହିଛି।

ସୂଚନାନୁସାରେ ବ୍ଲକର ୨୨ଟି ପ୍ରାଇମେରୀ ଆଗ୍ରିକଲ୍ଚରାଲ କୋ-ଅପେରେଟିଭ ସୋସାଇଟି ଅଧୀନରେ ପ୍ରାୟ ୯୦୦ ହେକ୍ଟର ଜମିରେ ଏ ବର୍ଷ ଧାନ ଚାଷ ହେଉଛି।ଏଥିରୁ ୧୬ଟି ସୋସାଇଟି ନିଅଣ୍ଟିଆ ସାର ଉଠାଇଥିବାବେଳେ, ବାକି ୬ଟି ସୋସାଇଟି ବର୍ତ୍ତମାନ ପର୍ଯ୍ୟନ୍ତ ସାର ଉଠାଇବାରେ ବିଫଳ ହୋଇଥିବା ଦେଖାଦେଇଛି। ଏହାର ପରିଣାମରେ ଏହି ଅଞ୍ଚଳର ଥିବା ଚାଷୀମାନେ



ଗୁରୁତର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବ୍ଲକରେ ପ୍ରାୟ ୨୦୦ ମେଟ୍ରିକ ଟନ ୟୁରିଆ ଆବଶ୍ୟକ ଥିବା ସମୟରେ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ୧୧୧ ଟନ ସାର ପହଞ୍ଚିଥିବାରୁ ଯୋଗାଣରେ ଗୁରୁତର ଅସମନ୍ୱୟ ସୃଷ୍ଟି ହୋଇଛି। ଏହି ପରିସ୍ଥିତିରେ ଚାଷୀମାନେ ତାଙ୍କ ଜମିରେ ସମୟୋପଯୋଗୀଭାବେ ସାର ପକାଇ ପାରୁନାହାନ୍ତି। ବିଭିନ୍ନ ପାକ୍ସ ସୋସାଇଟି ସମ୍ମୁଖରେ ସାର କିଣିବା ପାଇଁ ଚାଷୀମାନଙ୍କର ଭିଡ଼ ଦେଖାଦେଉଛି। ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡିରେ ରହିବା ପରେ, ଶେଷରେ କେବଳ ଗୋଟିଏ କିମ୍ବା ଦୁଇଟି ସାର ବସ୍ତା ସାର ମିଳିବା ପରେ ନିରାଶ ହେଇ ଫେରୁଥିବା ଦେଖାଦେଇଛି।ଚାଷୀମାନଙ୍କ କହିବା ଅନୁସାରେ, ପାକ୍ସ ବିକ୍ରେତାଙ୍କର ବ୍ୟବହାର ସେମାନଙ୍କ କଷ୍ଟକୁ ଦିଗୁଣିତ କରୁଛି। ସାର ବଣ୍ଟନରେ ପର୍ଯ୍ୟାପ୍ତ ବ୍ୟବସ୍ଥା କିମ୍ବା ପରିଚାଳନା ନଥିବାରୁ ଅବ୍ୟବସ୍ଥା ସୃଷ୍ଟି ହେଉଥିବା ଦେଖାଦେଇଛି।ଏନେଇ କୃଷି ବିଭାଗ କିମ୍ବା ପ୍ରଶାସନ ପକ୍ଷରୁ କୌଣସି ସୁବିଧା କିମ୍ବା ତଦାରଖ ନହୋଇଥିବାରୁ ପାକ୍ସ ବିକ୍ରେତାଙ୍କର 'ମନାମାନୀ' ବଢ଼ିଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।ପରିସ୍ଥିତି ତୀବ୍ର ହେବା ସହ ଚାଷୀମାନଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।ଏନେଇ ଗଞ୍ଜାମ ବ୍ଲକ ସହାୟକ କୃଷି ଅଧିକାରୀ ପ୍ରତିଭା ଦେବୀ କହିଛନ୍ତି "ସାର ଅଭାବରେ କିଛି ସମସ୍ୟା ହୋଇଛି। ଏନେଇ ଉପରସ୍ତ ବିଭାଗକୁ ଜଣାଯାଇଛି। ଆବଶ୍ୟକ ସାର ଶୀଘ୍ର ପହଞ୍ଚିବ। ଚାଷୀମାନେ କଳାବଜାରୀରୁ ଦୂରେଇ ରହନ୍ତୁ। ବଣ୍ଟନ ବ୍ୟବସ୍ଥାକୁ ସୁଚିନ୍ତିତ ଭାବରେ କରାଯିବ।"

# ଚିତ୍ରୀରୁ ଗଞ୍ଜେଇ ଜବତ, ଦୁଇ ଗିରଫ



**କଳିଙ୍ଗନଗର,୧୫।୯ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଆରକ୍ଷୀ ଅଧକ୍ଷଙ୍କ ନିର୍ଦ୍ଦେଶ କ୍ରମେ ଟମକା ଥାନା ଅଧିକାରୀ ଅବକାରୀ କାରବାରର ଧରପଗଡ ପାଇଁ ଏକ ଟିମ୍ ଗଠନ କରି ଥିବା ବେଳେ ରବିବାର ଦିନ ଗୋବର୍ଦ୍ଧନପୁର, ଟୋଲକାନି, ଚିତ୍ରୀ ଓ ଜଅଁର ଅଞ୍ଚଳରେ ଅତର୍କିତ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୮୦୦ଗ୍ରାମ ଗଞ୍ଜେଇ ଜବତ ସହ ଦୁଇ ଜଣକୁ ଗିରଫ କରିଥିଲା ପୁଲିସ। ଟମକା ପୋଲିସ କେସ ନଂ- ୧୮୨/୨୫ରେ ମାମଲା ରୁଜ୍ଜୁ କରି ସୋମବାର ଦିନ କୋର୍ଟ ଚାଲାଣ କରିଛି। ଦୁଇ ଅଭିଯୁକ୍ତ ସେହି ଥାନା ଅନ୍ତର୍ଗତ ଚିତ୍ରୀ ଗ୍ରାମର ସ୍ୱର୍ଗତ ଧରଣୀଧର ରଣାଙ୍କ ପୁଅ ସୁନନ୍ଦ ରଣା ଓ ଅନ୍ୟ ଜଣେ ସହଯୋଗୀ ଚିତ୍ରୀ ନୂଆସାହି ଗ୍ରାମର ସ୍ୱର୍ଗତ ହାଡ଼ିବନ୍ଧୁ ସାହୁଙ୍କ ପୁଅ ନିରଞ୍ଜନ।

# ଆସୁଛନ୍ତି ମା': ଖିଲି ଖିଲି ହସୁଛି କାଶତଣ୍ଡି

**କାକଟପୁର/ଅସ୍ତରଙ୍ଗ,୧୫।୯ (ସଂଚାର ବ୍ୟୁରୋ):** ଶରତ ଋତୁରେ ପ୍ରକୃତିର ବିଚିତ୍ର ସୃଷ୍ଟି ହେଉଛି କାଶତଣ୍ଡି ଫୁଲ । ଶରତ ଆଗମନରେ ଏବେ ସବୁଠି କାଶତଣ୍ଡି ସମ୍ଭାର । ବିଲ, ନଦୀପଠା, ରାସ୍ତା ପାର୍ଶ୍ୱ ସବୁଠି ଖିଲି ଖିଲି ହୋଇ ହସୁଛି କାଶତଣ୍ଡି । ଜଗତ ଜନନୀ ମା ଦୁର୍ଗାଙ୍କ ଆଗମନର ହେଉଛି ପ୍ରାକ ସୂଚନା । ସତେ ଯେମିତି ଜଗତଜନନୀଙ୍କ ଆଗମନକୁ ଚାହିଁରହିଛି। ପ୍ରକୃତିର ଏହି ଅପରୂପ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବିମୋହିତ କରୁଥିବା ବେଳେ ଆନମନା ହୋଇ କେତେ କଣ ଲେଖୁଛନ୍ତି କବି । ଧୀର



ସମୀରଣ ସ୍ପର୍ଶରେ ଦୋଳାୟମାନ ଧୋବ ଫରଫର କାଶତଣ୍ଡି । କେତେବେଳେ ଝୁଲି ଝୁଲି ଧରାକୁ ଛୁଁଉଛି, ତ ଆଉ କେତେବେଳେ ଆକାଶକୁ ଚାହିଁ ଖିଲି ଖିଲି ହୋଇ ହସୁଛି । ସେ ଜଣାଇଦେଉଛି ପାର୍ବଣର ଋତୁ ଆସିଛି ।

ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଅଂଚଳର ବିଲ, ନଦୀପଠା, ରାସ୍ତାପାର୍ଶ୍ୱ ସବୁଠି ଦେଖିବାକୁ ମିଳୁଛି କାଶତଣ୍ଡିର ସୁନ୍ଦରତା। ଯାହାକୁ ଦେଖି କ୍ଷଣିକ ପାଇଁ ଅଟକି ଯାଉଛି ବାଟୋଇ। ବାସହୀନ ହେଲେ ବି ତାର ଅପରୂପ ସୌନ୍ଦର୍ଯ୍ୟ ସମସ୍ତଙ୍କୁ ବିମୋହିତ କରୁଛି। ଆନମନା ହେଉଛନ୍ତି କବିର ମନ। ସେ ନିଜ କବିତା ମାଧ୍ୟମରେ ବର୍ଣ୍ଣନା କରୁଛନ୍ତି ପ୍ରକୃତିରାଣୀର ଶୋଭାରାଜି। ଆଉ ଏହି କାଶତଣ୍ଡି ଜଗତଜନନୀ ମା ଦୁର୍ଗାଙ୍କ ଧରାପୃଷ୍ଠକୁ ଆଗମନର ବାର୍ତ୍ତା ଦେଉଛି। ପାର୍ବଣ ଋତୁର ବନ୍ଦନା ଗାଇବା ପାଇଁ ସତେ ଯେମିତି ଆନମନା ହୋଇଛି ପ୍ରକୃତି ରାଣୀ।

# 'କଳିଙ୍ଗ ଯୁଦ୍ଧ' ବିଷୟରେ ଆଲୋଚନାଚକ୍ର



**ଛତ୍ରପୁର,୧୫।୯ (ସଂଚାର ବ୍ୟୁରୋ):** ଗଞ୍ଜାମ ମହାବିଦ୍ୟାଳୟର ଇତିହାସ ବିଭାଗରେ "କଳିଙ୍ଗ ଯୁଦ୍ଧ" ବିଷୟରେ ଏକ ଆଲୋଚନା ଚକ୍ର ଆୟୋଜିତ ହୋଇଯାଇଅଛି। ମହାବିଦ୍ୟାଳୟ ଅଧକ୍ଷା ଡ଼. ସ୍ମରଣିକା ହୋତାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମଟି, ବିଭାଗୀୟ ମୁଖ୍ୟ ପ୍ରଭାତୀ ତ୍ରିପାଠୀଙ୍କ ସକ୍ରିୟ ତତ୍ତ୍ୱାବଧାନରେ ସଫଳଭାବରେ ସଂଚାଳିତ ହୋଇଥିଲା। ଆଲୋଚନାରେ ଅଧ୍ୟାପକ ଡ଼. ସୁଶାନ୍ତ ସେଠି, ଡ଼ ଲୋକନାଥ ମିଶ୍ର, ରସାନନ୍ଦ କଅଁର ଓ ଅଧ୍ୟାପିକା ଡ଼ ଖୁସୁବୁ ନାଜ "କଳିଙ୍ଗ ଯୁଦ୍ଧର" ପୂର୍ବଭୂମିକା, ଯୁଦ୍ଧର ଭୟାବହ ପରିଣାମ, ସମ୍ରାଟ୍ ଅଶୋକଙ୍କ ପଶ୍ଚାତାପ ଓ ଏହାର ଇତିହାସିକ ପ୍ରଭାବ ବିଷୟରେ ଆଲୋଚନା କରିଥିଲେ।

ଏହାସହ ବିଭାଗରେ ଆୟୋଜିତ ସେମିନାରରେ ଯୁକ୍ତ ତିନି ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସନ୍ଦର୍ଭରେ ପ୍ରସ୍ତୁତି ରଖାଯାଇଥିଲା। ସେମାନେ ରାଜନୈତିକ ଓ ସାମରିକ ପରିସ୍ଥିତି, ସମାଜିକ ପରିଣାମ, ଏବଂ ଅଶୋକଙ୍କ ଧର୍ମ ପରିବର୍ତ୍ତନ ସହିତ ବୁଦ୍ଧ ଧର୍ମର ପ୍ରସାର ବିଷୟରେ ଗଭୀର ବିଶ୍ଳେଷଣ କରିଥିଲେ। ମହାବିଦ୍ୟାଳୟର ଇତିହାସ ବିଭାଗରେ ପ୍ରଥମ ବର୍ଷର ନୂଆ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରିବା ପାଇଁ ସରଳ ଏବଂ ସୁସଜ୍ଜିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ଅବସରରେ, ସିନିୟର ଛାତ୍ରଛାତ୍ରୀମାନଙ୍କ ପରିଚୟାତ୍ମକ ଅଧିବେଶନ ଓ ଆଲୋଚନାରେ ନୂଆ ଛାତ୍ରଛାତ୍ରୀମାନେ ବିଭାଗୀୟ ପରିବେଶ ଓ ପାରମ୍ପରିକତା ସହିତ ପରିଚିତ ହୋଇଥିଲେ। ଅଧକ୍ଷା ଡ଼ ସ୍ମରଣିକା ହୋତା ନୂଆ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇ, ପାଠାଭ୍ୟାସ ସହିତ ବ୍ୟକ୍ତିତ୍ୱ ଗଠନ ଓ ସୃଜନଶୀଳତାକୁ ଅଗ୍ରସର କରିବା ପାଇଁ ପ୍ରୋତ୍ସାହନ କରିଥିଲେ। ଏହି ସ୍ୱାଗତ କାର୍ଯ୍ୟକ୍ରମ ମାଧ୍ୟମରେ ନୂଆ ଓ ପୁରୁଣା ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମ୍ପ୍ରତିକତା ଓ ସହଭାଗୀତାର ପରିବେଶ ସୃଷ୍ଟି ହୋଇଥିଲା। କାର୍ଯ୍ୟକ୍ରମରେ କର୍ମଚାରୀ, ଅଧ୍ୟାପକ, ଅଧ୍ୟାପିକା ସହ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଗାଡ଼ି ଚୋରି ଅଭିଯୋଗରେ ଯୁବକ ଗିରଫ



**କାକଟପୁର/ଅସ୍ତରଙ୍ଗ,୧୫।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ଥାନା ପୁଲିସ ବାଇକ ଚୋରି ଅଭିଯୋଗରେ ଜଣକୁ ଗିରଫ କରିଛି। ସେପ୍ଟେମ୍ବର ୧୪ତାରିଖ କାକଟପୁର ପ୍ରାଚୀ ବିହାର ଅଂଚଳରୁ ଚନ୍ଦ୍ରଶେଖର ପରିଡାଙ୍କ ଭଡାଘରୁ କୌଣସି ଦୁର୍ବୃତ୍ତ କବାଟ ଭାଙ୍ଗି ବାଇକି ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ କାକଟପୁର ଥାନା ଏ ଏସ ଆଇ ରମେଶ ଚନ୍ଦ୍ର ନିଶାଙ୍କ ସେପ୍ଟେମ୍ବର ୧୫ତାରିଖରେ ଅଭିଯୋଗ ପାଇବା ପରେ ତଦନ୍ତ କରି ଖୋର୍ଦ୍ଧା ଜିଲ୍ଲା ଗଡ଼ମାଣତୀରପୁର ଅଞ୍ଚଳ ଯୁବକ ଗଗନ ବିହାରୀ ଛୁଆଳସିଂ (୪୬)ପ୍ରାଚୀ ବିହାର, କାକଟପୁର ରେ ରହୁଥିବା ବେଳେ ତାଙ୍କ ନିକଟରୁ ଚୋରି ହୋଇଥିବା ବାଇକି (ଓଡି -୧୩ଏ ୬୫୧୧)ଗାଡିକୁ ଜବତ କରିବା ସହ ତାଙ୍କ ନିକଟରୁ ଗୋଟିଏ ପୁରୁଣା ହାତୁଡି ଯେଉଁଥିରେ କାଠ ବେଣ୍ଟ ଲାଗିଛି ପୁଲିସ ଜବତ କରିବା ସହ କାକଟପୁର ଥାନା କେଶ ନମ୍ବର ୨୭୪/୨୫ମାମଲା ରୁଜୁ କରି ଅଭିଯୁକ୍ତ ଗଗନ ବିହାରୀ ଛୁଆଳସିଂ ଙ୍କୁ ଗିରଫ କରି ଅଦାଲତ ଚାଲାଣ କରାଯାଇଥିଲା। ଜାମିନ ନାମାଞ୍ଜୁର ହେବାରୁ ଅଭିଯୁକ୍ତ କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।

# ତ୍ରିପୁରାରୁ ଆସିଲା ସେନା କର୍ମଚାରୀଙ୍କ ମୃତଦେହ, ତିରିଂ ଅଞ୍ଚଳରେ ଶୋକାକୁଳ ପରିବେଶ

**ବାରିପଦା,୧୫।୯ (ସଂଚାର ବ୍ୟୁରୋ):** ମୟୂରଭଂଜ ଜିଲ୍ଲାର ତିରିଂ ଥାନା ଅନ୍ତର୍ଗତ ଲୁପୁଙ୍ଗ ପଞ୍ଚାୟତର ରାଇବାଡି ଗ୍ରାମର ସୁଯୋଗ୍ୟ ସନ୍ତାନ ଲାଲୁ ମୁର୍ମୁ ତ୍ରିପୁରାରେ ବିଏସଏଫରେ କନଷ୍ଟେବଲ ଚାକିରୀ କରୁଥିବା ସମୟରେ ଦେହ ଅସୁସ୍ଥତା ଯୋଗୁଁ ଶନିବାର ଦିନ ଦେହାନ୍ତ ହୋଇଥିଲା । ଆଜି ସୋମବାର ଦିନ ଲାଲୁ ମୁର୍ମୁଙ୍କ ମୃତ ଦେହକୁ ବିଏସଏଫ ତରଫରୁ ତାଙ୍କ ପୈତୃକ ଗ୍ରାମ ରାଇବାଡି ଗ୍ରାମକୁ ଅଣାଯାଇଥିଲା। ତାଙ୍କ ମୃତ୍ୟୁକୁ ନେଇ ଲାଲୁଙ୍କ ପରିବାର ଦୁଃଖରେ ଭାଙ୍ଗି ପଡିଛନ୍ତି। ତାଙ୍କର ୧୧ ବର୍ଷୀୟ ପୁଅ ସୋମାଇ



ଏବଂ ୩ ବର୍ଷୀୟ ଶିଶୁକନ୍ୟାଙ୍କ କାନ୍ଦି ପରିବେଶକୁ ଆହୁରି ଶୋକାକୁଳ କରିଛି। ଗାଁରେ ମଧ ଶୋକାକୂଳ ପରିବେଶ ହୋଇଛି । ସମଗ୍ର ଅଞ୍ଚଳ ସ୍ତବ୍ଧ ହୋଇଯାଇଛି। ବୀର ସୈନିକ ଲାଲୁ ମୁର୍ମୁ ଅମର ରହେ ନାରାରେ ପ୍ରକମ୍ପିତ ହେଉଛି ସମଗ୍ର ଅଞ୍ଚଳ । ପରେ ଗାଁ ଶ୍ମଶାନରେ ବିଏସଏଫ ସେନା ତରଫରୁ ଗାର୍ଡ ଅଫ୍ ଅନର୍ ତାଙ୍କୁ ଦିଆଯାଇଥିଲା। ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ତିରିଂ ବ୍ଲକ ଅଧକ୍ଷ ପରମେଶ୍ୱର ସାମାଡ, ପ୍ରାକ୍ତନ ଅଧକ୍ଷ ବଳଦେବ ହେମ୍ବ୍ରମ, ଜିଲ୍ଲାପରିଷଦ ସଦସ୍ୟ ପରେଶ ମୁଣ୍ଡାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଯୋଗଦେଇ ବୀରସୈନିକଙ୍କ ଶରୀରରେ ପୁଷ୍ପମାଳ୍ୟ ଦେଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବିଦ୍ୟାଳୟ ଆଗରେ ବଢୁଛି ବେଆଇନ ପାର୍କିଂ

**ହିଞ୍ଜିଳିକାଟୁ,୧୫।୯ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ସହରରେ ଟ୍ରାଫିକ୍ ସମସ୍ୟା ଏବେ ଉତ୍କଟ ରୂପ ଧାରଣ କରିଥିବା ବେଳେ ସହର ଏବେ ଦୁର୍ଘଟଣା ଜୋନ୍ ପାଲଟିଛି। ରାସ୍ତାରେ ବେଆଇନ ପାର୍କିଂ ଓ ଜବରଦଖଲ

**କେବେ ଆକ୍ସନ ନେବ ପ୍ରଶାସନ ?**

ଯାତାୟତରେ ଘୋର ସମସ୍ୟା ସୃଷ୍ଟି କରୁଛି। ତେବେ ଏଥି ପାଇଁ ପୌର ପ୍ରଶାସନ କିମ୍ବା ପୁଲିସ ପ୍ରଶାସନ ପକ୍ଷରୁ ପ୍ରତିକାର ବ୍ୟବସ୍ଥା ଯେତିକି କରାଯିବା କଥା କରାଯାଇନାହିଁ ।

ହିଞ୍ଜିଳିକାଟୁ ପରିବା ବଜାର ତଥା ତାରାତାରିଣୀ ରୋଡ୍ ଠାରୁ କାଳୀମନ୍ଦିର



ପର୍ଯ୍ୟନ୍ତ ରାସ୍ତାରେ ବେଆଇନ ଭାବେ ଭାରୀଯାନ ପାର୍କିଂ ଓ ଜବରଦଖଲ ବର୍ତ୍ତମାନ ଚିନ୍ତାର କାରଣ ପାଲଟିଛି। ବିଶେଷକରି ଏହି ରାସ୍ତାରେ ଥିବା କେନ୍ଦ୍ରୀୟ ବିଦ୍ୟାଳୟ ଓ ବୃନ୍ଦାବନ ସରକାରୀ ଉଚ୍ଚବିଦ୍ୟାଳୟ ଆଗରେ ପ୍ରତିଦିନ ବେଆଇନ ପାର୍କିଂ ହେଉଛି। ଫଳରେ ଛାତ୍ରଛାତ୍ରୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ସେମାନଙ୍କ ସୁରକ୍ଷାକୁ ପ୍ରଶାସନ ଯେମିତି ଅଣଦେଖା କରୁଛି ବୋଲି ଅଭିଯୋଗ ହୋଇଛି। ଆଉ ଯଦି କୌଣସି ଅଘଟଣ ଘଟେ, ତା'ହେଲେ ଏଥିପାଇଁ ଦାୟୀ କିଏ ରହିବ ବୋଲି ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ, ତାରାତାରିଣୀ ରୋଡ୍‌ରୁ ଯେଉଁ ବସ୍ ବାହାରୁଛି ତାହା ଯାତ୍ରୀଙ୍କୁ ଉଠାଇବାକୁ ବିଦ୍ୟାଳୟ ସମ୍ମୁଖରେ ରହୁଥିବାରୁ ସମସ୍ୟା ଦ୍ୱିଗୁଣିତ ହେଉଛି।

କିଛି ଦିନ ତଳେ ବିଦ୍ୟାଳୟ କର୍ତ୍ତୃପକ୍ଷ ପୂର୍ବରୁ ପୌରପରିଷଦ ପ୍ରଶାସନକୁ ଅବଗତ କରିଥିବା ବେଳେ ଗାଡ଼ି ଗୁଡ଼ିକର ଫଟୋ ଉଠାଯିବା ସହ ପାର୍କିଂ ହଟାଯାଇଥିଲା । ପୁଣି କିଛି ଦିନ ପରେ ସ୍ଥିତି ଯଥା ପୂର୍ବଂ ତଥା ପରଂ ପାଲଟିଥିଲା। ସ୍ଥାନୀୟ ପୌରପ୍ରଶାସନ ଓ ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ଼ ଦାବି ହେଉଛି ।

# ଶିକ୍ଷୟିତ୍ରୀଙ୍କ ବେକରୁ ସୁନାଚେନ ଲୁଟ, ଥାନାରେ ଏତଲା

**ପଟ୍ଟାମୁଣ୍ଡାଇ,୧୫।୯ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଅରୁଆ -କଦଳୀବଣ ହାଇସ୍କୁଲ ସମ୍ମୁଖରେ ଘଟିଛି ଏକ ଅଘଟଣ । ଆଜି ସ୍କୁଲ ଛୁଟି ସମୟରେ ସ୍କୁଲରୁ ସ୍କୁଟି ଯୋଗେ ଘରକୁ ବାହାରୁ ଥିବା ଜନୈକା ଶିକ୍ଷୟତ୍ରୀଙ୍କ ବେକରୁ ଦୁବୃତ୍ତମାନେ ସୁନା ଚେନ ଚିଣ୍ଡାଇ ନେଇ ଚମ୍ପଟ ମାରିଛନ୍ତି । ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦିଆଯାଇଛି।

ପଟ୍ଟାମୁଣ୍ଡାଇ ପୁଲିସ ଏହାର ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଅରୁଆ - କଦଳୀବଣ ହାଇସ୍କୁଲର ସହକାରୀ ଶିକ୍ଷୟତ୍ରୀ ଦୀପିକା ଲେଙ୍କା ଦିବା ୪ଘଟିକା ସମୟରେ ସ୍କୁଲ ଛୁଟି ପରେ ନିଜ ସ୍କୁଟି ଯୋଗେ ଘରକୁ ଫେରୁଥିଲେ । ସ୍କୁଲ ଗେଟ ନିକଟରେ ପହଂଚିବା ମାତ୍ରେ ଦୁଇ ଜଣ ଯୁବକ ବାଇକ ଯୋଗେ ଆସି ସେଠାରେ ପହଂଚି ଥିଲେ । ଜଣେ ବାଇକ ଷ୍ଟାଟ କରି ବସିଥିବା ବେଳେ ଅନ୍ୟ ଯୁବକ ଜଣକ ତତକ୍ଷଣାତ ଶିକ୍ଷୟତ୍ରୀଙ୍କ ବେକରୁ ସୁନା ଚେନ ଛିଣ୍ଡାଇ ନେଇଥିଲା । ଏହା ପରେ ଦୁଇ ଯୁବକ ବାଇକ ଯୋଗେ କ୍ଷୀପ୍ର ଗତିରେ ଚୌଦକୁଲାଟ - ଇନ୍ଦୁପୁର ରାସ୍ତାରେ ଯାଇ ଉଭାନ ହୋଇଥିଲେ ।

କେହି କିଛି ବୁଝିବା ପୂର୍ବରୁ ଆଖି ପିଛୁଳାକେ ଏହି ଘଟଣା ଘଟିଗଲା। ପଟ୍ଟାମୁଣ୍ଡାଇ ପୋଖରୀଆପଡା ନିବାସୀ ଶିକ୍ଷୟତ୍ରୀ ଜଣକ ଶେଷରେ କୌଣସି ଉପାୟ ନପାଇ ଘରକୁ ଫେରି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଲିଖିତ ଏତଲା ଦେଇଥିଲେ । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇ ଆଇ ସି ବନ୍ଦନା ପାତ୍ରଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ପୋଲିସ ଏକ ଲୁଟ ମାମଲା ରୁଜୁ କରି ଏହି ଘଟଣାର ତଦନ୍ତ ଆରମ୍ଭ କରିଛି । ଏହି ଘଟଣା ସମଗ୍ର ପଟ୍ଟାମୁଣ୍ଡାଇ ସମେତ ସ୍ଥାନୀୟ ଅଂଚଳରେ ଆଲୋଡନ ସୃଷ୍ଟି କରିଛି ।

ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ

# ମୟୂରଭଞ୍ଜ ବିକାଶ ପାଇଁ ସରକାର ବଦ୍ଧପରିକର

- ଜନଜାତି ଭଉଣୀଙ୍କ ସହ 'କରମା ନାଚ'ରେ ସାମିଲ ହେଲେ
- ବାରପିଦାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ
- ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନର ପ୍ରଶାସନିକ ଭବନ ଉଦ୍‌ଘାଟିତ
- ବାରିପଦା ଛଉ ପେଣ୍ଡାଲ ସହ ପଡ଼ିଆର ହେବ ଉନ୍ନତିକରଣ
- ଜୁବୁଲି ପାର୍କ ଓ ଝିଙ୍କିରୀ ବନ୍ଧର ପୁନଃ ନବୀକରଣ ପ୍ରକଳ୍ପର ଶୁଭାରମ୍ଭ



ବାରିପଦା, ୧୫।୯(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିଭିନ୍ନ ସ୍ଥାନରେ ଜନସାଧାରଣ ଓ କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି ସକାଳେ ବାଲେଶ୍ୱର ଷ୍ଟେସନରେ ପହଞ୍ଚିବା ପରେ ବେତନଟୀ ଦେଇ ସରକାରୀ ଓ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ମୟୂରଭଞ୍ଜ ବାରିପଦା ଅଭିମୁଖେ ଯାତ୍ରା କରିଥିଲେ। ଶ୍ରୀ ପ୍ରଧାନଙ୍କୁ ବାଲେଶ୍ୱର, ରେମୁଣା, ବଡ଼ସାହି, ମୋରଡ଼ା ଓ ବେତନଟୀ ସମେତ ଅନେକ ସ୍ଥାନରେ ସାଧାରଣ ନାଗରିକ ଓ କାର୍ଯ୍ୟକର୍ତ୍ତାମାନେ ସ୍ୱାଗତ କରିଥିଲେ। ଗସ୍ତକାଳରେ ଶ୍ରୀ ପ୍ରଧାନ ବାରପିଦାରେ ବିଭିନ୍ନ ପ୍ରକଳ୍ପର ଉଦଘାଟନ ସହ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବାରିପଦାରେ 'ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ'ର ପ୍ରଶାସନିକ ଭବନ ଉଦଘାଟନ, ବାରିପଦା ଛଉ ପେଣ୍ଡାଲ ପ୍ରକଳ୍ପ ଓ ବାରିପଦାରେ ଜୁବୁଲି ପାର୍କ ଓ ଝିଙ୍କିରୀ ବନ୍ଧର ପୁନଃ ନବୀକରଣ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ କେନ୍ଦ୍ରମନ୍ତ୍ରୀ।

ଏହା ଉପରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ମୟୂରଭଞ୍ଜ ଜିଲ୍ଲାର ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧ ପରିକର। ବାରିପଦାରେ 'ମୟୂରଭଞ୍ଜ ଆଥଲେଟିକ୍ ଆସୋସିଏସନ'ର ପ୍ରଶାସନିକ ଭବନ ଆମର ଯୁବ ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ତଥା କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ମୟୂରଭଞ୍ଜର ସାଂସ୍କୃତିକ ପରମ୍ପରାର ପ୍ରତୀକ ହେଉଛି ଛଉ ନୃତ୍ୟ। ବାରିପଦା ଛଉ ପେଣ୍ଡାଲ ସହ ପାର୍ଶ୍ୱରେ ଥିବା ପଡ଼ିଆର ଉନ୍ନତିକରଣ ହେବ। ଆଗାମୀ ଦିନରେ ଏହି ପ୍ରକଳ୍ପ ଛଉ ନୃତ୍ୟ ସମେତ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଏକ ସୁନ୍ଦର ଭିତ୍ତିଭୂମି ଯୋଗାଇବ। ମୟୂରଭଞ୍ଜର ବାରିପଦାରେ ଜୁବୁଲି ପାର୍କ ଓ ଝିଙ୍କିରୀ ବନ୍ଧର ପୁନଃ ନବୀକରଣ ପ୍ରକଳ୍ପ ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ସହିତ ଏହି ସ୍ଥାନକୁ ଏକ ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ରରେ ପରିଣତ କରିବ। ବାରିପଦାରେ ଜନଜାତି ସମ୍ପ୍ରଦାୟର ଭଉଣୀମାନଙ୍କ ସହିତ ପାରମ୍ପରିକ ନୃତ୍ୟ 'କରମା ନାଚ'ରେ ସାମିଲ ହୋଇ ଖୁସିବ୍ୟକ୍ତ କରିଥିଲେ।

# ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ୍ ଶୁଭାରମ୍ଭ



ଭୁବନେଶ୍ୱର, ୧୫।୯(ସଂଚାର ବ୍ୟୁରୋ): କୌଣସି ଯୋଗ୍ୟ ହିତାଧିକାରୀ ସୁଭଦ୍ରା ସହାୟତାରୁ ବଞ୍ଚିତ ହେବେ ନାହିଁ। ଏହି ଅଭିଯୋଗ ସମାଧାନ ମଡ୍ୟୁଲ ଯୋଜନାର ପାରଦର୍ଶିତା, ଉତ୍ତରଦାୟିତ୍ୱ ଏବଂ ସମୟୋଚିତ ନିଷ୍ପତ୍ତିକୁ ସୁନିଶ୍ଚିତ କରିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ ଶୁଭାରମ୍ଭ ଅବସରରେ ମତ ପ୍ରକାଶ କରିଛନ୍ତି। ରାଜ୍ୟରେ ସୁଭଦ୍ରା ଯୋଜନାର ଅଭିଯୋଗ ସମାଧାନ ପ୍ରକ୍ରିୟାକୁ ଆହୁରି ସୁଦୃଢ଼ ଓ ସୁଗମ କରିବା ନିମନ୍ତେ ଆଜି ମହିଳା ଓ ଶିଶୁ ବିକାଶ ବିଭାଗ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କ କରକମଳରେ "ସୁଭଦ୍ରା ଅଭିଯୋଗ ସମାଧାନ ମଡ୍ୟୁଲ" ର ଶୁଭାରମ୍ଭ ହୋଇଯାଇଛି। ଏହି ମଡ୍ୟୁଲ ମାଧ୍ୟମରେ ସୁଭଦ୍ରା ଆବେଦନକାରୀମାନଙ୍କ ଅଭିଯୋଗ ଯଥା ଆବେଦନ ପ୍ରତ୍ୟାଖ୍ୟାନ, ସୁଭଦ୍ରା ସହାୟତା ନ ମିଳିବା ଆଦି ବିଷୟରେ ଶୀଘ୍ର ତଦନ୍ତ କରାଯାଇ ନିଷ୍ପତ୍ତି ଗ୍ରହଣ କରାଯିବ।

ସୁଭଦ୍ରା ପୋର୍ଟାଲରେ ଅନଲାଇନ ମାଧ୍ୟମରେ କିମ୍ବା ବିଭିନ୍ନ ସରକାରୀ ସ୍ତରରେ ଅଫଲାଇନ ମାଧ୍ୟମରେ ଆସିଥିବା ଅଭିଯୋଗଗୁଡିକ ପ୍ରଥମ ପର୍ଯ୍ୟାୟରେ ବ୍ଲକ ସ୍ତରୀୟ ସ୍ୱୟଂସିଦ୍ଧ କମିଟି କିମ୍ବା ନଗର ସ୍ତରୀୟ ସ୍ୱୟଂସିଦ୍ଧ କମିଟି ପାଖରେ ଦାଖଲ କରାଯିବ। ଆବଶ୍ୟକ ପଡିଲେ, କମିଟି ଅଭିଯୋଗ ପତ୍ରଗୁଡ଼ିକୁ କ୍ଷେତ୍ରସ୍ତରୀୟ ଯାଞ୍ଚ ପାଇଁ ପଠାଇବେ। କମିଟି ରିପୋର୍ଟ ଅବା କ୍ଷେତ୍ରସ୍ତରୀୟ ଯାଞ୍ଚ ରିପୋର୍ଟ ଉପରେ ଆଧାର କରି କମିଟି ଆବେଦନକାରୀଙ୍କ ଯୋଗ୍ୟତା ବିଷୟରେ ନିଷ୍ପତ୍ତି ନେବେ। ଏହା ପରେ କମିଟି, ଯାଞ୍ଚ ରିପୋର୍ଟ ସହ ଜିଲ୍ଲା ସ୍ତରୀୟ ସ୍ୱୟଂସିଦ୍ଧ କମିଟି କିମ୍ବା ନଗର ନିଗମ ସ୍ତରୀୟ ସ୍ୱୟଂସିଦ୍ଧ କମିଟି ପାଖକୁ ପଠାଇବେ। ଜିଲ୍ଲା କିମ୍ବା ନଗର ନିଗମସ୍ତରରେ ଅନୁମୋଦନର ଶେଷ ନିଷ୍ପତ୍ତି ନିଆଯିବ। ହିତାଧିକାରୀମାନେ ସୁଭଦ୍ରା ୱେବ ପୋର୍ଟାଲରେ ସେମାନଙ୍କର ଅଭିଯୋଗର ସ୍ଥିତି ସମ୍ପର୍କରେ ସୂଚନା ପାଇପାରିବେ।

ସୂଚନାଯୋଗ୍ୟ ଯେ, ବର୍ତ୍ତମାନ ସୁଦ୍ଧା, ସୁଭଦ୍ରା ଯୋଜନାରେ ୧,୦୯,୮୭,୮୯୪ ଆବେଦନ ପଞ୍ଜିକୃତ ହୋଇଛି ଏବଂ କୋଟିଏରୁ ଅଧିକ ମହିଳା ଏହି ଯୋଜନା ମାଧ୍ୟମରେ ଲାଭାନ୍ୱିତ ହୋଇସାରିଛନ୍ତି। ଏଯାବତ ସୁଭଦ୍ରା ପୋର୍ଟାଲରେ ୨,୩୧,୨୬୪ ଅଭିଯୋଗ ବିଚାରାଧୀନ ଅଛି, ଯାହାର ସମାଧାନ ଅଭିଯୋଗ ସମାଧାନ ମଡ୍ୟୁଲ ମାଧ୍ୟମରେ ସମ୍ଭବ ହେବ। ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶକ ମୋନିଶା ବାନାର୍ଜୀ, ଓକାକର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ରାଉତ, ବିଭାଗୀୟ ଅତିରିକ୍ତ ଶାସନ ସଚିବ କୃତ୍ତିବାସ ରାଉତ ଓ ବିଶିଷ୍ଟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ।

# ୫ ଦିନ ହେଲା ମଧ୍ୟାହ୍ନଭୋଜନରୁ ବଞ୍ଚିତ ପିଲା

ଧର୍ମଶାଳା, ୧୫।୯ (ସଂଚାର ବ୍ୟୁରୋ) : ଯାଜପୁର ଜିଲା ଧର୍ମଶାଳା ବ୍ଲକ ନୀଳକଣ୍ଠପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ କମିଟି ସଭାପତିଙ୍କ ମଧ୍ୟରେ କଳି ଲାଗିବା ଫଳରେ ଗତ ବୁଧବାର ଦିନରୁ ଆଜି ଯାଏ ମଧ୍ୟାହ୍ନଭୋଜନ ବନ୍ଦ ରହିଛି । ମିଳିଥିବା ସୂଚନାନୁସାରେ, ଏହି ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୧୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାଠ ପଢ଼ିବା ପାଇଁ ଆସିଥାନ୍ତି। କିନ୍ତୁ ୫ଦିନରୁ ଊର୍ଦ୍ଧ୍ୱ ହେବ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିନ୍ମୟ ଦାସ ଓ କମିଟି ସଭାପତି ପ୍ରସନ୍ନ କୁମାର ସ୍ୱାଇଁଙ୍କ ମଧ୍ୟରେ ଛୋଟ ମନମାଳିନ୍ୟ ଓ ଭୁଲ ବୁଝାବଣା ଥିବା କାରଣରୁ୧୦ତାରିଖରୁ ମଧ୍ୟାହ୍ନ ଭୋଜନ ବନ୍ଦ ଥିବା ପ୍ରଧାନଶିକ୍ଷକ ସ୍ୱୀକାର କରିଛନ୍ତି ଏବଂ ଆସନ୍ତାକାଲି ଦିଆଯିବ ବୋଲି କହିଛନ୍ତି।

● ନାବାଳିକା ଦୁଷ୍କର୍ମ ଘଟଣା

# ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ

କଟକ,୧୫।୯(ସଂଚାର ବ୍ୟୁରୋ) : କଟକ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟ ଜଣେକା ୧୫ ବର୍ଷୀୟା ନାବାଳିକା ଦୁଷ୍କର୍ମ ଘଟଣାରେ ଅଭିଯୁକ୍ତକୁ ଦୋଷୀ ସାବ୍ୟସ୍ତ କରିବା ସହିତ ୨୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ଦେଇଛନ୍ତି। ସଶ୍ରମ କାରାଦଣ୍ଡ ସହିତ ୫୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଜରିମାନା ଅନାଦେୟ ଅଧିକ ଦୁଇବର୍ଷ ଜେଲଦଣ୍ଡ ଭୋଗିବ ବୋଲି ନିର୍ଦ୍ଦେଶ ରହିଛି। ଜରିମାନା ଆଦାୟ ଅର୍ଥ ପୀଡ଼ିତାକୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ରହିଛି। ପୀଡ଼ିତା କ୍ଷତିପୂରଣ ଆଇନ ଅନୁଯାୟୀ ପୀଡ଼ିତାକୁ ୭ ଲକ୍ଷ ଟଙ୍କା ଜିଲ୍ଲା ଆଇନସେବା ପ୍ରାଧିକରଣ ଜରିଆରେ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ଦିଲ୍ଲୀପ କୁମାର ସାମନ୍ତରାୟ କଟକ ସ୍ୱତନ୍ତ୍ର ପୋକସୋ କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଛି। ଗତ ୨୦୨୪ ଏପ୍ରିଲ ମାସରେ ଆଠଗଡ ଥାନା ଅଞ୍ଚଳରେ ଘଟିଥିଲା ଏହି ଘଟଣା। ପୀଡ଼ିତା ନାବାଳିକାକୁ ଦୋଷୀ ଥଣ୍ଡା ପାନୀୟରେ ନିଶା ଦେଇ ଏକାଧିକବାର ଦୁଷ୍କର୍ମ କରିଥିଲା। ପୀଡ଼ିତା ଏ ସମ୍ପର୍କରେ କାହାକୁ କହିଲେ ତାକୁ ଓ ତା'ର ପରିବାର ଲୋକଙ୍କୁ ହତ୍ୟା କରିବ ବୋଲି ଧମକ ଦେଇଥିଲା ଦୋଷୀ। ପୀଡ଼ିତା ଏ ସମ୍ପର୍କରେ କହିବା ପରେ ପରିବାର ପକ୍ଷରୁ ଏ ନେଇ ୨୦୨୪ ନଭେମ୍ବର ୨୪ ତାରିଖରେ ଆଠଗଡ ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏହି ଘଟଣାରେ ଜାନୁଆରୀ ୨୦ ତାରିଖରେ କୋର୍ଟରେ ଚାର୍ଜସିଟ ଦାଖଲ ହୋଇଥିଲା। ୧୪ ଜଣ ସାକ୍ଷୀ ଓ ୨୮ ଟି ତଥ୍ୟ ପ୍ରମାଣ ଆଧାରରେ ପୋକସୋ କୋର୍ଟ ଏହି ଦଣ୍ଡବିଧାନ କରିଛନ୍ତି । ସ୍ୱତନ୍ତ୍ର ସରକାରୀ ଓକିଲ ରମେଶ ଚନ୍ଦ୍ର ମହାନ୍ତି ଏହି ମାମଲା ପରିଚାଳନା କରୁଥିଲେ।

# ଲଜ୍ ସମ୍ମୁଖରେ ବ୍ୟାଗ୍ ଧରିଥିବା ଯୁବକଙ୍କୁ ପୋଲିସର ସନ୍ଦେହ: ଗଞ୍ଜେଇ ଜବତ, ୨ ଗିରଫ



ନୂଆପଡ଼ା, ୧୫।୯ (ସଂଚାର ବ୍ୟୁରୋ) : ନୂଆପଡ଼ା ଜିଲା ଖରିଆର ରୋଡ ଜୋଙ୍କ ଥାନା ପୋଲିସ ସୋମବାର ବିପୁଳ ପରିମାଣ ଗଞ୍ଜେଇ ଜବତ କରି ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଚିଙ୍ଗୁଡିଘାଇ ଗାଁର ବବ୍‌ଲୁ ପ୍ରଧାନ (୨୬) ଓ କୋଦାଳା ଥାନା ଫାଶି ଗାଁର ଟୁଲୁ ଦଳେଇ (୨୫)। ନୂଆପଡ଼ା ଏଦ୍‌ପି ଅମୃତ ପାଲ ସିଂଙ୍କ ନିର୍ଦ୍ଦେଶ କ୍ରମେ ଜୋଙ୍କ ଥାନା ଅଧିକାରୀ ପ୍ରଦୀପ କୁମାର ଧରୁଆଙ୍କ ନେତୃତ୍ୱରେ ଏକ ଟିମ୍ ସହରରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଖରିଆର ରୋଡ ଜଳାରାମ ଲଜ୍ ସମ୍ମୁଖରେ ବ୍ୟାଗ୍ ଧରିଥିବା ଉପରୋକ୍ତ ୨ ଯୁବକଙ୍କୁ ପୋଲିସ ସନ୍ଦେହ କରି ଯାଞ୍ଚ କରିଥିଲା। ପୋଲିସ ବ୍ୟାଗରେ ଥିବା ୯ କିଗ୍ରା ୮୬୮ ଗ୍ରାମ ଗଞ୍ଜେଇ ସହ ଅଭିଯୁକ୍ତଙ୍କଠାରୁ ୨ ମୋବାଇଲ ନଗଦ ୫ହଜାର ଟଙ୍କା ଜବତ କରିଥିଲା। ଏ ନେଇ ଜୋଙ୍କ ଥାନାରେ ଏକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଧରୁଆ ସୂଚନା ଦେଇଛନ୍ତି।

# ବିପୁଳ କଫ ସିରପ ଜବତ: ୪ କୋର୍ଟ ଚାଲାଣ



ସୁନ୍ଦରଗଡ଼,୧୫।୯(ସଂଚାର ବ୍ୟୁରୋ): ଏକ ବୋଲେରୋରେ ବିପୁଳ ମାତ୍ରାରେ କଫ ସିରପ ଚାଲାଣ ହେଉଥିବା ବେଳେ ପୁଲିସ ମାଡ଼ି ବସିଛି। ୨୩୫ ବୋତଲ କଫ ସିରପ ଜବତ କରିବା ସହ ୪ ଜଣଙ୍କୁ ଗିରଫ କରି ତାଙ୍କ ଠାରୁ ୪୬ ହାଜର ୭୫୦ ଟଙ୍କା ଜବତ କରାଯାଇଛି। ଚାଲାଣ ହେଉଥିବା ବୋଲେରୋକୁ ମଧ୍ୟ ଜବତ କରିଛି ସୁନ୍ଦରଗଡ଼ ଟାଉନ ଥାନା ପୁଲିସ। ଏକ ବୋଲେରୋରେ କଫ ସିରପ ଚାଲାଣ ହେଉଥିବା ଗତକାଲି ସନ୍ଧ୍ୟାରେ ବିଶ୍ୱସ୍ତ ସୂତ୍ରରୁ ପୁଲିସ ଖବର ପାଇ ସୁନ୍ଦରଗଡ଼ ସରକାରୀ କଲେଜ ମୁଖ୍ୟ ରାସ୍ତାର ସୁନ୍ଦରଗଡ଼ ଟ୍ରକ ମାଲିକ ସଂଘ କାର୍ଯ୍ୟାଳୟ ନିକଟରେ ବେଆଇନ କଫ ସିରପ ଚାଲାଣ ହେଉଥିବା ବୋଲେରୋ ଏବଂ ୪ଟି ମୋବାଇଲ ମଧ୍ୟ ଜବତ କରିଛି। ସୋମବାର ଚାରିଜଣ ଅଭିଯୁକ୍ତ ଲେଫ୍ରିପଡା କୁଲବିରା ଅଞ୍ଚଳର ହେମନ୍ତ ପୃଷ୍ଟେଠ, ଖମାରବାହାଲ ଅଞ୍ଚଳର ଧରଣୀ ବଗର୍ତ୍ତି ଏବଂ ଉଜ୍ଜଳପୁର ଅଞ୍ଚଳର ଜିତେନ୍ଦ୍ର କିଶାନ ଏବଂ ଜମ୍ନେଶ୍ୱର ଚିତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଏହି ଚାରି ଜଣ ରାଉରକେଲା ଅଞ୍ଚଳରୁ କଫ ସିରପ ଆଣି ଦର୍ଲିପାଲି ଅଞ୍ଚଳର ବିଭିନ୍ନ ଔଷଧ ଦୋକାନ ଗୁଡ଼ିକରେ ବିକ୍ରି କରିବା ପାଇଁ ଯାଉଥିଲେ ବୋଲି ଜଣାପଡିଛି।

■ ପ୍ରକାଶ ମିଶ୍ରଙ୍କ 'ଖାକୀ ମଉଜ' ଉନ୍ମୋଚିତ

# କଳାର ସଫଳ ପରିପ୍ରକାଶ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ): ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ରଙ୍କ ସ୍ୱରଚିତ ପୁସ୍ତକ 'ଖାକୀ ମଉଜ' ଉନ୍ମୋଚିତ ହୋଇଛି। ଏହି ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିବା ସହ ପ୍ରଶଂସା କରି ଓଡ଼ିଆ ପାଠକଙ୍କୁ ପଢ଼ିବା ସକାଶେ ପରାମର୍ଶ ଦେଇଛନ୍ତି। ଏଥିସହ ଜୀବନକୁ ମଉଜ ମନେ କରିବା ଏକ କଳା ଓ ଶ୍ରୀ ମିଶ୍ରଙ୍କ ପୁସ୍ତକ ଉକ୍ତ କଳାର ଏକ ସଫଳ ପରିପ୍ରକାଶ ବୋଲି ସେ କହିଛନ୍ତି। ଓଡ଼ିଶା ପୁଲିସର ପୂର୍ବତନ ମହାନିର୍ଦ୍ଦେଶକ, ପୂର୍ବତନ ସିଆରପିଏଫ ନିର୍ଦ୍ଦେଶକ ତଥା ବର୍ତ୍ତମାନ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ଶ୍ରୀ ମିଶ୍ର ତାଙ୍କ ପିଲାଦିନ ଓ ଦୀର୍ଘ ଚାକିରି ଜୀବନର ବହୁ ରୋଚକ ଅନୁଭୂତିକୁ ଚଟୁଳ ବ୍ୟଙ୍ଗାତ୍ମକ ଶୈଳୀରେ ଏହି ପୁସ୍ତକରେ ପରିପ୍ରକାଶ କରିଛନ୍ତି। ପୁସ୍ତକଟିକୁ ମୂଳ ଇଂରାଜୀରୁ ଅନୁବାଦ କରିଛନ୍ତି ଚିନ୍ମୟ ହୋତା ଓ ଏହାର ପ୍ରକାଶନ ଦାୟିତ୍ୱ ନେଇଛି ପେନ୍ ଇନ୍ ବୁକ୍ସ। ଉକ୍ତ ଉନ୍ମୋଚନ ଉତ୍ସବରେ ଲେଖକ ଓ ଅନୁବାଦକଙ୍କ ସମେତ ବରିଷ୍ଠ ଲେଖକ ଓ ସ୍ତମ୍ଭକାର ଦାଶ ବେନହୁର, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଓ କଥାକାର ଶୁଭ୍ରାଂଶୁ ପଣ୍ଡା ଉପସ୍ଥିତ ଥିଲେ।

# ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଙ୍କ ସହ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ବୈଠକ



ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ) : ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ୧.୭.୨୦୨୫ କୁ ଯୋଗ୍ୟତା ତାରିଖ ରଖି, ଓଡ଼ିଶାର ୭୧-ନୂଆପଡ଼ା ବିଧାନସଭା ମଣ୍ଡଳୀର ଆସନ୍ନ ଉପ-ନିର୍ବାଚନ ପାଇଁ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ସମ୍ପର୍କରେ ଆଜି ଭୁବନେଶ୍ୱରରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳଙ୍କ ସହ ଏକ ବୈଠକ ନୁଷ୍ଠିତ ହୋଇଯାଇଛି। ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ସ୍ୱୀକୃତିପ୍ରାପ୍ତ ସମସ୍ତ ରାଜନୈତିକ ଦଳମାନେ ଯେତେ ଶୀଘ୍ର ସମ୍ଭବ ସେତେ ଶୀଘ୍ର ବୁଥ ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରି ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାକୁ ତୃଣମୂଳସ୍ତରରେ ଅଧିକ କ୍ରିୟାଶୀଳ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ନୂଆପଡ଼ା ବିଧାନସଭା ମଣ୍ଡଳୀର ଚିଠା ଭୋଟର ତାଲିକାର ସଫ୍ଟ କପି ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ପ୍ରଦାନ କରାଯାଇଥିଲା।

# ୧୯ରୁ ହବିଷ୍ୟାଳୀଙ୍କ ଅନଲାଇନ୍ ପଞ୍ଜୀକରଣ ଆରମ୍ଭ



ପୁରୀ,୧୫।୯(ସଂଚାର ବ୍ୟୁରୋ) : ସେପ୍ଟେମ୍ବର ୧୯ରୁ ହବିଷ୍ୟାଳୀଙ୍କ ଅନଲାଇନ୍ ପଞ୍ଜୀକରଣ ଆରମ୍ଭ ହେଉଛି। ହବିଷ୍ୟାଳୀ ମାଆମାନଙ୍କୁ ୪ ଗୋଟି ରହଣି କେନ୍ଦ୍ର ଯଥା ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟସ୍ଥଳରେ ରଖାଯିବ। ହବିଷ୍ୟାଳୀ କେନ୍ଦ୍ରଗୁଡିକ ହବିଷ ବ୍ରତ ଆରମ୍ଭ ପୂର୍ବରୁ ପ୍ରସ୍ତୁତ ରଖିବା, ମା' ମାନଙ୍କର ଭଲ ଭାବେ ରହଣି ବ୍ୟବସ୍ଥା, ପାନୀୟ ଜଳ, ଶୌଚାଳୟ, ଆଲୋକ ବ୍ୟବସ୍ଥା,ସ୍ୱାସ୍ଥ୍ୟ ସେବା ଇତ୍ୟାଦିକୁ ସୁନିଶ୍ଚିତ କରିବାକୁ ସେ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ ସମସ୍ତଙ୍କୁ ସ୍ୱାଗତ କରି ବୃନ୍ଦାବତୀ ନିବାସ ,ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଳବାଇ ଆଶ୍ରୟ ସ୍ଥଳ ଠାରେ ହବିଷ୍ୟାଳୀ ମା' ମାନଙ୍କର ରହଣିର ବ୍ୟବସ୍ଥା କରାଯାଉଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଅଧିକାରୀ ଏହାକୁ ଅନୁଧ୍ୟାନ କରିଛନ୍ତି ବୋଲି କୁହାଯାଇଛି। ହବିଷ୍ୟାଳୀ ଯୋଜନା ଆଧାରରେ ବୟସ୍କା ମାଆମାନେ ଏହି ବ୍ରତରେ ସାମିଲ ହେଉଛନ୍ତି। ତେଣୁ ସରକାରଙ୍କ ପରାମର୍ଶ କ୍ରମେ ଜିଲ୍ଲା ପ୍ରଶାସନ ସମସ୍ତ ସୁବିଧା ସେମାନଙ୍କୁ ଯୋଗାଇ ବାକୁ ବ୍ୟବସ୍ଥା କରୁଛି।

ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ମନ୍ଦିର ଦର୍ଶନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ,ପାଲା ଇତ୍ୟାଦି ବ୍ୟବସ୍ଥା, ଚିକିତ୍ସା, ପରିମଳ,ପାନୀୟ ଜଳ, ସ୍ୱଚ୍ଛାସେବୀ ସହଯୋଗ ଇତ୍ୟାଦି ବ୍ୟବସ୍ଥା କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗମାନଙ୍କୁ ପରାମର୍ଶ ଦେଇଥିଲେ। ଏହାକୁ ସୁ ନିୟନ୍ତ୍ରିତ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀ ମାନଙ୍କୁ ଦାୟିତ୍ୱ ଦିଆଯିବ। ମା' ମାନଙ୍କୁ ଠାକୁର ଦର୍ଶନ ସମୟରେ ସୁରକ୍ଷା ଓ ଶୃଙ୍ଖଳିତ ଦର୍ଶନ ପାଇଁ ଆରକ୍ଷୀ ବିଭାଗ ଓ ସ୍ୱଚ୍ଛାସେବୀମାନେ ସମନ୍ୱୟ ରଖି କାର୍ଯ୍ୟ କରିବେ। ଏହି କାର୍ଯ୍ୟ ଏକ ବ୍ୟାପକ ଓ ଏକ ମାସ ଧରି କରିବାର ଆବଶ୍ୟକତା ଥିବାରୁ ବିଭାଗ ବିଭାଗର କର୍ମଚାରୀ ଓ ସ୍ୱଚ୍ଛାସେବୀମାନଙ୍କୁ ମଧ୍ୟ ଦାୟିତ୍ୱ ଦିଆଯାଇ ଉପଯୁକ୍ତ ପ୍ରଶିକ୍ଷଣ ଦିଆଯିବ।

ମ୍ୟୁଟେସନ ମାମଲାରେ ଚଞ୍ଚକତା ଅଭିଯୋଗ

# କୁଚିଣ୍ଡା ତହସିଲଦାର ନିଲମ୍ବିତ



କୁଚିଣ୍ଡା,୧୫।୯(ସଂଚାର ବ୍ୟୁରୋ): ଗତ ୧୨ ତାରିଖରେ ଲାଞ୍ଚ ନେଇ ଭିଜିଲାନ୍ସ ହାତରେ କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ ତହସିଲଦାର ଅଶ୍ୱନୀ କୁମାର ପଣ୍ଡା ଗିରଫ ହୋଇଥିଲେ। ଏହାକୁ ନେଇ ଜାରି ଚର୍ଚ୍ଚା ନ ଥମୁଣୁ ବେଳେ ଆଜି ଏକ ଦାଖଲ ଖାରଜ (ମ୍ୟୁଟେସନ) କେସରେ ଚଞ୍ଚକତା କରି ଜଣେ ପରିବାରକୁ ବାଦ୍ ଦେଇଥିବା ଅଭିଯୋଗରେ ନିଲମ୍ବନ ହୋଇଛନ୍ତି କୁଚିଣ୍ଡା ତହସିଲଦାର ମିତାଲି ମଧୁସ୍ମିତା ଦଳାଇ। କୁଚିଣ୍ଡା ତହସିଲର ଏକ ମ୍ୟୁଟେସନ କେସରେ ରାଜେଶ ଅଗ୍ରୱାଲଙ୍କ ପରିବାରକୁ ବାଦ ଦେଇ ତହସିଲଦାର ପ୍ରତିପକ୍ଷଙ୍କୁ ପଟ୍ଟା ପ୍ରଦାନ କରିବାର ଚଞ୍ଚକତା କରୁଥିବା ଜାଣି ରାଜେଶ ମୁଖ୍ୟମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ ତଥା ଉତ୍ତରାଞ୍ଚଳ ରାଜସ୍ୱ କମିସନରଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ନେଇ ତଦନ୍ତ କରାଯାଇଥିବା ବେଳେ ଆଜି ତହସିଲଦାର ମିତାଲି ମଧୁସ୍ମିତା ଦଳାଇଙ୍କୁ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ନିଲମ୍ବନ କରାଯାଇଛି। ଏହା ସହ ଗୋଟିଏ ସପ୍ତାହ ଭିତରେ ରାଜ୍ୟରେ ଦୁଇ ତହସିଲଦାର ଚାକିରିରୁ ନିଲମ୍ବିତ ହୋଇଛନ୍ତି। ସୂଚନାଯୋଗ୍ୟ, ଗତ ଶୁକ୍ରବାର ସମ୍ବଲପୁର ଜିଲ୍ଲାର ବାମରା ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା ଓ ତାଙ୍କ ଡ୍ରାଇଭର ପ୍ରବୀଣ କୁମାର ୧୫ ହଜାର ଟଙ୍କା ଲାଞ୍ଚ ନେଇ ଧରାପଡିବା ପରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଥିଲେ । ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠେଇ ଦିଆଯାଇଛି । ଅଶ୍ୱିନୀ କୁମାର ହେଉଛନ୍ତି ୨୦୧୯ ବ୍ୟାଚ୍‌ର ଓଏଏସ୍ ଟପ୍ପର। ସମ୍ବଲପୁର ଜିଲ୍ଲା କୁଚିଣ୍ଡା ଉପଖଣ୍ଡ ବାମରା ବ୍ଲକ୍ ସ୍ଥିତ ଗୋବିନ୍ଦପୁର ଗାଁର ଭିକି ନାଏକ ନାମକ ଜଣେ ବ୍ୟକ୍ତି ଜମି ମ୍ୟୁଟେସନ୍ ଓ କିସମ ପରିବର୍ତ୍ତନ ପାଇଁ ବାମରା ତହସିଲ ଅଫିସରେ ଆବେଦନ କରିଥିଲେ । ଏହି କାମ କରିବାକୁ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା ୨୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। କିନ୍ତୁ ୧୫ ହଜାର ଟଙ୍କାରେ କଥା ଛିଡ଼ିଥିଲା। ଏନେଇ ଭିକି ସମ୍ବଲପୁର ଭିଜିଲାନ୍ସ ପାଖରେ ଅଭିଯୋଗ କରିଥିଲେ। ଘଟଣାରେ ପୂର୍ବ ପ୍ରସ୍ତୁତି ମୁତାବକ ଶୁକ୍ରବାର ଦିନ ୧୧ ଟାରେ ଡ୍ରାଇଭର ପ୍ରବୀଣ କୁମାର ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ଲାଞ୍ଚ ବାବଦରେ ୧୫ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ମାଡ଼ି ବସିଥିଲା । ପଚରାଉଚରା ପାଇଁ ତହସିଲଦାର ଅଶ୍ୱିନୀ କୁମାର ପଣ୍ଡା ଓ ତାଙ୍କ ଡ୍ରାଇଭର ପ୍ରବୀଣ କୁମାରଙ୍କୁ ସମ୍ବଲପୁର ଆଣିବା ପରେ ଗିରଫ କରିଥିଲା ଭିଜିଲାନ୍ସ।

ଏଣିକି ଡ୍ରେନ ଉପରେ ବ୍ୟବସାୟ ମନା : ପୌରଅଧିକାରୀ

# ଶୁଣିଲେଣି ବ୍ୟବସାୟୀ, ବୁଲିଲା ବୁଲଡୋଜର



ହିଞ୍ଜିଳିକାଟୁ,୧୫।୯(ସଂଚାର ବ୍ୟୁରୋ) : ଡ୍ରେନ ସମସ୍ୟାର ସମାଧାନ ପାଇଁ ଅଣ୍ଟା ଭିଡ଼ିଛି ହିଞ୍ଜିଳିକାଟୁ ପୌରପରିଷଦ। ଜାତୀୟ ରାଜପଥ ରାସ୍ତା କଡ଼ ଡ୍ରେନ ଉପରେ ବ୍ୟବସାୟ କରୁଥିବା ଦୋକାନୀଙ୍କୁ ଜବରଦଖଲ ଉଚ୍ଛେଦ କରାଯାଇଛି। ଡ୍ରେନ ଉପରେ ବ୍ୟବସାୟ କରିବା ଦ୍ୱାରା ଟ୍ରାଫିକ ସମସ୍ୟା ଦେଖାଯାଉଥିବା ବେଳେ ସାପ୍ତାହିକ ଡ୍ରେନେଜ ସଫା କାର୍ଯ୍ୟ ହୋଇପାରୁନଥିଲା। ତେବେ ଏନେଇ ଉଚ୍ଛେଦ କରିବା ପାଇଁ ଆଗରୁ ପୌର ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ବ୍ୟବସାୟୀଙ୍କୁ ସଚେତନ ଓ ନୋଟିସ ମଧ୍ୟ କରାଯାଇଥିଲା। ଏହାକୁ ଗୁରୁତ୍ୱ ନେଇ ପୌର ପ୍ରଶାସନ ତରଫରୁ ପୁରୁଣା ମେଡିକାଲ ନିକଟସ୍ଥ ଦୋକାନ ମାନଙ୍କରେ ଜେସିବି ଦ୍ୱାରା ଉଚ୍ଛେଦ କରାଯାଇଥିବା ବେଳେ ଦୋକାନୀମାନଙ୍କୁ ଡ୍ରେନ ଉପରକୁ ଆସି ନିଜର ପସରା ଖୋଲନ୍ତୁ ନାହିଁ ନେଇ ଅନୁରୋଧ କରାଯାଇଥିଲା। ଏହି ଜବର ଦଖଲ ଉଚ୍ଛେଦ ସମୟରେ ପୌର କାର୍ଯ୍ୟନିବାହୀ ଅଧିକାରି ସୁକାନ୍ତ ଚନ୍ଦ୍ର ବେଉରା ସମେତ ପୌର କର୍ମଚାରୀ ଉପସ୍ଥିତ ଥିଲେ।

# କଥାକାର ଦେବଦାସ ଛୋଟରାୟଙ୍କୁ ଶାରଳା ପୁରସ୍କାର



ଦେବଦାସ ଛୋଟରାୟ | ବଳଦେବ ମହାରଥୀ | ଗୁରୁ ରାମହରି ଦାସ

ଭୁବନେଶ୍ୱର,୧୫।୯(ସଂଚାର ବ୍ୟୁରୋ): ଶ୍ରେଷ୍ଠ ସାହିତ୍ୟ କୃତି ପାଇଁ ପ୍ରତିବର୍ଷ ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା ମର୍ଯ୍ୟାଦାଜନକ 'ଶାରଳା ପୁରସ୍କାର' ଚଳିତ ବର୍ଷ ସୁଖ୍ୟାତ କବି ଓ କଥାକାର ଦେବଦାସ ଛୋଟରାୟଙ୍କୁ ପ୍ରଦାନ କରାଯିବ । ୨୦୨୩ ମସିହାରେ ଟାଇମପାସ୍ ପ୍ରକାଶନୀ ଦ୍ୱାରା ପ୍ରକାଶିତ ତାଙ୍କ ଗଳ୍ପ ସଂକଳନ 'ମ୍ୟାଟିନି ସୋ' ପାଇଁ ସେ ଏହି ପୁରସ୍କାର ଲାଭ କରିବେ।

ଆଗାମୀ ଅକ୍ଟୋବର ୨୬ ତାରିଖରେ ଏକ ବର୍ଣ୍ଣାଢ଼୍ୟ ସାରସ୍ୱତ ସମାବେଶରେ ଲେଖକଙ୍କୁ ଉତ୍ତରୀୟ, ସମ୍ମାନପତ୍ର, ଫଳକ ସହିତ ସାତ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ଏଥର ଶାରଳା ପୁରସ୍କାର ପାଇଁ ଚୂଡ଼ାନ୍ତ ପର୍ଯ୍ୟାୟର ପୁସ୍ତକ ଗୁଡ଼ିକ ଥିଲା ଦେବଦାସ ଛୋଟରାୟଙ୍କ ଗଳ୍ପ ସଂକଳନ 'ମ୍ୟାଟିନି ସୋ', ଅପର୍ଣ୍ଣା ମହାନ୍ତିଙ୍କ କବିତା ସଂକଳନ 'ଅପର୍ଣ୍ଣା ମହାନ୍ତିମାନଙ୍କ ପାଇଁ କବିତା', ମମତା ଦାଶଙ୍କ କବିତା ସଂକଳନ 'ଭୂମି ସ୍ପର୍ଶ', ପଦ୍ମଜ ପାଳଙ୍କ ଉପନ୍ୟାସ 'ସୀତା ମୁଁ ସୀତା', ପଦ୍ମଜ ପାଳଙ୍କ ଗଳ୍ପ ସଂକଳନ 'ଡାହାଣ ପାଦ ବାମ ପାଦ', ଆଶୁତୋଷ ପରିଡ଼ାଙ୍କ କବିତା ସଂକଳନ 'ବିଶ୍ୱାସ ଦେ ପୃଥ୍ୱୀ', ବିଜୟ କୁମାର ଶତପଥୀଙ୍କ ନାଟକ 'ଅନ୍ଧାରର ବିଭୀଷିକା'। ଏଥିସହିତ କଳା କ୍ଷେତ୍ରରେ ଜୀବନବ୍ୟାପୀ ସାଧନାର ଉତ୍କର୍ଷ ପାଇଁ ପ୍ରତିବର୍ଷ ଇମ୍ପା ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ପ୍ରଦାନ କରାଯାଉଥିବା 'ଇଲାବଂଶୀଧର ପଣ୍ଡା କଳା ସମ୍ମାନ' ମଧ୍ୟ ୨୦୨୫ ମସିହା ପାଇଁ ଘୋଷିତ ହୋଇଛି । ବିଶିଷ୍ଟ ଚିତ୍ରଶିଳ୍ପୀ ବଳଦେବ ମହାରଥୀ ଏବଂ ସଂଗୀତ ଗୁରୁ ରାମହରି ଦାସଙ୍କୁ ଚଳିତ ବର୍ଷ ଏହି ପୁରସ୍କାର ପ୍ରଦାନ କରାଯିବ। ପୁରସ୍କାର ବାବଦରେ ଉଭୟଙ୍କୁ ଦୁଇ ଲକ୍ଷ ପଚାଶ ହଜାର ଟଙ୍କାର ଅର୍ଥରାଶି ସହ ମାନପତ୍ର ଓ ଫଳକ ପ୍ରଦାନ କରାଯିବ । ସଙ୍ଗୀତ ବିଭାଗରେ ଆଦ୍ୟାଶା ଦାସ, ସୁଜାତା ମହାପାତ୍ର, ସଙ୍ଗୀତା ପଣ୍ଡା ଏବଂ ଚିତ୍ରକଳା ବିଭାଗରେ ପଞ୍ଚମୀ ମାନୁ ଉକିଲ, ସୁଦର୍ଶନ ପଟ୍ଟନାୟକ ଓ ପ୍ରଦୋଷ ସ୍ୱାଇଁ ବିଚାରକ ଥିଲେ ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776

Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ୨ ଲକ୍ଷ କୋଟି ରାଜସ୍ୱ ହରାଇବେ ସରକାର



## ଜିଏସ୍‌ଟି ହ୍ରାସ ପରେ ବିଶେଷଜ୍ଞଙ୍କ ଆକଳନ

ନୂଆଦିଲ୍ଲୀ, ୧୫।୯: ଜିଏସ୍‌ଟି ହ୍ରାସ ଫଳରେ ସରକାରଙ୍କୁ ୪୮ ହଜାର କୋଟି ଟଙ୍କା କ୍ଷତି ହେବ ବୋଲି ଅର୍ଥ ମନ୍ତ୍ରାଳୟ ପୂର୍ବରୁ ଆକଳନ କରିଛି। କିନ୍ତୁ ଅନେକ ଅର୍ଥନୀତିଜ୍ଞ ଓ ଗବେଷଣା ଫାର୍ମ ଏଥିରେ ସହମତ ନାହାନ୍ତି। ସେମାନଙ୍କ ମତରେ ଏ ବାବଦ କ୍ଷତି ପରିମାଣ ୧.୫ ଲକ୍ଷରୁ ୨ ଲକ୍ଷ ଟଙ୍କା ମଧ୍ୟରେ ହୋଇପାରେ।

ସରକାରଙ୍କ ଆକଳନ ଅନୁଯାୟୀ, ମୋଟ ରାଜସ୍ୱ ହାନି ୯୩ ହଜାର କୋଟି ଟଙ୍କା ରହିବ। କିନ୍ତୁ ୨୮ ପ୍ରତିଶତ ସ୍ଲାବରେ ଥିବା କେତେକ ସାମଗ୍ରୀକୁ ୪୦ ପ୍ରତିଶତ ବର୍ଗରେ ରଖାଯାଇଥିବାରୁ ଏବାବଦରେ ସରକାର ଅଧିକ ୪୫ ହଜାର କୋଟି ଟଙ୍କା ପାଇବେ। ତେଣୁ ଜିଏସ୍‌ଟି କ୍ଷତି ୪୮ ହଜାର କୋଟି ଟଙ୍କା ରହିବ। ୨୦୨୩-୨୪ ଆର୍ଥିକବର୍ଷର ଖର୍ଚ୍ଚକୁ ଦେଖି ଅର୍ଥ ମନ୍ତ୍ରାଳୟ ଏହି ଆକଳନ କରିଛି। ଅର୍ଥ ମନ୍ତ୍ରାଳୟର ଏହା ଅତ୍ୟଧିକ ଆଶାବାଦୀ ଆକଳନ ବୋଲି କୁହାଯାଉଛି।

କିନ୍ତୁ ପୂର୍ବତନ ଅର୍ଥ ସଚିବ ସୁଭାଷ ଚନ୍ଦ୍ର ଗର୍ଗ କହିଛନ୍ତି ଯେ ୨୦୨୩-୨୪ ଖର୍ଚ୍ଚ ଆଧାରରେ ଯେଉଁ ୯୩ ହଜାର କୋଟି ଟଙ୍କାର କ୍ଷତି ଆକଳନ କରାଯାଇଛି ୨୦୨୫-୨୬ ମୂଲ୍ୟରେ ତାହା ପ୍ରାୟ ୧.୧ ଲକ୍ଷ କୋଟି ଟଙ୍କା ହେବ। ଏହା ବାଦ୍ କେନ୍ଦ୍ର ସରକାର ଜିଏସ୍‌ଟି କ୍ଷତିପୂରଣ ସେସ୍ ମଧ ହରାଇବେ। ସେସ୍ ବର୍ଷକୁ ସରକାର ପ୍ରାୟ ୧.୪ ଲକ୍ଷ କୋଟି ଟଙ୍କା ପାଇଥାନ୍ତି। ୪୦ ପ୍ରତିଶତ ଜିଏସ୍‌ଟି ସ୍ଲାବରୁ ପ୍ରାୟ ୫୦ ହଜାର କୋଟି ଟଙ୍କା ଆଦାୟ ହେବ ବୋଲି ଆକଳନ ହୋଇଥିଲେ ମଧ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ରାଜସ୍ୱ ହାନି ହେବ ବୋଲି ସେ ମତ ଦେଇଛନ୍ତି।

ଅଧିକାଂଶ ଅର୍ଥନୀତିଜ୍ଞ ସରକାରଙ୍କ ୪୮ ହଜାର ଟଙ୍କାର କ୍ଷତି ଆକଳନ ଉପରେ ପ୍ରଶ୍ନ ଉଠାଇଛନ୍ତି। ସରକାର କିଭଳି ଏହି ସଂଖ୍ୟାରେ ପହଞ୍ଚିଲେ ତାହା ସ୍ପଷ୍ଟ ନଥିବାରୁ ଉକ୍ତ ସଂଖ୍ୟାକୁ ନେଇ ସେମାନେ ସଂପୂର୍ଣ୍ଣ ସହମତ ନାହାନ୍ତି। ଏମ୍‌କେ ଗ୍ଲୋବାଲ, ଏଚ୍‌ଏସ୍‌ବିସି ଏବଂ ବର୍ନଷ୍ଟିନ୍ ଭଳି ସଂସ୍ଥାର ରିପୋର୍ଟ ଅନୁଯାୟୀ, ନୂଆ ଜିଏସ୍‌ଟି ଢାଞ୍ଚା ପୂରାପୂରି କାର୍ଯ୍ୟକାରୀ ହେଲେ ରାଜସ୍ୱ କ୍ଷତି ପ୍ରାୟ ୧.୫ ଲକ୍ଷ କୋଟି ଟଙ୍କା ରହିବ।

ବର୍ନଷ୍ଟିନ ରିସର୍ଚ୍ଚ କହିଛି ଯେ ୧୨ ପ୍ରତିଶତ ସ୍ଲାବ୍‌ର ସାମଗ୍ରୀକୁ ୫ ପ୍ରତିଶତରେ ମିଶାଇ ଦେବା ଦ୍ୱାରା ଏବାବଦରେ ୭୯,୬୦୦ କୋଟି ଟଙ୍କାର ରାଜସ୍ୱ ହାନି ହେବ। ସେହିଭଳି ୨୮ ପ୍ରତିଶତକୁ ଉଚ୍ଛେଦ କରାଯିବା ଫଳରେ ଆଉ ୧.୧୨ ଲକ୍ଷ କୋଟି ଟଙ୍କା କ୍ଷତି ହେବ। ୧୨ ପ୍ରତିଶତରେ ଥିବା ସାମଗ୍ରୀକୁ ୧୮ ପ୍ରତିଶତକୁ ନେବା ଦ୍ୱାରା ସରକାରଙ୍କୁ ୭୦୦ କୋଟି ଟଙ୍କାର ଲାଭ ହେବ। ସେହିଭଳି ୨୮ ପ୍ରତିଶତରେ ଥିବା ସାମଗ୍ରୀ ଉପରେ ୪୦ ପ୍ରତିଶତ ଆଦାୟ କରିବା ଦ୍ୱାରା ୧୫ ହଜାର କୋଟି ଟଙ୍କା ଅଧିକ ରାଜସ୍ୱ ମିଳିବ। ତେଣୁ ଉଭୟ କେନ୍ଦ୍ର ଓ ରାଜ୍ୟଗୁଡ଼ିକୁ ନିଟ୍ ୧.୫୭ ଲକ୍ଷ କୋଟି ଟଙ୍କାର ରାଜସ୍ୱ ହାନି ସହିବାକୁ ପଡ଼ିବ। ୬ ମାସରେ ନିଟ୍ ରାଜସ୍ୱ ହାନି ୫୭ ହଜାର କୋଟି ଟଙ୍କା ହେବ ବୋଲି ଏଚ୍‌ଏସ୍‌ବିସି ଆକଳନ କରିଛି। ଆଇଡିଏଫ୍‌ସି ଫାଷ୍ଟ୍ ବ୍ୟାଙ୍କର ମୁଖ୍ୟ ଅର୍ଥନୀତିଜ୍ଞ ଗୌର ସେନଗୁପ୍ତା ରାଜସ୍ୱ ଉପରେ ଜିଏସ୍‌ଟି ହ୍ରାସର ପ୍ରଭାବ ପ୍ରାୟ ୯୫ ହଜାର କୋଟି ଟଙ୍କା ରହିବ ବୋଲି ଆକଳନ କରିଛନ୍ତି। ଚଳିତମାସରେ ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ଅନେକ ସାମଗ୍ରୀର ଟିକସ ହ୍ରାସ କରାଯାଇଛି। ଏଥିସହିତ ଚାରି ଟିକିଆ ଜିଏସ୍‌ଟି ସ୍ଲାବରୁ ୧୨ ଏବଂ ୨୮ ପ୍ରତିଶତକୁ ହଟାଇ ଦିଆଯିବା ସହିତ କ୍ଷତିପୂରଣ ସେସ୍ ଆଦାୟକୁ ମଧ ଉଠାଇ ଦିଆଯାଇଛି। ବିଳାସପୂର୍ଣ୍ଣ ଏବଂ ହାନିକାରକ ସାମଗ୍ରୀ ଉପରେ ୪୦ ପ୍ରତିଶତ ଜିଏସ୍‌ଟି ଆଦାୟ ହେବାକୁ ଥିବାବେଳେ ଅନ୍ୟ ସାମଗ୍ରୀ ଉପରୁ ୫ ଓ ୧୮ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯିବ। ୨୦୧୭ ଜୁଲାଇ ପହିଲାରେ ଭାରତରେ ଜିଏସ୍‌ଟି ଲାଗୁ ହୋଇଥିଲା। ତାହାର ପ୍ରାୟ ୮ ବର୍ଷ ପରେ ଏଥିରେ ବଡ଼ଧରଣର ସଂସ୍କାର ଅଣାଯାଇଛି। ଚଳିତମାସ ୨୨ ତାରିଖରୁ ନୂଆ ଜିଏସ୍‌ଟି କାର୍ଯ୍ୟକାରୀ ହେବ।

# ଶୀତ ଅଧିବେଶନରେ ଆସିବ ବୀମାରେ ଏଫ୍‌ଡିଆଇ ବୃଦ୍ଧି ବିଲ୍!



ନୂଆଦିଲ୍ଲୀ, ୧୫।୯: ସଂସଦର ଆସନ୍ତା ଶୀତ ଅଧିବେଶନରେ ବୀମା ସଂଶୋଧନ ବିଲ୍ ଆଗତ ହୋଇପାରେ। ପ୍ରସ୍ତାବିତ ବିଲ୍‌ରେ ବୀମା କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ) ସୀମା ୧୦୦ ପ୍ରତିଶତକୁ ବୃଦ୍ଧି ବ୍ୟବସ୍ଥା ରହିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏ ନେଇ ଆଭାସ ଦେଇଛନ୍ତି। ଚଳିତବର୍ଷ ବଜେଟ୍ ଭାଷଣରେ ଅର୍ଥମନ୍ତ୍ରୀ ବୀମାରେ ଏଫ୍‌ଡିଆଇ ସୀମା ବର୍ତ୍ତମାନର ୭୪ ପ୍ରତିଶତରୁ ୧୦୦ ପ୍ରତିଶତକୁ ବୃଦ୍ଧି କରାଯିବା ନେଇ ଘୋଷଣା କରିଥିଲେ। ଏ ନେଇ ସେ ଏକ ସର୍ତ୍ତ ରଖିଥିଲେ। ତାହା ହେଲା କମ୍ପାନିଗୁଡ଼ିକୁ ସେମାନଙ୍କ ସମସ୍ତ ପ୍ରିମିୟମ ରାଶିକୁ ଭାରତରେ ନିବେଶ କରିବାକୁ ପଡ଼ିବ। ସୂଚନା ଅନୁଯାୟୀ ଭାରତର ବୀମା କ୍ଷେତ୍ର ବର୍ତ୍ତମାନ ସୁଦ୍ଧା ୮୨ ହଜାର କୋଟି ଟଙ୍କାର ଏଫ୍‌ଡିଆଇ ଆକୃଷ୍ଟ କରିବାରେ ସମର୍ଥ ହୋଇଛି। ବୀମା ବିଲ୍‌ରେ ବୀମା ଆଇନ ୧୯୩୮, ଏଲ୍‌ଆଇସି ଆଇନ ୧୯୫୬ ଏବଂ ଆଇଆର୍‌ଡିଏଆଇ ଆଇନ ୧୯୯୯ରେ ସଂଶୋଧନ କରାଯିବ। ଏଲ୍‌ଆଇସି ଆଇନରେ ସଂଶୋଧନ ଆଣି ବୋର୍ଡକୁ ଅଧିକ ପରିଚାଳନା କ୍ଷମତା ଦିଆଯିବ। ଭାରତରେ ବର୍ତ୍ତମାନ ୨୫ଟି ଜୀବନ ବୀମା କମ୍ପାନି ଏବଂ ୩୪ଟି ସାଧାରଣ ବୀମା କମ୍ପାନି ସେବା ପ୍ରଦାନ କରୁଛନ୍ତି। ଅତୀତରେ ବୀମା କ୍ଷେତ୍ରରେ ଏଫ୍‌ଡିଆଇ ସୀମା ଏକାଧିକ ଥର ବୃଦ୍ଧି କରାଯାଇଛି। ୨୦୧୫ ମସିହାରେ ଏଫ୍‌ଡିଆଇ ସୀମାକୁ ୨୬ ପ୍ରତିଶତରୁ ୪୯ ପ୍ରତିଶତକୁ ବଢ଼ାଯାଇଥିଲା। ଏହାପରେ ୨୦୨୧ ମସିହାରେ ଏଫ୍‌ଡିଆଇ ସୀମା ୪୯ ପ୍ରତିଶତରୁ ୭୪ ପ୍ରତିଶତକୁ ବଢ଼ାଯାଇଥିଲା। ୧୦୦ ପ୍ରତିଶତ ଏଫ୍‌ଡିଆଇ ଅନୁମତି ଦେବା ଦ୍ୱାରା ଦେଶକୁ ଏ କ୍ଷେତ୍ରରେ ଅଧିକ ବିଦେଶୀ ପୁଞ୍ଜି ଆସିବ ବୋଲି ଆଶା ରଖାଯାଇଛି। ଏହାଦ୍ୱାରା ବୀମା କ୍ଷେତ୍ରରେ ଅନେକ ନୂତନତ୍ୱ ଆସିବ ଏବଂ ପଲିସିଧାରୀଙ୍କୁ ଉନ୍ନତମାନର ସେବା ମିଳିପାରିବ। ୨୦୪୭ ସୁଦ୍ଧା ସମସ୍ତଙ୍କୁ ବୀମା ପ୍ରଦାନ ନେଇ ଯେଉଁ ଲକ୍ଷ୍ୟ ରଖାଯାଇଛି ସେ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ସରକାର ଆଶା ରଖିଛନ୍ତି। ଅନ୍ୟପକ୍ଷରେ ବୀମା କ୍ଷେତ୍ରରେ ଏଫ୍‌ଡିଆଇ ସୀମାବୃଦ୍ଧିକୁ ବିଭିନ୍ନ ମହଲରେ ବିରୋଧ କରାଯାଇ ଆସୁଛି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୧,୦୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୧,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୧,୦୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୧,୮୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୧,୦୬୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୧,୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୧,୨୧୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୧,୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧, ୧୧,୩୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୨,୧୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୧,୦୬୦ ଓ ୧,୦୧,୮୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୩୩,୦୦୦ ଟଙ୍କା ହୋଇଛି।

## କମ୍ପାନିଗୁଡ଼ିକୁ କେନ୍ଦ୍ରର ନିର୍ଦ୍ଦେଶ

# ତୁରନ୍ତ ଔଷଧ ଦର ସଂଶୋଧନ କର



ନୂଆଦିଲ୍ଲୀ, ୧୫।୯: ଔଷଧ ଓ ମେଡିକାଲ ଉପକରଣ ନିର୍ମାତାଙ୍କୁ କେନ୍ଦ୍ର ସରକାର ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଏସ୍‌ଟି ହ୍ରାସ ଯେଭଳି ସେପ୍ଟେମ୍ବର ୨୨ରୁ ପ୍ରତିଫଳିତ ହେବ ତାହାକୁ ଦୃଷ୍ଟିରେ ରଖି ତୁରନ୍ତ ସର୍ବାଧିକ ବିକ୍ରି ମୂଲ୍ୟ (ଏମ୍‌ଆର୍‌ପି) ସଂଶୋଧନ କରିବା ଲାଗି ସେମାନଙ୍କୁ କୁହାଯାଇଛି। ଜିଏସ୍‌ଟି ହ୍ରାସର ଲାଭ ଗ୍ରାହକ ଓ ରୋଗୀଙ୍କୁ ପ୍ରଦାନ କରିବା ଲାଗି ଏନ୍‌ପିପିଏ( ନେସନାଲ ଫାର୍ମାସ୍ୟୁଟିକାଲ ପ୍ରାଇସିଂ ଅଥରିଟି) ପକ୍ଷରୁ କୁହାଯାଇଛି। ଏକ ସଂଶୋଧିତ ଦର ତାଲିକା କିମ୍ବା ଅତିରିକ୍ତ ଦର ତାଲିକା ଡିଲର, ଖୁଚୁରା ବିକ୍ରେତା, ରାଜ୍ୟ ଔଷଧ ନିୟନ୍ତ୍ରକ ଏବଂ ସରକାରଙ୍କୁ ପ୍ରଦାନ କରିବା ଲାଗି ଔଷଧ କମ୍ପାନିଗୁଡ଼ିକୁ କୁହାଯାଇଛି। ଏହି ତାଲିକାରେ ସଂଶୋଧିତ ଜିଏସ୍‌ଟି ହାର ଏବଂ ସଂଶୋଧିତ ଏମ୍‌ଆର୍‌ପି ପ୍ରତିଫଳିତ ହେବା ଆବଶ୍ୟକ। ଜିଏସ୍‌ଟି ହାର ହ୍ରାସ ସଂପର୍କରେ ବୈଦ୍ୟୁତିକ, ଛାପା ଓ ସାମାଜିକ ଗଣମାଧମ ଭଳି ସବୁ ମାଧମରେ ଡିଲର, ଖୁଚୁରା ବିକ୍ରେତା ଏବଂ ଖାଉଟିଙ୍କୁ ସଚେତନ କରିବା ଲାଗି ତୁରନ୍ତ ପଦକ୍ଷେପ ନେବାଲାଗି ଔଷଧ ନିର୍ମାତା ଓ ମାର୍କେଟିଂ କମ୍ପାନିଗୁଡ଼ିକୁ ସାର ଓ ରସାୟନ ମନ୍ତ୍ରାଳୟ ନିର୍ଦ୍ଦେଶ ଦେଇଛି। ଖୁଚୁରା ବିକ୍ରେତାଙ୍କ ସ୍ତରରେ ଯଦି କମ୍ପାନିଗୁଡ଼ିକ ଅନ୍ୟ କୌଣସି ପଦକ୍ଷେପ ମାଧମରେ ଉଚିତ ମୂଲ୍ୟକୁ କାର୍ଯ୍ୟକାରୀ କରିପାରିବେ ତା'ହେଲେ ଯେଉଁସବୁ ଔଷଧ ବଜାରରେ ସେପ୍ଟେମ୍ବର ୨୨ ପୂର୍ବରୁ ରହିଛି ସେଗୁଡ଼ିକୁ ପ୍ରତ୍ୟାହାର, ପୁନର୍ବାର ଲେବଲିଂ କରିବା କିମ୍ବା ପୁନର୍ବାର ଷ୍ଟିକରିଂ କରିବାର କୌଣସି ଆବଶ୍ୟକତା ନାହିଁ। ସଂଶୋଧିତ ଜିଏସ୍‌ଟି ସଂପର୍କରେ ସଂଘଗୁଡ଼ିକ ଜାତୀୟସ୍ତରର ଓ ଆଞ୍ଚଳିକ ସ୍ତରର ଅଗ୍ରଣୀ ସମ୍ବାଦପତ୍ର ଜରିଆରେ ବିଜ୍ଞାପନ ଦେଇ ଡିଲର ଓ ରିଟେଲରମାନଙ୍କୁ ସଂଶୋଧିତ ଜିଏସ୍‌ଟି ହାରକୁ କାର୍ଯ୍ୟକାରୀ କରିପାରିବେ। ଔଷଧ ସାମଗ୍ରୀ ଏଫ୍‌ଏମ୍‌ସିଜି ଉତ୍ପାଦ ପରିସରରେ ଆସୁ ନଥିବାରୁ ସାର ଓ ରସାୟନ ମନ୍ତ୍ରାଳୟ ଏ ନେଇ ନୋଟିସ ଜାରି କରିଛି। ଜିଏସ୍‌ଟି ପରିଷଦର ୫୬ତମ ବୈଠକରେ ପ୍ରମୁଖ ଔଷଧଗୁଡ଼ିକର ଜିଏସ୍‌ଟି ହାରକୁ ୫ ପ୍ରତିଶତ ପରିବର୍ତ୍ତେ ଶୂନ କରି ଦିଆଯାଇଛି। ପୂର୍ବରୁ ଯେଉଁସବୁ ଔଷଧ ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଆଦାୟ କରାଯାଉଥିଲା ତାହାକୁ ୫ ପ୍ରତିଶତ ହାରକୁ ଅଣାଯାଇଛି।

# ଡେଣ୍ଟିଷ୍ଟଙ୍କ ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ ଭାବେ ଡାବର ରେଡ୍ ପେଷ୍ଟ ସମ୍ମାନିତ



ଭୁବନେଶ୍ୱର, ୧୫।୯ (ସଂଚାର ବ୍ୟୁରୋ): ସାମଗ୍ରିକ ସ୍ୱାସ୍ଥ୍ୟ ପାଇଁ ମୁଖ ପରିଷ୍କାରତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଚିନ୍ତାଧାରାକୁ କେନ୍ଦ୍ର କରି ସମ୍ପ୍ରତି ଦନ୍ତ ଚିକିତ୍ସା ବିଷୟରେ ଏକ ସ୍ୱତନ୍ତ୍ର ସେମିନାର ଆୟୋଜିତ ହୋଇଥିଲା, ଯେଉଁଥିରେ ସାରା ଭାରତରୁ ୩୦୦ ରୁ ଅଧିକ ଦନ୍ତ ଚିକିତ୍ସକ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ, ଡାବର ରେଡ୍ ପେଷ୍ଟକୁ ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍ (ଆଇଡିଏ)-ଆଗ୍ରାରୁ 'ଡେଣ୍ଟିଷ୍ଟଙ୍କ ସବୁଠାରୁ ବିଶ୍ୱସ୍ତ ବ୍ରାଣ୍ଡ' ପୁରସ୍କାରରେ ସମ୍ମାନିତ କରାଯାଇଛି। ଆଇଡିଏ ଆଗ୍ରା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦନ୍ତ ବିଶେଷଜ୍ଞମାନେମୁଖ ପରିଷ୍କାରତା ସମ୍ବନ୍ଧୀୟ ନୂତନ ଧାରା, କୌଶଳ ଏବଂ ପ୍ରାକୃତିକ ତଥା ଆୟୁର୍ବେଦିକ ଉପାଦାନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଡାବର ରେଡ୍ ପେଷ୍ଟକୁ ଏହି ପୁରସ୍କାରରେ ସମ୍ମାନିତ କରାଯିବା ପାରମ୍ପରିକ ଆୟୁର୍ବେଦ ଏବଂ ଆଧୁନିକ ବିଜ୍ଞାନ ଉପରେ ଆଧାରିତ ପ୍ରଭାବଶାଳୀ ଏବଂ ନିର୍ଭରଯୋଗ୍ୟ ଓରାଲ୍ କେୟାରର ସମାଧାନ ପ୍ରଦାନ କରିବା ପାଇଁ ଡାବରର ପ୍ରତିବଦ୍ଧତାକୁ ଦର୍ଶାଉଛି। ଏହି ଅବସରରେ, ଡାବର ଇଣ୍ଡିଆ ଲିମିଟେଡ୍‌ର ଓରାଲ୍ କେୟାର ମାର୍କେଟିଂ ମୁଖ୍ୟ ଶ୍ରୀ ପ୍ରଶାନ୍ତ ଅଗ୍ରୱାଲ କହିଥିଲେ, "ଇଣ୍ଡିଆନ୍ ଡେଣ୍ଟାଲ୍ ଆସୋସିଏସନ୍‌ରୁ ଏହି ପ୍ରତିଷ୍ଠିତ ପୁରସ୍କାର ପାଇବାରେ ଆମେ ଗର୍ବିତ। ଏହା ଡାବର ରେଡ୍ ପେଷ୍ଟ ଉପରେ ଡେଣ୍ଟିଷ୍ଟଙ୍କ ବିଶ୍ୱାସକୁ ପୁନଃ ସ୍ଥାପିତ କରେ ଏବଂ ଆମର ଗ୍ରାହକମାନଙ୍କୁ ସର୍ବୋତ୍ତମ ଓରାଲ୍ କେୟାର ଦେବାରେ ଆମର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି। ଆୟୁର୍ବେଦିକ ଔଷଧି ଏବଂ ଆଧୁନିକ ବିଜ୍ଞାନର ଅନନ୍ୟ ମିଶ୍ରଣରେ ପ୍ରସ୍ତୁତ, କ୍ଲିନିକାଲି ପ୍ରମାଣିତ ଡାବର ରେଡ୍ ପେଷ୍ଟ ୧୦ଟି ଦନ୍ତ ସମସ୍ୟାରୁ ସୁରକ୍ଷା ପ୍ରଦାନ କରିଥାଏ।" ଡାବର ରେଡ୍ ପେଷ୍ଟ୧୩ ଟି ଆୟୁର୍ବେଦିକ ଔଷଧି-ଯଥା ଲବଙ୍ଗ, ପୁଦିନା, ଶୁଣ୍ଠି, କର୍ପୂର ଏବଂ ତୋମର-ସହିତ ପ୍ରସ୍ତୁତ, ଯାହା ପ୍ରାୟ ୧୦ ପ୍ରକାରର ଦାନ୍ତ ସମସ୍ୟାରୁ ସୁରକ୍ଷା ଦେଇଥାଏ। ବ୍ରାଣ୍ଡ ସର୍ବଦା ବିଭିନ୍ନ ରୋଗର ଉପଶମ ପାଇଁ ଆୟୁର୍ବେଦିକ ଉପଚାରକୁ ଗୁରୁତ୍ୱ ଦେବା ସହ ଗ୍ରାହକଙ୍କ ଆଶା ପୂରଣ କରିଆସିଛି। ସେମିନାରର ଶେଷରେ, ଅଂଶଗ୍ରହଣକାରୀମାନେ ସାରା ଦେଶରେ ଓରାଲ୍ କେୟାରର ଉନ୍ନତି ପାଇଁ ତାଙ୍କର ପ୍ରୟାସ ଜାରି ରଖିବାକୁ ସଙ୍କଳ୍ପ କରିଥିଲେ। ଏହି ପୁରସ୍କାର ସହିତ, ଡାବର ରେଡ୍ ପେଷ୍ଟଓରାଲ୍ କେୟାର ବଜାରରେ ପ୍ରମୁଖ ବ୍ରାଣ୍ଡ ଏବଂ ଗ୍ରାହକ ସହିତ ଡେଣ୍ଟିଷ୍ଟଙ୍କ ବିଶ୍ୱସ୍ତ ସହଭାଗୀ ଭାବେ ନିଜ ସ୍ଥାନକୁ ଆହୁରି ମଜବୁତ କରିଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୫୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩. ୧୧ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



# ଭାରତର ସ୍ୱାଭାବିକ ସହଯୋଗୀ ଚୀନ ନୁହେଁ: ରାଜନ୍



ନୂଆଦିଲ୍ଲୀ, ୧୫।୯: ଭାରତର ସ୍ୱାଭାବିକ ସହଯୋଗୀ ଚୀନ୍ ନୁହେଁ। ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ୍ ଏହା କହିଛନ୍ତି। ଚୀନ ସହିତ ବନ୍ଧୁତା ସ୍ଥାପନକୁ ସେ ଏଡ଼ାଇ ଦେଇନାହାନ୍ତି। କିନ୍ତୁ ଏଥିପାଇଁ ଅନେକ ଦିନଧରି ଆସ୍ଥା ସୃଷ୍ଟିକାରୀ ପଦକ୍ଷେପ ନେବାର ଆବଶ୍ୟକତା ରହିଛି ବୋଲି ସେ ମତ ଦେଇଛନ୍ତି। ରାଜନ୍ କହିଛନ୍ତି ପରସ୍ପର ମଧ୍ୟରେ ଭଲ ବ୍ୟବହାରର ଇତିହାସ ଏବଂ ଦୀର୍ଘଦିନର ଆସ୍ଥା ସୃଷ୍ଟିକାରୀ ପଦକ୍ଷେପ ଦ୍ୱାରା ଏହା ହୋଇପାରିବ। ଚୀନ ସହିତ ଆମର ଦୃଢ଼ ବନ୍ଧୁତା ରହିଛି ବୋଲି କହିବା ବର୍ତ୍ତମାନ ଅତି ଚଞ୍ଚଳ ହୋଇଯିବ ବୋଲି ରାଜନ୍ ଏକ ପଡକାଷ୍ଟରେ କହିଛନ୍ତି। ସାଂଘାଇ ସହଯୋଗ ସଂଗଠନ (ଏସ୍‌ସିଓ) ବୈଠକରେ ଭାରତ, ରୁଷ୍ ଓ ଚୀନ ଏକାଠି ହେବା ଯୁକ୍ତରାଷ୍ଟ୍ର ଆମେରିକା ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଏହା ସତ୍ତ୍ୱେ ଆମେରିକା ସହିତ ଥିବା ଦୃଢ଼ ସଂପର୍କ ବିଷୟରେ ରାଜନ୍ ଅବତାରଣା କରିଛନ୍ତି। ସେ କହିଛନ୍ତି ଭାରତ ଓ ଆମେରିକା ଉଭୟ ଗଣତନ୍ତ୍ର। ଦୁଇ ଦେଶ ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ଦୁଇ ଦେଶ ମଧ୍ୟରେ ସହଯୋଗର ଲମ୍ବା ଇତିହାସ ରହିଛି। ଭାରତର ଲୋକଙ୍କୁ ଖାଦ୍ୟ ଦେବା ଲାଗି ଗତ ଶତାବ୍ଦୀର ଷଷ୍ଠ ଦଶକରେ ଯୁକ୍ତରାଷ୍ଟ୍ର ଆମେରିକା ଯୋଗାଇଥିବା ସାମଗ୍ରୀ ସଂପର୍କରେ ସେ ମନେପକାଇ ଦେଇଛନ୍ତି। ଏଥିସହିତ ଆମେରିକାରେ ଉଭୟ ସରକାରୀ ଓ ବେସରକାରୀ ସଂସ୍ଥାର ବହୁ ଉଚ୍ଚ ପଦପଦବିରେ ବହୁ ଭାରତୀୟ ଅଛନ୍ତି। ଆମେରିକା ଶୁଳ୍କର ପ୍ରଭାବକୁ କମ୍ କରିବା ପାଇଁ ସ୍ୱଳ୍ପ ଅବଧି ମଧ୍ୟରେ ଚୀନ ସହିତ ଭାରତ ନିବିଡ଼ ବାଣିଜ୍ୟ ସମ୍ପର୍କ ସ୍ଥାପନ କରିପାରିବ କି ପ୍ରଶ୍ନରେ ସେ ନା କହିଛନ୍ତି। ଯେକୌଣସି ପ୍ରକାର ବାଣିଜ୍ୟ ସଂପର୍କ ସ୍ଥାପନ ପାଇଁ ସମୟ ଲାଗିଥାଏ। ଏହା ରାତାରାତି ହୋଇ ନଥାଏ। ଚୀନ ଯଦି ଚାହେ ଭାରତ ଅଳ୍ପ କିଛି ଚିଙ୍ଗୁଡ଼ି ସେହି ଦେଶକୁ ପଠାଇ ପାରେ। କିନ୍ତୁ ବାସ୍ତବ ସମାଧାନ ହେଉଛି ଆମେରିକା ସହିତ ଶୁଳ୍କ ବିବାଦକୁ ତୁଟାଇବା। ଏସବୁ ସତ୍ତ୍ୱେ ଭାରତ ଓ ଚୀନ ପରସ୍ପର ସହିତ ଧୀରେ ଧୀରେ ଅଧିକରୁ ଅଧିକ ସଂପର୍କ ସ୍ଥାପନ କରିପାରିବେ। ଯଦି ନିବେଶ ଓ ବାଣିଜ୍ୟ କ୍ଷେତ୍ରରେ ଥିବା ପ୍ରତିବନ୍ଧଗୁଡ଼ିକୁ ଦୁଇ ଦେଶ ସମାଧାନ କରିବେ ତା'ହେଲେ ସେମାନେ ପରସ୍ପରର ବିକଳ୍ପ ହୋଇପାରିବେ। ଭାରତ ବିଶ୍ୱର ତୃତୀୟ ବୃହତ୍ ଅର୍ଥନୀତି ହେବାକୁ ଯାଉଛି। ଚୀନ ଦ୍ୱିତୀୟ ବୃହତ୍ ଅର୍ଥନୀତି ଅଛି। ସମ୍ଭବତଃ ସେ ପ୍ରଥମ ହେବାକୁ ଯାଉଛି। ଚୀନର ଅତ୍ୟାଧୁନିକ ଜ୍ଞାନକୌଶଳଯୁକ୍ତ ନିବେଶକୁ ଭାରତ ସ୍ୱାଗତ କରିପାରିବ ବୋଲି ସେ ମତ ଦେଇଛନ୍ତି।

# ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜିରେ କର୍ମଶାଳା

ଭୁବନେଶ୍ୱର, ୧୫।୯: ସ୍ଥାନୀୟ ଛତାବରସ୍ଥିତ ନିସ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଓ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍‌ମେସନ୍ ଟେକ୍ନୋଲୋଜି, ଭୁବନେଶ୍ୱରର ମିଳିତ ସହଭାଗିତାରେ ଦୀର୍ଘ ପାଞ୍ଚ ଦିନ ଧରି ଚାଲିଥିବା ଡ୍ରୋନ୍ ଟେକ୍ନୋଲୋଜି ଓ ଏହାର ସଫଳ ଉଡ଼ାଣ ଶୀର୍ଷକ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଇଲେକ୍ଟ୍ରୋନିକ୍ସ ଆଣ୍ଡ ଇନ୍‌ଫର୍‌ମେସନ୍ ଟେକ୍ନୋଲୋଜି, ଭୁବନେଶ୍ୱରର ପ୍ରୋଜେକ୍ଟ୍ ଆସୋସିଏଟ୍ କୌଶିକ ମହାନ୍ତି ଓ ଟ୍ରେନର୍ ଦେବେନ୍ଦ୍ର ଦାଶ ଓ ବିଶ୍ୱଜିତ ଜେନା ପ୍ରମୁଖ ଯୋଗଦେଇ ଡ୍ରୋନ ଟେକ୍ନୋଲୋଜି ନିର୍ମାଣର କୌଶଳ, କାର୍ଯ୍ୟକାରିତା ଓ ଏହାର ଉପାଦେୟତା ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷା ଦେଇଥିଲେ। ଏଥିରେ ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଡ. ସୁବାସ ଚନ୍ଦ୍ର ନାୟକ, ଡାଇରେକ୍ଟର ଡ. ପ୍ରିୟଦର୍ଶୀ କାନୁନ୍‌ଗୋ, ଅଧ୍ୟକ୍ଷ ଡ. ଦେବବ୍ରତ ରଥ ଓ କମ୍ପ୍ୟୁଟର ସାଇନ୍ସ ବିଭାଗ ମୁଖ୍ୟ ତଥା କୋର୍ଡିନେଟର ପ୍ରଫେସର ନିହାର ରଂଜନ ପଣ୍ଡା ପ୍ରମୁଖ ଯୋଗଦେଇ ସାରଗର୍ଭକ ଭାଷଣ ରଖିଥିଲେ ବୋଲି ପ୍ରଶାସନିକ ଅଧିକାରୀ ପୀତାମ୍ବର ଚୟନୀ କହିଛନ୍ତି।



# ଓକେସିଏଲ୍‌ର ୧୪ ବର୍ଷ ପୂର୍ତ୍ତି



ଭୁବନେଶ୍ୱର,୧୫।୯: ଓଡ଼ିଶା ନଲେଜ୍ କର୍ପୋରେସନ୍ ଲିମିଟେଡ୍ (ଓକେସିଏଲ୍ ) ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ଏହାର ୧୪ତମ ବାର୍ଷିକୀ ପାଳନ କରିଛି। ଏହି କାର୍ଯ୍ୟକ୍ରମ ଓକେସିଏଲ୍‌ର ବିଭିନ୍ନ ଟିମ୍ ଦ୍ୱାରା ନିର୍ମିତ କ୍ଷୁଦ୍ର ଚଳଚ୍ଚିତ୍ର ସହିତ ଆରମ୍ଭ ହୋଇଥିଲା, ଯେଉଁଥିରେ ଡିଜିଟାଲ୍ ସାକ୍ଷରତା, ଶିକ୍ଷକ ତାଲିମ, ଇ-ଗଭର୍ଣ୍ଣାନ୍ସ ପ୍ରକଳ୍ପ, ସ୍କୁଲ ପିଲାମାନଙ୍କ ପାଇଁ ଡିଜିଟାଲ୍ ଶିକ୍ଷଣ ବିଷୟବସ୍ତୁ ଏବଂ ମହିଳା ସଶକ୍ତୀକରଣ ପଦକ୍ଷେପର ସଫଳତାର କାହାଣୀ ଉପରେ ଆଲୋକପାତ କରାଯାଇଥିଲା। ପରିଚାଳନା ନିର୍ଦ୍ଦେଶକ ଡ. ମନୋରଞ୍ଜନ ପୁଥାଲଙ୍କ ନେତୃତ୍ୱରେ କେକ୍ କଟାଯାଇଥିଲା। ୨୦୧୧ ମସିହା ସେପ୍ଟେମ୍ବର ୧୨ରେ ଓକେସିଏଲ୍ ପ୍ରତିଷ୍ଠା ହେବା ପରଠାରୁ ଏହାର ଯାତ୍ରାର ସ୍ମୃତିକୁ ନିର୍ଦ୍ଦେଶକ ରୋମନ୍ଥନ କରିଥିଲେ। ସେ କର୍ମଚାରୀ ଏବଂ ଅଂଶୀଦାରମାନଙ୍କ ପ୍ରୟାସକୁ ପ୍ରଶଂସା କରିବା ସହିତ ସମସ୍ତଙ୍କୁ ଅଧିକ ଶକ୍ତି ସହିତ କାମ ଜାରି ରଖିବାକୁ ଆହ୍ୱାନ କରିଥିଲେ। ଭବିଷ୍ୟତକୁ ଦୃଷ୍ଟିରେ ରଖି, ଓକେସିଏଲ୍ ଗ୍ରାମାଞ୍ଚଳରେ ଏହାର ପହଞ୍ଚ ବିସ୍ତାର କରିବା, ମହିଳା ସଶକ୍ତୀକରଣ ପଦକ୍ଷେପକୁ ମଜଭୁତ୍ କରିବା ଏବଂ ଯୁବ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ବୃଦ୍ଧି କରିବା ଯୋଜନା କରିଛି ବୋଲି ସେ କହିଥିଲେ।

# କଂଗ୍ରେସର ସଂଗଠନ ସୃଜନ ଓ କର୍ମୀ ସମ୍ମିଳନୀ



**ବିଞ୍ଝାରପୁର,୧୫।୯(ସଂଚାର ବ୍ୟୁରୋ):** ବିଞ୍ଝାରପୁର ବ୍ଲକରେ ଆଜି ସଂଗଠନ ସୃଜନ ଓ କଂଗ୍ରେସ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଞ୍ଝାରପୁର କଲ୍ୟାଣ ମଣ୍ଡପ ଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ପ୍ରବୋଧ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏଆଇସିସି ପର୍ଯ୍ୟବେକ୍ଷକ ଚାରୁଲତା ଟୋକସ, ପିସିସି ପର୍ଯ୍ୟବେକ୍ଷକ ପୂର୍ବତନ ସଂସଦ ଯଶୋବନ୍ତ ନାଗୁରି, ସୃଜନ ସଂଗଠନ କମିଟି ଅତିରିକ୍ତ ପ୍ରଭାରୀ ସୁଧାଂଶୁ ଦେଓ, ଜିଲ୍ଲା ସଂଯୋଜକ ମନୋଜ ରାଉତ, କନକଲତା ମଲ୍ଲିକ, ପଦ୍ମାକର ଗୁରୁ, ପୂର୍ବତନ ରାଜ୍ୟ ମହିଳା କଂଗ୍ରେସ ସଭାପତି ବନ୍ଦିତା ପରିଡ଼ା, ପିସିସି ସଭ୍ୟ ଦେବେନ୍ଦ୍ର ପଣ୍ଡା, ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।ଏହି କାର୍ଯ୍ୟକ୍ରମ ଜରିଆରେ ଯାଜପୁର ଜିଲ୍ଲାର ନୂତନ ସଭାପତି ଚୟନ ପାଇଁ ମତାମତ ସାଧାରଣ କର୍ମୀ, ପଞ୍ଚାୟତ ଜିଲ୍ଲା ଓ ବ୍ଲକସ୍ତରୀୟ ନେତା ପର୍ଯ୍ୟବେକ୍ଷକଙ୍କୁ ଭେଟି ନିଜ ପସନ୍ଦର ନେତାଙ୍କ ପାଇଁ ମତାମତ ଦେଇଥିଲେ, ବ୍ଲକର ୨୯ ଟି ପଞ୍ଚାୟତର ପ୍ରାୟ ସହସ୍ରାଧିକ କର୍ମୀ ଯୋଗଦେଇ ମତାମତ ରଖିଥିଲେ। ଜିଲ୍ଲା ସଭାପତି ପାଇଁ ପାଖାପାଖି ୮ ରୁ ଅଧିକ ଆଶାୟୀ ରହିଥିବାବେଳେ ୬ ଜଣଙ୍କ ନାମ ଏଆଇସିସି ପାଖକୁ ପଠାଯିବ, ଏହି ନାମକୁ ନେତୃତ୍ୱ ବିଶ୍ଳେଷଣ କରିବା ପରେ ନୂତନ ସଭାପତିଙ୍କ ନାମ ଘୋଷଣା କରାଯିବ ବୋଲି ସୂଚନା ମିଳିଛି।କର୍ମୀଙ୍କ ମନରେ ବେଶ ଉତ୍ସାହ ଦେଖାଦେଇଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ସଂଘର୍ଷ କରିବାକୁ ଉପରୁ ତଳ ପର୍ଯ୍ୟନ୍ତ ସମସ୍ତ ପ୍ରଚେଷ୍ଟା କରିବା ଏବଂ ଦଳର ବାର୍ତ୍ତାକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ମତ ପ୍ରକାଶ ପାଇଥିଲା।

# ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଆଣ୍ଠୁଏ ପାଣି

**କେସିଙ୍ଗା,୧୫।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ କସ୍ତୁପଡ଼ା ପଞ୍ଚାୟତର ଏନ୍ଏଚ୍ ୨୬ ପାର୍ଶ୍ୱରେ ସ୍ଥାପିତ ହୋଇଥିବା ଅଙ୍ଗନବାଡ଼ି କେନ୍ଦ୍ରର ମୁଖ୍ୟ ରାସ୍ତାରେ ଆଣ୍ଠୁଏ ବର୍ଷାପାଣି ଜମି ରହୁଥିବାରୁ କୋମଳମତି ଛାତ୍ରୀଛାତ୍ରଙ୍କ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ଦେଖାଦେଇ ଥିବାରୁ ଏହାର ସମସ୍ୟା ପାଇଁ ଜିଲାପାଳ, ବିଡିଓ, ସ୍ଥାନୀୟ ସରପଞ୍ଚଙ୍କ ନିକଟରେ ଗ୍ରାମବାସୀଙ୍କ ସମେତ ମହିଳା ଗ୍ରୁପର ସଦସ୍ୟା ଲିଖିତ ଅଭିଯୋଗ କରିଥିବାର ଜଣାପଡ଼ିଛି। ବିନେକେଲା ଗ୍ରାମରେ ବର୍ଷାଋତୁରେ ମୁଖ୍ୟ ରାସ୍ତା ଉପରେ ପାଣି ଜମି ରହୁଥିବାରୁ ଗମନାଗମନ କ୍ଷେତ୍ରରେ ଘୋର ସମସ୍ୟା ହେଉଛି। ଗ୍ରାମର କେତେ ଜଣ ସରକାରୀ ଜମିକୁ ଜବରଦଖଲ କରିଛନ୍ତି। ନିମ୍ନମାନର ଡ୍ରେନେଜ ନିର୍ମାଣ ହୋଇଥିବାରୁ ବର୍ଷାପାଣି ସ୍ଥାନେସ୍ଥାନେ ଜମି ରହୁଛି। ପାଣି ନିଷ୍କାସନ ପାଇଁ ବ୍ୟବସ୍ଥା କରାଯାଉନାହିଁ। ରାସ୍ତାରେ ପାଣି ଜମି ରହୁଥିବା ଦୃଶ୍ୟ ସ୍ପଷ୍ଟ ଦେଖାଯାଉଛି। ଗ୍ରାମରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ବର୍ଷା ପାଣି ଜମି ରହୁଥିବାରୁ କୁନିକୁନି କୋମଳମତି ଶିଶୁମାନେ ଅଙ୍ଗନବାଡ଼ି କେନ୍ଦ୍ରକୁ ଯିବା ଆସିବାବେଳେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କେତେବେଳେ ଶିଶୁମାନେ ଭାରସାମ୍ୟ ହରାଇ କାଦୁଅରେ ଗୋଡ଼ ଖସି ପଡ଼ିଯାଉଛନ୍ତି। ଯାହା ଫଳରେ ଅଙ୍ଗନବାଡ଼ି ଦିଦିଙ୍କ ସମେତ କେନ୍ଦ୍ରରେ ପାଠ ପଢ଼ିବା ପାଇଁ ଯାଉଥିବା କୁନିକୁନି ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପିଲାମାନେ ଆଣ୍ଠୁଏ ପାଣି ପାର ହୋଇ କେନ୍ଦ୍ରକୁ ଯାଉଛନ୍ତି। ଉକ୍ତ ସମସ୍ୟା ଉପରେ ସ୍ଥାନୀୟ ସରପଞ୍ଚଙ୍କଠାରୁ ଆରମ୍ଭ କରି କେସିଙ୍ଗା ବିଡିଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କିଛି ସମାଧାନ ହେଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶେଷରେ ଗ୍ରାମବାସୀଙ୍କ ସମେତ କିଛି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଜିଲାପାଳଙ୍କୁ ସାକ୍ଷାତ କରି ସମସ୍ୟାର ସମାଧାନ ପାଇଁ ଲିଖିତ ଅଭିଯୋଗ କରିଛନ୍ତି। ବର୍ଷାଋତୁ ସରିବାକୁ ବସିଲାଣି କିନ୍ତୁ ଆଜି ପର୍ଯ୍ୟନ୍ତ ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଜମି ରହୁଥିବା ପାଣିର ସମସ୍ୟା ଦୂର ହୋଇନାହିଁ। ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ମଧ୍ୟ ନଜର ପଡୁଛି ନା ସ୍ଥାନୀୟ ଅଧିକାରୀଙ୍କ ନଜର ପଡୁଛି ନାହିଁ। ଏହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ଯଥାଶୀଘ୍ର ଅଙ୍ଗନବାଡ଼ି କେନ୍ଦ୍ର ସମ୍ମୁଖରେ ଥିବା ପାଣିକୁ ନିଷ୍କାସନ କରିବାର ପାଇଁ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି ଗ୍ରାମବାସୀ। ପାଣିକୁ ନିଷ୍କାସନ କରିବା ପାଇଁ ଡ୍ରେନେଜ୍ ସୁବିଧା କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁଙ୍କୁ ପଚାରିବାରୁ ସ୍ଥାନୀୟ ସରପଞ୍ଚଙ୍କୁ କହିବି ତୁରନ୍ତ ସମାଧାନ କରାଯିବ ବୋଲି ପ୍ରକାଶ କରିଥିଲେ।



# ଜୟପୁରରେ ଦେଖିବାକୁ ମିଳିଲା ଉଡ଼ନ୍ତା ସାପ

**ଜୟପୁର,୧୫।୯ (ସଂଚାର ବ୍ୟୁରୋ):** ପ୍ରଥମଥର ପାଇଁ ଜୟପୁର ସହରରେ ଉଡ଼ନ୍ତା ସାପ ଉଦ୍ଧାର କରାଯାଇଛି। ସୋମବାର ସକାଳେ ସ୍ଥାନୀୟ ଗୌଡ଼ସାହିର ଜନୈକ ବ୍ୟକ୍ତିଙ୍କ ବାଥ୍‌ରୁମ୍ ଭିତରେ ଗୋଟିଏ ସାପ ପଶିଥିବା ନେଇ ସୂଚନା ପାଇବା ପରେ ସଂସ୍ଥାପକ କୃଷ୍ଣ କେଶବ ଷଡ଼ଙ୍ଗୀ ଓ ତାଙ୍କ ସହଯୋଗୀ ଚନ୍ଦନ ଭିମିଡ଼ି ରୁବେନଙ୍କ ସହିତ ମିଶି ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚି ଏହା ଏକ ଉଡ଼ନ୍ତା ଚିତି ସାପ ବୋଲି ଚିହ୍ନଟ କରି ସାପଟିକୁ ଉଦ୍ଧାର କରିଥିଲେ।



ପରବର୍ତ୍ତୀ ସମୟରେ ଜୟପୁର ବନଖଣ୍ଡର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସାପଟିକୁ ନିକଟସ୍ଥ ସୁରକ୍ଷିତ ସ୍ଥାନରେ ଛଡ଼ାଯାଇଥିଲା।

# ଭକ୍ତିମୟ ପରିବେଶରେ ପାଳନ ହେଲା ମା'ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ

## ଶ୍ରଦ୍ଧାଳୁଙ୍କ ସହ ମା'ଙ୍କୁ ଦର୍ଶନ କଲେ ମହାରାଜ ଅନନ୍ତ ପ୍ରତାପ ଦେଓ



**କଳାହାଣ୍ଡି,୧୫।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ଜୁନାଗଡ଼ର ଅଧିଷ୍ଠାତ୍ରୀ ଦେବୀ ମା' ଲଙ୍କେଶ୍ୱରୀଙ୍କ ଖଣ୍ଡାବସା ପର୍ବ ରବିବାର ମହାସମାରୋହରେ ପାଳିତ ହୋଇଯାଇଛି। କଳାହାଣ୍ଡି ମହାରାଜ ଅନନ୍ତ ପ୍ରତାପ ଦେଓଙ୍କ ଉପସ୍ଥିତିରେ ଏହି ପର୍ବ ପାଳିତ ହୋଇଥିଲା। ଶ୍ରଦ୍ଧାଳୁ, ଭକ୍ତମାନେ ମା'ଙ୍କ ଦର୍ଶନ ସିଧାସଳଖ ଭାବେ କରିଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ୬ଟା ୧୫ରେ ମା' ଲଙ୍କେଶ୍ୱରୀଙ୍କ ମନ୍ଦିରରୁ ସ୍ଥାନୀୟ ଘଣ୍ଟ ଦଳ ସହ ଏକ ଶୋଭାଯାତ୍ରାରେ ପୂଜକ ମା'ଙ୍କ ପାଟଖଣ୍ଡାକୁ ଧରି ନିକଟ ଡାକବଙ୍ଗଳାରେ ତିଆରି ଅସ୍ଥାୟୀ ଝୁପୁଡି କୁଡିଆ ଘରକୁ ନେଇଥିଲେ। ସେହିପରି ବୁଢାରଜା ମନ୍ଦିରରୁ ଶଙ୍ଖୁଆରୀ ଆଉ ଏକ ଖଣ୍ଡା ଧରି ସେଠାକୁ ଆଣିଥିଲେ। ଉପରୋକ୍ତ ଅସ୍ଥାୟୀ ଘରେ ମା ଲଙ୍କେଶ୍ୱରୀଙ୍କ ପାଟଖଣ୍ଡା ଓ ବୁଢା ରଜାଙ୍କ ଖଣ୍ଡାକୁ ସ୍ୱର୍ଣ୍ଣକାର ବାଳକୃଷ୍ଣ ଆଚାରୀ ପୂଜାର୍ଚ୍ଚନା କରି ମାର୍ଜନା କରିଥିଲେ। ମାର୍ଜନା ପରେ ଲଙ୍କେଶ୍ୱରୀ ମନ୍ଦିର ପୂଜକ ମା'ଙ୍କ ଖଣ୍ଡାକୁ ଧରି ଲଙ୍କେଶ୍ୱରୀ ମନ୍ଦିରକୁ ଯାଇଥିଲେ। ସେହିପରି ଶଙ୍ଖୁଆରୀ ମା'ଲଙ୍କେଶ୍ୱରୀଙ୍କ ପାଟଖଣ୍ଡାକୁ ମାର୍ଜନ ପାଇଁ ମଧ୍ୟ ତାଙ୍କ ଖଣ୍ଡାକୁ ନେଇ ବୁଢାରଜା ମନ୍ଦିରକୁ ଯାଇଥିଲେ। ମା' ଲଙ୍କେଶ୍ୱରୀଙ୍କ ପାରମ୍ପରିକ ରୀତିନୀତିରେ ପୂଜାର୍ଚ୍ଚନା ପରେ ରାତି ୯ ଟା ୧୫ରେ ମା'ଙ୍କ ପାଟଖଣ୍ଡାକୁ ଚାଉଳ ଉପରେ ବସାଯାଇଥିଲା।

# ଜିଲ୍ଲାସ୍ତରୀୟ ସମୂହ ହକି ଓ ଭାରୋତ୍ତଳନ ଚୟନ ପ୍ରତିଯୋଗିତା

**ସୁନ୍ଦରଗଡ଼,୧୫।୯(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ଭାରୋତ୍ତଳନ ୧୪ ବର୍ଷରୁ କମ୍ ଏବଂ ୧୭ ବର୍ଷରୁ କମ ବାଳକ ବାଳିକା ମାନଙ୍କର ଚୟନ ପ୍ରକ୍ରିୟା ବିର୍ସା ମୁଣ୍ଡା ନୋଡାଲ ବିଦ୍ୟାପୀଠ ତତ୍ତ୍ୱାବଧାନରେ ୨୦୨୫ ସେପ୍ଟେମ୍ବର ୧୩ ଓ ୧୫ ତାରିଖରେ ଅନୁଷ୍ଠିତ ହୋଇ ଯାଇଅଛି। ଏହି ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଡେପୁଟି ଡାଇରେକ୍ଟର ସୁଦୀପ୍ତ ନାଏକ ପ୍ରତିଯୋଗୀ ମାନଙ୍କୁ କ୍ରୀଡ଼ାର ମହନୀୟତା ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ସ୍ୱତନ୍ତ୍ର ପ୍ରଶାସନିକ ଅଧିକାରୀ କାହ୍ନୁଚରଣ ଚୌଧୁରୀ, ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ ଉତ୍କୃଷ୍ଟ କେନ୍ଦ୍ରର ପ୍ରଧାନ ଶିକ୍ଷିକା ଗାୟତ୍ରୀ ସେଠି, ସରକାରୀ ଉଚ୍ଚ ବିଦ୍ୟାଳୟ ସେକ୍ଟର -୬ର ପ୍ରଧାନ ଶିକ୍ଷକ ସହଦେବ ମହାକୁଡ, ବିଦ୍ୟୁତ କଲୋନୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ସିଂହ ଉପସ୍ଥିତ ରହି ଛାତ୍ରଛାତ୍ରୀ ମାନଙ୍କୁ କ୍ରୀଡ଼ାର ସମ୍ପର୍କରେ ସେତୁ ଗଢିବାର ଗୁରୁମନ୍ତ୍ର ପ୍ରଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସଦାନନ୍ଦ ପଧାନ ସୁନ୍ଦରଗଡ଼ଙ୍କ ସଭାପତିତ୍ୱରେ ଓ ବିଶ୍ରା ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁପ୍ରଭାତ କୁମାର ବେହେରା ଏବଂ ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ଅଜୟ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲା ସ୍ତରୀୟ ଚୟନ ପ୍ରକ୍ରିୟା ସୁନ୍ଦର ଭାବରେ ପରିଚାଳିତ ହୋଇଥିଲା।




# 'ଶିଶୁଙ୍କ ପାଇଁ ଦିନଟିଏ' କାର୍ଯ୍ୟକ୍ରମ

**ଓଡ଼ଗାଁ,୧୫।୯(ସଂଚାର ବ୍ୟୁରୋ):** ଓଡ଼ଗାଁ ବ୍ଲକ୍ ସମ୍ମିଳନୀ କକ୍ଷରେ ସମସ୍ତ ସରକାରୀ, ବେସରକାରୀ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟରେ ଗଠନ କରାଯାଇଥିବା ଆଇସିସିର ସଦସ୍ୟ ତଥା ପ୍ରଧାନଶିକ୍ଷକମାନଙ୍କ ସହ ବ୍ଲକ୍ ଅଧୀନରେ ଥିବା ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚଙ୍କ ସମେତ ପ୍ରାୟ ୧୫୦ ଜଣ ସଦସ୍ୟଙ୍କୁ ନେଇ ଶିଶୁମାନଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ତହସିଲଦାର ଡ.ମାନସ ରଂଜନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁ, ମହିଳା ଓ ଶିଶୁ ବିକାଶ ଅଧିକାରୀ ଲହଡିମାଳା ପ୍ରଧାନ ଏବଂ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଉଭୟ ଅତିରିକ୍ତ ଶିକ୍ଷା ଅଧିକାରୀ ରାଜକିଶୋର ସାହୁ ଏବଂ ରଘୁନାଥ ମଲ୍ଲିକଙ୍କ ସମେତ ସିଆରସିସି ନରେଶ ପାଣିଗ୍ରାହୀ ଓ ଯଶୋବନ୍ତ ପଟ୍ଟନାୟକ ଯୋଗ ଦେଇଥିଲେ।ଉକ୍ତ ବୈଠକରେ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ତଥା ରୂପରେଖ ସମ୍ପର୍କରେ ଆଲୋଚନା ସହ ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟରେ ମହିଳା ମାନଙ୍କ ସୁରକ୍ଷା ଉପରେ ସଚେତନ କରାଯାଇଥିଲା।ବିଶେଷ କରି ମହିଳା ମାନେ ନିଜେ ନିଜକୁ ସଶକ୍ତ କରିବା ଉଚିତ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।

# ହିରାଲାଲ ହାଇସ୍କୁଲର ସହକାରୀ ଶିକ୍ଷକଙ୍କ ଦେହାନ୍ତ

**ବେତନଟୀ,୧୫।୯(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ହିରାଲାଲ ହାଇସ୍କୁଲ ରେ ଶିକ୍ଷକତା କରୁଥିବା ତାରାଣା ଗ୍ରାମର ଅଧିବାସୀ ତପନ କୁମାର ମହାନ୍ତ ମଟର ସାଇକେଲ ଯୋଗେ ବିଦ୍ୟାଳୟକୁ ଆସୁଥିବା ସମୟରେ ରାଗଧା ନିକଟରେ ସଡ଼କ ଦୁର୍ଘଟଣା ରେ ଗଭିର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ପି ଆର ଏମ ମେଡିକାଲ କଲେଜ କୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ କଳା ବିଭାଗରେ ସହକାରୀ ଶିକ୍ଷକ ଭାବରେ କାର୍ଯ୍ୟ କରୁଥିଲେ। ବେତନଟୀ କଲେଜ୍ ଛାତ୍ର ସଂସଦର ପୂର୍ବତନ ସଭାପତି ଥିଲେ। ମୃତ ଖବର ପ୍ରସାରିତ ହେବା ପରେ ବେତନଟୀ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଓଷ୍ଟା ସଂଘ ର ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ, ବ୍ଲକ୍ ସଭାପତି ଶିଶିର କୁମାର ନାୟକ, ସଂପାଦକ ସୂର୍ଯ୍ୟାନନ୍ଦ ନାୟକ, ହିରାଲାଲ ହାଇସ୍କୁଲର ସମସ୍ତ ଶିକ୍ଷକ ଓ କର୍ମଚାରୀଙ୍କ ସମେତ ବ୍ଲକ୍ ର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ପରିବାର ବର୍ଗଙ୍କୁ ସମବେଦନା ଜଣାଇବା ସହ ଆମର ଆତ୍ମା ର ସଦଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ତାଳ ମିଶନ, ଜଙ୍ଗଲ ଅଧିକାରୀଙ୍କ ସହଯୋଗ



**ବୈଶିଙ୍ଗା,୧୫।୯(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟ, ରାଇ କମା ଆଶ୍ରମ ବିଦ୍ୟାଳୟ ଓ ବେତନଟୀ ବନାଞ୍ଚଳ ର ମିଳିତ ଆନୁକୁଲ୍ୟରେ ତାଳ ମିଶନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଦୁଇ ବିଦ୍ୟାଳୟର ପ୍ରାୟ ୭୦୦ ରୁ ଅଧିକ ଛାତ୍ର ଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ ଏବଂ ବନବିଭାଗ ର ବହୁ ଅଧିକାରୀ ଏକ ବିରାଟ ଜନସଚେତନତା ରାଲି ରେ ତାଳ ମିଶନ ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧୀୟ ସ୍ଲୋଗାନ ଦେଇ ଗ୍ରାମ ପରିକ୍ରମା କରି ଥିଲେ। ଏହାପରେ ସମସ୍ତ ଛାତ୍ର ଛାତ୍ରୀ ଗୋଟିଏ ଗୋଟିଏ କରି ୭୦୦ତାଳ ମଞ୍ଜି ରାସ୍ତାର ଦୁଇ ପାର୍ଶ୍ୱରେ ରୋପଣ କରିଥିଲେ। ବିଦ୍ୟାଳୟର ପ୍ରଧାଶିକ୍ଷକ ଶ୍ରୀ ଅଜିତ୍ କୁମାର ଜେନା ଓ ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଜତ କୁମାର ଦାଶ ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେତନଟୀ ବନାଞ୍ଚଳ ଅଧିକାରୀ ମନ୍ନୁଓ୍ୱାର ଖାଁ, ଓଡ଼ିଶା ବନାଞ୍ଚଳ ପ୍ରକଳ୍ପ ପର୍ଯ୍ୟାୟ -୨ ର ଜୀବନ ଜୀବିକା ସଂଯୋଜକ ନିହାର ରଞ୍ଜନ ସାମଲ, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ ଭୁବନେଶ୍ୱରର ଶିକ୍ଷା ନବିଶ ଶୁଭାଶିଷ ମହାପାତ୍ର, ମନିସ ଚୌଧୁରୀ, ପ୍ରଭୁ ଦତ୍ତ ଲୁହା, ଠାକୁରଡୋଟା ବନରକ୍ଷି ସସ୍ମିତା ଦଲେଇ, ବଡାମ ପୁର ବନରକ୍ଷୀ ନମିତା ସେଠୀ ପ୍ରମୁଖ ଉପସ୍ଥିତ ରହି ଛାତ୍ର ଛାତ୍ରୀ ମାନଙ୍କୁ ମାର୍ଗ ଦର୍ଶନ ପ୍ରଦାନ ପୂର୍ବକ ଉତ୍ସାହିତ କରିଥିଲେ। ଏହି ବିଶିଷ୍ଟ କାର୍ଯ୍ୟ କ୍ରମରେ ବିଦ୍ୟାଳୟର ଶିକ୍ଷକ ନିରଞ୍ଜନ ବାରିକ୍, ହରେକୃଷ୍ଣ ମହାନ୍ତ, ସୁଭବନ୍ତ ନାୟକ, ସରସ୍ୱତୀ ଜେନା, ପ୍ରତିମା ପରିଡ଼ା, ସୁକାନ୍ତି ବିଶ୍ୱାଳ, ନୀଳାଖୀ ଦାସ, ଓ ସୁବାସିନି ପରିଡା ସକ୍ରିୟ ଅଂଶଗ୍ରହଣ କରି କାର୍ଯ୍ୟ କ୍ରମକୁ ସଫଳ କରିଥିଲେ।

# ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ ସ୍ୱାସ୍ଥ୍ୟକେନ୍ଦ୍ର ଉଦଘାଟିତ



**କଣାସ,୧୫।୯(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଦେଇପୁର ଗ୍ରାମପଞ୍ଚାୟତ ତେଲେଙ୍ଗାପଡ଼ା ଗ୍ରାମରେ ଆଜି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉପ ସ୍ୱାସ୍ଥ୍ୟ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ପୁରୀ ସାଂସଦ ଡ. ସମ୍ବିତ ପାତ୍ର ଓ ସତ୍ୟବାଦୀ ଯୁବ ବିଧାୟକ ଓମ୍ ପ୍ରକାଶ ମିଶ୍ର ଅତିଥି ଭାବେ ଯୋଗଦେଇ ଆରୋଗ୍ୟ କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ସମୟରେ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କ୍ଷେମାନିଧି ସେଠି, ଜିଲ୍ଲା ପରିଷଦ ସଭ୍ୟା ଲତାମଣି ଜଗଦେବ, କଣାସ ସରପଞ୍ଚ ଭଗବାନ ସୁବୁଦ୍ଧି, ସାହୁପଡ଼ା ସରପଞ୍ଚ ଭିକାରି ବଳିୟାରସିଂହ ଏବଂ କେତେକ ଲୋକ ପ୍ରତିନିଧି ଉପସ୍ଥିତ ରହିଥିଲେ।

# ଭୂମି ହୀନ ଜଟିଆ ସେଠିକୁ ଘରପଟ୍ଟା ଓ ଆବାସ ଗୃହ ମିଳବ କେବେ

- ୪୦ବର୍ଷ ଧରି ଜରିପାଲ ଗୃହରେ ଜଟିଆର ପରିବାର

**କଣାସ,୧୫।୯(ସଂଚାର ବ୍ୟୁରୋ):** ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତିକ ଭୂମି ହିନ୍ନ ଲୋକକୁ ଗୃହ ନିର୍ମାଣ ପାଇଁ ଜମି ଓ ଆବସ ଗୃହ ଯୋଗାଇ ଦେଉଥିବା ଗଣମାଧ୍ୟମରେ ଢେଙ୍ଗୁରା ପିଟୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକ କଣାସ ଗ୍ରାମପଞ୍ଚାୟତର ଚାନ୍ଦପଡ଼ା ଗ୍ରାମରେ ଦଳିତ ପରିବାର ଜଟିଆ ସେଠି ର ନିଜସ୍ୱ



ଜାଗା ନ ଥିବାରୁ ସରକାରୀ ଜାଗାରେ ଜରିପାଲ ପକାଇ ଦୀର୍ଘ ଦିନ ଧରି ଜଟିଆ ତାଙ୍କର ପତ୍ନୀ ଅଖାରୀ, ପୁଅ, ଝିଅ ୪ପ୍ରାଣି ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ୧୯୯୯ ମହାବାତ୍ୟା, ଫନି, ହୁଡୁହୁଡୁ, ଫନି ସାମୁଦ୍ରୀକ ଝଡରେ ଜରିପାଲ ଗୃହ ଧରାଶାୟୀ ହେବା। ତହସିଲଦାର, ବିଡିଓ ତଦନ୍ତ କରିଥିଲେ ମଧ୍ୟ ସରକାରୀ ଜାଗାରେ ଜରିପାଲ ଟଣା ଗୃହ ଧରାଶାୟୀ ହୋଇଥିଲେ ମଧ୍ୟ ଆର୍ଥିକ ସହାୟତା ଦେଇ ନ ଥିଲେ। ସେହିପରି କଣାସ ବ୍ଲକରେ ଅନେକ ଅସହାୟ ଦିନ ମଜୁରିଆଙ୍କ ନିଜସ୍ୱ ଜାଗା ନ ଥିବାରୁ ଆବାସ ଗୃହରୁ ଆବସଗୃହରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି। ଜଟିଆ ବାରମ୍ବାର ଜାଗା ଏବଂ ଆବସ ଗୃହ ପାଇଁ ତହସିଲଦାର ଓ ବିଡିଓ ଙ୍କ ନିକଟରେ ଦାବିକରି ଆସିଥିଲେ ମଧ୍ୟ ନିରାଶ ହୋଇ ରହିଛି। ତୁରନ୍ତ ଜଟିଆକୁ ବାସଗୃହ ପାଇଁ ଜାଗା ଦେବାସହ ଆବସଗୃହ ଯୋଗାଇ ଦେବା ପାଇଁ ଗ୍ରାମବାସୀ ଦାବୀ କରିଛନ୍ତି। ଏ ସମ୍ପର୍କରେ ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ପାଚରିବା ସେ କୁହନ୍ତି ଜଟିଆ ସେଠିର ନିଜସ୍ୱ ଜାଗା ନ ଥିବା ହେତୁ ଆବସ ଗୃହ ପାଇବାର ବଞ୍ଚିତ ହେଉଛି। କିପରି ଘରଡିହ ଓ ଆବସଗୃହ ପାଇବ ମୁଁ ଚେଷ୍ଟା କରୁଛି।

# ୨ କୁଇଣ୍ଟାଲ ୧୦ କିଲୋ ଗଞ୍ଜେଇ ଜବତ

**ମୋହନା,୧୫।୯(ସଂଚାର ବ୍ୟୁରୋ):** ଗଜପତି ଜିଲା ମୋହନା ଥାନା ଶିକୁଳିପଦର ନିକଟରେ ୨ କୁଇଣ୍ଟାଲ ୧୦ କିଲୋ ଗଞ୍ଜେଇ ଜବତ କରିଛି ପୋଲିସ। ଏହି ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଶିକୁଳିପଦର ଗାଁର ବୁଡୁ ରଇତ(୪୭) ବୋଲି ଥାନା ଅଧିକାରୀ ବସନ୍ତ ସେଠୀ କହିଛନ୍ତି । ପୋଲିସ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ଏସପି ଯତୀନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶ କ୍ରମେ ମୋହନା ଥାନା ଅଧିକାରୀ ବସନ୍ତ ସେଠୀ ଓ ଟିମ ଶିକୁଳିପଦର ଗ୍ରାମ ନିକଟସ୍ଥ ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ରାସ୍ତା କଡରେ ଗାଡିକୁ ଅପେକ୍ଷା କରିଥିବା ଜଣେ ବ୍ୟକ୍ତିକୁ ଦେଖି ସନ୍ଦେହ ହୋଇଥିଲା । ପରେ ବ୍ୟକ୍ତିକୁ ଅଟକାଇ ଯାଞ୍ଚ କରିଥିଲେ। ତାଙ୍କ ନିକଟରୁ ୭ଟି ବସ୍ତାରୁ ୨ କୁଇଣ୍ଟାଲ ୧୦ କିଲୋ ଗଞ୍ଜେଇ ଜବତ କରିଛି ପୋଲିସ । ଜବତ ଗଞ୍ଜେଇର ମୂଲ୍ୟ ୨୦ ଲକ୍ଷ ଟଙ୍କା ହେବ । ମୋହନା ଥାନାରେ ୧୫୮/୨୫ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ କହିଛନ୍ତି ।

# ଜୟପାଟଣାରେ ବ୍ଲକସ୍ତରୀୟ ଯୁଗ୍ମ ଜନଶୁଣାଣି ଶିବିର



**ଭବାନୀପାଟଣା,୧୫।୯(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୟପାଟଣା ଠାରେ ବ୍ଲକସ୍ତରୀୟ କଳାହାଣ୍ଡି ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକ ଙ୍କ ଯୁଗ୍ମ ଜନଶୁଣାଣୀ ଓ ସମାଧାନ ଶିବିର ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ ଅନୁଷ୍ଠିତ ହୋଇଥିଲା। ଏହି ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ପାଓ୍ୱାର ସଚିନ ପ୍ରକାଶ ଯୋଗଦେଇ ଲୋକଙ୍କର ଆପତ୍ତି ଅଭିଯୋଗର ଶୁଣାଣୀ କରିଥିଲେ। ଏହି ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୭୩ ଗୋଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୪୮ ଗୋଟି ଓ ସାମୂହିକ ୨୩ ଗୋଟି ରହିଥିବା ବେଳେ ୧୬ ଗୋଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୨ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଏହି ଶିବିରରେ ପ୍ରଧାନମନ୍ତ୍ରୀ ଆବାସ, ଭତ୍ତା, ପାନୀୟଜଳ, ରାସ୍ତା ନିର୍ମାଣ, ଆର୍ଥିକ ସହାୟତା, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ଅବକାରୀ ବିଦ୍ୟୁତ୍, ଜଳଛାୟା, ସମବାୟ, ବ୍ୟାଙ୍କ ତହସିଲ, ବ୍ଲକ ଇତ୍ୟାଦି ସମ୍ବନ୍ଧୀୟ ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ଏହି ସବୁ ସମସ୍ୟାର ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ଏଥି ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ।

# କୋକସରାକୁ ଏନ୍ଏସସି ଘୋଷଣା ଦାବିରେ ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**ଭବାନୀପାଟଣା,୧୫।୯ (ସଂଚାର ବ୍ୟୁରୋ):** ନିକଟରେ କଳାହାଣ୍ଡି ଜିଲ୍ଲାର ଜୟପାଟଣା ଓ ନର୍ଲା କୁ ରାଜ୍ୟ ସରକାର ଏନଏସସି ଘୋଷଣା କରିଛନ୍ତି। ତେବେ ଜିଲ୍ଲା ର ଅନ୍ୟତମ ବ୍ଲକ କୋକସରା ସଦର ମହକୁମା କୋକସରା ମଧ୍ୟ ଏହି ମାନଦଣ୍ଡ ରେ ଯୋଗ୍ୟତା ଥିବାରୁ ସୋମବାର କୋକସରା ବ୍ଲକ ସଚେତନ ମଞ୍ଚ ପକ୍ଷରୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବି ରେ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏକ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ତହସିଲଦାର ମୋହନ ଚରଣ ଜେନା ଙ୍କୁ ପ୍ରଦାନ କରାଯାଇଛି। କୋକସରା ସର୍ବ ପୁରାତନ ଗ୍ରାମ ପଞ୍ଚାୟତ ସୀମା ନିର୍ଦ୍ଧାରଣ ପୂର୍ବରୁ କୋକସରା ନିର୍ବାଚନ ମଣ୍ଡଳୀ ରହିଥିଲା। ବର୍ତ୍ତମାନ କୋକସରା ସହର କ୍ରମ ବର୍ଦ୍ଧିତ ଭାବେ ଜନସଂଖ୍ୟା ଓ ସହର ବୃଦ୍ଧି ପାଇବା ସହ ନୂତନ ସରକାରୀ ବେସରକାରୀ କାର୍ଯ୍ୟାଳୟ ପ୍ରତିଷ୍ଠା ହେଉଛି। ଜାତୀୟ ରାଜପଥ ୨୬ ସଂଯୋଗ କରୁଥିବା ବେଳେ କେନ୍ଦ୍ର ସରକାରଙ୍କ ଅନୁମୋଦନ ପରେ ଜୁନାଗଡ ନବରଙ୍ଗପୁର ରେଳ ଲାଇନ ପ୍ରକଳ୍ପ କାର୍ଯ୍ୟ ମଧ୍ୟ ଏହି ସହର ଦେଇ ଯିବାର ପ୍ରସ୍ତାବ ରହିଛି। କୋକସରା ଠାରେ ବ୍ଲକ କାର୍ଯ୍ୟାଳୟ,ତହସିଲ କାର୍ଯ୍ୟାଳୟ, ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ବିଭିନ୍ନ ବ୍ୟାଙ୍କ, ସ୍କୁଲ କଲେଜ,ଅଗ୍ନିଶମ ବିଭାଗ, କୃଷି ଓ ଉଦ୍ୟାନ କୃଷି ବିଭାଗ, ପୋଲିସ ଷ୍ଟେସନ, ନ୍ୟାୟାଳୟ ଓ ଅନ୍ୟ କାର୍ଯ୍ୟାଳୟ ରହିଥିବାରୁ ଅନେକ ଉଚ୍ଚ ପଦସ୍ଥ ଅଧିକାରୀ ଅବସ୍ଥାନ କରୁଛନ୍ତି। ପଡୋଶୀ ୨ ଟି ପଞ୍ଚାୟତ କୋକସରା କୁ ଲାଗି ରହିଛି ଓ ବିଜ୍ଞାପିତ ଅଞ୍ଚଳ ର ଜନସଂଖ୍ୟା ମାନଦଣ୍ଡ ଯୋଗ୍ୟତା ପୂରଣ କରୁଛି। କ୍ରମ ବର୍ଦ୍ଧିତ ସହର ରେ ସହର ର ଉନ୍ନତ ବଜାର ବ୍ୟବସ୍ଥା,ଆଲୋକୀକରଣ, ପାନୀୟ ଜଳ ପରିଚାଳନା,ଉନ୍ନତ ମାନର ଡ୍ରେନେଜ,ପରିମଳ ବ୍ୟବସ୍ଥା ର ସୁପରିଚାଳନା,କ୍ରୀଡା ଓ ପ୍ରମୋଦ ଉଦ୍ୟାନ ଭଳି ଭିତ୍ତିଭୂମି ର ପରିକଳ୍ପନା ସୀମିତ ଅନୁଦାନ ଓ ମାନବ ସମ୍ବଳ ଯୋଗୁ ସମ୍ଭବ ପର ହେଉନଥିବା ବେଳେ ବିଜ୍ଞାପିତ ଅଞ୍ଚଳ ହେଲେ ସାମଗ୍ରିକ ବିକାଶ ଧାରା ରେ ଯୋଡ଼ିହେବ ଏନେଇ ଦାବିପତ୍ର ରେ ଉଲ୍ଲେଖ କରିଛନ୍ତି। କୋକସରା ଗ୍ରାମ ପଞ୍ଚାୟତ ର ଶତାଧିକ ଲୋକଙ୍କ ଦସ୍ତଖତ ସମ୍ବଳିତ ଥିବା ଦାବିପତ୍ର ପ୍ରଦାନ ସମୟରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ମିନିକେତନ ପ୍ରଧାନୀ, ଶ୍ରୀନିବାସ ପ୍ରଧାନୀ, ନିରଞ୍ଜନ ନେଗି,ତ୍ରିଭୁବନ ନାଏକ, କ୍ଷୀରସିନ୍ଧୁ ନେଗି, ମହେଶ କୁମାର ଗୁପ୍ତା, ଗୁଣନିଧି ବାଗ, କିଶନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



# ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ଜୋରଦାର

**ପାରାଦୀପ,୧୫।୯(ସଂଚାର ବ୍ୟୁରୋ):** ସୃଷ୍ଟିର ଅନନ୍ୟ ବିନ୍ଧାଣି ଦେବଶିଳ୍ପୀ ପ୍ରଭୁ ଶ୍ରୀ ବିଶ୍ୱକର୍ମାଙ୍କ ଆରାଧନା ପାଇଁ ଏବେ ଚଳଚଂଚଳ ବନ୍ଦର ନଗରୀ ପାରାଦୀପ। ନିଜ ଶିଳ୍ପ ଓ କାରଖାନାର ତଥା ଅନୁଷ୍ଠାନର ଉନ୍ନତି ନିମିତ୍ତ ପ୍ରଭୁଙ୍କୁ ପୂଜା କରିବା ପାଇଁ ସବୁ ପ୍ରକାର ପ୍ରସ୍ତୁତିରେ ଲାଗିପଡିଛନ୍ତି କର୍ମକର୍ତ୍ତା। ସୁଉଚ ତୋରଣ ସାଙ୍ଗକୁ ଚିକିମିକି ଆଲୋକ ସଜ୍ଜାରେ ସଜେଇ ହୋଇ ସାରିଲାଣି ପୂଜା ପଡିଆ। ଚଳିତ ବର୍ଷ ଗୋଟିଏ ଶ୍ରମିକ ସଂଘ ଓ ଗୋଟିଏ ଟ୍ରକ ମାଲିକ ସଂଘ ଏହି ପୂଜା ପଡ଼ିଆରୁ କୌଣସି କାରଣରୁ ନିଜକୁ ଦୁରେଇ ରଖିଥିବା ବେଳେ ପ୍ରତିବର୍ଷ ଭଳି ଅନ୍ୟ ଶ୍ରମିକ ସଂଘଠାନା , ଟ୍ରକ ମାଲିକ ସଂଘ , ବିଦୂତ ଡିପାର୍ଟମେଣ୍ଟ , ମେରାଇନ ଡିପାର୍ଟମେଣ୍ଟ ନିଜ ପୂଜା ମଣ୍ଡପକୁ ସୁନ୍ଦର ଭାବରେ ସୁସଜ୍ଜିତ କରିବାରେ ଲାଗିପଡିଛନ୍ତି। ସୁଦୂର କଲିକତା , ମହାରଷ୍ଟ୍ର ଓ ଅନ୍ୟ ରାଜ୍ୟର କାରିଗରଙ୍କ ଦ୍ୱାରା ଦୁଇମାସ ହେବ ଏହି ପୂଜା ମଣ୍ଡପ ପ୍ରସ୍ତୁତି ଚାଲି ଏବେ ଶେଷ ପର୍ଯ୍ୟାୟରେ ପହଂଚିଛି। ପ୍ରତିବର୍ଷ ପାରାଦୀପ ବିଶ୍ୱକର୍ମା ପୂଜାକୁ ନେଇ ଏକ କମ୍ପିଟେସନ ଅନୁଷ୍ଠିତ ହେଇଥିବାବେଳେ ପ୍ରଥମ ଦ୍ୱିତୀୟ ଓ ତୃତୀୟ ପୁରସ୍କାର ମେଧା , ତୋରଣ , ଆଲୋକମାଳା ଓ ମୂର୍ତ୍ତି ପାଇଁ ଦିଆଯାଇଥାଏ।







# ବର୍ଷାଦିନିଆ ନାସା-ଗଳା-କର୍ଣ୍ଣ ସଂକ୍ରମଣ ସମସ୍ୟା

**ବର୍ଷାଋତୁରେ ପ୍ରାୟତଃ ଅନେକ ଓଦାରେ ଜଡ଼ଷଡ଼ ହୋଇଯାଆନ୍ତି। ଲଗାଣ ବର୍ଷା ହେଉ ବା ଆଂଶିକ ବର୍ଷା, ଏହି ବର୍ଷା ଋତୁ କିନ୍ତୁ ବିଶେଷକରି କାନ, ନାକ ଓ ଗଳାରେ କେତେକ ସାଧାରଣ ରୋଗ ଦେଖାଇଥାଏ। ଆସନ୍ତୁ ଜାଣିବା ସେ ନେଇ କ'ଣ କହୁଛନ୍ତି ବିଶେଷଜ୍ଞ ଡାକ୍ତର।**

**ନାରାୟଣ ଚନ୍ଦ୍ର ବିଶ୍ୱାଳ**

ଆପଣଙ୍କ ପୂର୍ବରୁ କାନ ପାଚିବା ସମସ୍ୟା ଥିଲେ ଯଦି ବର୍ଷାରେ ଆପଣ ତିନ୍ତି ଯାଇ ବର୍ଷା ପାଣି ଆପଣଙ୍କ କାନ ଭିତରେ ପଶେ ତେବେ ଏହା ଅନେକ ପରିପାର୍ଶ୍ୱିକ ସମସ୍ୟା ଓ ଆପଣଙ୍କ ପୂର୍ବ କାନ ପଚାର ଯନ୍ତ୍ରଣାକୁ ଦ୍ୱିଗୁଣିତ କରିଦେଇଥାଏ। କାନରୁ ପୂଜ, ଦୁର୍ଗନ୍ଧଯୁକ୍ତ ପାଣି ବା ଲସା ବାହାରିବା କାନପଚା ରୋଗର ମୁଖ୍ୟ ଲକ୍ଷଣ। କାନ ପାଚିଲେ ଅନେକ ସମୟରେ ଅସହ୍ୟ ଯନ୍ତ୍ରଣା ହୁଏ। ବ୍ୟାକ୍ଟେରିଆ, ଭାଇରସ ଓ ଫଙ୍ଗସ ସଂକ୍ରମଣ ଏହି ରୋଗର ମୁଖ୍ୟ କାରଣ। ଯେତେ ଶୀଘ୍ର ସମ୍ଭବ ନାସା-ଗଳା-କର୍ଣ୍ଣ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଚିକିତ୍ସା ଆରମ୍ଭ କରିବା ଜରୁରୀ।

ବର୍ଷା ଋତୁରେ ପାଣିପାଗ ଥଣ୍ଡାଳିଆ ରହୁଥିବାରୁ ଏବଂ ଏହି ସମୟରେ ବର୍ଷାରେ ଭିଜିଗଲେ ଅନେକଙ୍କ ଗଳା ଦରଜ ସମସ୍ୟା ଦେଖା ଦେଇଥାଏ। କେହି କେହି ପ୍ରାଥମିକ ଭାବେ ଏହାକୁ ହାଲକା ଭାବେ ଗ୍ରହଣ କରିଥାନ୍ତି କିନ୍ତୁ ପରବର୍ତ୍ତୀ ସମୟରେ ଏହା ଅତ୍ୟନ୍ତ ଯନ୍ତ୍ରଣା ଦାୟକ ସାବ୍ୟସ୍ତ ହୋଇଥାଏ। ଗଳାର ଭିତର ପାଖରେ ଟନସିଲାଇଟିସ, ଫାରିଞ୍ଜାଇଟିସ, ଲାରିଞ୍ଜାଇଟିସ, ବ୍ରୋଙ୍କାଇଟିସ ଇତ୍ୟାଦି ରୋଗ ହେଲେ ତଣ୍ଟି ଦରଜ ହେବା ସହ ଜ୍ୱର ହୋଇଥାଏ। ତଣ୍ଟି ବସିଯାଏ। ଏହିପରି କିଛି ଲକ୍ଷଣ ଦେଖିଲେ ବିଶେଷଜ୍ଞଙ୍କ ପରାମର୍ଶ ନେଇ ଔଷଧ ଖାଇବା ଉଚିତ।

ବର୍ଷା ଦିନରେ ଅନେକ ଲୋକଙ୍କ ଠାରେ ନାକ ବୁଣ୍ଟି ହେବା ଓ ନାକରୁ ରକ୍ତ ବାହାରିବାର ସମସ୍ୟା ଦେଖାଯାଇଥାଏ। ତେବେ ମୁଖ୍ୟ କଥା ହେଉଛି, ଏ ଗୁଡ଼ିକ କ୍ରନିକ ରାଇନାଟିସ ରୋଗର କେତେକ ସାଧାରଣ ଲକ୍ଷଣ। ଏହି ରୋଗର ସାମୂହିକ ଉପଶମ ପାଇଁ ଉଷୁମ ଲୁଣ ପାଣି ପକାଇ ନାକ ଭିତରକୁ ସଫା କରିବା ଏବଂ ନାକ ବୁଣ୍ଟି ନହେବା ପାଇଁ ସାଧାରଣ ନାଜାଲ ଡ୍ରପ ପକାଇବା ଦରକାର। ଜରୁରୀ ଥିଲେ ଡାକ୍ତରଙ୍କ ପରାମର୍ଶକ୍ରମେ ଶଲ୍ୟ ଚିକିତ୍ସା ମଧ କରାଯାଇପାରେ। ତେବେ ଏହା ଆପଣଙ୍କ ସମସ୍ୟାକୁ ଦେଖି ଡାକ୍ତର ନିର୍ଣ୍ଣୟ ନେଇଥାନ୍ତି।

ସେହିପରି ଏହି ଋତୁରେ ଅନେକ ପିଲାମାନଙ୍କ ଠାରେ ଥ୍ରୋଟ୍ ଇନଫେକ୍ସନ ହୋଇଥାଏ। ଆମେ ସେମାନଙ୍କୁ ଆଣ୍ଟିବାୟୋଟିକ ଦେଇଥାଉ। ଥ୍ରୋଟ ଇନଫେକ୍ସନ ହେଲେ ଆମେ ଗରମ ଲୁଣ ପାଣି ନେଇ ଗଳ ଗଳ କରିବାକୁ କହିଥାଉ। ସେଥିରେ ନ କମିଲେ ଆଣ୍ଟିବାୟୋଟିକ ଖାଇବାକୁ ଦିଆଯାଏ। ବର୍ଷା ଦିନରେ ପିଲାଙ୍କୁ ଯଥା ସମ୍ଭବ ଥଣ୍ଡାଖାଦ୍ୟ, ଥଣ୍ଡା ପାନୀୟ ଓ ଫ୍ରିଜରେ ରହିଥିବା ଖାଦ୍ୟ ଦିଅନ୍ତୁ ନାହିଁ। ତେବେ ଡାକ୍ତରଙ୍କ ପରାମର୍ଶ ବିନା ପୁଣି ଥରେ ସମାନ ଆଣ୍ଟିବାୟୋଟିକ୍ ଖାଇବା ଅନୁଚିତ। ବର୍ଷା ଋତୁରେ ଅନେକ ନାସା-ଗଳା-କର୍ଣ୍ଣ ସଂକ୍ରମଣ ଭୋଗୁଥିବା ରୋଗୀମାନେ ଅନେକ ଜଟିଳ ଉଭୟ ନାକ ଓ ଗଳା ସମ୍ବନ୍ଧୀୟ ଯନ୍ତ୍ରଣା ସାମ୍ନା କରିଥାନ୍ତି। ବାରମ୍ବାର ନାସା ଓ ଗଳା ସଂକ୍ରମଣ ହେଉଥିଲେ ନାକ ଭିତରକୁ ଲୁଣ ପାଣିରେ ଧୋଇ ସଫା ରଖନ୍ତୁ। କାନରେ କିଛି ସମସ୍ୟା ହେଲେ ଦୋକାନରୁ ଡ୍ରପସ କିଣି ପକାଇଦେବା କିମ୍ବା ଯନ୍ତ୍ରଣା ନିବାରକ ଔଷଧ ଖାଇବା ଅନୁଚିତ। ବେଳେ ବେଳେ କାନରେ ଫଙ୍ଗାଲ ଇନଫେକ୍ସନ ହୋଇଥାଏ, ସେତେବେଳେ ଜାଣି ନପାରି ଔଷଧ ଖାଇବା ଓ ପକାଇବା ଦ୍ୱାରା ରୋଗୀ ଶ୍ରବଣ ଶକ୍ତି ହରାଇବାର ଆଶଙ୍କା ଥାଏ। ବର୍ଷା ଋତୁଟି ଉଭୟ ଥଣ୍ଡା ଓ ବର୍ଷାର ସମସ୍ୟା ରହିବା ସହ ଲଗାଣ ବର୍ଷାରେ ଘଣ୍ଟା ଘଣ୍ଟା ଧରି ତିନ୍ତିବା ଓ ଏହାର ପାଣି ନାକ ବା କାନରେ ପଶିବା ପରବର୍ତ୍ତୀ ସମୟରେ ଅନେକ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଯଥା ସମ୍ଭବ ବର୍ଷାରେ ତିନ୍ତିବା ଠାରୁ ଦୂରେଇ ରୁହନ୍ତୁ। ପୂର୍ବରୁ କୌଣସି କାନ ସମସ୍ୟା ଥିଲେ ଇଏନଟି ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଆମ ଶରୀରରେ କାନ-ନାକ-ଗଳା ଏପରି ଏକ ଶରୀର ତତ୍ତ୍ୱ ଯାହାକି କୌଣସି ଗୋଟିଏ ଶାରୀରିକ ସମସ୍ୟା ଅନୁଭବ କଲେ ତାହା ଅନ୍ୟ କ୍ଷେତ୍ରକୁ ସଂକ୍ରମିତ କରିବାର ସମ୍ଭାବନା ଅଛି। ତେଣୁ ବର୍ଷା ଦିନଟି ବିଶେଷକରି କର୍ଣ୍ଣ-ନାକ-ଗଳାକୁ ସୁରକ୍ଷିତ ରଖିବା ପାଇଁ ଚାହୁଁଥିଲେ ଉପରୋକ୍ତ ପରାମର୍ଶ ଗ୍ରହଣ କରିବା ଜରୁରୀ।

**ବାକ୍ ଶ୍ରବଣ ବିଶେଷଜ୍ଞ, ଧ୍ୱନୀ' କାଠଗୋଲା ରୋଡ଼, ମଙ୍ଗଳାବାଗ, କଟକ,**
**ମୋବାଇଲ୍: ୯୪୩୮ ୨୭୬୭୬୦**



# ହୃତ୍‌ପିଣ୍ଡ, ମସ୍ତିଷ୍କ ଓ ଆଣ୍ଠୁଗଣ୍ଠି ପାଇଁ ମାଛ ଭୋଜନ ବେଶ୍ ଉପକାରୀ

ସପ୍ତାହରେ ୨-୩ ଥର ମାଛ ଭୋଜନ ହୃତ୍‌ପିଣ୍ଡ, ମସ୍ତିଷ୍କ ଏବଂ ଗୋଡ଼ର ଆଣ୍ଠୁ-ଗଣ୍ଠି ପାଇଁ ବେଶ୍ ଉପକାରୀ। ମାଛ କର୍କଟ ଆଶଙ୍କାକୁ ମଧ କିଛି ପରିମାଣରେ ହ୍ରାସ କରିବାକୁ ସମର୍ଥ। ମଧୁର ଜଳ ଏବଂ ଲବଣାକ୍ତ ଜଳରେ ବାସ କରୁଥିବା ମାଛଙ୍କର ଗୁଣ ସମାନ। ମାଛରେ ଥିବା ମେଦ ମଣିଷ ପାଇଁ କ୍ଷତିକାରକ ନୁହେଁ। ମାଛରୁ ମିଳୁଥିବା ମେଦକୁ ଟ୍ରାଇଗ୍ଲିସେରାଇଡ୍‌ସ କୁହାଯାଏ। ତାହା ଏକ ପ୍ରକାରର ଅସଂତୃପ୍ତ ବା ଅନ୍‌ସାଚୁରେଟେଡ୍ ମେଦ। ରୋହି, ଭାକୁର, ଶେଉଳ ଓ ପମ୍ଫ୍ରେଟ୍ ମାଛଙ୍କ ଯକୃତ୍‌ରେ ଏବଂ ଇଲିଶି, ଜହ୍ଲା ଓ ଟୁନା ଭଳି ମାଛଙ୍କ ମାଂସପେଶୀରେ ମେଦ ଗଚ୍ଛିତ ଥାଏ। ମାଛକୁ ତେଲରେ ଛାଣି ଖାଇବା ଅପେକ୍ଷା ପୋଡ଼ି ବା ସିଝାଇ ଖାଇବା ବେଶି ଭଲ। ଥରକେ ୧୦୦-୨୦୦ ଗ୍ରାମ ମାଛ ଖିଆଯାଇପାରେ।

# ତମ୍ବାପାତ୍ରରେ ପାଣି ପିଇଲେ ମିଳିବ ଅନେକ ଉପକାର

**ତମ୍ବାପାତ୍ରରେ ଏକ ପ୍ରକାର ମାଇକ୍ରୋନ୍ୟୁଟ୍ରିଏଂଟ ରାସାୟନିକ ଉପାଦାନ ରହିଛି, ଯାହାକି ଶରୀରରେ ମିନେରାଲ ଏବଂ ଜରୁରୀ ନ୍ୟୁଟ୍ରିଶନର ଅଭାବକୁ ପୂରଣ କରିଥାଏ। ତମ୍ବାପାତ୍ରରେ ପାଣି ପିଇବା ଦ୍ୱାରା ଇମ୍ୟୁନିଟି ପାୱାର ବଢ଼ିବା ସହ ହଜମ ଠିକ୍ ଭାବେ ହୋଇଥାଏ। ଏଥିସହ କ୍ୟାନ୍‌ସର ପରି ମାରାତ୍ମକ ରୋଗରୁ ମଧ ମୁକ୍ତି ମିଳିଥାଏ। ତମ୍ବାପାତ୍ରରେ ପାଣି ରଖିବା ଦ୍ୱାରା ଏଥିରେ ଥିବା ସମସ୍ତ ପ୍ରକାର ବ୍ୟାକ୍ଟେରିଆ ନଷ୍ଟ ହେବା ସହ ଏହି ପାଣି ପିଇଲେ ଶରୀର ଥଣ୍ଡା ରହେ।**

**ତମ୍ବାପାତ୍ର ପାଣିର ଉପକାରିତା: ହଜମକ୍ରିୟା ବୃଦ୍ଧି:** ତମ୍ବାପାତ୍ରରେ ପାଣି ପିଇବା ଦ୍ୱାରା ଉଦର ସମ୍ବନ୍ଧୀୟ ସମସ୍ତ ପ୍ରକାର ସମସ୍ୟା ଦୂର ହେବା ସାଙ୍ଗକୁ ହଜମ ଠିକ୍ ହୋଇଥାଏ। ଏଥିସହ ଲିଭର ଏବଂ କିଡ୍‌ନୀ ମଧ ଠିକ୍ ରହିଥାଏ।

**ଯୌବନ ଦୀର୍ଘସ୍ଥାୟୀ:** ମୁହଁରେ ଦେଖାଯାଉଥିବା ବୟସ୍କ ଛାପକୁ ନେଇ ଚିନ୍ତାରେ ଥିଲେ ତମ୍ବାପାତ୍ରରେ ପାଣି ପିଇବା ଆରମ୍ଭ କରିଦିଅନ୍ତୁ। କାରଣ ତମ୍ବାରେ ପ୍ରଚୁର ମାତ୍ରାରେ ଆଂଟିଅକ୍ସିଡାଣଂଟ ରହିଥାଏ। ଏହା ତ୍ୱଚାକୁ ଉଜ୍ୱଳ ରଖିବାରେ ସହାୟକ ହୋଇଥାଏ।

**ହୃଦ୍‌ରୋଗରୁ ରକ୍ଷା:** ଆଜିକାଲିର ବ୍ୟସ୍ତବହୁଳ ଜୀବନଶୈଳୀକୁ ନେଇ ଅଧିକାଂଶ ଲୋକେ ହୃଦ୍‌ରୋଗରେ ଆକ୍ରାନ୍ତ ହେଉଛନ୍ତି। ସେମାନଙ୍କ ପାଇଁ ତମ୍ବାପାତ୍ରରେ ପାଣି ପିଇବା ଭଲ। ବ୍ଲଡ୍‌ପ୍ରେସର ଠିକ୍ ରହିବା ସାଙ୍ଗକୁ ଖରାପ କୋଲେଷ୍ଟରଲକୁ କମ୍ କରିଥାଏ।

**ଓଜନ ହ୍ରାସରେ ସହାୟକ:** ତମ୍ବାପାତ୍ରରେ ପାଣି ପିଇ ପ୍ରାକୃତିକ ଉପାୟରେ ଓଜନ କମ୍ କରାଯାଇପାରିବ।

**କ୍ୟାନ୍‌ସରରୁ ମୁକ୍ତି:** ତମ୍ବାପାତ୍ରରେ ପାଣି ପିଇ କ୍ୟାନ୍‌ସର ପରି ରୋଗଠାରୁ ନିଜକୁ ଦୂରେଇ ରଖିପାରିବେ। ତମ୍ବାରେ ଥିବା ଆଂଟିଅକ୍ସିଡାଂଟ ଗୁଣ ଶରୀରରେ ଥିବା ଫ୍ରି ରେଡିକଲ୍ସର ପ୍ରଭାବକୁ ନ୍ୟୁଟ୍ରାଲାଇଟ୍ କରିଥାଏ, ଯାହାକି କ୍ୟାନ୍‌ସରର ଏକ ମୁଖ୍ୟ କାରଣ ବୋଲି କୁହାଯାଏ।



# ତ୍ୱଚା ପାଇଁ ଖୁବ୍ ଉପକାରୀ ନଡ଼ିଆ ତେଲ

ତ୍ୱଚା ଯତ୍ନ ବା ସ୍କିନ୍ କେୟାର ସମସ୍ତଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସମସ୍ତେ ଏହାକୁ ନେଇ ଖୁବ୍ କନସିଅସ୍। ଏଥିପାଇଁ ଲୋକମାନେ ହଜାର ହଜାର ଟଙ୍କା ଏଥିପାଇଁ ଖର୍ଚ୍ଚ କରୁଛନ୍ତି। ଦାମୀ କସମେଟିକ୍‌ଠୁ ନେଇ ପାର୍ଲର, ତା ସତ୍ତ୍ୱେ ବି ଅଧିକାଂଶ ଜିନିଷର କୌଣସି ଫଳାଫଳ ମିଳୁନାହିଁ। ତ୍ୱଚାରେ କୌଣସି ବି ପରିବର୍ତ୍ତନ ଦେଖିବାକୁ ମିଳିନଥାଏ। ହେଲେ ଏମିତି ଏକ ସାଧାରଣ ଜିନିଷ ଅଛି, ଯାହା ତ୍ୱଚା ପାଇଁ ଖୁବ୍ ଭଲ। ଏହାକୁ ଲଗେଇଲେ ତ୍ୱଚା ଖୁବ୍ ଭଲ ରହିବା ସହ ଗ୍ଲୋ ବି କରିବ। ସେଇଟା ହେଉଛି ନଡ଼ିଆ ତେଲ। ନଡ଼ିଆ ଏକ ଏପରି ଫଳ ଯେଉଁଥିରେ ଅନେକ ସୁଫଳ ରହିଛି। ନଡ଼ିଆ ଯେମିତି ଭଲ ତାର ପାଣି ପେଟ ପାଇଁ ଖୁବ୍ ଭଲ। ତା'ଠାରୁ ଆହୁରି ଭଲ ନଡ଼ିଆ ତେଲ। ତ୍ୱଚା ଓ କେଶ ପାଇଁ ଏହା ମଗୋଷଧି ପରି କାମ କରେ। ନଡ଼ିଆରେ ଭିଟାମିନ୍-ସି, ଭିଟାମିନ୍-ଇ ଏବଂ ବି-ଭିଟାମିନ୍ ରହିଛି। ପଟାସିୟମ୍, ମ୍ୟାଗ୍‌ନେସିୟମ୍, କ୍ୟାଲ୍‌ସିୟମ୍, ଆଇରନ୍, ଜିଙ୍କ୍, କପର୍, ମ୍ୟାଗାନିଜ୍ ଏବଂ ସେଲେନିୟନ୍ ପରି ପୋଷକ ତତ୍ତ୍ୱ ରହିଛି। ସେଥିପାଇଁ ନଡ଼ିଆ ଓ ନଡ଼ିଆ ପାଣି ପରି ତାହା ତେଲକୁ ଶରୀର ପାଇଁ ଖୁବ୍ ଉପକାରୀ। ନଡ଼ିଆ ତେଲ ଆପଣଙ୍କ ଚେହେରା ପାଇଁ କୌଣସି ବରଦାନଠୁ କମ୍ ନୁହେଁ। ଏହା ଚେହେରାର ଚମକ ଆଣିବା ସହ ମୁହଁରେ ଥିବା ବ୍ରଣ ଦାଗକୁ ସଫା କରିବାରେ ସହାୟକ ହୋଇଥାଏ। ନଡ଼ିଆ ତେଲରେ ଭିଟାମିନ୍ ଓ ଏବଂ ଆଣ୍ଟି ଅକ୍ସିଡାଣ୍ଟ୍ ରହିଛି। ଯାହାକୁ ଦାଗ ଚଡ଼ାଇବାରେ ସାହାଯ୍ୟ କରେ। ଏହା ତ୍ୱଚାକୁ ଟାଇଟ୍ ମଧ କରେ। ଯୁବା ଦିଶିବାକୁ ଚାହୁଁଥିଲେ ବି ଆପଣ ଏହାକୁ ବ୍ୟବହାର କରିପାରନ୍ତି। କିନ୍ତୁ ଏହା ମାତ୍ର ଏକ ତଥ୍ୟ ଉପରେ ଆଧାରିତ । ଏହାକୁ ଵବହାର ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେଇ ବ୍ୟବହାର କରିବା ଉଚିତ୍ ବୋଲି ଆମେ ମନେ କରୁଛୁ।



### ବାଟବଣା ହୋଇଛି ବୋରିଗୁମ୍ମା ସମନ୍ୱିତ ଶିଶୁ ବିକାଶ ଯୋଜନା

# ଉଦ୍‌ଘାଟନ ପୂର୍ବରୁ ଲକ୍ଷାଧିକ ଟଙ୍କାରେ ନିର୍ମିତ ଅଙ୍ଗନବାଡ଼ି ଗୃହ ଶୋଚନୀୟ

**ବୋରିଗୁମ୍ମା,୧୫।୯ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକରେ ସମନ୍ୱିତ ଶିଶୁ ବିକାଶ (ଆଇସିଡିଏସ) ଯୋଜନା କାର୍ଯ୍ୟକାରୀ ହେବାର ଇତିମଧ୍ୟରେ ୫୦ ବର୍ଷ ପୁରିବାକୁ ବସିଲାଣିଛୁ ହେଲେ ଏ ଯାଏଁ ବ୍ଲକରେ ସମସ୍ତ ଅଙ୍ଗନବାଡି କେନ୍ଦ୍ରର ନିଜସ୍ୱ ଗୃହ ହୋଇନାହିଁଛୁକେଉଁଠି ଭଡା କେନ୍ଦ୍ର ଚାଲିଥିବାବେଳେ ଆଉ କେଉଁଠି ସ୍କୁଲ ଓ କମ୍ୟୁନିଟି ଘରେ ଚାଲିଛି। ଫଳରେ ପ୍ରାକ ବିଦ୍ୟାଳୟ ଶିଶୁଙ୍କ ଭବିଷ୍ୟତ ଗଠନ ସହିତ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟ ନେଇ କାର୍ଯ୍ୟ କରୁଥିବା ଏହି ଯୋଜନା ବାଟବଣା ହେବାରେ ଲାଗିଛିଚ୍ଛୁ ବୋରିଗୁମ୍ମା ବ୍ଲକ



ବେଣାଶୁର ପଞ୍ଚାୟତ ମୋହକୁମାରେ ପଞ୍ଚାୟତର ଶିଶୁମାନଙ୍କ ପ୍ରାକ ବିଦ୍ୟାଳୟ କରିବା ନିମନ୍ତେ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମାଣ ହୋଇଛି ଅଙ୍ଗନବାଡି କେନ୍ଦ୍ର କୋଠା। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଅର୍ଥ ବରାଦ ହୋଇଛି। ଚାରି ବଖରା ପକ୍କା ଘର ବି ହୋଇଛି। କବାଟ ଝରକା ବି ଲାଗିଛି। ସମ୍ମୁଖରେ ନଳକୂପ ଖୋଳାଯାଇ ଗୃହକୁ ରଙ୍ଗ ଦିଆଯାଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରାଯିବ, ହେଲେ ତା ପୂର୍ବରୁ କିନ୍ତୁ ଏହି ଚାରି ବଖରା ଘର ଅବସ୍ଥା ବିଗିଡି ଗଲାଣି। କବାଟ ଝରକା ତଳ ପାଖ ଆବୁଡା ଖାବୁଡା ହେବା ସହିତ ବାହାର ପରିବେଶ ଜଙ୍ଗଲରେ ପରିଣତ ହେଲାଣି। ଗଛ ଲତା ମାଳି ଗୃହକୁ ଆବୃତ୍ତ କଲାଣି, ପ୍ଲିନଥ ତଳ ବି ଢଳେଇ ଠାରୁ ଅଲଗା ହୋଇ ଗଲାଣି। ମୋଟାମୋଟି ଭାବେ କହିବାକୁ ଗଲେ ଅତି ନିମ୍ନମାନର କାମ ଯୋଗୁଁ କେନ୍ଦ୍ରର ଗୃହର ଅବସ୍ଥା ଏଭଳି ହୋଇଛି ବୋଲି ଅଭିଯୋଗ ହେଉଛି। ବୋରିଗୁମ୍ମା ବ୍ଲକ ପକ୍ଷରୁ ବେଣାଶୁର ପଞ୍ଚାୟତରେ ଏହି କେନ୍ଦ୍ର ନିର୍ମାଣ ହୋଇଛି। ଫଳକ ଲାଗିଥିଲେ ବି ଘର ଗୁଡିକରେ କେତେ ଖର୍ଚ୍ଚ ହୋଇଛି ତାହା ଲେଖାଯାଇନାହିଁ। ତେବେ ଅଙ୍ଗନବାଡି କେନ୍ଦ୍ର ଉଦ୍ଦେଶ୍ୟରେ ନିର୍ମାଣ ହୋଇଥିବା ଗୃହ ବ୍ୟବହାର ହେବା ଆଗରୁ ଯଦି ଏଭଳି ଅବସ୍ଥା ହେଲାଣି ଆଗକୁ କି ଅବସ୍ଥା ହେବ ତାହା ବିଚାର ସାପେକ୍ଷ ବୋରିଗୁମ୍ମା -କୁମୁଲି ଛକ ମୁଖ୍ୟ ରାସ୍ତା କଡରେ ହୋଇଥିବା ଏହି ଅଙ୍ଗନବାଡି କେନ୍ଦ୍ର କେବେ ଉଦ୍‌ଘାଟନ ହୋଇ ବ୍ୟବସ୍ଥିତ ହେବ ତାହା ଉପରେ ରହିଛି ପଞ୍ଚାୟତବାସୀଙ୍କ.ନଜର। ହେଲେ ତୁରନ୍ତ ଏହି ଘର ଗୁଡିକୁ ମରାମତି କରି କାର୍ଯ୍ୟକ୍ଷମ କରିବାକୁ ଦାବି ହେଉଛି।

# କନକପୁର ଝଙ୍କଡ଼ ଶାରଳା ପୀଠରେ ପାର୍ବଣ ପୂଜା ଆରମ୍ଭ

**ପାରାଦ୍ୱୀପ,୧୫।୯ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ର ଅଧିଷ୍ଠାତ୍ରୀ ଦେବୀ ମା ଶାରଳା ଙ୍କ ମନ୍ଦିର ଓଡିଶା ର ପ୍ରସିଦ୍ଧ ଶକ୍ତିପୀଠ ମଧ୍ୟରୁ ଅନ୍ୟତମ।ମା ଶାରଳା ଙ୍କ ପୀଠ ରେ ଶାରଦୀୟ ପାର୍ବଣ ପୂଜା ମୂଳାଷ୍ଟମୀ ଦିନ ଠୁ ଆରମ୍ଭ ହୋଇଛି।ପାର୍ବଣ ଦିବସ ର ପ୍ରଥମ ଦିନ ରେ ଭୋର ୫ ଟା ରୁ ପହଡ଼ ଖୋଲାଯାଇ ମଧୁ ସ୍ନାନ ପରେ ମଙ୍ଗଳ ଆଳତି ସମ୍ପର୍ଣ କରାଯାଇଥିଲା।ସକାଳ ୭ ଟା ରେ ପଞ୍ଚାମୃତ ସ୍ନାନ ଓ ନୂତନ ବେସ ଧାରଣ କରାଯାଇଥିଲା। ଏହାପରେ ମା ଙ୍କୁ ମହାପ୍ରଭୁ ଜଗନ୍ନାଥ ଙ୍କ ମହାପ୍ରସାଦ ଅର୍ପଣ କରାଯାଇଥିଲା।ପରେ ପାଞ୍ଜି ପାଠ ସୂର୍ଯ୍ୟ ପୂଜା ଆଦି ନୀତି ଅନୁଷ୍ଠିତ ହୋଇଥିଲା।ଶତାଧିକ ଶ୍ରଦ୍ଧାଳୁ ମାଙ୍କ ଦର୍ଶନ ପାଇଁ ଭିଡ଼ ଜମାଇ ଥିଲେ। ଶେଷ ରେ ରାତ୍ରି ରେ ମା ଙ୍କ ସୁନାବେଶ ଅନୁଷ୍ଠିତ ହୋଇଥିଲା।



### ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକ ପତ୍ର

# ସେତବେଳର ପ୍ରତିଶ୍ରୁତି: ବର୍ତ୍ତମାନ ସରକାରର ବ୍ୟଥା

**ନୟାଗଡ଼,୧୫।୯ (ସଂଚାର ବ୍ୟୁରୋ):** ଶୁଣିମା ହେଉ ହେ ମଣିମା, ତତ କାଳୀନ ସରକାରରେ ଥିବାବେଳେ ଦେଇଥିଲ ତୁମ ପ୍ରତିଶ୍ରୁତି। ପ୍ରତିଶ୍ରୁତି ତୁମ ଆଜି ସରକାରରେ ବ୍ୟଥାରେ ପରିଣତ ହୋଇଛି। ଅସମୟରେ ଆମେ ଠିଆ ହେଲୁ କାମ ସରିଗଲା ପରେ ଆମ୍ଭ ମାନଙ୍କୁ ଏତେ ହତାଦର କାହିଁକି କର ହେ ମଣିମା, ଆମ୍ଭ କଥା ଟିକେ ଶୁଣିମା ହେଉ। ଏଭଳି କିଛି ବ୍ୟାକୁଳ ମନରେ କ୍ଷୋଭ ପ୍ରକାଶ କରିଛନ୍ତି ଶିକ୍ଷକ ଶିକ୍ଷୟତ୍ରୀ ମାନେ। ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ ନୟାଗଡ଼ ଜିଲ୍ଲା ଶାଖା ତରଫରୁ ଏକ ପ୍ରତିବାଦ ସଭା ଓ ରାଲି ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାର ସମସ୍ତ ୮ ଟି ବ୍ଲକରୁ ସଂଘର ଶତାଧିକ ସକ୍ରିୟ ସଦସ୍ୟ ଓ ସଦସ୍ୟା ମାନେ ଯୋଗ ଦେଇଥିଲେ। ୨୦୦୪ ରୁ ୨୦୧୩ ମସିହା ମଧ୍ୟରେ ଠିକା ଶିକ୍ଷକ ଭାବରେ ନିଯୁକ୍ତି ପାଇଥିବା ଶିକ୍ଷକ ମାନେ, ଓଡ଼ିଶା ସରକାରଙ୍କ ଆର୍ଥିକ ଦୂରବସ୍ଥା ସମୟରେ ମାତ୍ର ୨୫ଶହ ଟଙ୍କା/୧୫ଶହ ଟଙ୍କା ମାସିକ ଦରମାରେ ଶିକ୍ଷାଦାନ କରିଥିଲେ। ସରକାର ୨୦୦୩ ଓ ୨୦୦୫ ମସିହାରେ ଠିକା ଶିକ୍ଷକ ନିଯୁକ୍ତି ବିଜ୍ଞାପନରେ ସେତେବେଳେ ଆର୍ଥିକ ସଙ୍କଟ ତଥା ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷକଙ୍କ ଘୋର ଅଭାବ ଯୋଗୁଁ ଠିକା ନିଯୁକ୍ତି ଦିଆଯାଇଥିବା ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ। ସେହି ଆର୍ଥିକ ଦୂରବସ୍ଥା ସମୟରେ ଏହି ଶିକ୍ଷକ ମାନେ ପ୍ରତିଶ୍ରୁତି ମୁତାବକ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷାର ଉନ୍ନତି ଆଣିଥିଲେ। ୨୦୨୩ ମସିହାରେ ସଂଘ ବାରମ୍ବାର ଧାରଣା ଏବଂ ରାଲି କରିବା ସହିତ ତତ୍କାଳୀନ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଶିକ୍ଷା ସଚିବ, ବିରୋଧୀ ଦଳ ନେତା ପ୍ରଭୃତିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଭୁବନେଶ୍ୱରରେ ଆନ୍ଦୋଳନ ଚାଲିଥିବା ସମୟରେ ତତ୍କାଳୀନ ବିରୋଧୀ ଦଳ ନେତା ତଥା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଆନ୍ଦୋଳନ ସ୍ଥଳକୁ ଆସି ଆପଣଙ୍କ ଦାବି ଯୁକ୍ତି ଯୁକ୍ତ ଏବଂ ଆମ ଦଳ ସରକାରରେ ଆସିଲେ ଏହି ଦାବିକୁ ଶୀଘ୍ର ପୂରଣ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଅଦ୍ୟାବଧି ସରକାର କୌଣସି ପଦକ୍ଷେପ ନେଇ ନଥିବାରୁ ସଂଘ ପକ୍ଷରୁ ଉଦବେଗ ପ୍ରକାଶ ପାଇବା ସହିତ ୬ ବର୍ଷର ଠିକା ଅବଧିକୁ ମୂଳ ଚାକିରୀରେ ଗଣନା କରିବା ଏବଂ ୬ଟି ନୋସନାଲ ଇନକ୍ରିମେଣ୍ଟ ତୁରନ୍ତ ପ୍ରଦାନ କରିବା ସମ୍ବଳିତ ଏକ ଦାବିପତ୍ର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷାଧିକାରୀ ଚିତ୍ତରଞ୍ଜନ ପାଣ୍ଡେଙ୍କୁ ପ୍ରଦାନ କରାଯାଇଥିଲା।



# ଏମ୍‌ସିଏଲ୍ କୋଇଲା ପରିବହନ ମାଲଭଡ଼ା ହ୍ରାସର ତୀବ୍ର ବିରୋଧ

**ଝାରସୁଗୁଡା,୧୫।୯ (ସଂଚାର ବ୍ୟୁରୋ):** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଲଖନପୁର ଅଞ୍ଚଳରେ ସେପ୍ଟେମ୍ବର ୯ ରୁ ପ୍ରତି ଟନ୍ ପାଇଁ ୧୨ ଟଙ୍କା କୋଇଲା ପରିବହନ ମାଲଭଡ଼ା କମାଇବାକୁ ସମଲେଇ ଟ୍ରକ୍ ମାଲିକଙ୍କ ସଂଘର ନିଷ୍ପତ୍ତି ପରେ ବିବାଦ ସୃଷ୍ଟି ହୋଇଛି। ଅନେକ ଟ୍ରକ୍ ମାଲିକ ଏହି ପଦକ୍ଷେପକୁ "ଦୁର୍ନୀତି, କୁପରିଚାଳନା ଏବଂ ଏକପାଖିଆ ନିଷ୍ପତ୍ତି" ବୋଲି ଅଭିଯୋଗ କରି ତୀବ୍ର ବିରୋଧ କରିଛନ୍ତି। ସଂଘର ସଭାପତି ଅଖିଳ ସ୍ୱାଇଁ ଏବଂ ସାଧାରଣ ସମ୍ପାଦକ ସନ୍ତୋଷ ମହାନ୍ତି ତଥାପି ଏହାକୁ ସମର୍ଥନ କରି କହିଛନ୍ତି ଯେ, ପୂର୍ବରୁ ଦୁର୍ନୀତିଗ୍ରସ୍ତ କାର୍ଯ୍ୟ ସମୟରେ ଟ୍ରକ୍ ମାଲିକମାନଙ୍କୁ କୋଇଲା ପରିବହନ ସୁରକ୍ଷିତ କରିବା ପାଇଁ ଅତିରିକ୍ତ ଟଙ୍କା ଦେବାକୁ ପଡୁଥିଲା, କିନ୍ତୁ ବର୍ତ୍ତମାନ ଏହି ହ୍ରାସ ସେହି ଲୁକ୍କାୟିତ ଖର୍ଚ୍ଚକୁ ପୂରଣ କରୁଛି। କିନ୍ତୁ ପୂର୍ବତନ ସଂଘ ସଭାପତି ପ୍ରସନ୍ନ ସିଂହଙ୍କ ସହିତ ଅନେକ ଟ୍ରକ୍ ଚାଳକ ଏହି ପଦକ୍ଷେପକୁ "ମନମୁଖୀ" ଏବଂ "ଦୁର୍ନୀତିର ଆବରଣ" ବୋଲି କହିଥିଲେ। ସେମାନଙ୍କ ଅଭିଯୋଗ, ଏହି ନିଷ୍ପତ୍ତି ଘୋଷଣା ପୂର୍ବରୁ ସାଧାରଣ ପରିଷଦ ବୈଠକକୁ ବାଇପାସ୍ କରାଯାଇଥିଲା, ଯାହା ଅସନ୍ତୋଷକୁ ଆହୁରି ଭଡ଼େଇଛି। ଜୁନ୍ ୧୯ ରେ ଲଖନପୁର ଖଣିରେ ପ୍ରତି ଟ୍ରକ୍ ପାଇଁ ୧୪୫ ଟଙ୍କା ଆଦାୟ ବିଷୟରେ ପୋଲିସ କାର୍ଯ୍ୟାନୁଷ୍ଠାନ ପରେ ଏହି ବିବାଦ ତୀବ୍ର ହୋଇଥିଲା। ସୂତ୍ରମାନଙ୍କ ଅନୁସାରେ, ୮୫୦ ଟ୍ରକ୍ ଉପଲବ୍ଧ ଥିଲେ ମଧ୍ୟ ପ୍ରତିଦିନ କେବଳ ୪୫୦-୫୦୦ ଟ୍ରକ୍ ପଠାଯାଉଛି, ପ୍ରତ୍ୟେକଟି ପ୍ରାୟ ୧୮ ଟନ୍ କୋଇଲା ବହନ କରୁଛି। ଟ୍ରକ୍ ମାଲିକମାନଙ୍କ କଥା, ପୂର୍ବରୁ ସେମାନେ ପ୍ରତି ଟ୍ରକ୍ ପାଇଁ ୧୪୫ ଟଙ୍କା ହରାଇଥିଲେ, କିନ୍ତୁ ବର୍ତ୍ତମାନ ପ୍ରତି ଟନ୍ ୧୨ ଟଙ୍କା କମିଥିବାରୁ ପ୍ରତି ଟ୍ରକ୍ ପାଇଁ ପ୍ରାୟ ୩୦୦ ଟଙ୍କା କ୍ଷତି ହେଉଛି। ସେମାନେ ପ୍ରଶ୍ନ କରିଛନ୍ତି, ବେଦାନ୍ତ, ଜେଏସଡବ୍ଲ୍ୟୁ, ହିଣ୍ଡାଲକୋ ଭଳି ପ୍ରମୁଖ କମ୍ପାନୀମାନେ ମାଲଭଡ଼ା କମାଇନଥିବା ସ୍ଥିତିରେ କେବଳ ସେମାନଙ୍କୁ ଏହି ଭାର ବୋହିବାକୁ କାହିଁକି ପଡୁଛି। ସେମାନଙ୍କ ଅଭିଯୋଗ, ଟେଣ୍ଡର ନିୟମ ଅନୁଯାୟୀ ପରିବହନକାରୀଙ୍କୁ ଦୈନିକ ୨୦, ୦୦୦ ଟନ୍ କୋଇଲା ଲୋଡ୍ କରିବାକୁ ଥିବା ସତ୍ତ୍ୱେ, କେବଳ ୧୦, ୦୦୦-୧୨, ୦୦୦ ଟନ୍ ହେଉଛି, ଯାହାର ଫଳରେ ଅନେକ ଟ୍ରକ୍ ନିଷ୍କ୍ରିୟ ରହୁଛି।

କୋଇଲା ଲିକ୍କେଜ୍ ବିତରଙ୍କ କ୍ଷତି ରୋକିବା ପାଇଁ, ଏମ୍‌ସିଏଲ୍‌କୁ ଅନ୍ୟ ଠିକାଦାରଙ୍କୁ ବାକି ୮, ୦୦୦ ଟନ୍ କାମ୍ ପୁନଃବଣ୍ଟନ କରିବାକୁ ସେମାନେ ଦାବି କରିଛନ୍ତି। ଏହି ପରିସ୍ଥିତିରେ, ଟ୍ରକ୍ ମାଲିକମାନେ ମାଲଭଡ଼ା ହ୍ରାସକୁ ତୁରନ୍ତ ପ୍ରତ୍ୟାହାର କରିବା ଦାବି କରି ସଂଘ ନେତୃତ୍ୱ ବିରୋଧରେ ଆନ୍ଦୋଳନର ଧମକ ଦେଇଛନ୍ତି। ଏପରିସରେ, ଲଖନପୁର କ୍ଷେତ୍ରର ଏମ୍‌ସିଏଲ୍ ମହାପ୍ରବନ୍ଧକ ଏ. କେ. ପାଣ୍ଡେ ଆଶ୍ୱାସନା ଦେଇଛନ୍ତି ଯେ, କୋଇଲା ପରିବହନରେ ସ୍ୱଚ୍ଛତା ପାଇଁ ସେମାନେ ପ୍ରତିବଦ୍ଧ। ସେ ଚେତାବନୀ ଦେଇଛନ୍ତି ଯେ ଯେକୌଣସି ବିସଙ୍ଗତି ଦୃଢ଼ କାର୍ଯ୍ୟାନୁଷ୍ଠାନକୁ ଆମନ୍ତ୍ରଣ କରିବ ଏବଂ ମଲ୍ଟି-ଆକ୍ସଲ୍ ଯାନ ପ୍ରଚଳନ ମାଧ୍ୟମରେ ପରିବହନକୁ ଅଧିକ ସୁରକ୍ଷିତ, ସ୍ୱଚ୍ଛ ଏବଂ ମିତବ୍ୟୟୀ କରିବା ଉପରେ ଆଲୋଚନା ଚାଲିଛି।




# ବିଦ୍ୟାଳୟ ଖୁଣ୍ଟାପୁରରେ ହିନ୍ଦୀ ଦିବସ ପାଳନ



**ବୈଶିଙ୍ଗା,୧୫।୯ (ସଂଚାର ବ୍ୟୁରୋ):** ଶ୍ରୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟ . ଖୁଣ୍ଟାପୁର ପରିସରରେ ହିନ୍ଦୀ ଶିକ୍ଷୟିତ୍ରୀ ସ୍ନିଗ୍ଧା ଲେଙ୍କା ଙ୍କ ନେତୃତ୍ୱ ରେ ହିନ୍ଦୀ ପାଳିତ ହୋଇଯାଇଛି। ସପ୍ତାହେ ବ୍ୟାପୀ ବିଦ୍ୟାଳୟ ରେ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ସଂଗୀତ ଓ କବିତା ପାଠ ପ୍ରଭୃତି ବିଭିନ୍ନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଉଦଯାପନୀ ସଭା ବିଦ୍ୟାଳୟ ର ପ୍ରଧାନଶିକ୍ଷକ ସମରଜିତ ମହାପାତ୍ର ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ହୋଇଥିଲା। କେ. ସି.ଉଚ୍ଚ ବିଦ୍ୟାଳୟ, ପାଟଳିପୁରା ର ଶିକ୍ଷକ ଶିଶିର କୁମାର ନାୟକ ଅତିଥି ଭାବେ ଏହି କାର୍ଯ୍ୟକ୍ରମ ରେ ଯୋଗଦେଇ ଦିବସ ର ତାତ୍ପର୍ଯ୍ୟ ସମ୍ପର୍କ ରେ ବକ୍ତବ୍ୟ ରଖିଥିଲେ।

ଶିକ୍ଷକ ମୁକୁନ୍ଦ ସେନାପତି, ଜ୍ୟୋତ୍ସ୍ନାରାଣୀ ଜେନା ପ୍ରମୁଖ ନିଜ ବକ୍ତବ୍ୟ ରେ ରାଷ୍ଟ୍ରୀୟ ଏକତା ପ୍ରତିଷ୍ଠା କରିବାରେ ହିନ୍ଦୀ ଭାଷା ର ଗୁରୁତ୍ୱ ସମ୍ପର୍କ ରେ ଆଲୋଚନା କରିଥିଲେ। । ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ର କୃତି ଛାତ୍ରଛାତ୍ରୀ ଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚକ୍ଷଳନା ରେ ତୃଷ୍ଣା ଦାସ, ରାଧୁ ସିଂ, ଶୁଭସ୍ମିତା ସାମନ୍ତରାୟ, ବିଜୟ କୁମାର ସେଠି, ଶ୍ରୀପତି ସେଠି, ବିକ୍ରମ କ୍ଷ୍ବବସ୍ବକ୍ଷ୍ବ ଓ କାମିନୀକାନ୍ତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ପିଲା ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା ।

### ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

# ୭୭ ଅଭିଯୋଗ ଦରଖାସ୍ତ ଗ୍ରହଣ

**ସୁବର୍ଣ୍ଣପୁର,୧୫।୯ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ତରଭା ପଞ୍ଚାୟତ ସମିତି ଅନ୍ତର୍ଗତ କମସରା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ପ୍ରାଙ୍ଗଣ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ, ସୁବର୍ଣ୍ଣପୁର, ଡ. ନୃପରାଜ ସାହୁ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୭୭ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୫୭ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୨୦ ଗୋଟି ସାମୁହିକ ଦରଖାସ୍ତ ନିମନ୍ତେ ଦରଖାସ୍ତ ଗ୍ରହଣ କରାଯାଇଥିଲା। ତନ୍ମଧ୍ୟରୁ ୦୧ ଗୋଟି ଅଭିଯୋଗ ପତ୍ର ତୁରନ୍ତ ଅଭିଯୋଗ ଶୁଣାଣୀ ଶିବିର ରେ ସମାଧାନ କରାଯାଇଥିଲା। ସମସ୍ତ ସାମୁହିକ ଓ ବ୍ୟକ୍ତିଗତ ଅଭିଯୋଗ ଦରଖାସ୍ତ ଗୁଡିକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ବିଡ଼ିଓ, ତରଭା, ଗଙ୍ଗାରାମ ବୁଡେକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣିରେ ତରଭା ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜ କୁମାର କମ୍ପ ଅତିରିକ୍ତ ଜିଲ୍ଲାପାଳ, ରାଜସ୍ୱ, ସୁବର୍ଣ୍ଣପୁର, ରାଜେନ୍ଦ୍ର ମାଝୀ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, ସୁବର୍ଣ୍ଣପୁର, ଅଶ୍ୱିନୀ କୁମାର ମେହେର, ଉପ - ଜିଲ୍ଲାପାଳ, ସୋନପୁର ସୌମ୍ୟାରୂପା ରଥଙ୍କ ସମେତ ତହସିଲଦାର, ତରଭା, ସୁଶ୍ରୀ ଶ୍ୱେତଳିନା ମାହାନା, ସରପଞ୍ଚ, କମସରା ଗ୍ରାମ ପଞ୍ଚାୟତ, କୁନ୍ତଳା ରଣା ତଥା ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ, କର୍ମଚାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ତଥା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ସୁବର୍ଣ୍ଣପୁର ଅର୍ଜୁନ ମାଝୀଙ୍କ ସମେତ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ।



● ରାଜନୀତିର ଦୋ-ଛକିରେ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡର ଭାଗ୍ୟ

# ଆଣ୍ଟେଇଛି ୧୫୦ରୁ ଅଧିକ ବସଷ୍ଟାଣ୍ଡ ନିର୍ମାଣ



**ନବରଙ୍ଗପୁର,୧୫।୯ (ସଂଚାର ବ୍ୟୁରୋ):** ରାଜନୀତିର ଦୋ-ଛକିରେ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ନିର୍ମାଣର ଭାଗ୍ୟ । ନବରଙ୍ଗପୁର ଜିଲ୍ଲାରେ ଆଣ୍ଟେଇଛି ପ୍ରାୟ ୧୫୦ରୁ ଅଧିକ ଲକ୍ଷ୍ମୀ ବସଷ୍ଟାଣ୍ଡର ନିର୍ମାଣ କାର୍ଯ୍ୟ। ଅଧାରୁ ଅଧିକ ନିର୍ମାଣ ସରୁନି । ଅନେକ ସ୍ଥାନରେ ଠିକାଦାର କାମ କରି ପ୍ରାପ୍ୟ ପାଉନଥିବା ଅଭିଯୋଗ। କାହିଁକି କାମ ସରୁନି ତା' ଉତ୍ତର କାହା ପାଖରେ ନାହିଁ । ବଦଳିଲେ ସରକାର, ବଦଳିଗଲା ଲକ୍ଷ୍ମୀ ବସଷ୍ଟାଣ୍ଡର ଭାଗ୍ୟ । ଦୁର୍ଗମ ଗାଁରୁ ବ୍ଲକ ଓ ବ୍ଲକରୁ ସହର ବସ୍ ଯୋଗେ ଯୋଡ଼ିବା ଲକ୍ଷ୍ୟରେ ଆରମ୍ଭ ହୋଇଥିଲା ଲକ୍ଷ୍ମୀ ବସ ସେବା। ୨୦୨୩ ନଭେମ୍ବର ୩୦ରୁ ନବରଙ୍ଗପୁର ଜିଲ୍ଲା ପାଇଁ ୪୫ଟି ବସ୍ ଯୋଗାଇ ଦିଆଯାଇଛି । ଆରମ୍ଭରୁ ବିବାଦରେ ଛନ୍ଦି ହୋଇପଡ଼ିଛି ଏହି ସେବା । କେବେ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡର ଖର୍ଚ୍ଚକୁ ନେଇ ତ କେବେ ରଙ୍ଗ ପରିବର୍ତ୍ତନକୁ ନେଇ । ୬ ଲକ୍ଷ ଲେଖାଏଁ ଖର୍ଚ୍ଚରେ ଜିଲ୍ଲାରେ ୨ଶହରୁ ଅଧିକ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ନିର୍ମାଣ ବ୍ୟବସ୍ଥା ହୋଇଥିଲା। ଅନେକ ନିର୍ମାଣ ସରିଛି, କିଛି ଅଧପନ୍ତରିଆ । ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ ନିର୍ମାଣ କରି ଠିକାଦାର ବିଲ୍ ପାଇଁ ବ୍ଲକକୁ ଧାଇଁ ଧାଇଁ ଠିକାଦାର ନୟାନ୍ତ ହେଉଥିବା ଅଭିଯୋଗ ଆସିଛି। ବର୍ତ୍ତମାନ ସରକାର ଲକ୍ଷ୍ମୀ ବସ୍‌ର ରଙ୍ଗ ପରିବର୍ତ୍ତନ କରି ଶ୍ରେୟ ନେବାକୁ ଚେଷ୍ଟା କରୁଛନ୍ତି । ନବୀନ ସରକାରଙ୍କ ଏକ ସଫଳ ଓ ଯୁଗାନ୍ତକାରୀ ଯୋଜନାକୁ ଜାଣିଶୁଣି ବନ୍ଦ କରିବାକୁ ଉଦ୍ୟମ ଚାଲିଥିବା ଅଭିଯୋଗ କରିଛନ୍ତି ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ । ଅନ୍ୟପଟେ ଜିଲ୍ଲାସ୍ତରୀୟ ଅଧିକାରୀ ଏବାବଦରେ ମୁହଁ ଖୋଲିବାକୁ ନାରାଜ ।

# ଅଞ୍ଚଳର ବିକାଶ ପାଇଁ ଉନ୍ନୟନ କମିଟି ଗଠନ



**ଲାଞ୍ଜିଗଡ଼,୧୫।୯(ସଂଚାର ବ୍ୟୋରୋ):** ଲାଞ୍ଜିଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣରେ ଲାଞ୍ଜିଗଡ଼ ତଥା ପାଖ ପଡୋଶୀ ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା।ଲାଞ୍ଜିଗଡ଼ ରାଜା ସୁରେନ୍ଦ୍ର ପ୍ରତାପ ସିଂଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚନ୍ଦ୍ରଧ୍ୱଜ ପେଶନିଆ ଏହି ସଭାର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ ଠାରେ ସ୍ଥାପନ କରିବା, ଲାଞ୍ଜିଗଡ଼କୁ ସରକାର ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନଏସି) ଘୋଷଣା, ସରକାରଙ୍କ ଦ୍ୱାରା ଘୋଷିତ ଲାଞ୍ଜିଗଡ଼ ଆଇଟିଆଇ ପ୍ରତିଷ୍ଠା, ଲାଞ୍ଜିଗଡ଼ ଠାରେ ରେଜିଷ୍ଟର ଓ ଟ୍ରେଜରି ଅଫିସ୍ ପ୍ରତିଷ୍ଠା, ଲାଞ୍ଜିଗଡ଼ ଠାରେ ଅତିରିକ୍ତ ତହସିଲ ଅଫିସ ପ୍ରତିଷ୍ଠା, ବସ୍ ଷ୍ଟାଣ୍ଡ ନିର୍ମାଣ, ଲାଞ୍ଜିଗଡ଼ ଠାରେ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଉନ୍ନତିକରଣ କରିବା, ଲାଞ୍ଜିଗଡ଼ ସହରର ମୁଖ୍ୟ ରାସ୍ତା ସମ୍ପ୍ରସାରଣ ଇତ୍ୟାଦି ଉପରେ ସରକାରଙ୍କ ପାଖରେ ଦାବୀ ଉପସ୍ଥାପନ କରିବା ଆଦି ରହିଥିଲା। ଏହି କାର୍ଯ୍ୟଗୁଡ଼ିକ ଆଗେଇ ନେବା ପାଇଁ ଏକ ଉନ୍ନୟନ ପରିଷଦ ଗଠନ କରିବା ଓ ତାର ନାମ କରଣ ପାଇଁ ପ୍ରସ୍ତାବ ଆଗତ ହୋଇଥିଲା। ସର୍ବସମ୍ମତି କ୍ରମେ 'ଆଞ୍ଚଳିକ ଉନ୍ନୟନ ପରିଷଦ ଲାଞ୍ଜିଗଡ଼' ରଖାଯାଇଥିଲା। ଏହି ପରିଷଦକୁ ପରିଚାଳନା କରିବା ପାଇଁ ଏକ ଗଭର୍ଣ୍ଣିଂବଡି କମିଟି ଗଠନ ହୋଇଥିଲା ଗଭର୍ଣ୍ଣିଂବଡି ବୋର୍ଡ ଶ୍ରୀଧର ପେଶନିଆ ସଭାପତି, ରାଜେନ୍ଦ୍ର ପ୍ରତାପ ସିଂଦେଓ କାର୍ଯ୍ୟକାରୀ ସଭାପତି, ଶ୍ରୀମୁଖ ଅଗସ୍ତି ସାଧାରଣ ସମ୍ପାଦକ, ଅଶୋକ କୁମାର ପଟ୍ଟନାୟକ ସହ ସମ୍ପାଦକ, ଶିଶିର ପୁଝାରୀ, ଭୂପେନ୍ଦ୍ର ମହରଥା, ସୁବାସ ଅଗ୍ରୱାଲ କୋଷାଧ୍ୟକ୍ଷ, ସୁବାସ ଚନ୍ଦ୍ର ମହାପାତ୍ର ସହକୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଛି।

# ଏସିଆ ଟାଇକୋଣ୍ଡୋ ପ୍ରତିଯୋଗିତା, ଜିଲ୍ଲା ପାଇଁ ଗୌରବ ଆଣିଲେ ନିର୍ଭିକା

**ନୟାଗଡ଼,୧୫।୯ (ସଂଚାର ବ୍ୟୁରୋ):** ୮ ଟି ଦେଶ ମଧ୍ୟରେ ନୟାଗଡ଼ ଜିଲ୍ଲା ଖଣ୍ଡପଡା ଅଞ୍ଚଳ ଜଣେ ୭ବର୍ଷର କୁନି ଝିଅ ଗୋଲ୍ଡ ମେଡାଲ ହାସଲ କରି ଜିଲ୍ଲାକୁ ସାରା ଦେଶରେ ଗୌରାବାନ୍ୱିତ କରିଛି।କୁନି ଝିଅ ଜଣଙ୍କ ହେଲେ ଖଣ୍ଡପଡ଼ା ଅଞ୍ଚଳର ବରିଷ୍ଠ କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତିଙ୍କ ନାତୁଣୀ ନିର୍ଭିକା ମହାନ୍ତି। ଭାରତ, ଶ୍ରୀଲଙ୍କା, ମାଲେସିଆ, ନେପାଳ, ଭୁଟାନ, ଥାଇଲାଣ୍ଡ, ବାଂଲାଦେଶ ଓ ସିଙ୍ଗାପୁର ଆଦି ୮ ଟି ଦେଶକୁ ନେଇ ପ୍ରଥମ ଏସିଆ ଟାଇକୋଣ୍ଡୋ ପ୍ରତିଯୋଗିତା ହାଇଦ୍ରାବାଦରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଟି ଦେଶ ପ୍ରତିଯୋଗୀ ମାନେ ସାମିଲ ହୋଇଥିବା ବେଳେ ଓଡ଼ିଶାରୁ କଂଗ୍ରେସ ନେତ୍ରୀ ବିନୋଦିନୀ ମହାନ୍ତଙ୍କ ନାତୁଣୀ ନିର୍ଭିକା ପ୍ରତିଯୋଗିତା ଭାଗ ନେଇଥିଲେ। ନିର୍ଭିକା ଭୁବନେଶ୍ୱର ଡ଼ିଏନ ଉଇସଡମ୍ ଟ୍ରି ବିଦ୍ୟାଳୟର ଷ୍ଟାଣ୍ଡାର୍ଡ -୧ର ଛାତ୍ରୀ ଭାବେ ଅଧ୍ୟୟନରତ। ତେବେ ଏସଏସ ମାରିଟାଲ ଆର୍ଟ ସ୍କୁଲ ତରଫରୁ ନିର୍ଭିକା ପ୍ରଥମ ଏସିଆ ଟାଇକୋଣ୍ଡୋ ପ୍ରତିଯୋଗିତାରେ ଭାଗ ନେଇଥିଲେ। ପ୍ରତିଯୋଗିତାରେ ଉତ୍ତମ ପ୍ରଦର୍ଶନ କରି ଗୋଲ୍ଡ ମେଡାଲ ପଦକ ଅକ୍ତିଆର କରିବାରେ ସକ୍ଷମ ହୋଇଛନ୍ତି। ଏପରି ସଫଳତାକୁ ନେଇ ନିର୍ଭିକାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାକୁ ଲାଗିଛି।



# ୧୭ଲକ୍ଷ ଟଙ୍କାର ଧଳା ଜହର ଜବତ ସହ ଦୁଇଜଣ ଗିରଫ

**ନୀଳଗିରି,୧୫।୯ (ସଂଚାର ବ୍ୟୁରୋ):** ଧୀରେ ଧୀରେ ନୀଳଗିରି ନିଶା କାରବାରର ହବ ପାଲଟିଲାଣି। ଦେଶୀ ମଦ, ଡ୍ରଗ୍ସ ଓ ଗଞ୍ଜେଇ କବଳରେ ନୀଳଗିରିରେ ଯୁବପିଢ଼ି। ବାରମ୍ବାର ଚଢ଼ାଉ ସତ୍ତ୍ୱେ କମୁନି ଏହାର କଳା କାରନାମା। ପୁଣି ନୀଳଗିରି ଅବକାରୀ ବିଭାଗ ଦୁଇଜଣ ବ୍ରାଉନସୁଗର ବା ଧଳା ଜହର ବେପାରୀକୁ ଗିରଫ କରିଥିବା ବେଳେ ତା'ଠାରୁ ୧୭୦ଗ୍ରାମର ମୋଟ ୧୭ଲକ୍ଷ ଟଙ୍କାର ବ୍ରାଉନସୁଗର ଜବତ କରିଛି। ସୂଚନା ଅନୁସାରେ ବାଲେଶ୍ୱର ଅବକାରୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ଅବକାରୀ ଇନ୍ସପେକ୍ଟର କେଶବ ଚନ୍ଦ୍ର ଦାସ, ନୀଳଗିରି ଅବକାରୀ ବିଭାଗର ଅଫିସର୍ ଇନ୍ ଚାର୍ଜ ମନୋଜ କୁମାର ସାହୁ, ଅବକାରୀ କର୍ମଚାରୀ ସନ୍ତୋଷ କୁମାର ବେହେରା, ତପନ କୁମାର ମଲ୍ଲିକ, ନାହାନ୍ ମୁର୍ମୁ, ପ୍ରମୁଖ ସଦଳବଳେ ନିଳଗିରି ଥାନା ଅନ୍ତର୍ଗତ ଅସ୍ତିଆ ଛକ ନିକଟରେ ଦୁଇ ବ୍ରାଉନସୁଗାର ବେପାରୀଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୧୭୦ଗ୍ରାମ ବ୍ରାଉନସୁଗାର ସହ ଏକ ମୋଟର ସାଇକେଲ ଜବତ କରାଯାଇଛି। ଏହି ଜବତ ବ୍ରାଉନ ସୁଗାର ର ଆନୁମାନିକ ମୂଲ୍ୟ ସତର ଲକ୍ଷ ବୋଲି ବିଭାଗୀୟ ସୁତ୍ରରୁ ଜଣାପଡ଼ିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ଖନ୍ତାପଡା ଥାନା ଅନ୍ତର୍ଗତ ଜିର୍ତାଳ ଗ୍ରାମର ଜ୍ୟୋତିରଂଜନ ନାୟକ (୩୫)ଓ ପ୍ରଶାନ୍ତ ମଲ୍ଲିକ (୪୨) ଗିରଫ କରି କୋର୍ଟ ଚାଲାଣ କରାଯାଇଛି।





# ପୌର କାର୍ଯ୍ୟନିର୍ବାହୀଙ୍କୁ ଠିକାଦାରଙ୍କ ଦାବିପତ୍ର ଦାଖଲ

**ବେଲପାହାଡ଼,୧୫।୯(ସଂଚାର ବ୍ୟୋରୋ):** ବେଲପାହାଡ଼ ପୌରପରିଷଦରେ ଆର୍ଥିକ ଅନିୟମିତତା ପ୍ରକାଶ ପାଇବା ପରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଘ୍ନିତ ହୋଇଥିବାବେଳେ, ସେଗୁଡ଼ିକ ସମ୍ପାଦନ କରୁଥିବା ଠିକାଦାରମାନେ ନାନା ପ୍ରକାର ସମସ୍ୟାରେ ପଡ଼ିଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ସେମାନେ ପୌର କାର୍ଯ୍ୟନିର୍ବାହୀଙ୍କୁ ଏକ ଦାବିପତ୍ର ଦାଖଲ କରିଛନ୍ତି। ଠିକାଦାରମାନଙ୍କ କହିବା ଅନୁସାରେ, ୨୦୨୪-୨୫ ଆର୍ଥିକ ବର୍ଷର ଟିଡିଏସ୍ ତଥ୍ୟ ପୌର କାର୍ଯ୍ୟାଳୟରେ ଉପଲବ୍ଧ ନଥିବାରୁ ସେଥିର ପ୍ରତିଫଳ ସେମାନଙ୍କ ବ୍ୟାଙ୍କ ଖାତାରେ ଦେଖାଯାଉନାହିଁ, ଯାହାକି ଆଇଟି ରିଟର୍ଣ୍ଣ ଭରିବାରେ ବାଧା ସୃଷ୍ଟି କରୁଛି। ମାସିକ ଜିଏସଟି ରିଟର୍ଣ୍ଣ ମଧ୍ୟ ସମୟରେ ହୋଇ ପାରୁନାହିଁ। ସେହିପରି, ବିଭିନ୍ନ ପ୍ରକାର ଦେୟ ପାଇବାରେ ସେମାନେ ବଞ୍ଚିତ ହେଉଛନ୍ତି। ଟେଣ୍ଡର ଖୋଲିବା ପ୍ରକ୍ରିୟା ଲଗାତାର ବିଳମ୍ବ ହେବାରୁ, ସେମାନଙ୍କ ଇଏମଡି ପେମେଣ୍ଟ ମଧ୍ୟ ରିଲିଜ୍ ହେଉନାହିଁ। ଏହାର ପରିଣତିରେ ସେମାନେ ନୂଆ ପ୍ରକଳ୍ପରେ ଟେଣ୍ଡର ଦେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଠିକାଦାରମାନେ ଆହୁରି କହିଛନ୍ତି, ପ୍ରାୟ ପାଞ୍ଚ ବର୍ଷ ଧରି ବାର୍ଷିକ ଆୟବ୍ୟୟର ସମୀକ୍ଷା ନ ହୋଇଥିବାରୁ ସେମାନଙ୍କର ଅମାନତ ଟଙ୍କା ପ୍ରତିବର୍ଷ ବନ୍ଦ ହୋଇ ରହିଯାଇଛି, ଯାହା ସେମାନେ ପୁଣି ପାଇପାରୁନାହାନ୍ତି। ଏହି ସବୁ ସମସ୍ୟାରୁ ସେମାନଙ୍କ କାମକାଜ ପ୍ରଭାବିତ ହେଉଛି ବୋଲି ଠିକାଦାରମାନେ ଅଭିଯୋଗ କରି, ପୌର କାର୍ଯ୍ୟନିର୍ବାହୀଙ୍କୁ ଶୀଘ୍ର ପଦକ୍ଷେପ ନେବାକୁ ଦାବି କରିଛନ୍ତି।